◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-233 ◆WEDNESDAY ◆18 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩୩ ◆ବୁଧବାର ◆୧୮ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



## ଟି-୨୦ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ ବିଦା

▶ପୃଷ୍ଠା ୧୨ ଦେଖନ୍ତୁ...




## ଶୁଭେଚ୍ଛା

**ଶ୍ରଦ୍ଧେୟ ପିଲାମାନେ,**

ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ପାହାଚରେ ଆମମାନଙ୍କୁ ଗୋଟିକ ପରେ ଗୋଟିଏ ପରୀକ୍ଷା ଦେବାକୁ ହୋଇଥାଏ । ପ୍ରତ୍ୟେକ ମୁହୂର୍ତ୍ତରେ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସାଧାରଣ ମାଟି ପିଣ୍ଡୁଳାଟିଏ ଏକ ସୁନ୍ଦର ମୂର୍ତ୍ତିର ରୂପ ନେବାକୁ ଯେପରି ଅନେକ ପର୍ଯ୍ୟାୟ ଦେଇ ଗତି କରିଥାଏ; ଅନୁରୂପ ଭାବରେ ସଫଳତାର ଶିଖରରେ ପହଞ୍ଚିବାକୁ ପ୍ରତି ପାହାଚରେ ଛାତ୍ରଟିକୁ ନୂଆ ନୂଆ ଆହ୍ୱାନର ମୁକାବିଲା କରିବାକୁ ହୋଇଥାଏ । ସେଥିପାଇଁ ପ୍ରତି ଛାତ୍ର ପାଇଁ ପ୍ରତ୍ୟେକ ପରୀକ୍ଷା ଅଭିବୃଦ୍ଧିର ଏକ ଉତ୍‌ପ୍ରେରକ, ଯାହାର କୌଣସି ବିକଳ୍ପ ନାହିଁ ।

ସକାଳ THE SAKALA A Unit of Nandighosha Network Pvt. Ltd. | ନନ୍ଦିଘୋଷ

ମାଟ୍ରିକ୍ ପରୀକ୍ଷା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅବିସ୍ମରଣୀୟ ସମୟ । ଭବିଷ୍ୟତ ଗଠନ ପାଇଁ ଦିବ୍ୟ ଯୋଜନାର ଏହା ଏକ ଅଂଶ । ଏଥିପାଇଁ ବ୍ୟସ୍ତ ବିବ୍ରତ ହେବାର ଆବଶ୍ୟକତା ନାହିଁ । ସାଧନା, ଅଧ୍ୟବସାୟ ଓ ଗୁରୁଜନମାନଙ୍କ ସଦିଚ୍ଛା ବଳରେ ୧୯ ତାରିଖ ଠାରୁ ଅନୁଷ୍ଠିତ ହେବାକୁଥିବା ମାଟ୍ରିକ୍ ପରୀକ୍ଷାରେ ତୁମେମାନେ ନିଶ୍ଚିତ କୃତକାର୍ଯ୍ୟ ହେବ ବୋଲି ଆମର ବିଶ୍ୱାସ ରହିଛି ।

ମାଟ୍ରିକ ପରୀକ୍ଷା ଅବସରରେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ଦୈନିକ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଅସୁମାରୀ ଶୁଭେଚ୍ଛା ଓ ଅଯୁତ ଅଯୁତ ଆଶୀର୍ବାଦ ।

**ଶୁଭାନୁଧ୍ୟାୟୀ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର**















## ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମ ଓ ମଳୟଙ୍କ ବ୍ୟତୀତ ଭିସିରେ ହାଜର ହେଲେ ଅନ୍ୟ ଅଭିଯୁକ୍ତ

- ଲିଖିତ ଅନୁମତି ପରେ ବିକ୍ରମଙ୍କ ଅପରେସନ
- ୨୪ତାରିଖକୁ ଘୁଞ୍ଚିଲା ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି
- ପିଣ୍ଟୁ, ମଦନ ଓ ମଳୟଙ୍କ ପିଟିସନର ଶୁଣାଣି ୨୪ରେ
- ସପ୍ତାହକ ମଧ୍ୟରେ ପୁଲିସ ଦାଖଲ କରିବ ଅଭିଯୁକ୍ତଙ୍କ ସିଡ଼ିଆର

ବ୍ରହ୍ମପୁର, ୧୭।୨ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ସମସ୍ତ ଅଭିଯୁକ୍ତ ଏଡ଼ିଜେ-୩ଙ୍କ କୋର୍ଟରେ ହାଜର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ମଳୟ ବିଷୋୟୀଙ୍କୁ ବାଦ୍ ଦେଇ ବ୍ରହ୍ମପୁର ଜେଲରୁ ଅନ୍ୟ ସମସ୍ତ ଅଭିଯୁକ୍ତ ଭିସିରେ ହଜାର ହୋଇଥିବା ବେଳେ ଫୁଲବାଣୀ ଜେଲରୁ ପୂର୍ବତନ ମେୟର ପିଣ୍ଟୁ ଦାଶ ମଧ୍ୟ ଭିସିରେ ହାଜର ହୋଇଥିଲେ। ଚିକିତ୍ସା ଓ ଅନ୍ୟାନ୍ୟ ସମସ୍ୟା ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଆଜି ଏଡ଼ିଜେ-୩ ଜଜ୍ ପିଟିସନର ଶୁଣାଣି କରି ରାୟ ଶୁଣାଇଥିଲେ। ବିକ୍ରମ ପଣ୍ଡା ଯଦି ନିଜର ଅପରେସନ କରିବାକୁ ଚାହୁଁଛନ୍ତି ତେବେ ଲିଖିତ ଭାବେ ଦେବା ପରେ କୋର୍ଟ ଅପରେସନ ପାଇଁ ଅନୁମତି ପ୍ରଦାନ କରିବେ ବୋଲି ଓକିଲ କହିଛନ୍ତି। ଏନେଇ ବିକ୍ରମ ବୁଧବାର ଲିଖିତ ଭାବେ ସହମତି ପ୍ରଦାନ କରିବେ।

ସେପଟେ ମଳୟ, ମଦନ ଓ ପିଣ୍ଟୁଙ୍କ ପକ୍ଷରୁ ହୋଇଥିବା ପିଟିସନର ଶୁଣାଣି ଆସନ୍ତା ୨୪ରେ ହେବ ବୋଲି ଜଣାପଡ଼ିଛି। ସେହିପରି ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର, ଶିଶୁପାଳ କୁମାର ପାଶୱାନ ଆଦି ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆଜି ହୋଇଛି। ଆସନ୍ତା ୨୪ ତାରିଖରେ ଏହି ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହେବ ବୋଲି ସେମାନଙ୍କ ଓକିଲ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ଏହି ଜାମିନ ଆବେଦନର ଶୁଣାଣି ଆସନ୍ତା ୧୭ରେ ଏଡିଜେ-୩ କୋର୍ଟରେ ହେବ।

ବ୍ରହ୍ମପୁର ଜେଲରେ ବିଚାରାଧିନ ବନ୍ଦୀ ଥିବା ବିକ୍ରମ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଗତ ୬ଦିନ ଧରି ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ବିକ୍ରମଙ୍କ ଗଲବ୍ଲାଡର ଷ୍ଟୋନ ଅପରେସନ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ମଧ୍ୟ ସୋମବାର ହଠାତ ତାଙ୍କୁ ପୁଲିସ ଏମ୍‌କେସିଜିରୁ ଜେଲକୁ ଜବରଦସ୍ତ ନେଇଯାଇଥିଲେ। ଏନେଇ ପୁଲିସ ସହ ବିକ୍ରମ ଓ ତାଙ୍କ ପରିବାର ମଧ୍ୟରେ ପ୍ରାୟ ୧୦ମିନିଟ ଧରି କଥା କଟାକଟି ହୋଇଥିଲା। ବିକ୍ରମ ପଣ୍ଡାଙ୍କୁ ଏମକେସିଜି ବଦଳରେ ଭୁବନେଶ୍ୱରର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଅନ୍ୟ ଏକ ପିଟିସନ ଦାଖଲ କରିଛନ୍ତି ବିକ୍ରମଙ୍କ ଓକିଲ। ଆସନ୍ତାକାଲି ବିକ୍ରମଙ୍କୁ ତାଙ୍କ ଓକିଲ ଜେଲରେ ଭେଟି ଅପରେସନ ପାଇଁ ସହମତି ପତ୍ର ଆଣି କୋର୍ଟରେ ଦାଖଲ କରିବେ।

ମାମଲାର ସମସ୍ତ ତଥ୍ୟପ୍ରମାଣ ଆସନ୍ତା ୨୪ତାରିଖ ସୁଦ୍ଧା କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ପୁଲିସ ପୁଣି ୧୨ହଜାର ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ଭର୍ତ୍ତି ବାକ୍ସ କୋର୍ଟରେ ଦାଖଲ କରିବ ବୋଲି ଜଣାପଡ଼ିଛି। ଏହି ବାକ୍ସରେ ୭୦୦ଲେଖାଏଁ ୧୬ରୁ ଉର୍ଦ୍ଧ୍ୱ ଫାଇଲ ରହିଥିବା ଜଣାପଡିଛି। ଏଥିରେ ପୁଲିସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ସିଡ଼ିଆର କୋର୍ଟରେ ଦାଖଲ ହେବ ବୋଲି ଜଣାପଡ଼ିଛି।

### ପୁଣି ଏମ୍‌କେସିଜିରେ ଭର୍ତ୍ତି ହେଲେ ବିକ୍ରମ

ମଙ୍ଗଳବାର ରାତି ପ୍ରାୟ ସାଢେ ୯ଟାରେ ପୁଣି ବିକ୍ରମଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଣି ମେଡିକାଲରେ ଭର୍ତ୍ତି କରିଛି। ବିକ୍ରମ ରାତି ପ୍ରାୟ ୯ଟାରେ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ଜେଲ୍ କୋଠରୀ ମଧ୍ୟରେ ଚିତ୍କାର କରିଥିଲେ। ଫଳରେ ଜେଲ୍ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ବ୍ୟବସ୍ଥା କରି ଏମ୍‌କେସିଜି ଆଣିଥିଲେ। ସେଠାରେ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ସୂଚନା ଥାଉକି, ବିକ୍ରମଙ୍କ ଗଲବ୍ଲାଡର ଷ୍ଟୋନ୍ ଥିବାବେଳେ ଅପରେସନ ପାଇଁ ଡାକ୍ତର କହିଥିଲେ ମଧ୍ୟ ପୁଲିସ ଜବରଦସ୍ତ ସୋମବାର ରାତିରେ ତାଙ୍କୁ ଜେଲ୍‌କୁ ନେଇଯାଇଥିଲା।

## ନିଖୋଜ ଭାଇଭଉଣୀ ଉଦ୍ଧାର

# ପରୀକ୍ଷା ଖରାପ ହୋଇଥିବାରୁ ଘରୁ ପଳାଇଥିଲେ

ବ୍ରହ୍ମପୁର,୧୭।୨(ସମିସ): ଟାଉନ ଥାନା ଅନ୍ତର୍ଗତ ପ୍ରତାପନଗର ଅଞ୍ଚଳରୁ ନିଖୋଜ ଭାଇଭଉଣୀଙ୍କୁ ୧୮ ଘଣ୍ଟା ପରେ ଉଦ୍ଧାର କରାଯାଇଛି। ପୁଲିସ ଉଭୟଙ୍କୁ ଆଜି ବ୍ରହ୍ମପୁର ରେଲଷ୍ଟେସନରୁ ଉଦ୍ଧାର କରି ଶିଶୁମଙ୍ଗଳ କମିଟିରେ ହାଜର କରିଥିଲା।



ସୂଚନାଥାଉକି, ସନ୍ତୋଷ କୁମାର ଦାଶଙ୍କ ପୁଅ ଓ ଝିଅ ଗତକାଲି ସନ୍ଧ୍ୟାରେ କେଉଁଆଡେ ନିଖୋଜ ହୋଇଯାଇଥିବା ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ଅନ୍ୟ ପୁଲିସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଉଭୟ ଭାଇଭଉଣୀ ବ୍ରହ୍ମପୁର ରେଳଷ୍ଟେସନରେ ଥିବା ଜଣାପଡିବା ପରେ ପୁଲିସ ଉଭୟଙ୍କୁ ସେଠାରୁ ଉଦ୍ଧାର କରିଥିଲା। ତେବେ ପରୀକ୍ଷାରେ ଖରାପ କରିଥିବାରୁ ପରିବାର ଲୋକ ମାର୍‌ପିଟ କରିବେ ଭାବି ଉଭୟ ଘରୁ ଫେରାର ହୋଇଯାଇଥିବା ପଚରାଉଚରା ବେଳେ ଉଭୟ ପୁଲିସକୁ କହିଥିଲେ।

# ଗଣ୍ଡଗୋଳ ମାମଲାରେ ଗିରଫ ସଂଖ୍ୟା ୮କୁ ବୃଦ୍ଧି

ବ୍ରହ୍ମପୁର,୧୭।୨(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ବେଢ଼ାବନ୍ଧ ସାହିରେ ୨ପକ୍ଷ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଘଟଣାରେ ପୁଲିସ ପୁଣି ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶୁଭମ ସାହୁ(୧୯)। ପୂର୍ବରୁ ଏହି ମାମଲାରେ ଗୋଟିଏ ପକ୍ଷର ଅଭିଯୁକ୍ତ ବିଜୟ କୁମାର ବେହେରା ତାଙ୍କ ସହଯୋଗୀ କୁମାର ବେହେରା ରଥ ବେହେରା, ବାସୁଦେବ ବେହେରା, କାର୍ତ୍ତିକ ନାୟକ ଓ ଦେବପ୍ରସାଦ ରଥ ଓ ଅନ୍ୟ ପକ୍ଷର ଅଭିଯୁକ୍ତ ହେଲେ ଆକାଶ ମହାରଣା ଆଦି ୭ ଜଣ ଗିରଫ ହୋଇଥିଲେ। ବର୍ତ୍ତମାନ ଗିରଫ ସଂଖ୍ୟା ୮କୁ ବୃଦ୍ଧି ହୋଇଛି। ସୂଚନାଯୋଗ୍ୟ ଯେ, କିଛିଦିନ ପୂର୍ବେ କୌଣସି କାରଣକୁ କେନ୍ଦ୍ର କରି ବେଢ଼ାବନ୍ଧସାହିଠାରେ ଆକାଶ ମହାରଣା ବିଜୟଙ୍କୁ ଆକ୍ରମଣ କରିଥିଲେ। ରାତିରେ ବିଜୟ ସହଯୋଗୀଙ୍କୁ ଧରି ଆକାଶଙ୍କ ନିକଟରେ ପହଞ୍ଚି ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପରେ ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଧିମା ନେଇ ଅସନ୍ତୋଷ

**ଏସ୍‌ବିଆର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ**

ବ୍ରହ୍ମପୁର,୧୭।୨(ସମିସ): ସହରର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଶଶିଭୂଷଣ ରଥ(ଏସ୍‌ବିଆର) ମହିଳା ସରକାରୀ(ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। କିଛି ଛାତ୍ରୀଙ୍କ ଅଭିଯୋଗ ପରେ ତଦନ୍ତ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ(ଆରଡ଼ି)ଙ୍କୁ ନିର୍ଦ୍ଦେଶ ହୋଇଛି। ଚଳିତମାସ ଶେଷ ସୁଦ୍ଧା ଘଟଣାର ତଦନ୍ତ କରି ବିଭାଗକୁ ରିପୋର୍ଟ ଦିଆଯିବା ବୋଲି ଆର୍‌ଡି ନାରାୟଣ ବେହେରା କହିଛନ୍ତି।

ସୂଚନାଯୋଗ୍ୟ ଯେ, ନଭେମ୍ବର ୨୦୨୫ରେ ମହାବିଦ୍ୟାଳୟରେ ନ୍ୟାସନାଲ ସେମିନାରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ମହାବିଦ୍ୟାଳୟ କିଛି ବିଭାଗ କାନ୍ଥରେ ପୋଷ୍ଟର ଲଗାଉଥିଲେ। ଏନେଇ ଅଧ୍ୟକ୍ଷ ବାରଣ କରିବା ସହ ଦୁର୍ବ୍ୟବହାର କରିଥିବା କିଛି ଛାତ୍ରୀ ଅଭିଯୋଗ କରିଥିଲେ।

ତେବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନିମନ୍ତେ କୁହାଯାଇଥିଲେ ମଧ୍ୟ ଆଞ୍ଚଳିକ ଉଚ୍ଚଶିକ୍ଷା କାର୍ଯ୍ୟାଳୟ (ଆର୍‌ଡ଼ି)ଙ୍କ ପକ୍ଷରୁ ତଦନ୍ତ ଧିମା ପଡ଼ିଥିବା ଅଭିଯୋଗ ହୋଇଛି। ତେବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡ଼ିସେମ୍ବର ୩୦ରେ ଘଟଣାର ତଦନ୍ତ ନିମନ୍ତେ ଆର୍‌ଡ଼ିଙ୍କୁ ନିର୍ଦ୍ଦେଶ ହୋଇଥିବା ବେଳେ ସମ୍ପ୍ରତି ଘଟଣାର ତଦନ୍ତ ପ୍ରକ୍ରିୟା ଧୀମା ପଡ଼ିଛି। ପୂର୍ବରୁ ଅନେକ ଘଟଣାରେ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ପକ୍ଷରୁ ତତ୍ପରତା ଦେଖା ଦେଉଥିଲାବେଳେ ଏବେ ଏ ଦିଗରେ ତଦନ୍ତ ଧିମାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ତେବେ ତୁରନ୍ତ ଉଚ୍ଚଶିକ୍ଷା ବିଭାଗ ଏଥିରେ ହସ୍ତକ୍ଷେପ କରିବାକୁ ଅଭିଭାବକ ମହଲରୁ ଦାବି ହୋଇଛି।

## ଏମ୍‌କେସିଜି ଟ୍ରମା କେୟାର ସେଣ୍ଟରକୁ ପୁନଃ କାର୍ଯ୍ୟକ୍ଷମ ପ୍ରୟାସ

# ନିଶ୍ଚେତକ ଡାକ୍ତର ଓ ନର୍ସିଂ ଅଫିସର ନିଯୁକ୍ତି ପାଇଁ ଅନୁରୋଧ

ବ୍ରହ୍ମପୁର,୧୭।୨(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ୨୦ବର୍ଷ ପୁରୁଣା ଟ୍ରମା କେୟାର ସେଣ୍ଟରକୁ ପୁନଃ ସକ୍ରିୟ କରିବାକୁ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। ଏନେଇ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ପ୍ରଫେସର ଡା. ଦୁର୍ଗାମାଧବ ଶତପଥିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ମୁଖ୍ୟଙ୍କୁ ନେଇ ଏକ ବୈଠକ ହୋଇଛି। ଟ୍ରମା କେୟାର ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ସର୍ଜରୀ, ଅସ୍ଥିଶଲ୍ୟ, ନ୍ୟୁରୋସର୍ଜରୀ, ନିଶ୍ଚେତକ, ଦନ୍ତ ସର୍ଜରୀ, ସିଟିଭିଏସ ଭଳି ଡାକ୍ତରଙ୍କ ଏକ ୨୪ଘଣ୍ଟିଆ ଟିମ୍ ଆବଶ୍ୟକ ରହିଛି। ଏହାସହ ୨୬ଜଣ ନର୍ସିଂ ଅଫିସର, ୧୮ ଜଣ ଆଟେଣ୍ଡାଣ୍ଟ, ୧୨ଜଣ ସୁଇପର, ୨ଜଣ ଫାର୍ମାସିଷ୍ଟ ଦରକାର। ଏମକେସିଜି ମେଡ଼ିକାଲର ଅନ୍ୟ ବିଭାଗର ଡାକ୍ତର ଓ କର୍ମଚାରୀ ଉପଲବ୍ଧ ରହିଥିବା ବେଳେ ନିଶ୍ଚେତକ ବିଭାଗ ଡାକ୍ତର ଓ ନର୍ସିଂ ଅଫିସର ଅଭାବ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଭଳି କର୍ମଚାରୀ ଅଭାବ ଯୋଗୁ ଟ୍ରମା କେୟାର ସେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମରେ ସମସ୍ୟା ହେଉଥିବା ବିଭାଗ ମୁଖ୍ୟମାନେ କହିଥିଲେ। ସେହିକ୍ରମରେ ଏମ୍‌କେସିଜିରେ ତୁରନ୍ତ ଅଧିକ ନିଶ୍ଚେତକ ଡାକ୍ତର ଓ ନର୍ସିଂ ଅଫିସର ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା।

କେନ୍ଦ୍ର ସରକାରଙ୍କ ଯୋଜନା ଅନୁସାରେ ୨୦୦୫ରେ ଏମକେସିଜି ମେଡିକାଲର କାଜୁଆଲଟି ସମ୍ମୁଖରେ ୨ମହଲା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ସ୍ଥାପନ ହୋଇଥିଲା। ଜାତୀୟ ରାଜପଥ-୧୬ ଓ ୫୯ ସମେତ ଆଖପାଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଆସୁଥିବା ରୋଗୀ ସହ ଅନ୍ୟ ଗୁରୁତର ରୋଗୀଙ୍କୁ ଜୀବନରକ୍ଷାକାରୀ ଚିକିତ୍ସାସେବା ଯୋଗାଇ ଦେବାକୁ ଏହି ଯୋଜନାର ଲକ୍ଷ୍ୟ ଥିଲା। ଏହି ଟ୍ରମା କେୟାର ସେଣ୍ଟରକୁ ସେତେବେଳେ ସମସ୍ତ ପ୍ରକାର ସରଞ୍ଜାମ ଉପଲବ୍ଧ କରାଯାଇଥିଲା। କିନ୍ତୁ କର୍ମଚାରୀ ଅଭାବରୁ ଟ୍ରମା କେୟାର ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା କଷ୍ଟକର ହୋଇପଡ଼ିଛି। ତେଣୁ ଏମକେସିଜି ମେଡ଼ିକାଲରେ ତୁରନ୍ତ ଅଧିକ ନିଶ୍ଚେତକ ଡାକ୍ତର ଓ ନର୍ସିଂ ଅଫିସର ନିଯୁକ୍ତି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଶିଳ୍ପାଞ୍ଚଳରେ ଜବରଦଖଲ ଉଚ୍ଛେଦ ଜାରି

# ମାଟିରେ ମିଶିଲା ଏକାଧିକ ଘର; ଭଙ୍ଗାହେଲା ମନ୍ଦିର କାନ୍ଥ





ବ୍ରହ୍ମପୁର, ୧୭।୨ (ସମିସ): ଶିଳ୍ପାଞ୍ଚଳ ରେଳବାଇ ଓଭରବ୍ରିଜ୍ ପାଖରେ ରାସ୍ତା ଅଣଓସାରିଆ ହୋଇ ପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଦୀର୍ଘଦିନ ଧରି ଅଭିଯୋଗ କରୁଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ଗତ ୧୩ ତାରିଖରେ ୧୦ଟି ଘରକୁ ଜବରଦଖଲ ଉଚ୍ଛେଦ କରିଥିବା ବେଳେ ଆଜି ମଧ୍ୟ ୧୦ରୁ ଉର୍ଦ୍ଧ୍ୱ ଘର, କାନ୍ଥ, ଦୋକାନ ଜବରଦଖଲ ଉଚ୍ଛେଦ କରିଥିବା ଜଣାପଡ଼ିଛି। ନିକଟରେ ଥିବା ଏକ ମନ୍ଦିରର କାନ୍ଥକୁ ମଧ୍ୟ ଭଙ୍ଗା ଯାଇଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ଉପସ୍ଥିତିରେ ୪ଟି ଜେସିବି ଲଗାଇ ଉଚ୍ଛେଦ କରାଯାଇଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ସଂକୀର୍ଣ୍ଣ ଯୋଗୁ ଦୈନିକ ଦୁର୍ଘଟଣା ଘଟୁଥିଲା। ଆଜି ଉଚ୍ଛେଦ ବେଳେ ଉପଜିଲ୍ଲାପାଳ ଅବିନାଶ କୁମାର ଓ ତହସିଲଦାର ରାକେଶ ପରିଡ଼ାଙ୍କ ସମେତ ବହୁ ଯନ୍ତ୍ରୀ ଉପସ୍ଥିତ ଥିଲେ। ଆହୁରି ଏକାଧିକ ଘର ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉକ୍ତ ବ୍ରିଜ୍ ୟୁ ଟର୍ଣ୍ଣ କରିବା ବେଳେ ନିକଟରେ ଏକ ବଡ଼ ଘର ରହିଥିଲା। ସେହି ଘରକୁ ଆଜି ମଧ୍ୟ ସମ୍ପୂର୍ଣ୍ଣ ଭଙ୍ଗା ଯାଇପାରିଲା ନାହିଁ। ଆସନ୍ତାକାଲି ପୁଣି ଉକ୍ତ ଘର ସହ ଏକାଧିକ ଘର ଭଙ୍ଗା ଯିବ।

PARADEEP PARIVAHAN LIMITED

**PARADEEP PARIVAHAN LIMITED**

**(CIN: L52241OR2000PLC006379)**
**Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com**
**Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India Tel/ Fax- 0674-2590169, Mail:**
**Web Site: www.paradeepparivahan.com**

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.***
**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**
The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

‘ସୁଇଟ୍’ ପାଳିଲା ପ୍ରତିଷ୍ଠା ଦିବସ

# ନୂତନ ଚିନ୍ତାଧାରା ସହ ନିଷ୍ଠା ରଖି କାର୍ଯ୍ୟ କରିବାକୁ ଆହ୍ୱାନ



ସମ୍ବଲପୁର,୧୭।୨(ସମିସ):

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫର୍ମେସନ୍ ଟେକ୍ନୋଲୋଜି(ସୁଇଟ୍)ର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ସୁଇଟ୍‌ର ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା ଅନୁଷ୍ଠାନର ୧୭ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରିଥିଲେ। ସେ କହିଥିଲେ ଗୁଣାତ୍ମକ ଶିକ୍ଷା,ଗବେଷଣା, ନୂତନ ଚିନ୍ତାଧାରା ଓ ଶୃଙ୍ଖଳାବଦ୍ଧ ପରିଶ୍ରମ ଏହି ସଂସ୍ଥାକୁ ଆଜି ସମ୍ମାନିତ ସ୍ଥାନରେ ପହଞ୍ଚାଇଛି। ଶିକ୍ଷକମାନଙ୍କ ନିଷ୍ଠାପୂର୍ଣ୍ଣ ସେବା, କର୍ମଚାରୀମାନଙ୍କ ନିରନ୍ତର ସହଯୋଗ ଏବଂ ଛାତ୍ରଛାତ୍ରୀଙ୍କ ଅଦମ୍ୟ ପରିଶ୍ରମ ସୁଇଟ୍‌ର ଅଗ୍ରଗତିର ମୂଳ ଶକ୍ତି ବୋଲି ଉଲ୍ଲେଖ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁଇଟ୍‌ର ନିରନ୍ତର ପ୍ରଚେଷ୍ଟା, ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା ଓ ଉନ୍ନତିମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ।ସମ୍ବଲପୁର ବିଶ୍ୱବିଦ୍ୟାଳୟର ପି.ଜି. ପରିଷଦର ଅଧ୍ୟକ୍ଷ ପ୍ରଫେସର ତୁଷାର କାନ୍ତି ଦାସ କହିଥିଲେ ଯେ, ଆଜିର ଶିକ୍ଷା ଓ ବୃତ୍ତିଗତ ପରିବେଶ ନିରନ୍ତର ପରିବର୍ତ୍ତନଶୀଳ; ଏହାକୁ ସଫଳତାର ସହ ମୁକାବିଲା କରିବା ପାଇଁ ପାରସ୍ପରିକ ସହଯୋଗ, ସୁସମନ୍ୱୟ ଓ ନବଚେତନାମୂଳକ ପଦକ୍ଷେପ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖାତ୍ରୀ କହିଥିଲେ, ଛାତ୍ରଛାତ୍ରୀମାନେ ନିଜ ଅର୍ଜିତ ଜ୍ଞାନ ଓ କୌଶଳକୁ ସମାଜର ମଙ୍ଗଳ ପାଇଁ ବ୍ୟବହାର କରିବା ସହିତ ସର୍ବାଙ୍ଗୀନ ଉନ୍ନତି ପାଇଁ ଯୁବପିଢ଼ୀର ସକ୍ରିୟ ଭାଗିଦାରୀ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ।

ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିଲେ। ସେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନିଜ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ପରିଶ୍ରମ, ନୂତନ ଚିନ୍ତାଧାରା ଓ ନିଷ୍ଠା ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

୨୦୨୧-୨୫ ବ୍ୟାଚର ସମସ୍ତ ଇଂଜିନିୟରିଂ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେଷ୍ଠ ଶିକ୍ଷାଗତ ଫଳାଫଳ ପାଇଁ ସମ୍ବେଦନ ସାହୁଙ୍କୁ ‘କୁଳପତି ସମ୍ମାନ’ ପ୍ରଦାନ କରାଯାଇଥିଲା। ଏହା ସହିତ ୨୦୨୧-୨୫ ବ୍ୟାଚର ବି.ଟେକ୍ କମ୍ପ୍ୟୁଟର ସାଇନ୍ସ ଏବଂ ଇଂଜିନିୟରିଂର ପୁଣ୍ୟ ଜ୍ୟୋତି ଦାସ, ବି.ଟେକ୍ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ଇଂଜିନିୟରିଂର ସ୍ମରଜିତ ପରାଗରଞ୍ଜନ ମିଶ୍ର, ବି.ଟେକ୍ ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ସ ଇଂଜିନିୟରିଂର ଶୁଭମ ମାଝି ଏବଂ ୨୦୨୩-୨୫ ବ୍ୟାଚର ଏମ୍‌ସିଏର ନିଖିଲ ବାବୁଙ୍କୁ ‘ଶଶାଙ୍କ ଶେଖର ପୂଜାରୀ ନିର୍ଦ୍ଦେଶକ ସମ୍ମାନ’ ପ୍ରଦାନ କରାଯାଇଥିଲା। ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପୁଣ୍ୟ ପ୍ରସୁନ ଦାଶଙ୍କୁ ତାଙ୍କ ରଚିତ ପଚାଶଟି କବିତା ସଂଗ୍ରହ “ସ୍ୱେଲବାଉଣ୍ଡ’ ପାଇଁ ସମ୍ମାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସୁଇଟ୍‌ର ପ୍ରଶାସନିକ ଅଧିକାରୀ (ଭାରପ୍ରାପ୍ତ) ଡ.ବିଶ୍ୱଜିତ୍ ମୁଖର୍ଜୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଗାଡ଼ି



ରେଢ଼ାଖୋଲ,୧୭ ।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ-ବୌଦ୍ଧ ରାସ୍ତାର ରେଲଷ୍ଟେସନ ବୁଲାଣି ଠାରେ ଏକ ଆଇଚର ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡିରେ ଥିବା ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଗାଡି ଚାଳକ ସଞ୍ଜିବ କୁମାର ପାସୱାନ୍ ବିହାର ରାଜ୍ୟର ବୋଲି ଜଣାପଡିଛି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ବୌଦ୍ଧ ଜାତୀୟ ରାଜପଥ ୧୫୩(ବି) ରାସ୍ତାର ରେଢାଖୋଲ ସହରର ସୁଣ୍ଡିମୁଣ୍ଡାସ୍ଥିତ ରେଲଷ୍ଟେସନ ବୁଲାଣି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣରୁ ଆଇଚର ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ।ଗାଡ଼ିର ଡ୍ରାଇଭର ଜଣଙ୍କ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ରେଢ଼ାଖୋଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବଞ୍ଜାରି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜମନକିରା,୧୭ ।୨(ସମିସ):ଜମନକିରା ବ୍ଲକ୍ ବଡ଼ମାଳ ପଞ୍ଚାୟତ ବଞ୍ଜାରି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ଼ ନୀଳମଣି ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୁଟିଣ୍ଡା ଅନିଭା ନାଏକ,ମୁଖ୍ୟବକ୍ତା ଭାବରେ ପିଏମ୍‌ଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଡ଼.ରାଜେନ୍ଦ୍ର କୁମାର ଜଗତ, ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଜିଲ୍ଲା ନିରୀକ୍ଷକ ସମ୍ବଲପୁର ନୀଳମଣି ସାହୁ, ବିଭାଗ ର ଜିଲ୍ଲା ସଭାପତି ଡ଼. ବୀରେନ୍ଦ୍ର କୁମାର ପଟେଲ,ଜମନକିରା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଐଶ୍ୱର୍ଯ୍ୟ କୁମାର ନାୟକ, ସରେଇ କ୍ଲଷ୍ଟର ସିଆରସିସି ରମଣୀ କିସାନ, ବଡ଼ମାଳ ସରପଞ୍ଚ ନରେଶ ନାଏକ,ଜାମୁମାଲ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ଧାନ, ଷଣ୍ଢପଥର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ତୀର୍ଥ ରାଜ ନାୟକ, ଟିକିଲି ପଡ଼ା ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଅନନ୍ତ ରାମ ରଣା, ବଞ୍ଜାରୀ ଆଶ୍ରମ ସ୍କୁଲ ମୋ ସ୍କୁଲ ସଭାପତି କର୍ମୁଚନ୍ଦ୍ର ବାଘ,କିଶୋର ଚନ୍ଦ୍ର ବାଘ, ଧରଣୀଧର ମାଝୀ, ନାରାୟଣ ମାଝୀ,ନାରାୟଣ ପିଙ୍ଗ୍,ମହେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁନୀଲ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ କ୍ୟାଥରିନ କୁଲୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

■ ଧମା ନାବାଳିକା ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଜରିମାନା

ସମ୍ବଲପୁର, ୧୭।୨ (ସମିସ) : ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ନାବାଳିକା ଦୁଷ୍କର୍ମ ମାମଲାର ବିଚାରକରି ଅଭିଯୁକ୍ତ ମଧୁସୂଦନ ବଗର୍ତ୍ତୀଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ଘଟଣା ଦିନଠାରୁ ଅନ୍ତିମ ରାୟ ପ୍ରକାଶ ପର୍ଯ୍ୟନ୍ତ ରେକର୍ଡ ୭୯ ଦିନ ମଧ୍ୟରେ ପ୍ରକ୍ରିୟା ସମାପ୍ତ ହୋଇଥିବା ଜଣାପଡ଼ିଛି।

ଘଟଣାଟି ସମ୍ବଲପୁର ଜିଲ୍ଲା ଧମା ଥାନା ଅଞ୍ଚଳରେ ଘଟିଥିଲା। ଧମା ଥାନାରେ ପିଡ଼ିତାଙ୍କ ମା’ ଲିଖିତ ଅଭିଯୋଗ କରିଥିଲେ ଯେ, ୨୯-୧୧-୨୦୨୫ ତାରିଖ ସନ୍ଧ୍ୟା ୬ଟା ସମୟରେ ତାଙ୍କ ନାବାଳିକା ଝିଅ ନିକଟସ୍ଥ ଦୋକାନକୁ କୁରକୁରେ କିଣିବାକୁ ଯାଇଥିଲା। ସେ ଘରକୁ ଫେରିବା ସମୟରେ ଅଭିଯୁକ୍ତ ମଧୁସୂଦନ ବଗର୍ତ୍ତୀ, ଯିଏ କି ନିଜ ଘର ସାମ୍ନାରେ ବସିଥିଲା, ଜୋରଜବରଦସ୍ତି ଘର ଭିତରକୁ ଟାଣିନେଇ ଦୁଷ୍କର୍ମ କରିଥିଲା। ପିଡ଼ିତା ତାର ମା’କୁ ଏହି ଘଟଣା ବିଷୟରେ କହିଥିଲା। ତା’ ପରଦିନ ଏନେଇ ପିଡ଼ିତାଙ୍କ ମା’ ଧମା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାପରେ ଧମା ଥାନାଧିକାରୀ କେସ ନଂ. ୨୮୫ / ୩୦-୧୧-୨୦୨୫ ଦଫା ୬୫(୨) ବିଏନ୍‌ଏସ୍ ସହିତ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ମଧୁସୂଦନ ବଗର୍ତ୍ତୀକୁ ଗିରଫ କରି କୋର୍ଟଚାଲାଣ କରାଗଲା। ଧମା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ୨୧-୧-୨୦୨୬ରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ମଧୁସୂଦନ ବଗର୍ତ୍ତୀକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ବିଚାରପତି ଶ୍ରୀ ସେନାପତି ନିୟମ ଅନୁଯାୟୀ ପିଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

## ସ୍କର୍ପିଓ ଧକ୍କାରେ ସାଇକଲ ଆରୋହୀ ମୃତ

ରେଢ଼ାଖୋଲ,୧୭ ।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳ ଥାନା ସାଇ ମନ୍ଦିର ସମ୍ମୁଖରେ ସ୍କର୍ପିଓ ଧକ୍କାରେ ସାଇକଲ ଆରୋହୀ ମୃତ୍ୟୁ ହୋଇଯାଇଛି। ମୃତ ସାଇକଲ ଆରୋହୀ ମୋଚିବାହାଲ ପଞ୍ଚାୟତ ବାଗଦୁଲି ଗ୍ରାମର ବାସିନ୍ଦା ପେଟୁ ଶବର। ସୂଚନା ଯୋଗ୍ୟ ଯେ ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥର ଚାରମାଳ ସାଇ ମନ୍ଦିର ସମ୍ମୁଖରେ ସ୍କୋର୍ପିଓ ଗାଡ଼ି ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସାଇକଲ ଆରୋହୀ ଜଣଙ୍କ ସାଇକଲ ଯୋଗେ ଜାତୀୟ ରାଜପଥ ଅତିକ୍ରମ କରୁଥିବା ସମୟରେ ମେରାମେଣ୍ଡୁଳୀ ରୁ ଝାରସୁଗୁଡ଼ା ଯାଉଥିବା ସ୍କୋର୍ପିଓ ଗାଡ଼ି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ସାଇକଲ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବରପାଇ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ସେବା ପହଞ୍ଚି ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାରମାଳ ପୁଲିସ ସ୍କୋର୍ପିଓକୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ସୂଚନା ମିଳିଛି।

ବରଗଡରେ ‘ସୁଭଦ୍ରା’ଶକ୍ତି ମେଳା

# ୫୦ ମିଲେଟ୍ ଭିତ୍ତିକ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ

ବରଗଡ,୧୭ ।୨(ସମିସ):

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ‘ସୁଭଦ୍ରା’ ଶକ୍ତି ମେଳା ଶୁଭାରମ୍ଭ ହୋଇଛି। ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ନାରୀ ଶକ୍ତିକୁ ସମ୍ମାନ ଜଣାଇ ସୁଭଦ୍ରା ମା’ମାନଙ୍କ ଅନ୍ତର୍ନିହିତ ଶକ୍ତିର

### ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶନ ଓ ବିପଣନ

ଜାଗରଣ ପାଇଁ ମିଶନ ଶକ୍ତି ବିଭାଗ ପ୍ରତ୍ୟେକ ଜିଲ୍ଲାରେ ଆୟୋଜନ କରୁଛି ସୁଭଦ୍ରା ଶକ୍ତି ମେଳା। “ସୁଭଦ୍ରା ଶକ୍ତି ମେଳା’ ଓଡ଼ିଶାର ମା’, ଭଉଣୀ ଏବଂ ଝିଅମାନଙ୍କର ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ। ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିପଣନ କରିବେ। ମେଳାରେ ବରଗଡ ଜିଲ୍ଲାର ସମ୍ବଲପୁରି ବାନ୍ଧକଳା,ସମ୍ବଲପୁରି ପାରମ୍ପରିକ ଅଳଙ୍କାର, ହସ୍ତଶିଳ୍ପ-ବାଉଁଶ ଓ କାଠ କାରିଗରି, ଟେରାକୋଟା, ମିଲେଟ୍,କଳାଜିରା ଚାଉଳ, ଲସ୍ତଲା ମିଠା, କୋଶଳ ସାବୁନ, ସ୍ଥାନୀୟ ମହିଳା ପ୍ରସ୍ତୁତ କରିଥିବା ଅଗରବତୀ, ଆୟୁର୍ବେଦିକ ମେଡିସିନ୍ ଆଦି ବିଶେଷ ଦ୍ରବ୍ୟ ବିକ୍ରି କରାଯିବା ସହ ବିଭିନ୍ନ ଜିନିଷର ପ୍ରସ୍ତୁତି ଠାରୁ ଆରମ୍ଭ କରି ପେକେଜିଂ ପ୍ରକ୍ରିୟା ଲାଇଭ୍ ଡେମୋ ପ୍ରଦର୍ଶନ କରାଯିବ। ପରିଦର୍ଶକ ଅତିଥିମାନେ ଏଠାରୁ ଲୁଗାପଟା, ଖାଦ୍ୟଶସ୍ୟ, ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ। ଦୀର୍ଘ ୭ ଦିନର ଧରି ଚାଲିବାକୁ ଥିବା ମେଳାରେ ଦର୍ଶକମାନେ ଅନୁଭବ କରିବେ ଓଡିଶାର ସଂସ୍କୃତି, ନାରୀ ଶକ୍ତି ଓ ପାରମ୍ପାରିକ ସ୍ୱାଦର ଅନୁପମ ସଂଗମ। ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ନୃତ୍ୟ ସହ ଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ଅଙ୍କିତ ରାଜ,ଅର୍ଚ୍ଚନା ପାଢ଼ୀ,ରୁକୁ ସୁନା, ଆଶିଷ କୁମାର,ବର୍ଣ୍ଣାଳୀ ହୋତା ଏବଂ ଶାଶ୍ୱତ ତ୍ରିପାଠୀଙ୍କ ସଙ୍ଗୀତ ପରିବେଷଣରେ ସଂଗୀତ ସନ୍ଧ୍ୟା। ଏତଦବ୍ୟତୀତ ପ୍ରଥମଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ପୋଷାକର ଫ୍ୟାଶନ୍ ସୋ ଆୟୋଜିତ ହେବାକୁ ଯାଉଥିବା ବେଳେ, ଦର୍ଶକମାନେ ୫୦ଟି ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲରେ ମିଲେଟ୍ ଭିତ୍ତିକ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିବିଧ ପାରମ୍ପରିକ ଓଡିଆ ଖାଦ୍ୟ ଉପଭୋଗ କରିପାରିବେ। ବରଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସନ୍ଧ୍ୟାରାଣୀ ନେପାକ ଏବଂ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଉଦ୍‌ଘାଟନୀ ସମରହରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନିଜର ଉତ୍ପାଦକୁ ବୃହତ ବଜାର ସହିତ ସଂଯୋଗ କରି ଆୟ ବୃଦ୍ଧି ଓ ଆତ୍ମନିର୍ଭରତା ଅର୍ଜନ କରିବେ। ଦିବା ୧୧ରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ଦର୍ଶକମାନେ ସପରିବାର ପଦାର୍ପଣ କରି ଓଡ଼ିଶାର ନାରୀ ଶକ୍ତିର ସୃଜନଶୀଳତା, ହସ୍ତଶିଳ୍ପ ଓ ସଂସ୍କୃତିର ଅନୁପମ ସମାହାରକୁ ସଫଳ କରିବା ପାଇଁ ସାଂସଦ ଶ୍ରୀ ପୁରୋହିତ ଆମନ୍ତ୍ରଣ କରିଥିଲେ।




PARADEEP PARIVAHAN LIMITED

**PARADEEP PARIVAHAN LIMITED**

**(CIN: L52241OR2000PLC006379)**
**Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169,**
**Mail: ho@paradeepparivahan.com**
**Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India**
**Tel/ Fax- 0674-2590169, Mail:**
**Web Site: www.paradeepparivahan.com**

**CORRIGENDUM TO NOTICE OF EXTRA-ORDINARY GENERAL MEETING (“EGM”)**

**Dear Shareholders,**

This Corrigendum (“Corrigendum”) is being issued in continuation to and should be read in conjunction with of the Notice of Extra-Ordinary General Meeting (“EGM”) dated January 09, 2026 (“Original Notice”) circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 (“SEBI ICDR Regulations”).

An Extra-Ordinary General Meeting (“EGM”) of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee “Dhatri Software Solutions Pvt. Ltd.” for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 “1)The object of the issue” of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue (“Issue Proceeds”) towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as “General Corporate Purposes”) (collectively referred to as the “Objects”).

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.***

**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**

The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST).
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
- Company's website: **https://www.paradeepparivahan.com/home/notices**
- Website of Stock Exchange: **www.bseindia.com**
- website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

# ଶ୍ରୀକ୍ଷେତ୍ର ସିଟି

୧୭/୨/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୬୦,୪୨୮/- ସୁନା:୦୦.୦୯୦ ଗ୍ରାମ୍ ରୁପା: ୨୭.୩୦୦ ଗ୍ରାମ୍

## ସିଦ୍ଧମହାବୀର ମନ୍ଦିର

# ୪.୬ ଲକ୍ଷ ବିଦ୍ୟୁତ୍ ବିଲ୍ ବାକି; ପ୍ରଶ୍ନ ଉଠାଇଲା ଆପ୍

ପୁରୀ,୧୭।୨(ସମିସ): ପୁରୀରେ ବିଦ୍ୟୁତ୍ ବିଲ୍‌ରେ ତଞ୍ଚକତାକୁ ନେଇ ବିଗତ ଦିନରେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅନେକ ଖୁଲାସା କରିଛି। ଟିଭି, ଫ୍ରିଜ୍, ୱାଶିଂମେସିନ୍ ସହିତ ଏକାଧିକ ଏସି ଚାଲୁଥିବା ଘର ମାଲିକଙ୍କର ମାସିକ ବିଲ୍ ୨୦ ଟଙ୍କାଠୁ ଆରମ୍ଭ କରି ବଡ଼ବଡ଼ିଆଙ୍କର ହାରାହାରି ବିଲ୍ ଆସିବା ଭଳି ଅନେକ ଗୁମର ଖୋଲିଛି ଆପ୍। ଥିଲାବାଲାଙ୍କ ପ୍ରତି ଅହେତୁକ ଅନୁକମ୍ପା ଏବଂ ଗରିବ ଲୋକଙ୍କ ଉପରେ ଟିପିସିଓଡିଏଲ୍ ଅଧିକାରୀଙ୍କ ଜୁଲମ୍‌କୁ ନେଇ ସ୍ୱର ଉଠାଇଥିବା ଆପ୍ ଏବେ ସିଦ୍ଧମହାବୀର ମନ୍ଦିର ବିଦ୍ୟୁତ୍ ବିଲ୍ ସମ୍ପର୍କରେ ଖୁଲାସା କରିଛି। ମଙ୍ଗଳବାର ଆପ୍ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଅଭିଯୋଗ କରିଛନ୍ତି ଯେ, ତାଙ୍କ ଦଳ ସିଦ୍ଧମହାବୀର ମନ୍ଦିରର ଉନ୍ନତି ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରିଆସିଛି। ଏବେ ମନ୍ଦିରର ବକେୟା ବିଦ୍ୟୁତ୍ ବିଲ୍‌କୁ ନେଇ ସାଂଘାତିକ ତଥ୍ୟ ଆସିଛି। କାରଣ ଆଜିକା ଦିନରେ ସିଦ୍ଧ ମହାବୀର ମନ୍ଦିରର ୪ ଲକ୍ଷ ୬




### ମନ୍ଦିରର ଆୟ ଅଛି; ବିଦ୍ୟୁତ୍ ବିଲ୍ ଏତେ ଟଙ୍କା ବାକି ରହିଲା କାହିଁକି?

ହଜାର ୬୨୪ ଟଙ୍କାର ବିଜୁଳି ବିଲ୍ ବାକି ରହିଛି। ତେବେ ଏହି ବିଲ୍ କାହିଁକି ବକେୟା ରହିଛି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ସେ କହିଛନ୍ତି, ଯାହାର ଟଙ୍କା ନ ଥାଏ ତା'ର ବିଲ୍ କାଟିଥାଏ। କିନ୍ତୁ ପ୍ରତ୍ୟେକ ଦିନ ମହାବୀରଙ୍କ ଆୟ ରହିଛି। ସବୁଦିନ କିଛି ନା କିଛି କାର୍ଯ୍ୟକ୍ରମ ବାବଦରେ ୨୦୦୦ ଟଙ୍କା ମିଳିଥାଏ। ଏମିତିକି ଗୋଟିଏ ଗୋଟିଏ ଦିନରେ ୨/୩ଟି କାର୍ଯ୍ୟକ୍ରମ ହୁଏ। ମନ୍ଦିରରର ଆୟ ବର୍ଷକୁ ପ୍ରାୟ ୨୦ ଲକ୍ଷ ଟଙ୍କା। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ କାହିଁକି ବାକି ଅଛି? ଆଶ୍ଚର୍ଯ୍ୟର ବିଷୟ ୩ ବର୍ଷ ହେଲା ବିଜୁଳି ବିଲ୍ ଆସୁନି। ଟ୍ରଷ୍ଟବୋର୍ଡ କାହିଁକି ଏ ଦିଗରେ ପଦକ୍ଷେପ ନେଇନାହାନ୍ତି। ଯାହାଙ୍କ ନାଁରେ ବିଜୁଳି ସଂଯୋଗ ରହିଛି ସେ କାହିଁକି ଚୁପ୍ ବସିଛନ୍ତି। ଏବେ ନୂଆ କମିଟି ଏ ବାବଦରେ ଅବଗତ ଅଛନ୍ତି ନା ନାହିଁ ସ୍ପଷ୍ଟ କରିବାକୁ ଶ୍ରୀ ମହାନ୍ତି କହିଛନ୍ତି।

ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ଅଧିକ ସମୟ ରହିଲେ ମନମୁଖୀ କାର୍ଯ୍ୟ ବା ଦୁର୍ନୀତି ହେବା ସମ୍ଭାବନା ରହିଛି। ତେଣୁ ସିଦ୍ଧ ମହାବୀର ମନ୍ଦିରରେ ଏଭଳି ଅବ୍ୟବସ୍ଥା ଚାଲିଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ମହାବୀରଙ୍କ ସମ୍ପତ୍ତି ଏବେ ସୁରକ୍ଷିତ କି ନାହିଁ ତାହା ମଧ୍ୟ ବଡ଼ ପ୍ରଶ୍ନ। ଯେହେତୁ ଏହି ମନ୍ଦିର ଦେବୋତ୍ତର ବିଭାଗ ଅଧୀନରେ ଯାଉଛି ତେଣୁ ଅଡିଟ୍ ରିପୋର୍ଟ ସର୍ବସାଧାରଣରେ ସାର୍ବଜନୀନ କରାଯାଉ, ଯାହାଦ୍ୱାରା ସେଥିରେ ବିଜୁଳି ବିଲ୍ ସମ୍ପର୍କରେ ତଥ୍ୟ ଅଛି କି ନାହିଁ ତାହା ଜଣାପଡ଼ିବ ବୋଲି କହିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ। ଏହି ଅବସରରେ ଆପ୍ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ମହାବୀରଙ୍କ ସମ୍ପତ୍ତି ଏବେ ସୁରକ୍ଷିତ କି ନାହିଁ ଜିଲ୍ଲାପାଳ ଏହାର ସତ୍ୟତା ସ୍ପଷ୍ଟ କରନ୍ତୁ, ତୁରନ୍ତ ମନ୍ଦିର ଅଧିକାରୀଙ୍କୁ ବରଖାସ୍ତ କରାଯାଉ, ବିଦ୍ୟୁତ୍ ବିଭାଗର ଯେଉଁ ଅଧିକାରୀ ଏଥିରେ ସାମିଲ୍ ଅଛନ୍ତି ତାଙ୍କୁ ଦଣ୍ଡିତ କରାଯାଉ। ଯଦି ଏହା ଉପରେ ସ୍ପଷ୍ଟତା ନ ଆସେ ତେବେ ରାଜଧାନୀରେ ଆପ୍ ବାଧ୍ୟ ହୋଇ ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଘେରଉ କରିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବୁଲୁ ଦାସ, ଅନିଲ ଜେନା ଏବଂ ଲକ୍ଷ୍ମଣ ବେହେରା ଉପସ୍ଥିତ ଥିଲେ।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



ପୁରୀ,୧୭।୧୨(ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥା'ନ୍ତି। ମଙ୍ଗଳବାର ଫାଲ୍‌ଗୁନ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଜମେଶ୍ୱର ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଗୁରୁବାରଠାରୁ ମାଟ୍ରିକ୍ ପରୀକ୍ଷା

# ପରୀକ୍ଷା ଦେବେ ଜିଲ୍ଲାର ୨୦,୬୫୫ ଛାତ୍ରଛାତ୍ରୀ

ପ୍ରତି କେନ୍ଦ୍ରରେ ସିସିଟିଭି

ପୁରୀ,୧୭।୨(ସମିସ): ଗୁରୁବାରଠାରୁ ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ବିଦ୍ୟାଳୟସ୍ତରୀୟ ଶିକ୍ଷା ଜୀବନରେ ଦଶମ ପରୀକ୍ଷା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷା ଫଳାଫଳ ହିଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ। ତେଣୁ ଏହି ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ ମଧ୍ୟ ବେଶ୍ ଚିନ୍ତିତ ଥାଆନ୍ତି। ମାଟ୍ରିକ୍ ପରୀକ୍ଷାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ପୁରୀ ଜିଲ୍ଲାରେ ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ୧୦୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହାବ୍ୟତୀତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂ ପାଇଁ ୪ଟି ପରୀକ୍ଷା କେନ୍ଦ୍ରରେ ୮୭୧ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷାର ସୁପରିଚାଳନା ଲାଗି ଜିଲ୍ଲାର ୧୧ଟି ବ୍ଲକ ଏବଂ ପୁରୀ ପୌରସଂସ୍ଥାରେ ଗୋଟିଏ ଲେଖାଏଁ ମୋଟ ୧୨ଟି ନୋଡାଲ ସେଣ୍ଟର ଖୋଲାଯାଇଛି। ଏ ବର୍ଷ ସମଗ୍ର ଜିଲ୍ଲାରେ ୩୫୮ ସ୍କୁଲର ମୋଟ ୨୦,୬୫୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ। ୭୦ ଜଣ ମଧ୍ୟମା (ସଂସ୍କୃତ) ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପରୀକ୍ଷା ପ୍ରଶ୍ନପତ୍ର ନେଇ ପହଞ୍ଚାଇବା ପାଇଁ ୨୯ଟି ଡେସ୍‌ପାଚ ସେଣ୍ଟର କରାଯାଇଛି। ପ୍ରତ୍ୟେକ ଦିନ ପୁଲିସ ସ୍କ୍ୱାଡ୍ ସହିତ ସୁରକ୍ଷା ମଧ୍ୟରେ ଡେସ୍‌ପାଚ୍ ଟିମ୍ ପ୍ରଶ୍ନପତ୍ର ନେଇ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ବିଷୟ ଅନୁଯାୟୀ କେନ୍ଦ୍ରରେ ସେହିଦିନ ସକାଳ ସାଢ଼େ ୭ଟାରୁ ସାଢ଼େ ୮ଟା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିବ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପରୀକ୍ଷା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିଲାଗି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟମାନଙ୍କର ବୈଠକ ବସି ସେମାନଙ୍କୁ ଅବଗତ କରାଯାଇଛି। ପରୀକ୍ଷାରେ ସ୍ୱଚ୍ଛତା ନିମନ୍ତେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସି ଟିଭି ବ୍ୟବସ୍ଥା ହୋଇଛି। ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ପରୀକ୍ଷାର ସୁପରିଚାଳନା ତନଖି କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୩ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଏହା ବ୍ୟତୀତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଉ ଏକ ସ୍କ୍ୱାଡ୍ କରାଯାଇଛି।

## ପୁରୀରେ ବଙ୍ଗୀୟ ମହିଳା ଲୁଟେରା

ପୁରୀ,୧୭।୨(ସମିସ): ପୁରୀରେ ମାତିଛନ୍ତି ବଙ୍ଗୀୟ ମହିଳା ଲୁଟେରା। ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଶ୍ରୀଲୋକନାଥଙ୍କ ପୀଠରେ ଜାଗର ଏମିତି ବିଭିନ୍ନ ପର୍ବପର୍ବାଣୀରେ ଭକ୍ତଙ୍କ ଭିଡ଼କୁ ଏମାନେ ଟାର୍ଗେଟ କରି ମୋବାଇଲ୍, ପର୍ସ, ଅଳଙ୍କାର ଝାମ୍ପି ନେଇଥା'ନ୍ତି। ନିକଟରେ ଶ୍ରୀଲୋକନାଥଙ୍କ ପୀଠରେ ଜାଗର ପାଇଁ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଟାର୍ଗେଟ ରଖି ପୁରୀ ଆସିଥିବା ୩ ଜଣ ବଙ୍ଗୀୟ ମହିଳା ଲୁଟେରାଙ୍କୁ କାବୁ କରିଛି ଜିଆର୍‌ପି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ରାଣୀ ସିଂ (୪୮), ସୀମା ସିଂ (୩୩) ଓ ଲକ୍ଷ୍ମୀ ମାଳି (୩୦)। ଏମାନଙ୍କଠାରୁ ୧୧ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଯେଉଁଥିରେ ଆଇଫୋନ୍ ଏବଂ ୱାନ୍ ପ୍ଲସ୍ ଭଳି ଦାମୀ ମୋବାଇଲ୍ ଫୋନ୍ ସହ ନଗଦ ୧୪ ହଜାର ଟଙ୍କା, ୩ଟି ଟ୍ରେନ୍ ଟିକଟ୍ ଜବତ ହୋଇଛି। ମହିଳା ଲୁଟେରାଙ୍କଠାରୁ ଜବତ ସମ୍ପତ୍ତିର ମୋଟ୍ ମୂଲ୍ୟ ୨ଲକ୍ଷ ୫୬ ହଜାର ୪୮୦ ଟଙ୍କା ହେବ ବୋଲି ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହନୀପତି କହିଛନ୍ତି। ମଙ୍ଗଳବାର ସକାଳ ୯ଟା ୪୦ରେ ଜିଆର୍‌ପି କର୍ମଚାରୀମାନେ ରେଳ ଷ୍ଟେସନରେ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ, କିଛି ବଞ୍ଜାରା ମହିଳା ଷ୍ଟେସନରେ ବୁଲୁଛନ୍ତି, ଯେଉଁମାନେ କି ଟ୍ରେନ୍‌ରେ ଚୋରି କରିବାରେ ସମ୍ପୃକ୍ତ। ପୂର୍ବାହ୍ନ ୧୦ଟା ୫୫ରେ ୮ ନମ୍ବର ପ୍ଲାଟ୍‌ଫର୍ମ ଥିବା ଏକ ଟ୍ରେନ୍ (ନଂ.୧୨୮୭୫) ନିକଟରେ କିଛି ମହିଳା ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଠାବ କରିଥିଲେ। ସେମାନଙ୍କୁ ଅଟକାଇ ପ୍ରଶ୍ନ ପଚାରିବାରୁ ସେମାନେ ତାଙ୍କ ପରିଚୟ ଦେଇଥିଲେ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ମୋବାଇଲ୍, ଟଙ୍କା ଏବଂ ଟ୍ରେନ୍ ଟିକଟ୍ ଆଦି ଜବତ କରାଯାଇଥିଲା। ଏହି ଟ୍ରେନ୍ ଟିକଟ୍ ପୁରୀରୁ ହିଞ୍ଜିଳୀକୁ କଟାଯାଇଥିଲା। ପୁଲିସ ୩ ମହିଳା ଲୁଟେରାଙ୍କୁ କାବୁ କରି କୋର୍ଟ ଚାଲାଣ କରିଛି।



## ଅତିରିକ୍ତ ଜିଲ୍ଲାପାଳଙ୍କ ବହୁମୁଖୀ ଆଶ୍ରୟସ୍ଥଳ ପରିଦର୍ଶନ

ପୁରୀ,୧୭।୨(ସମିସ): ମଙ୍ଗଳବାର ଅପରାହ୍ଣରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ବ୍ରହ୍ମଗିରିର ବିଡିଓ ମନୀଷା ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ବ୍ରହ୍ମଗିରି ବ୍ଲକ୍‌ର ମୋଟ୍ ଏବଂ ସାତିକପୁର ଗ୍ରାମ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସାତିକପୁରର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ମରାମତି କାର୍ଯ୍ୟ ଯାଞ୍ଚ କରିଥିଲେ। ଏଥିସହିତ ସୁନାମି ମୁକାବିଲା ପାଇଁ ପ୍ରସ୍ତୁତ ଚିହ୍ନଟ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ଶ୍ରୀ ବେହେରା ସୁନାମି ସଚେତନତା ସମ୍ପର୍କରେ ସମ୍ପ୍ରଦାୟ ସଦସ୍ୟ, ଗ୍ରାମବାସୀ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା ଏବଂ ମୋଟ୍ ଗ୍ରାମରେ ସୁନାମି ସାଇନେଜ୍ ସ୍ଥାପନ ମଧ୍ୟ ଯାଞ୍ଚ କରିଥିଲେ।

## ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ବାଲି ଚୋରାଚାଲାଣକୁ ନେଇ ଉଦ୍‌ବେଗ

ପୁରୀ,୧୭।୨(ସମିସ): ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ପୁରୀ ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ସମେତ ସମସ୍ତ ବିଧାନସଭାର କାର୍ଯ୍ୟକାରିଣୀ କମିଟି ସଦସ୍ୟ ଯୋଗଦେଇଥିଲେ। ଏଥିରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ ପୁରୀ ବିଧାନସଭାର ଭୋଟର ତାଲିକାରେ ଅନିୟମିତତାକୁ ନେଇ ତଥ୍ୟ ପ୍ରମାଣ ରଖିଛନ୍ତି। ସେ କହିଛନ୍ତି, କେଉଁଠି ଜିରୋ ନମ୍ବର ଘର ତ କେଉଁଠି ଘର ନମ୍ବର ଜାଗାରେ ଅନେକ ସାହିର ନାମ ଥିବା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଭୋଟର ପ୍ରକୃତ ଭୋଟର ନୁହନ୍ତି। ପୁରୀରେ ଆନ୍ଧ୍ରପ୍ରଦେଶ, କୋଲକାତା, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟରେ ଭୋଟର ଆଇଡି ଥିବା ଲୋକଙ୍କ ଏଠାରେ ଭୋଟର ଆଇଡି ହୋଇଛି ଏବଂ ସେମାନେ ଭୋଟ୍ ମଧ୍ୟ ଦେଇଛନ୍ତି। ଏହାର ପ୍ରମାଣ ସହ ଶୀଘ୍ର ଜିଲ୍ଲାପାଳ ଅଫିସ ଘେରଉ ହେବ। ପୁରୀକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ହେଲେ ଏଠାରେ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସାମାନ୍ୟ ରୋଗ ପାଇଁ ଭୁବନେଶ୍ୱର ନଚେତ୍ କଟକ ସ୍ଥାନାନ୍ତର ହଉଛନ୍ତି ରୋଗୀ। ପୁରୀର ସରକାରୀ ଚିକିତ୍ସାଳୟ ଉପରୁ ଲୋକଙ୍କ ଭରସା ଉଠିଗଲାଣି। ପୁରୀରେ ମଲ୍ଟି ସ୍ପେସିଆଲିଟି ପାଇଁ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜବାବ ମାଗିଛନ୍ତି। ବଡ଼ଦାଣ୍ଡ ଉଠାଦୋକାନୀଙ୍କ ସମସ୍ୟା ଦୂର ପାଇଁ ସାଂସଦ ଡ. ପାତ୍ର ନିର୍ବାଚନ ପୂର୍ବରୁ କହିଥିଲେ। ହେଲେ ଏବେ କାହିଁକି ଚୁପ୍ ବୋଲି ପ୍ରଶ୍ନ କରିଛନ୍ତି ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ।

ପୁରୀରେ ବସ୍ତି ଥଇଥାନ ପଟ୍ଟା ଆଜି ପର୍ଯ୍ୟନ୍ତ ବଣ୍ଟା ଯାଇପାରିଲା ନାହିଁ। ଜିଲ୍ଲାସ୍ତରରେ କୋଣାର୍କର ଜମିଜମା ସମସ୍ୟା, ନିମାପଡ଼ାର ରାସ୍ତାଘାଟ ସବୁଠି ଦୁର୍ନୀତି ଏବଂ ପ୍ରତ୍ୟେକ ଅଫିସରେ ପିସି ନେଇ କାର୍ଯ୍ୟ ଚାଲିଥିବା ବିଜେପି ନେତା ସମୀର ଦାଶ ନିଜେ ମୁହଁ ଖୋଲି କହିଛନ୍ତି। ବିଧାୟକଙ୍କ ଛତ୍ରଛାୟା ତଳେ ପିପିଲିରେ ବାଲି ଚୋରାଚାଲାଣ ଚାଲିଛି। ଏଥିପାଇଁ ଗାଁ ଗାଁରେ ଲଢ଼େଇ ହେଉଛି। ଚିଲିକା ଉପରେ ବ୍ରିଜ୍ ପାଇଁ



### ଜିଲ୍ଲାରେ ବଢୁଛି ବେକାରୀ ସଂଖ୍ୟା

ଏ ପର୍ଯ୍ୟନ୍ତ ମାଟି ମୁଠାଏ ପଡ଼ିପାରିଲା ନାହିଁ। ଏହି ବ୍ରିଜ୍ ଆଜି ବି ବ୍ରହ୍ମଗିରିବାସୀଙ୍କ ପାଇଁ ସ୍ୱପ୍ନ ହୋଇରହିଛି। ସତ୍ୟବାଦୀରେ ସତ୍ୟତା ଲୁଚି ରହିଗଲା ଭଳି ବକୁଳବନର ପୁନରୁଦ୍ଧାର ହୋଇପାରିନାହିଁ। ଅନେକ ଗାଁଗଣ୍ଡାରେ ସରକାରୀ ପ୍ରୋତ୍ସାହନ ମିଳିପାରନି। ଡବଲ୍ ଇଞ୍ଜିନ ସରକାରଙ୍କୁ ଏଭଳି ଅନେକ ପ୍ରଶ୍ନ କରିଛନ୍ତି ରାଜ୍ୟ ଯୁବ କଂଗ୍ରେସ ସଭାପତି ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି। ଏହି ଅବସରରେ ପୁରୀର ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ଯୁବକ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ସହ ସମସ୍ତଙ୍କୁ ଦାୟିତ୍ୱ ବଣ୍ଟାଯାଇଥିଲା।


**PARADEEP PARIVAHAN LIMITED**

(CIN: L52241OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169,
Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:
Web Site: www.paradeepparivahan.com

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

A. The Special Business mentioned in the Original EGM Notice shall be replaced and read as given in this Corrigendum.

B. In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.**

**Note:** Shareholders are requested to go through the detailed Corrigendum which is mailed electronically and also available on Company's website at https://www.paradeepparivahan.com/home/notices.

C. The schedule and instruction of e-voting facility shall be replaced and read as given in this Corrigendum.

D. All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**

The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com.
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: https://www.paradeepparivahan.com/home/notices
· Website of Stock Exchange: www.bseindia.com
· website of e-voting agency i.e. Bigshare Services Pvt Ltd at https://ivote.bigshareonline.com

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact cs@paradeepparivahan.com

By Order of the Board
For Paradeep Parivahan Limited
Sd/-
Khalid Khan
Managing Director
DIN-06432054

Date: February 18, 2026
Place: Bhubaneswar

**ପ୍ରଶାସନ ନିରବଦ୍ରଷ୍ଟା**

# ବେଧଡ଼କ ଭାବେ ଚାଲିଛି ଗଛକଟା

ଆଳି,୧୭।୨(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ବିଭିନ୍ନ ସ୍ଥାନରୁ ବେଧଡ଼କ ଭାବେ ଗଛକଟା ଚାଲିଛି। ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଗତ କିଛିଦିନ ହେବ ଧୋଡ଼ାଅଞ୍ଚଳ କେତୁଆପାଳ, ଦେସାହି, ସଂସିଧା, ପେଟପଡ଼ା, ଗୋବିନ୍ଦପୁର ଅଞ୍ଚଳର ରାସ୍ତା କଡ଼, ନଦୀ ପାଖ, ନଦୀବନ୍ଧରୁ ଆକାଶି, ଚାଖୁଣ୍ଡା, ଦେବଦାରୁ, ବାଗଲା ଆଦି ମୂଲ୍ୟବାନ ଗଛ କଟାଯାଇ ନିକଟସ୍ଥ ଗୋବିନ୍ଦପୁର ପରେ ବିଂଝାରପୁର ଦେଇ ଯାଜପୁରକୁ ବେଧଡ଼କ ଚାଲାଣ କରାଯାଉଥିବା ଦେଖିବାକୁ ମିଳୁଛି। ଏ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି କାର୍ଯ୍ୟରେ ରୋକ ଲଗାଇବା ପାଇଁ ବନ ବିଭାଗ ଓ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ବିଗତ ଦିନରେ ଆଳି ଧୋଡ଼ାଅଞ୍ଚଳ ରାସ୍ତା କଡ଼ରୁ ବେଆଇନ ଗଛ କଟା ଯିବା ଘଟଣାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏ ପର୍ଯ୍ୟନ୍ତ ଗଛକାଟି ଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛକୁ କିଛି ଲୋକ ବେଆଇନ ଭାବେ କାଟି ଏବେବି ରାସ୍ତାରେ ପକାଇଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ କାଠ ମାଫିଆ ବନ୍ୟା ଓ ବାତ୍ୟା ସମୟରେ ସରକାରୀ ସ୍ଥାନରେ ଥିବା ଗଛକୁ ମଧ୍ୟ ବେଆଇନ ଭାବେ କାଟି ନେଉଛନ୍ତି। ଯାହାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଥିବା ନେଇ ଚର୍ଚ୍ଚା ହେଉଛି। ସେହିପରି କଳସପୁର ଓ ନରେନ୍ଦ୍ରପୁର ପଞ୍ଚାୟତ ନଦୀ ପାଖ ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ବାଗଲା, ଝାଉଁ, ୟୁକାଲିପଟାସ ଆଦି ଗଛ କଟା ଯାଉଥିବା ଦେଖିବାକୁ ମିଳିଛି। ଏଥିସହିତ ଦିନଦ୍ୱିପ୍ରହରରେ କଟକ-ଚାନ୍ଦବାଲି ରାସ୍ତା ଓ ଆଳି-ଗୋବିନ୍ଦପୁର ଦେଇ କଟା ହୋଇଥିବା ଗଛ ବେଧଡ଼କ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ଆଳି ବନ ବିଭାଗ ଅଧିକାରୀ ଲକ୍ଷ୍ମୀପ୍ରିୟା ଖଟୁଆଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇନି।

## ସେଣ୍ଟ ଜାଭିୟର ହାଇସ୍କୁଲରେ ଶିଶୁ ସୁରକ୍ଷା ସଚେତନତା

ପଟ୍ଟାମୁଣ୍ଡାଇ,୧୭।୨(ସମିସ): ସ୍ଥାନୀୟ ସେଣ୍ଟ ଜାଭିୟର ହାଇସ୍କୁଲରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲା ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ସଭାନେତ୍ରୀ ରୋସନା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ମୌଳିକ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ସରକାରୀ ଓକିଲ ସୁରେଶ ନରେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ମୌଳିକ ଅଧିକାର ଓ ସୁରକ୍ଷା ସମ୍ପର୍କିତ ଆଇନଗତ ବ୍ୟବସ୍ଥା, ଶିଶୁଙ୍କ ଉତ୍ତମ ଶିକ୍ଷା ବୌଦ୍ଧିକ ବିକାଶ ଓ ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ ଓ ସମ୍ପାଦକ ପ୍ରମୋଦ ସ୍ୱାଇଁ ସରକାରଙ୍କ ଆଇଟିଇ ନିୟମ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ୨୫ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଦେୟମୁକ୍ତ ଶିକ୍ଷା ପ୍ରଦାନ ଉପରେ ସୂଚନା ଦେଇଥିଲେ। ସହକାରୀ ଶିକ୍ଷକ ସେକ ଅମରୁଲ ସ୍ୱାଗତ ଭାଷଣ ଓ ପ୍ରକାଶ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପାଧ୍ୟକ୍ଷ ସାଇ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସେହେନାଜ ଖାତୁନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଲେଙ୍କା, ବିଜୟଲକ୍ଷ୍ମୀ ସାହୁ, ସ୍ୱର୍ଣ୍ଣଲତା ଓଝା, ସ୍ୱପ୍ନଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ,୧୭।୨(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର କୋର୍ଟ




ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସିନିୟର୍ ସିଭିଲ ଜଜ ଅପୂର୍ବା ଚୌଧୁରୀ, ସିଭିଲ ବିଚାରପତି ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ବିଚାରପତି ଜେଏମଏଫସି ଡି. ବାଲକ୍ରିଷ୍ଣନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ସରକାରୀ ଓକିଲ ସୁରେଶ ନରେନ୍ଦ୍ର, ବରିଷ୍ଠ ଓକିଲ ହୃଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ପକ୍ସୋ ଆକ୍ଟ ବିଷୟରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟରେ ଇଣ୍ଟରନାଲ କମ୍ପ୍ଲେନ୍ କମିଟି ମଧ୍ୟ ଗଠିତ ହୋଇଥିବାରୁ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଇଓ ଅଫିସ, ଡିଇଓ ଅଫିସ, ତହସିଲ ଅଫିସ, ବ୍ଲକ ଅଫିସ, ବ୍ୟାଙ୍କ ସବୁଠାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳାଙ୍କୁ ସୁରକ୍ଷା ଦେବା ଉପରେ ଆଲୋକପାତ କରିଥିଲେ। ଯେଉଁ ସଂସ୍ଥା କମିଟି ଗଠନ ନ କରିବେ ପ୍ରଥମେ ୫୦ ହଜାର ପରେ ୧ ଲକ୍ଷ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ ବୋଲି ସୂଚନା ଦେଇଥିଲେ। ଶିବିରରେ ବରିଷ୍ଠ ଓକିଲ ଅଭିରାମ କୁଣ୍ଡ, ବିଶ୍ୱନାଥ ରାଉତ, ରିତାଞ୍ଜଳି ଦାଶ, ଲିଗାଲ ଏଡ୍ କର୍ମକର୍ତ୍ତା ଅପର୍ଣ୍ଣା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଜେଏମଏଫ୍‌ସି କୋର୍ଟ ସରକାରୀ ଓକିଲ ଧୀରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## କୃତ୍ତିବାସ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା


ରାଜନଗର,୧୭।୨(ସମିସ): ରାଜନଗର ନିର୍ବାଚନମଣ୍ଡଳୀର ସଂଗ୍ରାମୀ ନେତା ତଥା ପୂର୍ବତନ ଫିସଫେଡ ଅଧ୍ୟକ୍ଷ କୃତ୍ତିବାସ



ପାତ୍ରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସମାଜସେବୀ କୈଳାସ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଧାୟକ ରାଜନଗର ଧ୍ରୁବ ସାହୁ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ ଜେନା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପ୍ରଦୀପ ମାଝୀ, ସମାଜସେବୀ କୃପାସିନ୍ଧୁ ସାମଲ, ଡ. ଅଭୟ ପାତ୍ର, ଡ. ଧରଣୀଧର ରାଉତ, ଡ. କେଳୁଚରଣ ସ୍ୱାଇଁ ଓ ମାନସ ପରିଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ, ରଶ୍ମିରଞ୍ଜନ ରାଉତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ନାରୀନେତ୍ରୀ ରୋଶନା ସାହୁ, ସରିତା ସାହୁ, ରିଜୁଆନା ବେଗମ, ଅଧ୍ୟାପିକା ଭଗବତୀ ରାଉତ, ଯୁବନେତା ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁବନେତା ରାଜେଶ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସ୍ୱର୍ଗତ ପାତ୍ରଙ୍କ ପୁତ୍ର ଦେବାଶିଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୭୫ ଥର ରକ୍ତଦାନ କରି ସାମ୍ବାଦିକ ସମ୍ବର୍ଦ୍ଧିତ

ରାଜକନିକା,୧୭।୨(ସମିସ): ଆଜି କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ ଓ ଜାତୀୟ ସେବା ସଂସ୍ଥାର ମିଳିତ ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ରାଜକନିକାର ବରିଷ୍ଠ ସାମ୍ବାଦିକ ସୁକାନ୍ତ ଦାଶଙ୍କୁ ସମ୍ମାନିତ କରାଯାଇଛି। ଏହି ଶିବିରର ଉଦଘାଟକ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆୟୋଜିତ ଉତ୍ସବରେ ସାମ୍ବାଦିକ ସୁକାନ୍ତ ଦାଶଙ୍କୁ ୭୫ ଥର ରକ୍ତଦାନ ପାଇଁ ଉତ୍ସାହିତ କରି ଉତ୍ତରୀୟ, ପ୍ରମାଣପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜୀବନରେ ସମସ୍ତ ସୁସ୍ଥ ମଣିଷ ରକ୍ତଦାନ ପାଇଁ ଆଗ୍ରହ ପ୍ରକାଶ କଲେ ଚିକିତ୍ସା ସମୟରେ ରକ୍ତର ନିଅଣ୍ଟ ଦୂର ହେବା ସହ ମାନବୀୟ ଗୁଣର




ଉଦ୍ରେକ ହୋଇ ଏକ ସୁସ୍ଥ ଭାଇଚାରା ଆସିବ ବୋଲି ଜିଲ୍ଲାପାଳ ମତ ଦେବା ସହ କଲେଜର ଅଧ୍ୟାପିକାଙ୍କୁ ଶିକ୍ଷଣ ସମ୍ପର୍କୀୟ ଉପାଦେୟ ପରାମର୍ଶ ଦେଇଥିଲେ। ଯୁବ ରେଡ୍‌କ୍ରସ ବାହିନୀ ଓ ଜାତୀୟ ସେବା ସଂସ୍ଥାର ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ଏହି ରକ୍ତଦାନରେ ଆୟୋଜକ ଭାବେ ଡଃ ସୁଜାତା ଭଟ, ସୌମ୍ୟକାନ୍ତି ମିତାଶ୍ରୀ, ଅଧ୍ୟକ୍ଷ ପ୍ରଫେସର ତପନ ଦାସ, ପ୍ରଶାସନିକ ଅଧିକାରୀ ପ୍ରଫେସର ସବିତା ଦାସ, ସଂସ୍କୃତ ଅଧ୍ୟାପିକା ମିତା ମାଡାମ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

**■ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ**

## ଗୋଟିଏ ସିଲ୍, ଅନ୍ୟଟିର ହେଉଛି ଯାଞ୍ଚ

କେନ୍ଦ୍ରାପଡ଼ା,୧୭।୨(ସମିସ): ପିସି-ପିଏନ୍‌ଡିଟି ଆଇନ ଉଲ୍ଲଂଘନ ଅଭିଯୋଗକୁ ନେଇ କେନ୍ଦ୍ରାପଡ଼ା ପୌରାଞ୍ଚଳର ଦୁଇଟି ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି।



ଏହି କେନ୍ଦ୍ରଗୁଡ଼ିକରେ ସରକାରଙ୍କ ନିର୍ଦ୍ଦେଶିତ ପିସି-ପିଏନ୍‌ଡିଟି ଆଇନକୁ ପାଳନ କରାଯାଉନଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ମିଳିତ ଭାବେ ସୂର୍ଯ୍ୟ ଅଲଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ଉ କରି ସିଲ୍ କରିଥିବାବେଳେ ଲାଇଫ୍ ଲାଇନ୍ ଅଲଟ୍ରାସାଉଣ୍ଡ କେନ୍ଦ୍ରର କାଗଜପତ୍ର ଯାଞ୍ଚ ଚାଲିଛି। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ପିସି-ପିଏନ୍‌ଡିଟି ଆଇନ ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆଧାରରେ ଏହି ଚଢ଼ଉ କରାଯାଇଛି। ସୂର୍ଯ୍ୟ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଗୁରୁତର ଅନିୟମିତତା ପ୍ରକାଶ ପାଇବାରୁ ତାହାକୁ ସିଲ୍ କରାଯାଇଛି। ସେହିପରି ଲାଇଫ୍ ଲାଇନ୍ କେନ୍ଦ୍ରର କାଗଜପତ୍ର ଯାଞ୍ଚ ପରେ ଆବଶ୍ୟକ ହେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୂଚନା ମୁତାବକ, କେନ୍ଦ୍ରାପଡ଼ା ପୌରାଞ୍ଚଳରେ ବହୁ ନର୍ସିଂହୋମ୍ ସହ ଅନେକ ଅଲଟ୍ରାସାଉଣ୍ଡ କେନ୍ଦ୍ର ଚାଲୁ ରହିଛି। ମନୋରଞ୍ଜନ ପ୍ରଧାନ, ଅତିରିକ୍ତ ସିଡିଏମଓ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ଓ ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ପୂର୍ବାହ୍ନରେ ଉକ୍ତ ଦୁଇ କେନ୍ଦ୍ରରେ ପହଞ୍ଚି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଜଣେ ଡାକ୍ତର ଏକ ସମୟରେ ଉଭୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସେବା ଦେଉଥିବା ଜଣାପଡ଼ିଥିଲା। ଏଥିସହ ଅନ୍ୟାନ୍ୟ ଆଇନଗତ ନିୟମ ଉଲ୍ଲଂଘନ ହୋଇଥିବା ମଧ୍ୟ ପରିଲକ୍ଷିତ ହୋଇଥିବାରୁ ଏପରି କଡ଼ା ପଦକ୍ଷେପ ନିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଏହି ଅଚାନକ ଚଢ଼ଉ ପରେ ସହରର ଅନ୍ୟ ଅଲଟ୍ରାସାଉଣ୍ଡ କେନ୍ଦ୍ର ମଧ୍ୟରେ ଆତଙ୍କ ଦେଖାଦେଇଛି। ଆଗାମୀ ଦିନରେ ଏପରି ଯାଞ୍ଚ ଅଧିକ କଡ଼ାକଡ଼ି ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

## ମେଗା ସ୍ୱାସ୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ ଓ ତାଲିମ ଶିବିର



ରାଜକନିକା,୧୭।୨(ସମିସ): କିମ୍ସ ପକ୍ଷରୁ କାଳୀକାପୁରରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହେବ। ଆସନ୍ତା ରବିବାର ଦିନ ଆୟୋଜିତ ହେବାକୁ ଥିବା ଶିବିରରେ ୨୫ରୁ ଅଧିକ ବିଭାଗର ରୋଗର ଚିକିତ୍ସା କରାଯିବ। ଏ ନେଇ ଆଜି ଅପରାହ୍ନରେ କିମ୍ସ ଉପଦେଷ୍ଟା ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ କନିକା ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସହଯୋଗରେ ପ୍ରସ୍ତୁତି ବୈଠକ ଓ ତାଲିମ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ୨୫ରୁ ଅଧିକ ସ୍ୱାସ୍ଥ୍ୟ ସମସ୍ୟାଜନିତ ବିଭାଗର ରୋଗୀ ସେବା, ପରୀକ୍ଷଣ, ନିଦାନ ସହ ଔଷଧ ବିତରଣ କରାଯିବ ବୋଲି ଆୟୋଜକ କହିଛନ୍ତି। ଏହି ଶିବିରର ସଫଳତା ଓ ପ୍ରଚାର ପ୍ରସାର ସହ ଗାଁ ଗହଳିରୁ ଅଧିକ ରୋଗୀ ଏହି ଶିବିର ସ୍ୱାସ୍ଥ୍ୟସେବା ପାଇବାକୁ ନିବେଦନ କରାଯାଇଛି। ରାଜକନିକା ବ୍ଲକ ସଭାଗୃହରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରରେ କିମ୍ସର ଶିବିର ସଂଯୋଜକ ଡ. ହରିଶ ଚୌଧୁରୀ, କିମ୍ସ ଉପଦେଷ୍ଟା ସନ୍ତୋଷ ସାହୁ ଯୋଗଦେଇ ଶିବିରର ସଫଳତା ଦେଇ ଆଲୋଚନା କରିଥିଲେ। ଏହି ତାଲିମ ଶିବିରରେ କିମ୍ସର ମ୍ୟାନେଜର ରଘୁନାଥ ପ୍ରଧାନ, ଡେପୁଟି ଡାଇରେକ୍ଟର ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦେଇ ଶିବିରର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଏସଏନ କଲେଜ ଓ ଓଳାଭର କଲେଜର ଜାତୀୟ ସେବା ସଂସ୍ଥା, ଏନସିସି କ୍ୟାଡେଟଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କନିକା ହାଇସ୍କୁଲ ପୁରାତନ ଛାତ୍ର ସଂସଦ ସମ୍ପାଦକ ନବକିଶୋର ସୂତାର, ବରିଷ୍ଠ ନାଗରିକ ସୁରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗଙ୍ଗାଧର ଓ ଗୋପୀନାଥଙ୍କ ଶ୍ରାଦ୍ଧବାର୍ଷିକୀରେ ପାଠଚକ୍ର

ମହାକାଳପଡ଼ା,୧୭।୨(ସମିସ): ମହାକାଳପଡ଼ା ବ୍ଲକର ପ୍ରଥମ ଅଧ୍ୟକ୍ଷ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଓ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଗୋପୀନାଥ ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଦିବସ ଅବସରରେ ସ୍ୱତନ୍ତ୍ର ପାଠଚକ୍ର ଖୁରୁଷିଆର ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ କଲ୍ୟାଣ ପରିଷଦର ବରିଷ୍ଠ ସଦସ୍ୟ ନିରଞ୍ଜନ ନାୟକଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ବର୍ତ୍ତମାନ ପୃଥିବୀରେ ଶ୍ରୀଅରବିନ୍ଦଙ୍କ ଯୋଗର ଆବଶ୍ୟକତା ସମ୍ପର୍କରେ କେଶବ ଚନ୍ଦ୍ର ଦଳାଇ ସାରଗର୍ଭକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶେଖର ଭାଇ ଦୁର୍ଗା ସ୍ତୋତ୍ର ପାଠ କରିଥିବାବେଳେ ଅଧୀର ମହାପାତ୍ର ମା' ପୁସ୍ତକର ତୃତୀୟ ଅଧ୍ୟାୟ ପଠନ କରିଥିଲେ।



ବିଶ୍ୱନାଥ ମହାପାତ୍ର ଧ୍ୟାନ ଓ ପ୍ରାର୍ଥନା, ସତ୍ୟଭାମା ମହାପାତ୍ର ଚିରନ୍ତିନୀ ବ୍ୟାଖ୍ୟା କରିଥିଲେ। ସ୍ୱର୍ଗତ ଭ୍ରାତୃଦ୍ୱୟଙ୍କ ନିଷ୍ଠାପରତା, ସରଳତା ଓ ମହାନତା ସମ୍ପର୍କରେ ସମସ୍ତେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ ଦୀପ୍ତିମୟ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ବାପା ଓ ବଡ଼ବାପାଙ୍କ ପ୍ରତି କୋହଭରା କଣ୍ଠରେ ହୃଦୟସ୍ପର୍ଶୀ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଅନଙ୍ଗ ମହାପାତ୍ର ସାବିତ୍ରୀ ପଠନ କରିଥିବାବେଳେ ଜୟନ୍ତୀ ତ୍ରିପାଠୀ, ସୁଦୂର ପୁଡୁଚେରୀରୁ ଭଏସ ରେକର୍ଡିଂ ଯୋଗେ ଝିଅ ବନ୍ଦନା ମହାପାତ୍ର ମାତୃବନ୍ଦନା ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଦାସ, ରାଜକିଶୋର ସାମନ୍ତରାୟ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ପର୍ଶୁରାମ ଜେନା, ସୁଧାଂଶୁ ତରାଇ, ଶୁଭେନ୍ଦୁ ସାହାଣୀ, ଶିଶିର ପରିଡ଼ା, ପ୍ରହ୍ଲାଦ ମିଶ୍ର, ସୁଶୀଲ ରାଉତ ଓ ବିଜୟ କୁମାର ଖଟୁଆଙ୍କ ସହିତ ଶତାଧିକ ମାତୃପ୍ରେମୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପାଠଚକ୍ର ପୂର୍ବରୁ ସ୍ଥାନୀୟ ହାଇସ୍କୁଲ ପରିସରରେ ଥିବା ଗଙ୍ଗାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ନିଖୋଜ ବୃଦ୍ଧ ଆଶ୍ରମରୁ ଉଦ୍ଧାର

ପଞ୍ଚୁପାଣ୍ଡବ,୧୭।୨(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଅଭିରାମ ଦଳାଇ ୭ ଦିନ ଧରି ନିଖୋଜ ଥିବା ନେଇ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ତାଙ୍କ ସ୍ତ୍ରୀ ରବିଲତା ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ଛତିଆ ଆଶ୍ରମରେ ଥିବା ଖବର ପାଇ ପରିବାର ଲୋକେ ସୋମବାର ଘରକୁ ଆଣିଥିବା ଜଣାପଡିଛି। ନିଖୋଜ ଅଭିରାମ ସବୁଦିନ ଭଳି ୧୦ ତାରିଖ ଦିନ ୪ଟାବେଳେ କେନାଲ ବନ୍ଧକୁ ଶୌଚ ହେବାକୁ ଯାଇଥିଲେ ଓ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରି ତାଙ୍କୁ ପରିବାର ଲୋକ ପାଇ ନ ଥିଲେ। ବୃଦ୍ଧଙ୍କୁ ପାଇବା ପରେ ପରିବାର ଲୋକ ଥାନାକୁ ଜଣାଇବା ସହ 'ସକାଳ'କୁ କୃତଜ୍ଞତା ଜଣାଇଛନ୍ତି।

**● ନିର୍ମାଣାଧୀନ ପିଲରକୁ ଧକ୍କାଦେଲା ଯାତ୍ରୀବାହୀ ଡଙ୍ଗା**

## ବର୍ତ୍ତିଲେ ଯାତ୍ରୀ, ଚାଳକ ମଦ ନିଶାରେ ଥିବା ଅଭିଯୋଗ

ମହାକାଳପଡ଼ା, ୧୭।୨(ସମିସ): ମହାକାଳପଡ଼ା ବ୍ଲକ୍ ଅଧୀନସ୍ଥ ତେରଗାଁ ପଞ୍ଚାୟତର ନଦୀ ଘାଟରେ ଗୁରୁତର ଅବହେଳାର ଚିତ୍ର ଦେଖିବାକୁ ମିଳିଛି। ଏକ ଯାତ୍ରୀବାହୀ ଡଙ୍ଗା ମଝି ନଦୀରେ ନିର୍ମାଣ ଚାଲିଥିବା ପୋଲର ପିଲର ସହ ଧକ୍କା ହୋଇଥିଲା। ତେବେ ଡଙ୍ଗାରେ ଥିବା ଯାତ୍ରୀ ବର୍ତ୍ତିଯାଇଛନ୍ତି। ଡଙ୍ଗାରେ ପ୍ରାୟ ୩୦ରୁ ୪୦ ଜଣ ଯାତ୍ରୀ ଓ କିଛି ବାଇକ୍ ଥିଲା। ଡଙ୍ଗା ଚାଳକ ମଦ ନିଶାରେ ଡଙ୍ଗା ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ମଝି ନଦୀରେ ଥିବା ପିଲରକୁ ଧକ୍କା ଲାଗିବାରୁ କିଛି ସମୟ ପର୍ଯ୍ୟନ୍ତ ଡଙ୍ଗା ଅସନ୍ତୁଳିତ ହୋଇପଡ଼ିଥିଲା ଓ ଯାତ୍ରୀ ଆତଙ୍କିତ ହୋଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଡଙ୍ଗାକୁ ନଦୀ କୂଳକୁ ଆଣାଯାଇଥିଲା। ଅତିରିକ୍ତ ଯାତ୍ରୀ ଓ ଯାନବାହନ ଅଧିକ ବୋଝେଇ, ବିନା ଲାଇଫ ଜ୍ୟାକେଟେରେ ଡଙ୍ଗା ଚଳାଚଳ ସହ ଡଙ୍ଗା ଚାଳକ ଓ ଡଙ୍ଗାର ଲାଇସେନ୍ସ ନାହିଁ। ତେଣୁ ନଦୀ ଘାଟରେ ଯାତ୍ରୀ ସୁରକ୍ଷା ପାଇଁ କଡ଼ା ନିୟମ ଲାଗୁ କରାଯାଉ। ମଦପାନ କରି ଡଙ୍ଗା ଚଳାଉଥିବା ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ ଓ ଅତିରିକ୍ତ ବୋଝ ବହନରେ ପ୍ରତିବନ୍ଧ ଲଗାଯିବାକୁ ଦାବି ହେଉଛି।

## ଦମନ ମହାନ୍ତିଙ୍କୁ 'ଗାଁ ପୁଅ' ସମ୍ମାନ

ମହାକାଳପଡ଼ା,୧୭।୨(ସମିସ): ସେବାକୁ ବ୍ରତ ଭାବେ ଗ୍ରହଣ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତିଙ୍କୁ "ଗାଁ



ପୁଅ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସୁଦୂର କୋରାପୁଟ ହେଉ ଅବା ରାଜଧାନୀ ଭୁବନେଶ୍ୱର ଶ୍ରୀଜଗନ୍ନାଥ ଅନୁଷ୍ଠାନ ତାହାର ସେବା କାର୍ଯ୍ୟ ଜାରି ରଖିଛି। ସଭାପତି ଦମନ ମହାନ୍ତି ନିରନ୍ତର ଭାବେ ସେବା ମନୋଭାବରେ ବ୍ରତୀ ହୋଇ ମହାନ କାର୍ଯ୍ୟ ଜାରି ରଖିଛନ୍ତି। ଜାଗର ମହୋତ୍ସବ ଅବସରରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତିଙ୍କୁ "ଗାଁ ପୁଅ' ସମ୍ମାନରେ ସମ୍ମାନିତ କରାଯାଇଛି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଯଦୁପୁର ନିକଟସ୍ଥ ଗୋପୀନାଥପୁର ଶାସନର ଗୋଷ୍ପେଶ୍ୱର ପୀଠରେ ଜାଗର ମହୋତ୍ସବରେ ଗୋପୀନାଥପୁର ଶାସନର ବୟସ୍କ ପୁରୋହିତ ଦୁର୍ଗାଚରଣ ମହାପାତ୍ର, ଗୋଷ୍ପେଶ୍ୱର ପୀଠ ପରିଚାଳକ ବିଷ୍ଣୁଚରଣ ମହାପାତ୍ର, ପ୍ରାକ୍ତନ ଅଧ୍ୟାପକ ଇନ୍ଦ୍ରମଣି ନାୟକ, ପ୍ରାଧ୍ୟାପକ ଡକ୍ଟର ବିପିନ ବିହାରୀ ଦାଶ ଓ ଶିକ୍ଷକ ପ୍ରଭଞ୍ଜନ ଦାଶ ଶ୍ରୀ ମହାନ୍ତିଙ୍କୁ ସମ୍ମାନିତ କରିଥିଲେ।

## ପୂର୍ବତନ ସମିତିସଭ୍ୟଙ୍କ ମାତୃବିୟୋଗ

ଡେରାବିଶ,୧୭।୨(ସମିସ): ଇନ୍ଦାଳୋ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟଙ୍କ ମାତା ସୁଷମାରାଣୀ ସାମନ୍ତରାୟ (୭୮)ଙ୍କ ଗତକାଲି ରାତିରେ ମସ୍ତିଷ୍କାଘାତ ଯୋଗୁ ମୃତ୍ୟୁ ହୋଇଛି। ସୁଷମା ବିଦ୍ୟୁତ୍ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ଗତକିଛି ଦିନ ହେବ ମସ୍ତିଷ୍କାଘାତରେ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର



ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ସୁଜିତ ମୁଖାଗ୍ନି ଦେଇଥିଲେ।

## ବିଷ୍ଣୁଚରଣ ପାଣିଙ୍କ ଶ୍ରଦ୍ଧାଞ୍ଜଳି ସଭା

ଗରଦପୁର,୧୭।୨(ସମିସ): ଗରଦପୁର ଗ୍ରାମର ବିଷ୍ଣୁଚରଣ ପାଣିଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ପ୍ରକୃତି ବନ୍ଧୁ



ଦ୍ୱାରିକା ନାଥ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ରମାକାନ୍ତ ପାଣି, ଗୀତିକବି କୁଞ୍ଜ ବିହାରୀ ପାଣି, ସାମ୍ବାଦିକ ଦେବଦତ୍ତ ଦାଶ, ସାମ୍ବାଦିକ ନବଘନ ନାୟକ, ଶିଶିର ପରିଡା, ଅଧ୍ୟାପକ ମନୋରଞ୍ଜନ ଦାସ, ଭଗବାନ ବାରିକ, ପତଞ୍ଜଳି ସଭାପତି ବିଭୁ ପ୍ରସାଦ ଦାସ, ପଣ୍ଡିତ ପ୍ରତାପ ତ୍ରିପାଠୀ, ମେଜର ଭରତ ଜେନା, ଅଭିରାମ ଲେଙ୍କା, ବିଜୟ ତ୍ରିପାଠୀ, ନରୋତ୍ତମ ପରିଡା, ନିହାର ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କନକଲତା କଣ୍ଡ, ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୀତାକାନ୍ତ ନାୟକ, କବି ସିଦ୍ଧାର୍ଥ ଶଙ୍କର ରାୟ, ନବାବ ପଣ୍ଡା ଓ ସସ୍ମିତା ପାଣି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାଣିଙ୍କ ପୁତ୍ର ରବୀନ୍ଦ୍ର ପାଣି, ଦେବ କୁମାର ପାଣି, ସୁରେନ୍ଦ୍ର ପାଣି ଓ କନ୍ୟା ନିରୁପମା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଡେରାବିଶ, ୧୭।୨(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମସ୍ଥ ପ୍ରଭୁ ସ୍ୱପ୍ନେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ସପ୍ତାହରେ ମନ୍ଦିର ପ୍ରତିଷ୍ଠାର କଳସଯାତ୍ରା, ଘଟସ୍ଥାପନ ଓ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ପରେ ପବିତ୍ର ଜାଗର ଅମାବାସ୍ୟା ଦିନ ଜାଗର ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା। ଏ ଅବସରରେ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ପ୍ରଫୁଲ୍ଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମନ୍ଦିରର ଅଗ୍ରଭାଗରେ ମହାଦୀପ ସ୍ଥାପନ କରାଯାଇଥିଲା। ସୁଦର୍ଶନ ଘଡ଼େଇ, ଦିଲ୍ଲୀପ ପୃଷ୍ଟି, ଅମରେନ୍ଦ୍ର ପଣ୍ଡା, ରବିନ୍ଦ୍ର ପଣ୍ଡା, ଦୀପ୍ତିରଞ୍ଜନ ସ୍ୱାଇଁ, ସୁବାସ ଖଟୁଆ, ନିହାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାତନା ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୧୭।୨(ସମିସ): ପୌରପରିଷଦ ଅନ୍ତର୍ଗତ ୧୮ ନଂ ୱାର୍ଡ ତାତନା ଗ୍ରାମର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ, ମୁଖ୍ୟବକ୍ତା ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁନିତୀ ଦାଶ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଳା ସାମଲ, ସିଆରସିସି ସଙ୍ଘମିତ୍ରା ନାୟକ, ସମାଜସେବୀ ମାନସ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରିୟରଞ୍ଜନ ମଲ୍ଲିକ, କମିଟି ସଭ୍ୟ କେଶବ ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଆରତୀ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଅସନ୍ତୋଷ**

## ଓସ୍ତପୁର ସୋସାଇଟିରେ ତାଲା ପକାଇଲେ ଚାଷୀ

କେନ୍ଦ୍ରାପଡ଼ା,୧୭।୨(ସମିସ)

ଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥାକୁ ନେଇ କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁର ସୋସାଇଟିରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଟୋକନ୍ ଅବଧି ସମାପ୍ତି ସମୟ ସରିଆସୁଥିବା ସତ୍ତ୍ୱେ ଚାଷୀଙ୍କ ଧାନ ମଣ୍ଡିରୁ ଉଠୁନାହିଁ। ଏହାକୁ ନେଇ ଅସନ୍ତୁଷ୍ଟ ଚାଷୀ ଆଜି ଉତ୍ତ୍ୟକ୍ତ ହୋଇ ସୋସାଇଟି କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସୂଚନା ମୁତାବକ, ଅନେକ ଚାଷୀ ଜାନୁଆରୀ ମାସରୁ ଧାନ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଉଠାଯାଇନାହିଁ। ଚାଷୀ ସରୋଜ ରଞ୍ଜନ ଜେନା ଅଭିଯୋଗ କରି କହିଛନ୍ତି ଯେ, ସେ ଜାନୁଆରୀ ୨୪ ତାରିଖରେ ଧାନ ଦେଇଥିଲେ। ଏପର୍ଯ୍ୟନ୍ତ ଧାନ ଉଠୁନାହିଁ। ତାଙ୍କ ପରବର୍ତ୍ତୀ ଟୋକନ୍ ଥିବା ଚାଷୀଙ୍କ ଧାନ ଉଠିଯାଇଥିବା ସତ୍ତ୍ୱେ ତାଙ୍କୁ ପୁଣି ଅପେକ୍ଷା କରିବାକୁ କୁହାଯାଉଛି। ଅନ୍ୟଜଣେ ଚାଷୀ ଅରକ୍ଷିତ ଜେନା କହିଛନ୍ତି ଯେ, ସେ ମାତ୍ର ଦୁଇ ଏକର ଜମିରେ ଚାଷ କରିଥିବା ଏକ ଛୋଟ ଚାଷୀ। ଧାନ ଦେବା ପାଇଁ ବାରମ୍ବାର ସୋସାଇଟିକୁ ଯାଇ ନିରାଶ ହେବା ପରେ ସେମାନେ ବାଧ୍ୟ ହୋଇ ତାଲା ପକାଇଛନ୍ତି। ଶୀଘ୍ର ଧାନ ଉଠାଣ ନ ହେଲେ ଆଗାମୀ ଦିନରେ ଆମରଣ ଅନଶନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ସୋସାଇଟି ସଭାପତି ପ୍ରଦ୍ୟୁମ୍ନ ଜେନା ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ପ୍ରକୃତ ଚାଷୀ ନୁହଁନ୍ତି, କିଛି ଅସାମାଜିକ ବ୍ୟକ୍ତି କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଏହାଦ୍ୱାରା ଅନ୍ୟ ଚାଷୀଙ୍କ ଧାନ କ୍ରୟ ପ୍ରକ୍ରିୟା, ଆଇରିସ୍ ସ୍କାନ୍ ଓ ଟଙ୍କା ଲେଣଦେଣ ବାଧାପ୍ରାପ୍ତ ହେଉଛି। ସୋସାଇଟି ସମ୍ପାଦକ ପ୍ରେମାଞ୍ଜନ ସାହୁ ମଧ୍ୟ ସଦର ଥାନାରେ ଏତଲା ଦେଇ ତାଲା ପକାଇଥିବା ବ୍ୟକ୍ତିଙ୍କୁ ଅସାମାଜିକ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି, ସେମାନେ କର୍ମଚାରୀଙ୍କୁ ଧମକ ଦେଇଥିବା ସହ ଅଶୋଭନୀୟ ବ୍ୟବହାର କରିଛନ୍ତି। ତେଣୁ ସିସିଟିଭି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପୁଲିସକୁ ଅନୁରୋଧ କରିଛନ୍ତି। ଧାନ କ୍ରୟ ପ୍ରକ୍ରିୟାରେ ଏଭଳି ଅବ୍ୟବସ୍ଥା ଚାଷୀଙ୍କ ଜୀବିକାକୁ ପ୍ରଭାବିତ କରୁଥିବାବେଳେ ପ୍ରଶାସନ ତତ୍କାଳ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଚାଷୀ ଦାବି କରିଛନ୍ତି। ବର୍ତ୍ତମାନ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

**ପାନୀୟ ଜଳ ଯୋଗାଣ ବନ୍ଦ**

# ରାସ୍ତା ଅବରୋଧ କଲେ ଶତାଧିକ ମହିଳା

ପରଜଙ୍ଗ,୧୭ ।୨(ସମିସ)



ପରଜଙ୍ଗ ବ୍ଲକ ବଡଝରା ଗ୍ରାମ ଅନୁସୂଚିତ ଜାତି ସାହିରେ ୧୦ ଦିନ ଧରି ପାଇପ ଯୋଗେ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଅଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ସୁବ୍ୟବସ୍ଥା ହୋଇନଥିବା ପ୍ରତିବାଦରେ ମଙ୍ଗଳବାର ବଡଝରା ଗ୍ରାମ ୫୩ ନଂ ଜାତୀୟ ରାଜପଥକୁ ଶତାଧିକ ମହିଳା ଅବରୋଧ କରିଥିଲେ । ଘଟଣାସ୍ଥଳରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା,ପରଜଙ୍ଗ ପୁଲିସ, ପାନୀୟ ଜଳ ଯୋଗାଣ ବ୍ଲକର କନିଷ୍ଠ ଯନ୍ତ୍ରୀ ସସ୍ମିତା ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଯଥାଶୀଘ୍ର ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଏ ନେଇ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ସେଠୀ କୁହନ୍ତି କି ପାଣି ଟ୍ୟାଙ୍କି ଠାରୁ ଏହି ସାହିକୁ ଯାଇଥିବା ପାଇପ ନଷ୍ଟ ହୋଇଥିବା ବେଳେ ଦୁଇ ଦୁଇ ଥର ମରାମତି କରାଯାଇଥିଲା । ସେଥିପାଇଁ ପାଇପ ଯୋଗେ ପାଣି ଯାଉ ନଥିଲା ପୁନର୍ବାର ନୂଆ ପାଇପ ଲାଇନ ପକାଯାଇ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ।

# ମୁରବିହୀନ ଆଇଜିଆଇଟି ଅନୁଷ୍ଠାନ




**ସପ୍ତାହ ପରେ ବି ନିର୍ଦ୍ଦେଶକ ପଦ ଖାଲି**

ପରଜଙ୍ଗ,୧୭ ।୨(ସମିସ): ଶିକ୍ଷା ଅନୁଷ୍ଠାନ କ୍ଷେତ୍ରରେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ନିଜର ଗାରିମା ବଜାୟ ରଖିଆସୁଥିବା ପରଜଙ୍ଗ ବ୍ଲକ୍ ସରାଙ୍ଗ ଗ୍ରାମସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ ଏକ ସପ୍ତାହ ହେବ ମୁରବୀ ଶୂନ୍ୟ ହୋଇଛି । ଏଥିପ୍ରତି ଜିଲ୍ଲାପାଳ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଦୃଷ୍ଟି ଦେଉନଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଗତ ମାସ ୩୧ ତାରିଖରେ ଅନୁଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବରିଷ୍ଠ ପ୍ରାଧ୍ୟାପକ ବିଦ୍ୟାଧର ସାହୁଙ୍କ କାର୍ଯ୍ୟକାଳ ସମୟସୀମା ଶେଷ ହୋଇଥିଲା । ଇତି ମଧ୍ୟରେ ଏକ ସପ୍ତାହ ବିତିଯାଇଥିଲେ ବି ଅନୁଷ୍ଠାନର ନିର୍ଦ୍ଦେଶକ ପଦବୀ ଶୂନ୍ୟସ୍ଥାନ ହୋଇ ପଡ଼ିରହିଛି । ଯାହାକି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉବା କାର୍ଯ୍ୟାଳୟ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ପଡ଼ିଛି । ଅନୁଷ୍ଠାନର ପରିଚାଳନା ନିୟମାବଳୀକୁ ଦେଖାଗଲେ ଅଧ୍ୟକ୍ଷ ଭାବରେ ରାଜ୍ୟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ପୂର୍ବରୁ ରହିଥିବା ବେଳେ ସ୍ଥାନୀୟ ବିଧାୟକ, ରାଜ୍ୟ ସରକାରଙ୍କ ଅର୍ଥ ସଚିବ, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ସଚିବ ସଭ୍ୟ ଭାବରେ ରହୁଥିଲେ । ମାତ୍ର ବିଗତ ସରକାର ସମୟରେ ୨୦୧୦ ମସିହା ବେଳକୁ ନିର୍ଦ୍ଦେଶକ ପଦବୀ ନେଇ ବିଜ୍ଞପ୍ତି ପ୍ରକାଶ ପାଉଥିଲା । କାର୍ଯ୍ୟକାଳ ତିନି ବର୍ଷ ଧାର୍ଯ୍ୟ ରହିଥିବା ବେଳେ ଆବେଦନକାରୀଙ୍କ ଅଭିଜ୍ଞତା ପାରିପାର୍ଶ୍ୱିକ ପରିସ୍ଥିତି ଅନୁସାରେ ନିଯୁକ୍ତି କରାଯାଉଥିଲା । ପୂର୍ବ ସରକାରଙ୍କ ସମୟରେ ତତ୍କାଳୀନ ଅନୁଷ୍ଠାନର ନିର୍ଦ୍ଦେଶକ ପାଖାପାଖି ସାତ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡି ବସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ହୋଇନଥିଲା । ରାଜ୍ୟରେ ନୂଆ ସରକାର ଆସିବା ପରେ ନିର୍ଦ୍ଦେଶକଙ୍କ ନିଯୁକ୍ତି ଏବଂ ଦୀର୍ଘକାଳୀନ ପଦବୀର ଅପବ୍ୟବହାର ହୋଇଥିବା ନେଇ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ବିଧାନସଭାରେ ଉପସ୍ଥାପନ କରିଥିଲେ । ଅନୁଷ୍ଠାନରେ ନିର୍ଦ୍ଦେଶକ ଭାବରେ ଶ୍ରୀ ସାହୁ ନିଯୁକ୍ତି ପାଇଥିଲେ । କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ଅଧିନିୟମ ରହିଛି । କିନ୍ତୁ ପରିଚାଳନା କମିଟିରେ ଅଧ୍ୟକ୍ଷ, ସଦସ୍ୟ ସଂଗଠିତ ପୂର୍ବ ସରକାରଙ୍କ ପକ୍ଷରୁ ଦୃଷ୍ଟି ଦେଇନଥିବା ଯୋଗୁଁ ଆଛି ଏହିପରି ପରିସ୍ଥିତି ଉପୁଜିଛି ବୋଲି ଅଭିଯୋଗ ହୋଇଛି । ସେହିପରି ଭାବରେ ରାଜ୍ୟରେ ଏକାସାଙ୍ଗରେ ଦୁଇଟି ବୈଷୟିକ ଅନୁଷ୍ଠାନ ଗଢିଉଠିଥିଲା ଗୋଟିଏ ଅନୁଷ୍ଠାନ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପାଇଥିଲେ ବି ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ କୁ ଅଣଦେଖା ସରକାର କହିଛନ୍ତି ବୋଲି ପୂର୍ବତନ ଛାତ୍ର ସଂଗଠନ, ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସେହିପରି ଭାବରେ ଅନୁଷ୍ଠାନରେ କୂଳ ସଚିବ ଭାବେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି ର ରହିଥିବା ବେଳେ ଏହାକୁ ଜଣେ ପ୍ରାଧ୍ୟାପକ ସମ୍ଭାଳୁଥିବା ଜଣାପଡ଼ିଛି । ଉକ୍ତ ଶିକ୍ଷାନୁଷ୍ଠାନ ବହୁ ପୁରାତନ ଏଠାରୁ ବହୁ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରି ରାଜ୍ୟ,ଦେଶ ଓ ବିଦେଶରେ ମଧ୍ୟ ବେଶ ସୁନାମ ଅର୍ଜନ କରିଛନ୍ତି । ଏହି ଅନୁଷ୍ଠାନକୁ ବୈମାତୃକ ମନୋଭାବ ଯୋଗୁଁ ଆଜି ବହୁ ଅବହେଳିତ ହୋଇ ପଡିରହିଛି । ଏଥିପ୍ରତି ନୂଆ କରି ଆସିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପରିଚାଳନା କମିଟିର ନିୟମ ବଳବତ୍ତର କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପଲିଥିନ ଯାଞ୍ଚ, ଜରିମାନା ଆଦାୟ

ଢେଙ୍କାନାଳ,୧୭ ।୨(ସମିସ): ଢେଙ୍କାନାଳ ସହରରେ ବ୍ୟାପକ ପଲିଥାନ କାରବାରକୁ ନେଇ କେନ୍ଦ୍ରୀୟ ଟିମ୍ ପକ୍ଷରୁ ସହରର ବିଭିନ୍ନ ଦୋକାନ ଯାଞ୍ଚ କରାଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଅନୁଗୋଳ ଆସିଷ୍ଟାଣ୍ଟ ଇନଭର୍ଣ୍ଣମେଣ୍ଟାଲ ଇଞ୍ଜିନିୟର ବବି ବେହେରାଙ୍କ ସହିତ ମ୍ୟୁନିସପାଲଟିର କର୍ମଚାରୀଙ୍କ ସହାୟତାରେ ଯାଞ୍ଚ କରାଯାଇ ୨୧ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହା ସହିତ ବିଭିନ୍ନ ଦୋକାନରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ ପାଇଁ ସଚେତନ କରାଯାଇଥିଲା । ଏହି ଚଢ଼ଉ ପ୍ରତି ମାସରେ ୨ ଥର କରାଯିବ ବୋଲି ଜଣାପଡ଼ିଛି । ୧୨୦ ମାଇକ୍ରୋନରୁ କମ୍ ପଲିଥିନର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି ।

## ସାପ୍ତାହିକ ହାଟର ଶୁଭାରମ୍ଭ



ଗଁଦିଆ,୧୭ ।୨(ସମିସ): ସଦର ବ୍ଲକ ସପ୍ତଶଯ୍ୟା ଗ୍ରାମ ପଞ୍ଚାୟତର ପାତ୍ରଭାଗ ଗ୍ରାମରେ ଏକ ସାପ୍ତାହିକ ହାଟର ଶୁଭାରମ୍ଭ ହୋଇଛି । ସପ୍ତଶଯ୍ୟା ଗ୍ରାମ ପଞ୍ଚାୟତ, ଏଫଇଏସ୍, ଓଏଲଏମ, ଉଦ୍ୟାନ କୃଷି ଓ କୃଷି ବିଭାଗର ମିଳିତ ଉଦ୍ୟମରେ ଏହି ହାଟ ଆରମ୍ଭ କରାଯାଇଛି । ଉଦ୍‌ଘାଟନ ସମାରୋହରେ ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଚିବ ବିଷ୍ଣୁ ପ୍ରସାଦ ଲେଙ୍କା, ମଣ୍ଡଳ ସଭାପତି ସୁଶୀଲ କୁମାର ରାଉତ, ସମିତି ସଭ୍ୟ ଲକ୍ଷ୍ମଣ ଟୁଡୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ସାହୁ, ସରପଞ୍ଚ ଅଭିମନ୍ୟୁ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ଗାୟତ୍ରୀ ପାଣି, ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଉଦ୍ୟାନ କୃଷି ଅଧ୍ୟକ୍ଷ ଦେବୀ ପ୍ରସାଦ ରାଉତରାୟ, ଇଞ୍ଜିନିୟର ଆଶୁତୋଷ ବେହେରା, ଓଏଲ୍‌ଏମ୍‌ର ଡିପିଏମ ସତ୍ୟଭାମା ଓ ଏଫଇଏସ୍‌ର କର୍ମକର୍ତ୍ତା ପ୍ରଣବ ନାରାୟଣ ନାୟକ, ପଙ୍କଜ କୁମାର ସାହୁ, ଆନନ୍ଦ ବର୍ଦ୍ଧନ ଶତପଥୀ ଓ ଆରତୀ ମହାଭୋଇ ଯୋଗ ଦେଇଥିଲେ । ହାଟରେ ୩୫ ପ୍ରକାରର ପନି ପରିବା ବିକ୍ରୟ ପାଇଁ ୫୨ ଜଣ ଚାଷୀ ଯୋଗ ଦେଇଥିଲେ । ଏଥିସହ ଓଏଲଏମ୍ ଓ ଏଫଇଏସ୍‌ର ସହଯୋଗରେ ଦୁଇଟି ଜୈବିକ ଉତ୍ପାଦ କେନ୍ଦ୍ର ଆରମ୍ଭ କରାଯାଇଥିଲା । ଯେଉଁଠାରେ ୩୦ ଜଣ ମହିଳା ଚାଷୀ ନିଜ ଉତ୍ପାଦ ବିକ୍ରୟ କରିଥିଲେ । ମହିଳା ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ଏଫଇଏସ ପକ୍ଷରୁ ଦୁଇ ଗୋଟି ଇଲେକ୍ଟ୍ରୋନିକ ଓଜନ ମେସିନ୍ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ପ୍ରଥମ ଦିନରେ ୫ ଘଣ୍ଟା ଧରି ଚାଲିଥିବା ଏହି ହାଟରୁ ସର୍ବମୋଟ ୪୫,୪୭୦ ଟଙ୍କାର ବ୍ୟବସାୟ ହୋଇଥିଲା । ପୂର୍ବରୁ ଏହି ଅଞ୍ଚଳରେ ହାଟ ନଥିବାରୁ ଲୋକମାନେ ୮ କିଲୋମିଟର ଦୂରକୁ ଯାଇ ପନି ପରିବା କିଣୁଥିଲେ । ଚାଷୀମାନେ ମଧ୍ୟ ନିଜ ଉତ୍ପାଦ ଦ୍ରବ୍ୟକୁ କମ୍ ମୂଲ୍ୟରେ ବିକ୍ରୟ କରିବାକୁ ବାଧ ହେଉଥିଲେ । ଏହି ହାଟ ଆରମ୍ଭ ହେବା ପରେ ସମସ୍ତେ ଲାଭାନ୍ୱିତ ହୋଇଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଣେ ସଫଳ ମହିଳା ଚାଷୀ ବିଳାସିନୀ ନାଏକଙ୍କୁ ସମ୍ମାନିତ କରାଯାଇଥିଲା ।

## ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେବ କେନ୍ଦୁପତ୍ର କର୍ମଚାରୀ ସଂଘ



କଙ୍କଡାହାଡ଼,୧୭ ।୨(ସମିସ): ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନିଆ ଧାରଣା ଦେବ କେନ୍ଦୁପତ୍ର କର୍ମଚାରୀ ସଂଘ । କେନ୍ଦୁଝର କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ମହାବିରୋଡ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ମହାବିରୋଡ ଗ୍ରାମ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ କେନ୍ଦୁପତ୍ର କର୍ମଚାରୀ ସଙ୍ଘର ବୈଠକ ଅନୁଷ୍ଠିତ ହୋଇଥିଲା । ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁଝର ଡିଭିଜନ ଯୁଗ୍ମ ସମ୍ପାଦକ ତଥା ମହାବିରୋଡ ରେଞ୍ଜ ସାମ୍ପାଦକ ଦିବ୍ୟସିଂହ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏ ସମ୍ପର୍କିତ ଆଲୋଚନା କରାଯାଇଥିଲା । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଙ୍ଘ ଡାକରାରେ ୧୭ ଦଫା ଦାବିପତ୍ର ନେଇ ଚଳିତ ମାସ ୨୦,୨୧ ଦୁଇ ଦିନ ଧରି ମହାବିରୋଡ ରେଞ୍ଜ କାର୍ଯ୍ୟାଳୟ ଠାରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଆନ୍ଦୋଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ରାଜ୍ୟ ସରକାର କର୍ମଚାରୀ ସଂଘର ଦାବି ପୂରଣ କରିବାରେ ବିଫଳ ହେଲେ ଚଳିତ ମାସ ୨୭ ତାରିଖରେ ରାଜରାସ୍ତା ଅବରୋଧ କରାଯାଇ ଆନ୍ଦୋଳନ କରାଯିବା ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବୈଠକରେ କର୍ମଚାରୀ ସଙ୍ଘ କୋଷାଧ୍ୟକ୍ଷ ନରହରି ହାତୀ, ସର୍କଲ ଚେକର ବିନୟ ସିଂହ, ଦିଲ୍ଲୀପ ମହାନ୍ତ, ସୁଶାନ୍ତ ନାୟକ, ଚେକର ଦିଲ୍ଲୀପ କୁମାର ଦେହୁରୀ, ବିଭୂତି ସାହୁ, ବସନ୍ତ ସାହୁ, ଅରୁଣ ଦାସ, ଭାବଗ୍ରାହୀ ଦାସ, ମୁନ୍‌ସୀ ଦେବାନନ୍ଦ ସାହୁ, ବିରଞ୍ଚି ସାହୁ, ନରେନ୍ଦ୍ର ବିଶ୍ୱାଳ, ଲିପୁନ ସାହୁ, ଉଦ୍ଧବ ସାହୁ, ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ମୁନସୀ, ଫଡି ସାଥି ଓ ଚପରାଶିମାନେ ଯୋଗ ଦେଇଥିଲେ ।

## ମାଟିଗଦା ଉଚ୍ଛେଦ ନେଇ ତହସିଲଦାରଙ୍କ କ୍ଷେତ୍ର ପରିଦର୍ଶନ



ପରଜଙ୍ଗ,୧୭ ।୨(ସମିସ): ୫୩ ନମ୍ବର ଜାତୀୟ ରାଜପଥ ହାତୀଲୁଚାଣି ଛକ ନିକଟସ୍ଥ ଘୋଡାଡିଆଁ ନାଳ ଉପରେ ପୋଲ ନିର୍ମାଣ ଏକ ମାସ ହେବ ସରିଥିଲେ ମଧ୍ୟ ଗୋଟିଏ ପାର୍ଶ୍ୱରେ ମାଟି ଗଦା କରି ଅବରୋଧ କରାଯାଇଥିବାରୁ ପୁରୁଣା ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି । ଦୈନନ୍ଦିନ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟିବାରୁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ଅବଗତ କରାଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଥାନା ଅଧିକାରୀ ଧୀରେନ କୁମାର ବେହେରା, ରାଜପଥ ନିର୍ମାଣରେ କାର୍ଯ୍ୟରତ ଠିକା ସଂସ୍ଥା ଅଧିକାରୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ସମୀକ୍ଷା କରିଥିଲେ । ପରଜଙ୍ଗ ବଜାର ଠାରୁ ହାତୀଲୁଚାଣୀ ଛକ ପର୍ଯ୍ୟନ୍ତ ପୂର୍ବ ରାସ୍ତାଟି ରାଜପଥ କୁ ସଂଯୋଗ କରୁଥିବା ବେଳେ ନୂଆ ରାଜପଥ ପାର୍ଶ୍ୱ ରାସ୍ତା ସାଙ୍ଗକୁ ବର୍ଷା ଜଳ ନିଷ୍କାସନ ନିମନ୍ତେ ନର୍ଦ୍ଦମା ଜାତୀୟ ରାଜପଥ କର୍ତ୍ତୃପକ୍ଷ କରିନଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକି ଆସନ୍ତା ସାତ ଦିନ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ ରାଜପଥ ଅବରୋଧ କରିବା ପାଇଁ ସ୍ଥାନୀୟ ସୁବ୍ରତ ପରିଡା,ମୋନଜ ଦଳବେହେରା, ଅନ୍ତର୍ଯ୍ୟାମୀ ନାୟକ, ଦୁର୍ଗା ଚରଣ ପାତ୍ର ଲିଖିତ ଭାବେ ତହସିଲ ଓ ପୁଲିସ ପ୍ରଶାସନକୁ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଦୁଇ ଦିନ ମଧ୍ୟରେ ରାଜପଥରେ ଥିବା ଉଚ୍ଚ ସମ୍ପନ୍ନ ଲାଇଟ୍ କୁ କାର୍ଯ୍ୟକାରୀ କରିବା ସହିତ ରାସ୍ତା ର ଉଭୟ ପାର୍ଶ୍ୱରେ ଦ୍ରୁତଗତିରେ ରୋକ ଲଗାଇବା ପାଇଁ ବ୍ୟବସ୍ଥା କରାଯାଇ ରାସ୍ତାରୁ ମାଟି ଉଠାଇ ଗାଡ଼ି ଚଳାଚଳ ହେବ ବୋଲି ତ୍ରିପାକ୍ଷିକ ଆଲୋଚନା କରିଥିଲେ ।

**● ସରୁନି ସ୍କୁଲ ଘର କାମ**

## ପଡ଼ିଆରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ଛାତ୍ରଛାତ୍ରୀ



ଗଁଦିଆ,୧୭ ।୨(ସମିସ): ଆଦିବାସୀ ଅଧ୍ୟୁଷିତ ଗାଁ ଦଣ୍ଡେଇ ବେରେଣୀରେ ୧୯୭୮ ମସିହାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଦୀର୍ଘ ଦିନ ପରେ ନୂତନ ଭାବରେ ନିର୍ମାଣ ହେଉଛି ଶ୍ରେଣୀ ଗୃହ । ପ୍ରାୟ ଏକ ବର୍ଷ ହେଲାଣି ନିର୍ମାଣ ଚାଲିଛି । ମାତ୍ର ଛାତ ପଡ଼ିବା ପରେ ଆଉ କାମ ଆଗଉନି । ପଲସ୍ତରା ବି ହୋଇପାରିନାହିଁ । ଫଳରେ ଶିଶୁ ବଟିକାଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ୬୬ ଜଣ ବିଦ୍ୟାର୍ଥୀ ଏବେ ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ହଇରାଣ ହେଉଛନ୍ତି । ଖାଇବା ପାଇଁ ବାରଣ୍ଡା କି ପଢ଼ିବା ପାଇଁ ଶ୍ରେଣୀ ଗୃହ ନଥିବାରୁ ବାଧ ହୋଇ ଖୋଲା ଆକାଶ ତଳେ ପିଲାଏ ମଧ୍ୟାହ୍ନ ଭୋଜନ ଖାଉଛନ୍ତି । ଦଣ୍ଡେଇ ବେରେଣୀ ଗ୍ରାମଟି ଆଦିବାସୀ ବହୁଳ ହୋଇଥିବାବେଳେ ଏହା ପ୍ରଥମେ ଗଁଦିଆ ଓ ପରେ ପୋରୁହଖୋଜ ଗ୍ରାମ ପଞ୍ଚାୟତରେ ଥିଲା । ୨୨ ଜାନୁଆରୀ ୨୦୨୫ରେ ରାଜ୍ୟ ସରକାର ଗଁଦିଆକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କଲେ । ତେଣୁ ଏବେ ସ୍କୁଲ ଘରର କାର୍ଯ୍ୟ ବ୍ଲକ ପ୍ରଶାସନ ନା ନୂତନ ଏନ୍‌ଏସି ପ୍ରଶାସନ କରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ଭୋଇଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କୁହନ୍ତି ଆମେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଛୁ ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ଭୁବନ,୧୭ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ଅନ୍ତର୍ଗତ ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ଗୋଠଛଡ଼ା ଦନ୍ତାର ଉପଦ୍ରବ ଦେଖିବାକୁ ମିଳିଛି । ଦଶ ଦିନ ପୂର୍ବରୁ ଦନ୍ତାଟି ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରହିଛି । ହାତୀଟି ଗଡ଼ନୃସିଂହପ୍ରସାଦ ଗ୍ରାମ ନିକଟରେ ଥିବାବେଳେ ବନବିଭାଗ ଲୋକମାନଙ୍କୁ ହାତୀ ନିକଟକୁ ନ ଯିବାକୁ ବାରଣ କରିଥିଲେ ।



ମାତ୍ର ଗଡ଼ନୃସିଂହ ପ୍ରସାଦ ଗ୍ରାମର କାଳିଆ ବେହେରା ବନବିଭାଗ କର୍ମଚାରୀଙ୍କ କଥାକୁ ଅମାନ୍ୟ କରି ଦେଖିବା ପାଇଁ ହାତୀ ନିକଟକୁ ଚାଲିଯାଇଥିଲା । ହଠାତ ହାତୀଟି ଆକ୍ରମଣ କରିଥିଲା । କାଳିଆ ବେହେରାକୁ ଶୁଣ୍ଢରେ ଟେକି ପେଟରେ ଗୋଡ଼ ପକେଇ ଚାପି ଦେଇଥିଲା । ବନବିଭାଗ କର୍ମଚାରୀଙ୍କ ଉପସ୍ଥିତି ବୃଦ୍ଧି ଯୋଗୁଁ ହାତୀ ଗୁରୁତର କାଳିଆକୁ ଛାଡ଼ି ପଳାଇଥିଲା । ଗୁରୁତର କାଳଆ ବେହେରାଙ୍କୁ ଭୁବନ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତର କାଳୀଆ ବେହେରାଙ୍କ ଅନ୍ତବୁଜୁଳା ବାହାରିଯାଇଥିବାବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି । ଏହା ପୂର୍ବରୁ ଡେଙ୍ଗାବାହାଳୀ ଗ୍ରାମର ଧନେଶ୍ୱର କାଣ୍ଡି ଶୌଚ ହେବାକୁ ଯାଉଥିବା ସମୟରେ ଦନ୍ତା ହାବୁଡରେ ପଡ଼ିଯାଇଥିଲେ । ଦନ୍ତାଟି ଧନେଶ୍ୱରଙ୍କୁ ଶୁଣ୍ଢରେ ଟାଣି ଆଣିବା ସମୟରେ ବିଲ ହୁଡା ଯୋଗୁଁ ଜୀବନ ବଞ୍ଚିଯାଇଥିଲା । ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଧନେଶ୍ୱରଙ୍କୁ ଭୁବନ ମେଡିକାଲକୁ ପଠାଇ ହାତୀଟିକୁ ଘଉଡ଼ାଇଥିଲେ । ଧନେଶ୍ୱର ଭୁବନରେ ଚିକିତ୍ସା ହେଉଥିବା ବେଳେ କାଳିଆକୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି । ଗୁରୁତର କାଳିଆର ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି କୁହନ୍ତି ବନାଞ୍ଚଳ ଅଧିକାରୀ ରାକେଶ କୁମାର ଦଳେଇ ।

## ସାଗରିକା ପୁଣି ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ



ଢେଙ୍କାନାଳ,୧୭ ।୨(ସମିସ): ବିଜୁ ମହିଳା ଜନତା ଦଳର ବିଭିନ୍ନ ପଦ ପଦବୀ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ସାଗରିକା ମିଶ୍ରଙ୍କୁ ଢେଙ୍କାନାଳ ବିଜୁ ମହିଳା ଜନତା ଦଳର ସଭାପତି ଭାବରେ ପୁନର୍ବାର ମନୋନୀତ କରା ଯାଇଅଛି । ଏହା ପୂର୍ବରୁ ସେ ବିଜୁ ମହିଳା ଜନତା ଦଳର ସଂଗଠନ କୁ ସୁଦୃଢ କରିଥିଲେ । ତାଙ୍କ କାର୍ଯ୍ୟ କଳାପ ରେ ଖୁସି ହୋଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପୁନର୍ବାର ଦାୟିତ୍ୱ ଦେଇଛନ୍ତି । ସାଗରିକା ମିଶ୍ର ଏଥିପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ, ଢେଙ୍କାନାଳ ବିଜୁ ଜନତା ଦଳର ସଭାପତି ଡ ନୃସିଂହ ଚରଣ ସାହୁ, ପୂର୍ବତନ ବିଧାୟକ ସୁଧିର କୁମାର ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ଡଃ ଅବିନାଶ ସାମଲ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଗାମୀ ଦିନରେ ନିଷ୍ଠାପର ଭାବରେ ଦଳର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ବିଜୁ ମହିଳା ଜନତା ଦଳ କୁ ସୁସଂଗଠିତ କରିବେ ବୋଲି ସେ ପ୍ରତିଶୃତି ଦେଇଛନ୍ତି । ସମସ୍ତଙ୍କ ଆଶୀର୍ବାଦ କାମନା କରିଛନ୍ତି ।

## ସମାଜସେବୀ ରଘୁନାଥଙ୍କ ପରଲୋକ



ଢେଙ୍କାନାଳ,୧୭ ।୨(ସମିସ): ଜଳ ଜଙ୍ଗଲ ଜମିର ଅଧିକାର ପାଇଁ ଜୀବନଭରି ସଂଘର୍ଷ କରୁଥିବା ଏକ ନିଷ୍ଠାବାନ ଗାନ୍ଧୀବାଦୀ ସ୍ୱର ନିରବ ହୋଇଗଲା । ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ସେବା ସଂଗଠନ ଆଶାର ପ୍ରତିଷ୍ଠାତା ସମ୍ପାଦକ ରଘୁନାଥଙ୍କ ସକାଳ ୯ଟା ୧୫ମିନିଟ ସମୟରେ ଢେଙ୍କାନାଳ ସହର ଦକ୍ଷିଣକାଳୀ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରି ପରମଧାମ ପ୍ରାପ୍ତ କରିଛନ୍ତି । ୪୫ ବର୍ଷ ଧରି ସେ ଗରିବ, ଅବହେଳିତ, ପୀଡିତ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ନ୍ୟାୟ ଓ ଅଧିକାର ପାଇଁ ଅବିରତ ସଂଘର୍ଷରେ ନିଜକୁ ସମର୍ପିତ କରିଥିଲେ । ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା ତାଙ୍କର ଜୀବନମନ୍ତ୍ର ଥିଲା । ଗାନ୍ଧୀବାଦୀ ଆଦର୍ଶ ତାଙ୍କର ପଥପ୍ରଦର୍ଶକ ଥିଲା । ସତ୍ୟ, ଅହିଂସା ଓ ସେବାର ମୂଲ୍ୟବୋଧକୁ ସେ ନିଜ ଜୀବନରେ ପ୍ରତିବିମ୍ବିତ କରିଥିଲେ । ଧୈର୍ଯ୍ୟ, ଦୟା, ମୃଦୁଭାଷୀ ସ୍ୱଭାବ ଓ ଅସୀମ ସହନଶୀଳତା ତାଙ୍କୁ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା । ସେ କେବଳ ଜଣେ ସମାଜସେବୀ ନୁହେଁ, ଏକ ଚିନ୍ତାଧାରା, ଏକ ପ୍ରେରଣା ଓ ଏକ ଆଶାର ପ୍ରତୀକ ଥିଲେ । ତାଙ୍କର ନିଜ ଗ୍ରାମ ମହୁଲଖୋଳିରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା । ଶତାଧିକ ସହକର୍ମୀ, ସମର୍ଥକ, ବନ୍ଧୁ ଓ ପରିବାର ସଦସ୍ୟ ଅଶ୍ରୁଭରା ଚକ୍ଷୁରେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କର ଏକମାତ୍ର ପୁତ୍ର ସମ୍ବେଦନ ସାମନ୍ତ ମୁଖାଗ୍ନି ଦେଇଥିଲେ ଓ ଏକମାତ୍ର କନ୍ୟା ଡଃ ଲଭଲିନା ସାମନ୍ତ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ରଘୁନାଥଙ୍କ ନିଧନ ସାମାଜିକ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି । ମାତ୍ର ତାଙ୍କର ଆଦର୍ଶ, ସଂଘର୍ଷ ଓ ସେବାମୟ ଜୀବନ ସଦା ସମାଜକୁ ପଥପ୍ରଦର୍ଶନ କରିବ ।

**ଧାନ ମଣ୍ଡିରେ ଅନିୟମିତତା ଅଭିଯୋଗ**

# ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପରଜଙ୍ଗ,୧୭ ।୨(ସମିସ)



ଜନ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ପରଜଙ୍ଗ ବ୍ଲକର ବାରିହାପୁର ଧାନ ମଣ୍ଡିରେ କଟନିଛଟନି । ଚାଷିମାନଙ୍କୁ ବସ୍ତା ଅର୍ଥରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅବଗତ କରାଇଥିଲେ । ଜନ ଅଭିଯୋଗ ଶୁଣାଣି ସରିବା ପରେ ଅଚାନକ ଜିଲାପାଳ ଶ୍ରୀ ପାଟିଲ ବାରିହାପୁର ଧାନ ମଣ୍ଡିରେ ପହଞ୍ଚି ଚାଷୀମାନଙ୍କ ପାଖରୁ ଅଭିଯୋଗ ଶୁଣାଣି ଥିଲେ । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଚାଷ କରିଥିବା ଚାଷୀଙ୍କ ଧାନ ବିକ୍ରି ଟୋକନ ପରିମାଣ ହ୍ରାସ ପାଇବା ସହିତ ଯେଉଁମାନେ ଚାଷ କରିନାହାନ୍ତି ସେମାନଙ୍କର ଅଧିକ ପରିମାଣର ଟୋକନ ପ୍ରାପ୍ତ ହୋଇଛି । ସମବାୟ କର୍ମଚାରୀମାନଙ୍କୁ ହାତ ବାରସି ସଜାଇ ଏହିଭଳି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଭାବରେ ପ୍ରତ୍ୟେକ ଚାଷୀମାନଙ୍କ ଧାନ ବସ୍ତା ପ୍ରତି ପାଞ୍ଚ କିଲୋଗ୍ରାମ କଟନିଛଟନି । ବସ୍ତା ପ୍ରତି ସରକାର ଦେଉଥିବା ଅର୍ଥ ଚାଷୀଙ୍କୁ ମିଳୁନଥିବା ବେଳେ ମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା ନଥିବା ଅଭିଯୋଗ ହୋଇଛି । ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଶୁଣିବା ପରେ ଜିଲା ଯୋଗାଣ ଅଧିକାରୀଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି କି ଚାଷୀମାନଙ୍କ ବସ୍ତା ବାବଦକୁ ଆସୁଥିବା ଟଙ୍କା ନିମନ୍ତେ ଚାଷୀମାନେ ମିଲର ସହିତ କଥା ହୁଅନ୍ତୁ । ଆସିଥିବା ଅଭିଯୋଗ ଉପରେ ଆମେ ତଦନ୍ତ କରୁଛୁ । ଜିଲା ଯୋଗାଣ ଅଧିକାରୀଙ୍କ ମନ୍ତବ୍ୟକୁ ନେଇ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପ୍ରଧାନ ତୀବ୍ର ବିରୋଧ କରିବା ସହ କହିଛନ୍ତି କି ଚାଷୀମାନଙ୍କୁ ସରକାର ବସ୍ତା ପ୍ରତି ଅର୍ଥ ବ୍ୟୟବରାଦ କରୁଥିବା ବେଳେ ଚାଷୀ କାହିଁକି ମିଲର ସହ କଥା ହେବ ବୋଲି ପ୍ରଶ୍ନ କରିଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି । ଏହି ପରିଦର୍ଶନ ସମୟରେ ଜିଲ୍ଲା ସମିତି ସମବାୟ ସମ୍ପାଦକ ଉମାଶଙ୍କର ଦାଶ, ବ୍ଲକ ଯୋଗାଣ ଅଧିକାରୀ ଉଦିତ କୁମାର ସେଠୀ, ବାରିହାପୁର ସମବାୟ ସମିତି ସମ୍ପାଦକ ଦୁର୍ଲ୍ଲଭାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରକ୍ତ ରଞ୍ଜିତ ହେଲା ବେଲଖଣ୍ଡି ଶୈବ ପୀଠ

କର୍ଲାମୁଣ୍ଡା,୧୭ ।୨(ସମିସ): କଳାହାଣ୍ଡିର ଐତିହାସିକ ଓ ସର୍ବପ୍ରାଚୀନ ଶୈବପୀଠ ବେଲଖଣ୍ଡିରେ କାହିଁ ଅନାଦି କାଳରୁ ଶିବରାତ୍ରୀ ମେଳା ଚାଲିଆସୁଛି ।ମହାଶିବରାତ୍ରୀ ପରେ ଅମାବାସ୍ୟା ଦିନମା ଚଣ୍ଡି (ସିଦ୍ଧେଶ୍ୱରୀ) ଙ୍କ ପୀଠରେ ବଳି ଦେବାର ପରମ୍ପରା ରହିଆସିଛି । ସୋମବାର ମଧ୍ୟରାତ୍ରିରେ ମା'ଭୈରବୀ ଭୋରସକାଳୁ ମନ୍ଦିର ପୂଜକଙ୍କ ତାଳଭଅଁରା ସ୍ଥିତ ବାସଭବନରୁ ବାହାରି ଧବଳେଶ୍ୱର ମନ୍ଦିରକୁ ପ୍ରବେଶ କରିଥିଲେ ।

ପ୍ରଭୁ ଧବଳେଶ୍ୱରଙ୍କୁ ଦର୍ଶନ କରି ବଳି ଗ୍ରହଣପାଇଁ ଅନୁମତି ଭିକ୍ଷା କରିଥିଲେ । ମହାଦେବ ଅନୁମତି ଦେବାପରେ ଦେବୀ ନିଜ ମନ୍ଦିର ବେଢାରେ ନୃତ୍ୟ କରିଥିଲେ ଓ ଭକ୍ତଙ୍କ ହାରି ଗୁହାରି ଶୁଣିଥିଲେ ଓ କଣ୍ଟା ଦୋଳିରେ ଝୁଲିଥିଲେ । ଏହା ପରେ ଆଦିବାସୀ ସେବାୟତମାନେ ବଳିଦେବା ଆରମ୍ଭ କରିଥିଲେ । ଶହଶହ ସଂଖ୍ୟାରେ ମାନସିକଧାରୀ ବଳିଦେବା ପାଇଁ ବୁକା,ଗରରା, କୁକୁଡା ବଳି ଦିଆଯାଇଥିଲା । ଏଠିକାର ଦେବୀ ମାଁ ଚଣ୍ଡୀ ପ୍ରତ୍ୟେକ୍ଷ ହୋଇଥିବାରୁ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ଅଧିଆ ପଡିଥାନ୍ତି । ଶିବରାତ୍ରୀ ପରଦିନ କଳାହାଣ୍ଡି ମହାରାଜା ପ୍ରଦତ୍ତ ପାଟବୁକା ବଳି ଦିଆଯାଇଥାଏ । ତା ପରଦିନ ଶହଶହ ସଂଖ୍ୟାରେ ବଳି ପଡିଥାଏ । ଚଳିତ ବର୍ଷ ୫୦୦ରୁ ଊର୍ଦ୍ଧ୍ୱ ପଶୁ, ପକ୍ଷୀ ବଳି ଦିଆଯାଇଛି । ବେଲଖଣ୍ଡି ଶୈବପୀଠ ଶକ୍ତି ଓ ଶାକ୍ତ ପୂଜାର ସମନ୍ୱୟ ହେତୁ ଅନାଦି କାଳରୁ ଏଠି ବଳିପ୍ରଥା ଚାଲିଆସୁଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଲମ ଫାଣ୍ଡି ପୁଲିସ ମୁତୟନ ହୋଇଥିଲେ ।

## ଜେଇଇ ମେନ୍ ପରୀକ୍ଷାରେ ଲକ୍ଷ୍ମୀ ବିକାଶ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଭବାନୀପାଟଣା,୧୭ ।୨(ସମିସ): ପ୍ରକାଶିତ ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅନ୍ତର୍ଗତ ଭବାନୀପାଟଣା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟର ବଳରାମ ରାଉତ ୯୫%ପ୍ରତିଶତ, ତୌଫିକ ବାରିକ ୯୩.୪୮% ପ୍ରତିଶତ , ଶିଳା ନୟନ କୁମାର, ସ୍ୱାଗତ ମେହେର , ମୋହିତ ୱାଡକାର, ଗୌରୀ ଶଙ୍କର ନାଏକ ଓ ନବଜିତ୍ ନନ୍ଦ ଜେଇଇ (ମେନ୍ ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜେଇଇ ଏଡଭାନ୍ସ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଛାତ୍ର ଛାତ୍ରୀଙ୍କ ସଫଳତାରେ ଅନୁଷ୍ଠାନର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଶିକ୍ଷା ପ୍ରଭାରୀ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଓ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ପ୍ରକାଶ ଯୋଗ୍ୟଯେ , ଉଭୟ ସିବିଏସଇ ଓ ସିଏଚ୍ଏସଇ ଏକାଦଶ, ଦ୍ୱାଦଶ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟିଗ୍ରେଟେଡ୍ କୋଚିଂ ଦିଆ ଯାଉଛି ।

ଆଗାମୀ ମେ ମାସରେ ହେବାକୁ ଥିବା ନିଟ ପରୀକ୍ଷାରେ ମଧ୍ୟ ଆମ୍ଭ ଅନୁଷ୍ଠାନର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ଲାଭ କରି ଅନୁଷ୍ଠାନ ତଥା ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ମତ ପୋଷଣ କରିଛନ୍ତି ।

## ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ

ମନମୁଣ୍ଡା,୧୭ ।୨(ସମିସ): ମନମୁଣ୍ଡା-ଶଗଡା ରାସ୍ତା ତଥା ମନମୁଣ୍ଡା ପଞ୍ଚାୟତ ଭଲିଆପଦର ମା' ମାହେଶ୍ୱରୀ ମନ୍ଦିର ନିକଟରେ ଏକ ଟ୍ରାକ୍ଟର ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି ।

ଏହାର ଚାଳକ ମନମୁଣ୍ଡା ଥାନା ବରଗୋଛା ଗ୍ରାମର ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁଙ୍କ ପୁଅ ରାଜା (୨୩) ଟ୍ରାକ୍ଟର ତଳେ ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ସେ ଲୁହା ଛଡ ନେଇ ମନମୁଣ୍ଡାରୁ ଗାଁକୁ ଯାଉଥିଲେ; ହେଲେ ଭାରସାମ୍ୟ ହରାଇ ଏକ ବିଲରେ ଗାଡିଟି ଓଲଟି ପଡ଼ିଥିଲା । ମନମୁଣ୍ଡା ପୁଲିସ ଦମକଳ ବାହିନୀ ସହାୟତାରେ ତାଙ୍କୁ ଉଦ୍ଧାର କରି ମନମୁଣ୍ଡା ଡାକ୍ତରଖାନାକୁ ନେଇଥିଲା । ବୁଧବାର ଶବ ବ୍ୟବଚ୍ଛେଦ ହେବ ।

**ମାରାଗୁଡା ଲୋକ ମହୋତ୍ସବ**

# କାର୍ଯ୍ୟକ୍ରମସ୍ଥଳ ପରିବର୍ତ୍ତନ ପାଇଁ ଶିକ୍ଷକ ସଂଘର ଦାବି

ନୂଆପଡା,୧୭ ।୨(ସମିସ)



ନୂଆପଡା ଜିଲ୍ଲା ସଦର ମହକୁମାରେ ଦୀର୍ଘ ବାର ବର୍ଷ ଧରି ବନ୍ଦ ପଡିଥିବା ମାରାଗୁଡା ଲୋକମହୋତ୍ସବ ଲୋକଙ୍କ ଦାବି ପ୍ରତିବାଦ ପରେ ଗତ ବର୍ଷ ଆରମ୍ଭ ହେଲା । ହେଲେ ଏହି ବର୍ଷ ଏଥିପାଇଁ ଠିକ ସମୟରେ ପ୍ରସ୍ତୁତି ବୈଠକ ବସିଥିଲେ ମଧ୍ୟ ଏଥିରେ କାର୍ଯ୍ୟକ୍ରମସ୍ଥଳୀକୁ ନେଇ ନାନାଦି ମତଭେଦ ଦେଖାଯାଉଛି । ନ୍ୟାସନାଲ କଲେଜକୁ କାର୍ଯ୍ୟକ୍ରମସ୍ଥଳ କରିବାକୁ ନିଷ୍ପତ୍ତି ହୋଇଛି । ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ ପୂର୍ବରୁ କାର୍ଯ୍ୟକ୍ରମ ହେଉଥିବା ମିନିଷ୍ଟାଡିୟମର ଘାସ ବିଛା କାମ ଚାଲିଥିବା ହେତୁ ଏଥର କାର୍ଯ୍ୟକ୍ରମସ୍ଥଳ ଅନ୍ୟତ୍ର କରିବାକୁ ନିଷ୍ପତ୍ତି ହୋଇଛି । ନୂଆପଡା ସହର ମଧ୍ୟରେ ବହୁ ସରକାରୀ ଏବଂ ବେସରକାରୀ ପଡିଆ ରହିଥିଲେ ହେଁ ସହର ଠାରୁ ସାତ କିମି ଦୂର ଏକ ନିଛାଟିଆ ଜାଗାରେ କାର୍ଯ୍ୟକ୍ରମସ୍ଥଳୀ କରାଯିବାକୁ ନିଷ୍ପତ୍ତି ହୋଇଥିବାରୁ ଲୋକେ ମୁହଁ ମୋଡୁଛନ୍ତି । ଦୁର୍ଘଟଣା ପ୍ରବଣ ତଥା ଭାଲୁ ଉପଦ୍ରବ ରହୁଥିବା ଜାଗାରେ କାର୍ଯ୍ୟକ୍ରମ କଲେ ବହୁ ଅସୁବିଧା ହେବ । ସାଧାରଣଲୋକେ କାର୍ଯ୍ୟକ୍ରମ ଦେଖିବାକୁ ଖର୍ଚ୍ଚାନ୍ତ ହେବେ ବୋଲି କୁହାଯାଉଛି ।

ଏହାକୁ ନେଇ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସଭାପତି ଅମିଲାଲ ଶବରଙ୍କ ନେତୃତ୍ୱରେ ଟିମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାକୁ ନେଇ ପୁନଃ ବିଚାର କରି କାର୍ଯ୍ୟକ୍ରମସ୍ଥଳ ପରିବର୍ତନ ପୂର୍ବକ ସହର ଭିତରେ କରାଯିବାକୁ ଦାବି କରିଛନ୍ତି ।ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘ ତରଫରୁ ଶରତ କୁମାର ପଣ୍ଡା, ଶଙ୍କର୍ଷଣ ପୁରୋହିତ, ସଞ୍ଜୟ କୁମାର ପାଢୀ, ବିନୋଦ କୁମାର ଠାକୁର ପ୍ରମୁଖ ସାମିଲ ଥିଲେ ।

## ଅଧିକାରମିତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିର



ଖଡ଼ିଆଳ,୧୭ ।୨(ସମିସ):ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଖଡ଼ିଆଳ ତାଲୁକ ଆଇନ ସେବା କମିଟି,ସିନାପାଲି ଓ ବୋଡ଼େନର ଅନ୍ତର୍ଗତ ନବନିଯୁକ୍ତ ଅଧିକାର ମିତ୍ର (ପାରା ଲିଗାଲ ଭଲ୍ୟୁଣ୍ଟିଅର) ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଖଡ଼ିଆଳ ବନଖଣ୍ଡ କାର୍ଯ୍ୟାଳୟର ସଭାଗୃହରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଓ ଦୌରା ଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା, ସଚିବ ନବନୀତା ଦାଶ, ଖଡ଼ିଆଳର ବରିଷ୍ଠ ଦେୱାନୀ ଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଇଶା ପତି, ବିଚାରବିଭାଗୀୟ ଦଣ୍ଡାଧିକାରୀ, ଖଡ଼ିଆଳ ସମିକ୍ଷା ସା, ଖଡ଼ିଆଳ ଓକିଲ ସଂଘ ସଭାପତି ପ୍ରତାପ କୁମାର ଜଗତ, ପ୍ରାଧିକରଣର ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ବନ ବିଭାଗର ଏସିଫ ମହମ୍ମଦ ସାଲେହା, ଶ୍ରମ ବିଭାଗର ସହକାରୀ ଶ୍ରମଅଧିକାରୀ ନିଖିଲ ଅଗ୍ରୱାଲ୍, ଖଡ଼ିଆଳ ତାଲୁକ ଆଇନ ସେବା ସମିତିର ପ୍ୟାନେଲ୍ ଓକିଲ ତଥା ପ୍ରଶିକ୍ଷକ ଦ୍ୱିତିକୃଷ୍ଣ ବେହେରା, ଆଲୋକ ତିୱାରୀ ଓ ରବୀନ୍ଦ୍ର କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ୫୦ ଜଣ ଅଧିକାରମିତ୍ର ଆଇନ ସେବା ପ୍ରାଧିକରଣ ଅଧିନିୟମ,ମାଗଣା ଆଇନ ସେବା, ମୌଳିକ କର୍ତ୍ତବ୍ୟ, ମୌଳିକ ଅଧିକାର, ସମ୍ବିଧାନ ଧାରା ୩୯ କ ରେ ବର୍ଣ୍ଣିତ ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ନୀତି, ଅଧିକରମିତ୍ରଙ୍କ କର୍ତ୍ତବ୍ୟ ଓ କାର୍ଯ୍ୟ ଶୈଳୀ ବିଷୟରେ ପ୍ରଶିକ୍ଷଣ ନେଇଥିଲେ ।

## ଦେବଗିରି ମଠରେ ଚଣ୍ଡୀ ପୂଜା



ଭବାନୀପାଟଣା,୧୭ ।୨(ସମିସ): ନର୍ଲା ବ୍ଲକ୍ ବୁଢ଼ୀପଦରସ୍ଥିତ ଦେବଗିରି ମଠରେ ମଙ୍ଗଳବାର ଦିନ ଚଣ୍ଡୀ ପୂଜା ଅନୁଷ୍ଠିତ ହୋଇଯାଇଛି ।ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜା କାର୍ଯ୍ୟ ପୂଝାରୀ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ, ବିଭିଷଣ ଦାସ, ଧନେଶ୍ୱର ମାଝୀ, ପୂର୍ବା ଗଉଡ, ଧନେ ହେର୍ଣ୍ଣାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଟ୍ରଷ୍ଟ ବୋର୍ଡ ସଦସ୍ୟ ସଞ୍ଜୟ ଧଙ୍ଗଡାମାଝୀ, ବିଜୟ ଧଙ୍ଗଡ଼ାମାଝୀ, ବିଷ୍ଣୁ ଗଉଡ, ରଜନୀ ଗଉଡ, ସୁରେନ୍ଦ୍ର ଗଉଡ, ପ୍ରଦୀପ ଧଙ୍ଗଡାମାଝୀ, ଦେବ ଗଉଡ, ଶତ୍ରୁଘ୍ନ ଧଙ୍ଗଡାମାଝୀ, ଭରତ ଧଙ୍ଗଡାମାଝୀ, ଲୋକନାଥ ଗଉଡ ପ୍ରମୁଖ ସହଯୋଗ କରିଥିଲେ ।

**● ପ୍ରଧାନମନ୍ତ୍ରୀ ଆବାସ ବିଲ୍ ପାଇଁ ଲାଞ୍ଚ ମାମଲା**

## ପୂର୍ବତନ ପିଇଓ ଦୋଷୀ ସାବ୍ୟସ୍ତ

ଭବାନୀପାଟଣା,୧୭ ।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତର ପୂର୍ବତନ ପିଇଓ (ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ) କ୍ଷମା ପ୍ରସାଦ ଦୁରିଆଙ୍କୁ ଗତ ୨୦୨୧ ମସିହାର ଏକ ଲାଞ୍ଚ ମାମଲାରେ ଭିଜିଲାନ୍ସ କୋର୍ଟ ଦଣ୍ଡିତ କରିଛନ୍ତି । ଭବାନୀପାଟଣାସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ପିଇଓ ଦୁରିଆଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଆହୁରି ୪ ମାସ ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତ ଲୋହରାଜୋର ଗ୍ରାମର ବିଶେଶ୍ୱର ଗଉଡ଼ଙ୍କୁ ତାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବକେୟା କିସ୍ତି ୨୦ ହଜାର ଟଙ୍କା କରିଦେବାକୁ ଅଭିଯୁକ୍ତ ପିଇଓ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏହାକୁ ନେଇ ଅଭିଯୋଗ କାରୀ ଗଉଡ଼ ୨୦.୧୦.୨୦୨୧ ତାରିଖରେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଏହାର ଦିନକ ପରେ ଅର୍ଥାତ ୨୧ ତାରିଖ ଭବାନୀପାଟଣା ବସଷ୍ଟାଣ୍ଡ ଠାରେ ଅଭିଯୋଗ କାରୀ ଗଉଡ଼ଙ୍କଠାରୁ ପିଇଓ ଦୁରିଆ ୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ ମାଡି ବସିଥିଲା । ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବର୍ତ୍ତମାନ ଅଭିଯୁକ୍ତ ପିଇଓ ଦୁରିଆ କେସିଙ୍ଗା ବ୍ଲକରେ କାର୍ଯ୍ୟରତ ଥିବା ଜଣାପଡିଛି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଓକିଲ ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରୁଥିଲେ ।

## ପୃଥକ ପୃଥକ ଦୁର୍ଘଟଣାରେ ୨ ମୃତ, ୪ଗୁରୁତର

ବୀରମହାରାଜପୁର,୧୭ ।୨(ସମିସ): ବୀରମହାରାଜପୁର ଥାନା ହିଲୁଙ୍ଗ-ମୃଶୁଣ୍ଡୀ ରାସ୍ତା ହିଲୁଙ୍ଗ ଟିକ୍ରା ନିକଟରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଛି । ୩ଜଣ ଗୁରୁତର ହୋଇଛନ୍ତି । ସେହିପରି ପାଇକପୁର-ମୃଷୁଣ୍ଡୀ ରାସ୍ତା ବଦଲାରେ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଛି । ଜଣେ ଗୁରୁତର ହୋଇଛନ୍ତି । ବୀରମହାରାଜପୁର ଥାନା ହରିହର ଜୋର ଫାଣ୍ଡି ଅଧୀନ ବଡମାଲର ଅଗସ୍ତି ଭୋଇ ହିଲୁଙ୍ଗରୁ ତାଙ୍କ ଶଶୁର ଘରୁ ଫେରୁଥିଲେ । ଅପର ପାଶ୍ୱର୍ରୁ ଆସୁଥିବା ଏକ ବାଇକ୍ ମୁହାଁ ମୁହିଁ ଧକ୍କା ଦେଇଥିଲା । ଏହାଫଳରେ ଅଗସ୍ତି ରାସ୍ତାରେ ଛିଟିକି ପଡିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପ୍ରଚୁର ରକ୍ତ ସ୍ରାବ ହୋଇଥିଲା । ଏଣୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଗୋଟିଏ ବାଇକରେ ଥିବା ୩ଜଣ ଯାକ ଗୁରୁତର ହୋଇଥିଲେ । ୨ ଜଣଙ୍କ ଅବସ୍ଥା ସଂକଟପନ୍ନ ରହିଛି । ସେହିପରି ପାଇଁପୁର ଓ ମୁଶୁଣ୍ଡୀ ରାସ୍ତା ବଦଳା ବୁଲାଣିରେ ଅନ୍ୟ ଏକ ବାଇକ୍ ଦୁର୍ଘଟଣା ଘଟିଛି । ଏଥିରେ ସୁବଳୟା ଥାନା ଖଣ୍ଡହତା ପଞ୍ଚାୟତ ଚୁପକାଦାଦାର ଗାଁର କେଶବ ପଧାନଙ୍କ ସାନ ପୁଅ ସୁଶାନ୍ତ ପଧାନ (୩୪)ଙ୍କ ମୃତ୍ୟୁ ଘଟିଛି । ସୁଶାନ୍ତ ଏବଂ ତାଙ୍କ ମାମୁଁ ଆଖୁଜଙ୍କ ସହ ଯାଉଥିବା ବେଳେ ବାଇକ ଦୁର୍ଘଟଣା ଘଟିଥିଲା । ତେବେ ବୀରମହାରାଜପୁର ଡାକ୍ତରଖାନାରେ ଆବଶ୍ୟକ ସୁବିଧା, ଅକ୍ସିଜେନ, ଆମ୍ବୁଲାନ୍ସ ଆଦି ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଡାକ୍ତରଖାନାରେ ପହଞ୍ଚିଥିଲେ । ସେ ଡାକ୍ତରଖାନ ଅଧିକ୍ଷକ ଓ ସିଡିଏମଓଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଉଭୟ ଅଧିକାରୀ ଫୋନ୍ ରିସିଭ କରି ନ ଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୫ ଗୁରୁତର

ବିନିକା,୧୭ ।୨(ସମିସ): ବିନିକା ମହାନଦୀ ପୋଲ ଉପରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୫ ଗୁରୁତର ହୋଇଛନ୍ତି । ଏମାନେ ହେଲେ ପତ୍ରାପାଲିର ଭୁକୁଲୁ କିଣ୍ଡୋ, ଡେବିଟି ଲାକ୍ରା, ସାନିକ ହର, ଲଖନପୁର ଗ୍ରାମର ଦୁଇଭାଇ ଶିବୁ ମେହେର ଏବଂ ଶିବା ମେହେର । ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି ।

**● ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା**

## ତରଭା ଜେଏନ୍ଭିରେ ୧୪୭ ଛାତ୍ରଛାତ୍ରୀ ପରୀକ୍ଷା ଦେଲେ

ତରଭା,୧୭ ।୨(ସମିସ): ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଛି । ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୯୩ ଜଣ ବାଳିକା ଓ ୫୪ ଜଣ ବାଳକ ଏଭଳି ମୋଟ ୧୪୭ ଜଣ ପ୍ରଥମ ଦିନ ଗଣିତ ପରୀକ୍ଷା



ଦେଇଛନ୍ତି । ୧୪୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୋନପୁର ଜିଲ୍ଲା ତରଭା ବ୍ଲକ ଜାମକାନି ଓଡିଶା ଆଦର୍ଶ ବିଦ୍ୟାଳୟର ୭୨ ଜଣ ଓ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅଇଁଲାତୁଆଁ ଓଡିଶା ଆଦର୍ଶ ବିଦ୍ୟାଳୟର ୭୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସେହିଭଳି ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ୪୦ଜଣ ଛାତ୍ରୀ ଓ ୪୧ଜଣ ଛାତ୍ର ଜାମକାନି ଓଡିଶା ଆଦର୍ଶ ବିଦ୍ୟାଳୟରେ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଦେଉଛନ୍ତି । ତରଭା ଜେଏନଭି ପରୀକ୍ଷା କେନ୍ଦ୍ରରେ ଅଧ୍ୟକ୍ଷ ନିଶିକାନ୍ତ କେଶବ ସାମକୁଅଁର ସେଣ୍ଟ୍ରାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଥିବା ବେଳେ ସୋନପୁରର କେନ୍ଦ୍ରୀୟ ବିଦ୍ୟାଳୟର ଅଶୋକ ସରଭଙ୍ଗ ସିବିଏସଇ ଅବଜର୍ଭର ଦାୟିତ୍ୱରେ ରହିଛନ୍ତି ।

## କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ଜନଶୁଣାଣି



କଣ୍ଟାମାଳ,୧୭ ।୨(ସମିସ): କଣ୍ଟାମାଳ ବ୍ଲକ୍ କାର୍ଯ୍ୟାୟରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଏସ୍ପି ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ବିନାୟକ ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାଷ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗ ଦେଇ ଅଭିଯୋଗ ଶୁଣିଥିଲେ । ୪୪ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ସମସ୍ୟା ଉପରେ ଅଭିଯୋଗ ଆସିଥିଲା । ୯ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଶିବିରରେ ୨୪ଟି ପଞ୍ଚାୟତର ପିଇଓ, ଏଡିଇଓ, କଣ୍ଟାମାଳ ତସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ବିକାଶ ଅଧିକାରୀ ପଙ୍କଜିନି ମିଶ୍ର, ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

**ୟୁଜିସି ବିଲ୍କୁ ସ୍ୱତଃପ୍ରବୃତ୍ତ ସମର୍ଥନ**

# ରାସ୍ତାକୁ ଓହ୍ଲାଇଲା ମୂଳନିବାସୀ ବହୁଜନ ସମାଜ

ଭବାନୀପାଟଣା,୧୭ ।୨(ସମିସ)




କେନ୍ଦ୍ର ସରକାରଙ୍କ ୟୁଜିସି ବିଲ୍ ସମର୍ଥନରେ ରାଜରାସ୍ତାକୁ ଓହ୍ଲାଇଛନ୍ତି କଳାହାଣ୍ଡି ଜିଲ୍ଲାର ମୂଳନିବାସୀ ବହୁଜନ ସମାଜର ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ । ଏକ ସାଧାରଣ ସଭା ଓ ବିଶାଳ ଶୋଭାଯାତ୍ରା ସହିତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତିଗତ ଭେଦଭାବ ଆଜି ବି ରହିଛି । ଫଳ ସ୍ୱରୂପ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନେକ ଦଳିତ, ଆଦିବାସୀ ଛାତ୍ରଛାତ୍ରୀଙ୍କ ଜୀବନ ଅକାଳରେ ଝଡ଼ି ପଡୁଛି । ଏହାକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦଳିତ, ଆଦିବାସୀ, ପଛୁଆବର୍ଗ ସହିତ ଅନ୍ୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ କେନ୍ଦ୍ର ସରକାର ଏହି ବିଲ ଆଣିଥିବା ବେଳେ ଏହା ଉପରେ ଖୋଦ ସୁପ୍ରିମକୋର୍ଟ ହିଁ ରୋକ ଲଗାଇବା ବହୁଜନ ସମାଜକୁ ଅତ୍ୟନ୍ତ ନିରାଶ କରିଛି । ପ୍ରସ୍ତାବିତ ବିଲ୍ରେ ସବୁ ବର୍ଗର ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରମୁଖ ବିଷୟ ହୋଇଥିବା ବେଳେ ଏହାର ମୂଳ ଉଦ୍ଦେଶ୍ୟକୁ ନବୁଝି କେତେକ ସ୍ଥାନରେ ବିଲ୍କୁ ବିରୋଧ କରିବା ଗଣତନ୍ତ୍ରର କଣ୍ଠରୋଧ ବୋଲି ବକ୍ତାମାନେ ମତ ଦେଇଥିଲେ । ସଭା ପୂର୍ବରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଛକରୁ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

ସଭାରେ ଓବିସି ରାଜ୍ୟ ସଭାପତି ଶଙ୍କର ପାତ୍ର, ମୂଳନିବାସୀ ବହୁଜନ ମିଳିତ ମହାସଂଘର ରାଜ୍ୟ ଉପସଭାପତି ପ୍ରଦେଶୀ ବିଶ୍ୱାଳ,ଲିଙ୍ଗରାଜ ଆଜାଦ, ସାଧାରଣ ସଂପାଦକ ଦିଗାମ୍ବର ଦୁରିଆ, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ କମଳିନୀ ଯାଦବ,କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝୀ, ଉପ ସଭାପତି ହୃଦାନନ୍ଦ ମାଝୀ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ,ସିପିଆଇର ରାଜ୍ୟ ସମ୍ପାଦକ ଦାମୋଦର ବେହେରା, ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ, ଉପସଭାପତି ଅନୀଲ କୁମାର ମଲ୍ଲିକ, ଜଗଜ୍ଜୀବନ କୁମାର, ଜିଲ୍ଲା ସଭାପତି ରଜନୀକାନ୍ତ ସମର୍ଲିଆ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଦିଗାମ୍ବର ଲୁହା, ଯତୀନ୍ଦ୍ର କର, ବୃନ୍ଦାବନ ନାଗ, ପୂର୍ବତନ ଜିଲ୍ଲା ସଭାପତି ଧନଞ୍ଜୟ ଦୀପ, ଆମ୍ବେଦକରାଇଟ ପାର୍ଟି ଅଫ ଇଣ୍ଡିଆ ରାଜ୍ୟ ସଂଯୋଜକ ଛବିଲାଲ ନିଆଲ, ବହୁଜନ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ମାଧବ ସୁନାନୀ, ବହୁଜନ ସମାଜ ପାର୍ଟି ଜିଲ୍ଲା ସଭାପତି ସୋମନାଥ ନାଏକ, ସଂପାଦକ ସୁକାନ୍ତ ନାଏକ, ବିଶିଷ୍ଟ ଓବିସି ନେତା ଯାଦବ ନେତା ଜଗଦୀଶ ଯାଦବ, ଡାକେଶ୍ୱର ଲହଜଲ, ବ୍ରାସର ସୁରେଶ ମହାନନ୍ଦ, ଗୋଲାମୁଣ୍ଡା ବ୍ଲକରୁ ମୁନିଆ ସିପକା,ରାମ ସେନାପତି, କୋକସରା ବ୍ଲକରୁ ଧବଳେଶ୍ୱର ନାଗ,କୌଶିକ ଦୁରିଆ, କଲମପୁର ବ୍ଲକ୍ରୁ ରଶ୍ମି ସୁନା ଓ ବେଣୁଧର ଦୁର୍ଗା, ଧର୍ମଗଡ଼ରୁ ଯଶୋବନ୍ତ ପାଣିଗ୍ରାହୀ, କାମେଶ ନାଗ, ଜୁନାଗଡ଼ରୁ ରାଜାରାମ ଡୁଙ୍ଗରି, ଅଭିଜିତ କର, କେସିଙ୍ଗାରୁ ତ୍ରିନାଥ ନାଏକ, ଲୋକନାଥ ନାଗ, ଦୁଃଖି କୁମାର, ଯୁଧିଷ୍ଠିର ଭଗତ, ନର୍ଲାରୁ ରଘୁନାଥ ଦୀପ, ମ. ରାମପୁରରୁ ଚମାର ବଗର୍ତ୍ତୀ,ଭବାନୀପାଟଣାରୁ ସଞ୍ଜୟ ସୁନାନୀଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୂଳନିବାସୀ ବହୁଜନ ସମାଜର ଶହ ଶହ ଲୋକେ ସାମିଲ ହୋଇଥିଲେ । ସେହିପରି ସଭା ଓ ଶୋଭାଯାତ୍ରାରେ ତେଜରାଜ ବେହେରା, ବଳରାମ ଦୁର୍ଗା, ଶ୍ରୀକାନ୍ତ ଛତ୍ରିଆ, ପ୍ରମୋଦ ହଂସ, ଆଦିତ୍ୟ ହଂସ, କ୍ଷୀରସିନ୍ଧୁ ବୋଡ଼କିଆ, ଜୟପ୍ରକାଶ ଜାଲ, ଡମ୍ବରୁଧର କରୁଆଁ, ଚକ୍ର ନାଏକଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଜୁନାଗଡ/ଭବାନୀପାଟଣା,୧୭ ।୨(ସମିସ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଜାରିଙ୍ଗ ଛକ ନିକଟରେ ମଙ୍ଗଳବାର ରାତି ପାୟ ସାଢେ ୮ ଟାରେ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଆରୋହୀ ମଳୟ ଚଲାନ (୨୭) । ସେ ଭବାନୀପାଟଣା ବ୍ଲକ୍ ରଙ୍ଗିଗୁଡା(ସର୍ଗିପଡା)ର ବୋଲି ଜଣାପଡିଛି । ନିଜ ଗାଁରୁ ଜଣେ ସମ୍ପର୍କୀୟଙ୍କ ସହ ଜୁନାଗଡ଼ ଆଡ଼କୁ ଯାଉଥିବା ବେଳେ ବାଟରେ ଭାରସମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ପିଟି ହୋଇଥିଲେ । ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଳୟଙ୍କ ମୃତ୍ୟୁ ହୋଇଥିଲା । ତେବେ ତାଙ୍କ ସହ ଥିବା ସମ୍ପର୍କୀୟ ଯୁବକଙ୍କ ବର୍ତ୍ତମାନ ସୁଦ୍ଧା ପରିଚୟ ଜଣାପଡିନାହିଁ । ପୁଲିସ ଘଟଣାର ତଦନ୍ତ କରୁଛି ।

## ପାତାଳେଶ୍ୱର ମନ୍ଦିରରେ ନାମଯଜ୍ଞ

ଭବାନୀପାଟଣା,୧୭ ।୨(ସମିସ): ଭବାନୀପାଟଣା ବ୍ଲକ୍ ସେଁପୁର ପଞ୍ଚାୟତ ଅଧିନସ୍ଥ ସାପସିଲେଟ ଗ୍ରାମର ଶ୍ରୀ ପାତାଳେଶ୍ୱର ମହାଦେବ ମନ୍ଦିରରେ ଚବିଶ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଶନିବାର ନାମଯଜ୍ଞ ପାଇଁ ଶୁଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ପୁଲସ୍ତି ଯୁଆଡ ଏବଂ ପୂର୍ଣ୍ଣମୀ ଯୁଆଡ, କର୍ତ୍ତା ସହଯୋଗୀ ଦଧିରାମ ଯୁଆଡ, କ୍ଷେତ୍ର ପୁଟେଲ,ବାବୁଲାଲ ବାଗ, କାନ୍ତ ବାଗ ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ବିଦୁର ପାଣିଗ୍ରାହୀ, ଜପକ କୈଳାସ ପାଣିଗ୍ରାହୀ ଏବଂ ପାଚକ ପିଣ୍ଟୁ ପାଣିଗ୍ରାହୀ ଓ ଶୁଭମ ପାଣିଗ୍ରାହୀ ପୂଜାକାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି । ରାଧାକୃଷ୍ଣପୂଜା କମିଟି ସଭାପତି ଭୁବନେଶ୍ୱର ଗହୀର,ଉପ ସଭାପତି ଚନ୍ଦ୍ରଶେଖର ସାହୁ,ସମ୍ପାଦକ ଫକୀର ବାଘେଲ, ସହସମ୍ପାଦକ କୁଶଳ ଯୁଆଡ, କୋଷାଧ୍ୟକ୍ଷ ହେମନ୍ତ ବାଘେଲ, ଉପଦେଷ୍ଟା ଲିଙ୍ଗରାଜ ଗହୀର, ଜୟଦେବ ସାହୁ, ପ୍ରଫୁଲ୍ଲ ପ୍ରଧାନ, ସାଧୁ କୁମାର, ଶରତ ସାହୁ, ଭିକାରି ସାହୁ, ଡ଼ମବୁଡ଼ା ଯୁଆଡ, ଅଭିରାମ ଚିନ୍ଦା,ହରିହର କୁମାର, ଯଶୋବନ୍ତ ଚିନ୍ଦା,ଦେବରାଜ ମାଝୀ, ନରେଶ ଯୁଆଡ, ଡୁଲେଶ୍ୱର ଯୁଆଡ, ରୋହିତ ଯୁଆଡଙ୍କ ସମେତ ପୂଜାକମିଟି କର୍ମକର୍ତ୍ତା, ଗ୍ରାମବାସୀ,ଯୁଥ ମାସ କମିଟି, ପୁଲିସ ପ୍ରଶାସନ ସହଯୋଗ କରୁଛନ୍ତି । ବୁଧବାର ନାମଯଜ୍ଞ ପୂର୍ଣ୍ଣାହୁତି ଓ ଚଣ୍ଡୀପୂଜା ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ନିଃଶୁଳ୍କ ଚିକିତ୍ସା ଆଳରେ ସ୍ୱାସ୍ଥ୍ୟ ବୀମା କାର୍ଡରୁ ଟଙ୍କା ହଡ଼ପ ଅଭିଯୋଗ



ପୋଡ଼ାଗଡ,୧୭।୨(ସମିସ): ବିଭିନ୍ନ ରୋଗର ନିଃଶୁଳ୍କ ଓ ଉତ୍ତମ ଚିକିତ୍ସା ଯୋଗାଇଦେବା ନା'ରେ ଦଲାଲ ସାଜି ଗାଁ ଗାଁ ଲୋକଙ୍କୁ ଗାଡ଼ି ଯୋଗେ ବାହାର ରାଜ୍ୟକୁ ନେଇ ସ୍ୱାସ୍ଥ୍ୟ କାଡର୍‌ରେ ଥିବା ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାଇ, ଦଶମନ୍ତପୁର ବ୍ଲକସଦର ପଞ୍ଚାୟତ ସ୍ଥିତ ବଦଳିକୁଡୁମା ଗାଁର ୫ ଜଣଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ କହି ୬ ଦିନ ତଳେ ଏକ ବୋଲେରୋ ଯୋଗେ ଛତିଶଗଡ ରାଜ୍ୟ ସ୍ଥିତ ରାୟପୁରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ କାହାକୁ ଇଞ୍ଜେକ୍ସନ କାହାକୁ ସାଲାଇନ ଦେଇ ବେଡ୍‌ରେ ରଖିଦେଲେ। ଆଉ କୌଣସି ଚିକିତ୍ସା ନ କରି ରୋଗୀମାନଙ୍କ ଆଧାରକାଡର୍, ସ୍ୱାସ୍ଥ୍ୟବୀମା କାଡର୍ ନେଇ ୫ ଦିନ ପର୍ଯ୍ୟନ୍ତ ସେଠାରେ ରଖିଥିଲେ। ରୋଗୀଙ୍କୁ ଚିକିତ୍ସା ନ କରି ସାଙ୍ଗରେ ଯାଇଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ କୌଣସି ରୋଗରେ ଆକ୍ରାନ୍ତ ନ ଥିବା ଲୋକଙ୍କୁ ଇଞ୍ଜେକ୍ସନ ଓ ସାଲାଇନ ଦେଉଥିବା କହିଛନ୍ତି ଶୋଷଣର ଶିକାର ହୋଇଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ। ଏଭଳି ହଇରାଣ ହେବା ପରେ ଗାଁରେ ଥିବା ପରିବାରକୁ ଫୋନ ଯୋଗେ କହିବା ପରେ ଗାଁରୁ ସମ୍ପର୍କୀୟ ରାୟପୁର ସ୍ଥିତ ଉକ୍ତ ମେଡିକାଲକୁ ଯାଇ ସେମାନଙ୍କୁ ଉଦ୍ଧାର କରି ଘରକୁ ଆଣିଥିବା ଜଣାପଡିଛି। ତେବେ ଏଭଳି ଦଲାଲ ସାଜି ନିରୀହ ଲୋକଙ୍କ ଜୀବନ ସହ ଖେଳୁଥିବା ବେଳେ ତାଙ୍କ ବୀମାକାଡର୍‌ରେ ଥିବା ଟଙ୍କା ହଡପ କରୁଥିବା ନଜରକୁ ଆସିଛି। ଦଶମନ୍ତପୁର ବ୍ଲକ ଅଧିନସ୍ଥ ପାଇକ ଫୁଲବେଡା ଅଞ୍ଚଳ, ଗୁନର, କଡକିପଦର, ବଦଳିକୁଡୁମା, ଗୁଲିମୂଷା ଗାଁର ଲୋକ ଚିକିତ୍ସା ପାଇଁ ସେଠାକୁ ଯାଇ ଶୋଷଣର ଶିକାର ହୋଇ ଫେରି ଆସି ନିଶୁଳ୍କ ଚିକିତ୍ସା ନାଁରେ ଅନ୍ୟ ରାଜ୍ୟରେ ଯାଇ ହଇରାଣ ହରକତ ହେଉଥିବା କହିଛନ୍ତି। ଶୁକ୍ରବାର ୫ ଜଣ ରାୟପୁରରୁ ନିଜ ଘରକୁ ଫେରିଥିବା ବେଳେ ସମସ୍ତ ତଥ୍ୟ ସାମ୍ନାକୁ ଆସିଛି।

# ସିବିଏସ୍‌ସି ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ

## ଜୟପୁରର ୫ କେନ୍ଦ୍ରରେ ପରୀକ୍ଷା ଦେଲେ ୧୧୧୮ ପରୀକ୍ଷାର୍ଥୀ

ଜୟପୁର,୧୭।୨(ସମିସ):

ସାରା ଦେଶରେ ଆଜି ଠାରୁ କେନ୍ଦ୍ରୀୟ ବୋର୍ଡ ସେକେଣ୍ଡରୀ କାଉନସିଲ (ସିବିଏସସି)ର ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଛି। କୋରାପୁଟ ଜିଲ୍ଲାରେ ସମୁଦାୟ ୧୫ ଟି ପରୀକ୍ଷା କେନ୍ଦ୍ରରେ ୨୮୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫ ଜଣ ଅନୁପସ୍ଥିତ ରହିଥିବା ବେଳେ ୨୭୭୫ ଜଣ ପରୀକ୍ଷା ଦେଇଥିଲେ। ଜୟପୁର ସହରର ୪ଟି ଘରୋଇ ବିଦ୍ୟାଳୟ ଏବଂ ବ୍ଲକ୍‌ର ଜୟନ୍ତିଗିରି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୧୨୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ଜଣ ଅନୁପସ୍ଥିତ ଥିଲେ। ୧୧୧୮ ଜଣ ପରୀକ୍ଷାର୍ଥୀ ପ୍ରଥମ ଦିବସରେ ଗଣିତ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ଜୟପୁର ମଡେର୍ଣ୍ଣ ଇଂରାଜୀ ବିଦ୍ୟାଳୟରେ ୨୮୦ ଜଣଙ୍କ ମଧ୍ୟରୁ ୨୭୯ ଜଣ ଉପସ୍ଥିତ ରହିଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ସେହିପରି ଡିଏଭି ମଡେଲ ଇଂରାଜୀ ବିଦ୍ୟାଳୟରେ ୨୧୦ ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିବା ବେଳେ ୨୦୯ ଜଣ ପରୀକ୍ଷା ଦେଇଥିଲେ। ନାରାୟଣୀ ମହାବିଦ୍ୟାଳୟରେ ୨୩୯ ଜଣଙ୍କ ମଧ୍ୟରୁ ୯ ଜଣ ଅନୁପସ୍ଥିତ ରହିଥିବା ବେଳେ ୨୩୦ ଜଣ ଉପସ୍ଥିତ ଥିଲେ। ରେଡଉଡ ଇଂରାଜୀ ବିଦ୍ୟାଳୟରେ ୧୯୨ ଜଣଙ୍କ ମଧ୍ୟରୁ ସମସ୍ତେ ଉପସ୍ଥିତ ରହିଥିଲେ। ସେହିପରି ଜୟନ୍ତିଗିରୀ ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ସମସ୍ତ ୨୦୮ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ସମସ୍ତ ବିଦ୍ୟାଳୟରେ ସିସିଟିଭି ଏବଂ କଡା ପୁଲିସ ସୁରକ୍ଷା ବଳରେ ପରୀକ୍ଷା ଆୟୋଜିତ ହୋଇଥିଲା। ଆଜି ପୂର୍ବାହ୍ନ ସାଢେ ୧୦ଟା ମଧ୍ୟରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ବିଭିନ୍ନ ସ୍ୱତନ୍ତ୍ର ଗାଡିରେ ପରୀକ୍ଷା କେନ୍ଦ୍ରକୁ ପହଞ୍ଚିଥିଲା। ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ପରୀକ୍ଷା ଶେଷ ହେବ। ବୁଧବାର ଠାରୁ ସିବିଏସସିର ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ।

● ବାଇକ୍ ଧକ୍କାରେ ଜଣେ ମୃତ

## ମିଳୁନି ପରିଚୟ; ମେଡିକାଲରେ ପଡ଼ିଛି ଶବ

ଲକ୍ଷ୍ମୀପୁର,୧୭।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା କୁଟିଙ୍ଗା ସ୍ଥିତ ୩୨୬ତମ ଜାତୀୟ ରାଜପଥରେ ମଙ୍ଗଳବାର ଭୋର ସମୟରେ ଏକ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବାରୁ ଶବ ମେଡିକାଲରେ ପଡିରହିଛି। ସୂଚନାଯୋଗ୍ୟ, ଆଜି ଭୋରରୁ ଏକ ପଲସୋର ବାଇକ୍‌ରେ ତିନିଜଣ ଯୁବକ ଯାଉଥିବା ବେଳେ ଭାରସାମ୍ୟ ହରାଇ ମୃତକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ମୃତକଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍‌ରେ ଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ଆହାତ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର କହିଛନ୍ତି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

■ ଏନ୍‌ଏଚ୍ ଅଧିକାରୀ ଓ ଠିକାଦାରଙ୍କୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

# ସପ୍ତାହରେ ଗୋବିନ୍ଦପାଲ୍ଲୀ-ମୋଟୁ ରାସ୍ତାର ଖାଲଖମା ମରାମତି କର

ମାଲକାନଗିରି,୧୭।୨(ସମିସ): ଗତ ଶନିବାର ତଥା ୧୪ ଫେବୃଆରିରେ ମାଲକାନଗିରି ଜିଲ୍ଲା ମାଥିଲି ଠାରୁ ୪ କିମି ଦୂରରେ ଜାତୀୟ ରାଜପଥ ୩୨୬ରେ ଅବସ୍ଥିତ ଉଦୁଲିବେଡା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ କେଶବ ଗୌଡ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସମ୍ପର୍କୀୟ ରାଜେନ୍ଦ୍ର ମାହାପାଳିଆ ଗୁରୁତର ଭାବରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ ରେ ଥିବା ଖାଲଖମା ଏବଂ ନିମ୍ନମାନର ରାସ୍ତା ଯୋଗୁଁ ହୋଇଥିବା ଜଣାପଡ଼ିଛି। ଏନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜାତୀୟ ରାଜପଥର ମରାମତି, ରକ୍ଷଣା ବେକ୍ଷଣ ଏବଂ ସଠିକ୍ ସୂଚନା ଫଳକଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ନିମନ୍ତେ ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି ଏବଂ ଜାତୀୟ ରାଜପଥ ଡିଭିଜନ ଜୟପୁରଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ। ତଥାପି ସଂପୃକ୍ତ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କୌଣସି ତତ୍ପରତା ପ୍ରକାଶ କରିନଥିଲେ। ତେଣୁ ଉକ୍ତ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ବିରୁଦ୍ଧରେ ମାଥିଲି ଥାନାରେ ମାମଲା ଦାୟର କରାଯାଇଛି। ତତ୍‌ସହିତ ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି ଓ ଜାତୀୟ ରାଜପଥ ଜୟପୁର ଡିଭିଜନ ଅଧିକାରୀଙ୍କ ସମେତ ଠିକାଦାରଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୧୫ ଅନୁଯାୟୀ ଏକ ସପ୍ତାହ ମଧ୍ୟରେ ଗୋବିନ୍ଦପାଲ୍ଲୀ ଠାରୁ ମୋଟୁ ପର୍ଯ୍ୟନ୍ତ ସମସ୍ତ ଖାଲଖମା, ଜାତୀୟ ରାଜପଥର ରକ୍ଷଣା ବେକ୍ଷଣ ଏବଂ ସଠିକ ସୂଚନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ଉପଜିଲ୍ଲାପାଳ ତଥା ମାଲକାନଗିରି ଉପଖଣ୍ଡ ଦଣ୍ଡାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ଧାରା ୨୨୩ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

ଜୟପୁର,୧୭।୨(ସମିସ): ଜୟପୁର ସଦରଥାନାରେ ଜଣେ ୨୧ ବର୍ଷିୟା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ସ୍ଥାନୀୟ ସାନ ଜିଉନା ଗ୍ରାମର ମନ ପରଜାଙ୍କ ନାମରେ ଥାନାରେ ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗତ ଏକ ବର୍ଷ ହେଲାଣି ତାଙ୍କ ସହ ସମ୍ପର୍କରେ ରହିଥିଲେ। ଯୁବତୀଙ୍କୁ ନେଇ ଅଭିଯୁକ୍ତ ଇନ୍ଦ୍ରବତୀଠାରେ ରହିଆସୁଥିଲେ। ଯୁବତୀ ଜଣକ ଗର୍ଭବତୀ ହେବାରୁ ତାଙ୍କୁ ବିବାହ କରିବାକୁ ଯୁବତୀ ଚାପ ସୃଷ୍ଟି କରିଥିଲେ। କିନ୍ତୁ ଯୁବକ ଉକ୍ତ ଛୁଆ ତାଙ୍କର ନୁହେଁ ଏବଂ ସେ ବିବାହ କରିବେ ନାହିଁ ବୋଲି କହି ଯୁବତୀଙ୍କୁ ଗାଳିଗୁଲଜ କରିଥିଲେ। ଅଭିଯୁକ୍ତଙ୍କ ଦୁଇ ଭଉଣୀ ମଧ୍ୟ ପୀଡିତାଙ୍କୁ ଗାଳିଗୁଲଜ କରିଥିବା ନେଇ ପୀଡିତା ଏତଲାରେ ଦର୍ଶାଇଛନ୍ତି। ପୀଡିତାଙ୍କ ଏତଲା କ୍ରମେ ସଦରଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

# ଗୁଲୁମୀ ଜଳପ୍ରପାତରେ ନିଖୋଜ ଏସ୍‌ଆଇଙ୍କ ମୃତଦେହ ଉଦ୍ଧାର

● ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର

କୋଟପାଡ଼/କୁସୁମୀ,୧୭।୨(ସମିସ): ଦୀର୍ଘ ୪୦ ଘଣ୍ଟା ପରେ ଉଦ୍ଧାର ହେଲା କୋଟପାଡ଼ ଗୁଲମି ଜଳ ପ୍ରପାତରେ ନିଖୋଜ ସିଆଇଏସଏଫ୍ ସବଇନ୍ସପେକ୍ଟର ଆକାଶ ଚୌଧୁରୀଙ୍କ ମୃତଦେହ। ୨୮ ବର୍ଷୀୟ ଆକାଶ ଚୌଧୁରୀ ହରିୟାଣା ଅଞ୍ଚଳର ବୋଲି ଜଣାପଡିଛି। ସେ ଛତିଶଗଡ଼ ନଗରନାର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଥିଲେ। ୩ ମାସ ପୂର୍ବରୁ ବିବାହ କରିଥିଲେ। ଅନ୍ୟ ସହକର୍ମୀମାନଙ୍କ ସହିତ ରବିବାର ଦିନ ବୁଲିବାକୁ ଗୁଲୁମୀ ଆସିଥିବା ବେଳେ ଜଳପ୍ରପାତ ମଧ୍ୟକୁ ଖସି ପଡ଼ିଥିଲେ। କୋଟପାଡ଼ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ କୋଟପାଡ଼ ପୁଲିସ ନଗରନାର ପୁଲିସ ଟିମ୍ ଦୀର୍ଘ ୪୦ ଘଣ୍ଟାର ପରିଶ୍ରମ ପରେ ପାଣି ଭିତରେ ପଥର ତଳେ ଚାପି ହୋଇଥିବା ଯବାନଙ୍କ ମୃତ ଶରୀରକୁ ଉଦ୍ଧାର କରିଥିଲେ। କୋଟପାଡ଼ ମେଡିକାଲରେ ପୋଷ୍ଟମଟମ୍ କରି କୋଟପାଡ ପୁଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## କୋରାପୁଟ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



କୋରାପୁଟ,୧୭।୨(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ କୋରାପୁଟ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଋଣ ଏବଂ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି। ପରେ ମାଥାଲପୁଟ ସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନର ଉଦ୍‌ଘାଟନ କରିଥିଲେ। କୋରାପୁଟ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଦେବାଶିଷ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

● ଦୁଇ ବାଇକ ମୁହାଁମୁହିଁ ଧକ୍କା

# ଟ୍ରାକ୍ଟର ଚକା ତଳେ ପଡି ଜଣେ ମୃତ

## ଦୁଇ ଦିନ ପରେ ଦେଇଥାନ୍ତେ ମାଟ୍ରିକ ପରୀକ୍ଷା

ରାୟଗଡ଼ା,୧୭।୨(ସମିସ): ମଙ୍ଗଳବାର ରାୟଗଡ଼ା-ଜେକେପୁର ରାସ୍ତା କଡ଼ରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପଠାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ବାଇକରେ ବସିଥିବା ଜଣେ ନାବାଳକ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ତାଙ୍କ ଉପରେ ଟ୍ରାକ୍ଟର ମାଡି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ନାବାଳକ ଜଣକ ହେଲେ କାଶୀପୁର ବ୍ଲକ ମାଣ୍ଡିବିସି ଗ୍ରାମର ରାଜେଶ ବାଗ(୧୫)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ରାଜେଶଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଦିନ ପରେ ଗୁରୁବାର ମାଟ୍ରିକ ପରୀକ୍ଷା ଦେଇଥାନ୍ତେ ରାଜେଶ। ସମ୍ପର୍କୀୟ ଭାଇ ଭାଉଜଙ୍କ ସହିତ ସେ ନିଜ ଗାଁକୁ ଯାଉଥିଲେ। ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କାର୍-ବାଇକ୍ ଧକ୍କା; ବାଇକ ଆରୋହୀ ମୃତ

କୋରାପୁଟ,୧୭।୨(ସମିସ): କୋରାପୁଟରୁ ରାୟଗଡ଼ା କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୩୨୬ର ବାଗ୍ରା ଛକ ନିକଟରେ କାର ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଧନ କନିକା (୩୨)। ସେ ବାଗ୍ରା ଛକ ନିକଟ ନୂଆ କଲୋନୀର ବାସୀନ୍ଦା ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ମୃତକ ଧାନ ଡ୍ରାଇଭର କାମ କରୁଥିବା ବେଳେ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସିଥିବା କାର ସହ ତାଙ୍କର ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। କୋରାପୁଟ ସଦର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

## ଉର୍ମିଳା ମୁଦୁଲି ଜିଲ୍ଲା ବିଜେଡି ମହିଳା କାର୍ଯ୍ୟକାରୀ ସଭାନେତ୍ରୀ

ନନ୍ଦପୁର,୧୭।୨(ସମିସ): ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଂଗଠନକୁ ଗୁରୁତ୍ୱ ଦେଇ କୋରାପୁଟ ଜିଲ୍ଲାର ତୃଣମୂଳସ୍ତରରେ ସଂଗଠନକୁ ମଜବୁତ୍ କରିବାକୁ ଜିଲ୍ଲା ମହିଳା ସଭାନେତ୍ରୀ ଭାବେ ପାର୍ବତୀ ମଣ୍ଡିଙ୍କ ସ୍ଥାନ ସୁରକ୍ଷିତ ରହିଥିବା



ବେଳେ ଜିଲ୍ଲା ମହିଳା କମିଟିରେ ଉର୍ମିଳା ମୁଦୁଲିଙ୍କୁ ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ମଧ୍ୟ ଦଳୀୟ ପଦପଦବୀରେ ଦାୟିତ୍ୱରେ ସୁଚାର ରୂପେ ତୁଲାଇଥିବା ବେଳେ ଜିଲ୍ଲାର ବଡ ଦାୟିତ୍ୱ ପ୍ରଦାନ କରିଛନ୍ତି ଦଳୀୟ ହାଇ କମାଣ୍ଡ। ଉର୍ମିଳା ମୁଦୁଲି ଜିଲ୍ଲା ମହିଳା ସଭାନେତ୍ରୀ ହେବା ପରେ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି ପୂର୍ବତନ ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ନନ୍ଦପୁର ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ନନ୍ଦପୁର ବରିଷ୍ଠ ମହିଳାନେତ୍ରୀ କୁନି ପାଲିଙ୍କ ସମେତ ନନ୍ଦପୁର ବ୍ଲକ୍‌ର ମହିଳା ସଂଗଠନ।

# ସ୍କେଟିଂରେ ଅଭିପ୍ସା ପ୍ରିୟଦର୍ଶିନୀଙ୍କ ସଫଳତା




ସୁନାବେଡ଼ା,୧୭।୨(ସମିସ): ହାଲ ସହରାଞ୍ଚଳ ସ୍ଥିତ ଡିଏଭି ଭିଏସ ବିଦ୍ୟାଳୟର ଛାତ୍ରୀ ଅଭିପ୍ସା ପ୍ରିୟଦର୍ଶିନୀ ଜାତୀୟସ୍ତରର ସ୍ପିଡ଼ ସ୍କେଟିଂ ଚାମ୍ପିଅନସିପରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଓଡ଼ିଶା ସ୍ପିଡ଼ ସ୍କେଟିଂ ଆସୋସିଏସନ, ଭୁବନେଶ୍ୱର ତରଫରୁ ଅନୁଷ୍ଠିତ ପ୍ରଥମ ସ୍ପିଡ଼ ସ୍କେଟିଂ ଚାମ୍ପିଅନସିପରେ ଅଭିପ୍ସା, ତିନି ଗୋଟି ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ହାସଲ କରିଥିଲେ। ଦ୍ୱିତୀୟ ସ୍ପିଡ୍ ସ୍କେଟିଂରେ ଦୁଇଗୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଚେନ୍ନାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିପ୍ସା ପ୍ରିୟଦର୍ଶିନୀ ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ରିଲେ ସ୍କେଟିଂ ଦୌଡ଼ରେ ଗୋଟିଏ ରୌପ୍ୟ ପଦକ ପାଇ ଇଣ୍ଡୋନେସିଆରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ସ୍ପିଡ଼ ସ୍କେଟିଂ ଚାମ୍ପିଅନସିପ ନିମନ୍ତେ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କର ପିତାମାତା, ପରିବାର ବର୍ଗ, ସ୍କେଟିଂ ପ୍ରଶିକ୍ଷକ ଭୀମସେନ ସିଦୁ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ହାଲ ସହରାଞ୍ଚଳବାସୀ ଅଭିପ୍ସାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଭିପ୍ସାର ବାପା ଜଣେ ସାମାନ୍ୟ କର୍ମଚାରୀ ହୋଇଥିବାରୁ ଅନେକ କ୍ଷେତ୍ରରେ ଅର୍ଥ ବାଧକ ସାଜୁଛି, ତେଣୁ ସରକାରଙ୍କ ସହଯୋଗ କିମ୍ବା ପ୍ରଶାସନିକ ସହଯୋଗ ମିଳିଲେ ଅଭିପ୍ସା ଓଡିଶା ତଥା ଭାରତ ପାଇଁ ଗୌରବ ଆଣିବାରେ ସକ୍ଷମ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ମହିଳାଙ୍କ ଭ୍ୟାନିଟ୍ ଝାମ୍ପି ନେଲେ ଦୁର୍ବୃତ୍ତ

ଅମ୍ବାଦଳା,୧୭।୨(ସମିସ): ରାୟାଗଡା ଜିଲ୍ଲା ଅମ୍ବାଦଳା ଥାନା କାକଡମ୍ବା ଛକ ନିକଟରେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ମହିଳାଙ୍କ ହାତରୁ ଭ୍ୟାନିଟ ବ୍ୟାଗ ଝାମ୍ପି ନେଲେ ଦୁର୍ବୃତ୍ତ। ଲୁଟର ଶିକାର ହୋଇଥିବା ମହିଳା ଜଣକ ହେଲେ ଅମ୍ବାଦଳା ଥାନା ଅନ୍ତର୍ଗତ ରାଣୀପିଣ୍ଡା ପଞ୍ଚାୟତ କାକଡମ୍ବା ଗ୍ରାମର ନୀଳନ୍ତି କୁମାର। ମହିଳା ଜଣଙ୍କ ନିଜ ଘରୁ କୌଣସି କାମରେ ଚାଲି ଚାଲି ଅମ୍ବାଦଳା ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ମହିଳା ଜଣଙ୍କ ପଛପଟୁ ଧକ୍କା ଦେବା ଦେବାରୁ ତଳେ ପଡିଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଜଣଙ୍କ ତାଙ୍କ ହାତରୁ ଭ୍ୟାନିଟ ବ୍ୟାଗ ଝାମ୍ପି ନେଇଥିବା ସେ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଭ୍ୟାନିଟରେ ୨୩ ହଜାର ଟଙ୍କା ମୋବାଇଲ ଫୋନ ରହିଥିବା ମହିଳା ଜଣଙ୍କ ପ୍ରକାଶ କରିଥିବା ବେଳେ ଘଟଣା ସ୍ଥଳରେ ଅମ୍ବାଦଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ରାତି ପାହିଲେ ମାଟ୍ରିକ ପରୀକ୍ଷା

# ଅଧିକାଂଶ ବିଦ୍ୟାଳୟରେ ଖାଲି ପଡିଛି ଶିକ୍ଷକ, ପ୍ରଧାନଶିକ୍ଷକ

● ପରୀକ୍ଷାକୁ ନେଇ ଚିନ୍ତାରେ ଶିକ୍ଷକ ଓ ଅଭିଭାବକ

ବୈପାରୀଗୁଡା,୧୭।୨(ସମିସ): ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକରେ ଶିକ୍ଷକ ଅଭାବ ଯୋଗୁଁ ଆଣ୍ଠେଇଛି ଶିକ୍ଷା ବ୍ୟବସ୍ଥା। କେଉଁଠି ଶିକ୍ଷକ ତ ଆଉ କେଉଁଠାରେ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ପୁଣି ରାତି ପାଇଲେ ମେଟ୍ରିକ ପରୀକ୍ଷା ଥିବା ବେଳେ ଶିକ୍ଷକ ମରୁଡ଼ି ମଧ୍ୟରେ ଏବେ ପରୀକ୍ଷା ଚାଲିବାକୁ ଥିବା ନଜରକୁ ଆସିଛି। ପ୍ରଧାନଶିକ୍ଷକ ନଥିବା ହାଇସ୍କୁଲ ଗୁଡ଼ିକରେ କିପରି ମାଟ୍ରିକ ପରୀକ୍ଷା ପରିଚାଳନା ହେବ ତାହାକୁ ନେଇ ଶିକ୍ଷକ ଓ ଅଭିଭାବକ ଚିନ୍ତାରେ ପଡିଛନ୍ତି। ବୈପାରୀଗୁଡା ବ୍ଲକରେ ମୋଟ ୧୯ ଟି ହାଇସ୍କୁଲ ଥିବାବେଳେ ମାଟ୍ରିକ ପରୀକ୍ଷା ୭ଟି ସେଣ୍ଟରରେ ବ୍ୟବସ୍ଥା କରାଯାଇଛି। ବାଲିଗାଁ ଏସ୍‌ଏସ୍‌ଡି ହାଇସ୍କୁଲ, ବୈପାରୀଗୁଡା ହାଇସ୍କୁଲ, ରାମଗିରି ଗୋପାଳ ହାଇସ୍କୁଲ, କାକଲପୋଡ଼ା ହାଇସ୍କୁଲ, ଗୁମ୍ମା ଏସଏସଡି ହାଇସ୍କୁଲ, ଗୁପ୍ତେଶ୍ୱର ହାଇସ୍କୁଲ ଏବଂ ଟାଙ୍ଗିନିଗୁଡା ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ହେଲେ କେବଳ ବାଲୁଗାଁ ଏସଏସଡି ହାଇସ୍କୁଲକୁ ଛାଡିଦେଲେ ବାଳକା ସମସ୍ତ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ପ୍ରଧାନଶିକ୍ଷକ ନ ଥିବା ହାଇସ୍କୁଲ ଗୁଡ଼ିକରେ କିପରି ମାଟ୍ରିକ୍ ପରୀକ୍ଷା ପରିଚାଳନା ହେଉଥିବ ତାହାକୁ ନେଇ ଶିକ୍ଷକ ଓ ଅଭିଭାବକ ଚିନ୍ତାରେ ପଡିଛନ୍ତି।

# ରାୟଗଡା ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଦେବେ ୧୨୬୯୧ ଛାତ୍ରଛାତ୍ରୀ

ରାୟଗଡ଼ା,୧୭।୨(ସମିସ): ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ଯାଏ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ରାୟଗଡ଼ା ଜିଲାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାରେ ଚଳିତ ବର୍ଷ ୬୪ଟି ପରୀକ୍ଷା କେନ୍ଦ୍ରରେ ୧୨ ହଜାର ୬୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଜିଲ୍ଲାରେ ୫୯ଟି ପରୀକ୍ଷା କେନ୍ଦ୍ରରେ ୧୧ ହଜାର ୮୫୯ ଜଣ ଛାତ୍ରଛାତ୍ରୀ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷା ଦେବେ। ସେହିପରି ଜିଲ୍ଲାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ୫ଟି କେନ୍ଦ୍ରରେ ୮୩୨ ଜଣ ପରୀକ୍ଷା ଦେବେ। ଏଥିପାଇଁ ଜିଲ୍ଲାରେ ୧୧ଟି ନୋଡାଲ ସେଣ୍ଟର କରାଯାଇଛି। ପ୍ରତି ବ୍ଲକ ମୁଖ୍ୟାଳୟରେ ଥିବା ହାଇସ୍କୁଲରେ ଏହି ନୋଡାଲ ସେଣ୍ଟର କରାଯାଇଛି। ଏହିସବୁ କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥାରେ ପ୍ରଶ୍ନପତ୍ର ରଖାଯାଇଛି। ନୋଡାଲ ସେଣ୍ଟରରେ ୨୪ ଘଣ୍ଟିଆ ପୁଲିସ ପ୍ରହରା ସହ ସିସିଟିଭି ନଜରରେ ରଖାଯାଇଛି। ଆସନ୍ତା ୧୯ ତାରିଖରେ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୯ଟାରୁ ସାଢେ ୧୧ଟା ଯାଏ ପରୀକ୍ଷା ହେବ। ତେବେ ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ପରିଚାଳନା ପାଇଁ ୬୪ ଜଣ ଅବଜରଭର ଓ ୬୪ ଜଣ ପରୀକ୍ଷା ସୁପରିନଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ କହିଛନ୍ତି।

କେନ୍ଦୁପତ୍ର ଗୋଦାମ ପାଶ୍ୱର୍ରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ସାଙ୍ଗର ସ୍ତ୍ରୀକୁ ପାଇବାକୁ ସାଙ୍ଗକୁ ହତ୍ୟା; ୨ ଗିରଫ

ମାଲକାନଗିରି, ୧୭।୨ (ସମିସ):

ମାଲକାନଗିରି ଜିଲ୍ଲା ଆଦର୍ଶ ଥାନା ଅନ୍ତର୍ଗତ ଏମଭି ୧୬ ଗାଁ ସ୍ଥିତ କେନ୍ଦୁପତ୍ର ଗୋଦାମ ପାଶ୍ୱର୍ରୁ ଉତ୍ତମ ବିଶ୍ୱାସ ନାମକ ଯୁବକର ମୃତଦେହ ଉଦ୍ଧାର ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ପୋଲିସ ନିକଟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଭିଯୁକ୍ତ ସମୀର ବୈଦ୍ୟ ଏବଂ ମୃତ ଉତ୍ତମ ବିଶ୍ୱାସ ଘନିଷ୍ଠ ବନ୍ଧୁ ଥିଲେ। କୌଣସି ଘରୋଇ ସମସ୍ୟା ଯୋଗୁଁ ଅଭିଯୁକ୍ତ ସମୀର ବୈଦ୍ୟଙ୍କ ପତ୍ନୀ ତାଙ୍କୁ ଛାଡି ଗତ ୬ ବର୍ଷ ଧରି ଅଲଗା ରହୁଥିଲେ। ଅଭିଯୁକ୍ତ ସମୀର ବୈଦ୍ୟ ତାଙ୍କ ପିତାମାତା ଏବଂ ପିଲାମାନଙ୍କ ସହିତ ରହୁଥିବା ବେଳେ ଅନେକ ସାମୀରେ ସେ ମୃତ ଉତ୍ତମ ବିଶ୍ୱାସଙ୍କ ଘରକୁ ଯାଉଥିଲେ। ମୃତ ବ୍ୟକ୍ତିଙ୍କ ଘରକୁ ଯିବା ସମୟରେ ଅଭିଯୁକ୍ତ ସମୀର ଉତ୍ତମଙ୍କ ସ୍ତ୍ରୀଙ୍କ ପ୍ରତି କୁଦୃଷ୍ଟି ପକାଇବା ସହ ବାରମ୍ବାର ଫୋନ୍ କରି ସମ୍ପର୍କ ରଖିବା ପାଇଁ କହୁଥିଲେ। ଉତ୍ତମ ବିଶ୍ୱାସଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କ ସହ ସମ୍ପର୍କ ନିବିଡ ହେବ ଭାବି ଅଭିଯୁକ୍ତ ସମୀର ଉତ୍ତମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏନେଇ ସେ ତାଙ୍କ ସହଯୋଗୀ ଅଭି ମୁଜୁମଦାରଙ୍କୁ କହିଥିଲେ। ଅଭି ପଶ୍ଚିମବଙ୍ଗର ବାସୀନ୍ଦା ହୋଇଥିବା ବେଳେ ଏମ୍‌ଭି ୧୭ ଗ୍ରାମରେ ଉଭୟ ମିଶି ଏକ ଦୋକାନରେ କାର୍ଯ୍ୟ କରୁଥିଲେ। ଉତ୍ତମ ବିଶ୍ୱାସଙ୍କୁ ହତ୍ୟା କରିବାକୁ ଅଭିଯୁକ୍ତ

### ୪୦ ହଜାର ଟଙ୍କାରେ ହୋଇଥିଲା ହତ୍ୟା ଡିଲ

ଅଭି ମୁଜୁମଦାର ପଚାଶ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ଅଭିଯୁକ୍ତ ସମୀର ମୃତକଙ୍କୁ ହତ୍ୟା କରିବା ପାଇଁ ଚାଳିଶ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ଫେବୃଆରି ୪ରେ ଅଭିଯୁକ୍ତ ସମୀର ବୈଦ୍ୟ ଏବଂ ଅଭି ମୁଜୁମଦାର ମୃତକଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେହି



ଦିନ ସନ୍ଧ୍ୟାରେ ଏମଭି ୧୬ ଗ୍ରାମ କେନ୍ଦୁପତ୍ର ଗୋଦାମ ନିକଟରେ ମୃତକ ଉତ୍ତମଙ୍କୁ ଡାକି ନେଇ ମଦ୍ୟପାନ କରାଇଥିଲେ। ଏହି ସମୟରେ ଅଭିଯୁକ୍ତ ଅଭି ହଠାତ୍ ଉତ୍ତମଙ୍କୁ କାତି ସାହାଯ୍ୟରେ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ଉତ୍ତମଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତ ସମୀର ବୈଦ୍ୟ ଏବଂ ଅଭି ଉଭୟ ତାଙ୍କ ମୃତଦେହକୁ ଟାଣି ଆଣି ତାଙ୍କ ଚପଲ ଏବଂ ମୋବାଇଲ୍ ଫୋନ୍ ନେଇ ଚାଲି ଯାଇଥିଲେ। ଅଭିଯୁକ୍ତ ସମୀର ବୈଦ୍ୟ ତାଙ୍କ ଚୁକ୍ତିନାମା ଅନୁଯାୟୀ ଅଭିଯୁକ୍ତ ଅଭିକୁ ତିରିଶ ହଜାର ଟଙ୍କା ମଧ୍ୟ ଦେଇଥିଲେ। ଏହାପରେ ଅଭି ପଶ୍ଚିମବଙ୍ଗ ପଳାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ କରି ଏହାର ପର୍ଦ୍ଦାଫାସ କରି ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଅଭି ଏବଂ ଏମଭି ୧୬ରେ ରହୁଥିବା ଅଭିଯୁକ୍ତ ସମୀରକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ଚୋରା ଖଣିଜ କାରବାରରେ ଚଢ଼ଉ; ଜଣେ ଗିରଫ

## ଲୁହାପଥର ବୋଝେଇ ଟ୍ରକ୍, ଲୋଡର୍ ମେସିନ, ସ୍କର୍ପିଓ ଜବତ





ଯୋଡ଼ା,୧୭।୨(ସମିସ): ଯୋଡ଼ା ଖଣି ଅଞ୍ଚଳରେ ଖଣିଜ ଚୋରା କାରବାର ବନ୍ଦ ହେବାର ନାଁ ଧରୁନାହିଁ। ବିଭିନ୍ନ ସମୟରେ ଖଣି ବିଭାଗ, ପୁଲିସ ବିଭାଗ, ବନ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଥିବା ସତ୍ତ୍ୱେ ଖଣିଜ ମାଫିଆମାନେ ଖଣିଜ ଚୋରିରେ ଲିପ୍ତ ରହୁଛନ୍ତି। ବାମେବାରି ଥାନା ଅନ୍ତର୍ଗତ ପଳଶା ଜଙ୍ଗଲରେ ଚୋରା ହେଉଥିବା ବେଳେ ପୁଲିସ ଚଢ଼ଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏଥିସହ ଲୋଡର ମେସିନ, ଟ୍ରକ୍, ସ୍କର୍ପିଓ ଗାଡ଼ି ଜବତ କରିଥିବା ଜଣାପଡ଼ିଛି। ସୋମବାର ବିଳମ୍ବିତ ରାତିରେ ଉକ୍ତ ସଂରକ୍ଷିତ ଜଙ୍ଗଲରେ ଖଣିଜ ଚୋରମାନେ ଏକ ୧୬ ଚକିଆ ଟ୍ରକରେ ଲୋଡର ମେସିନ ସାହାଯ୍ୟରେ ଲୁହାପଥର ବୋଝେଇ କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ବାମେବାରୀ ପୁଲିସ ଖବର ପାଇ ସଦଳବଳେ ଚଢଉ କରିଥିଲା। ଏହି ଚଢ଼ଉରେ ଏକ ଟ୍ରକ୍ (ୟୁପି ୪୪ବି ଟି୨୯୪୧), ଏକ ସ୍କର୍ପିଓ (ଓଡି ୦୯ଭି ୨୦୫୮) ଓ ଏକ ଲୋଡରମେସିନ (ଓଡି୦୯ଇ୧୪୧୦)କୁ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଲୋଡର ମାଲିକ କୋଟୁପାଲି ଗ୍ରାମର ମହେନ୍ଦ୍ର ବେହେରାକୁ ଗିରଫ କରାଯାଇଛି। ଟ୍ରକ୍‌ରେ ବୋଝେଇ ଥିବା ପ୍ରାୟ ୩୬ ମେଟ୍ରିକ୍ ଟନ୍ ଉନ୍ନତ ମାନର ଲୁହାପଥର; ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ, ତାକୁ ଜବତ କରାଯାଇଛି। ଏହି ଚୋରା କାରବାରରେ ଏକାଧିକ ଖଣିଜ ଚୋର ସଂପୃକ୍ତ ଥିବା ପୁଲିସ ଅନୁସନ୍ଧାନରୁ ଜଣାପଡ଼ିଛି। ଏନେଇ ଛାନଭିନ ଚାଲିଛି ଏବଂ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବାମେବାରୀ ଆଇଆଇସି ଝସକେତନ ଭୋଇ ସୂଚନା ଦେଇଛନ୍ତି। ବାମେବାରି ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ଲୁହାପଥର ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ

# ୨ ପରୀକ୍ଷାର୍ଥୀ ସମେତ ୫ ଆହତ




ଚମ୍ପୁଆ, ୧୭।୨(ସମିସ): ଚମ୍ପୁଆ ଥାନା ରିମୁଳି ଫାଣ୍ଡି ଅନ୍ତର୍ଗତ ପାର୍ଶଳା ନିକଟ ଜାତୀୟ ରାଜପଥ ଉପରେ ଏକ ଲୁହାପଥର ବୋଝେଇ ଟ୍ରେଲର ଓଲଟି ପଡ଼ିବାରୁ ଏକ କାର ଓ ଏକ ମଟର ସାଇକଲ କ୍ଷତିଗ୍ରସ୍ତ ହେବା ସହ ୫ଜଣ ଆହତ ହୋଇଛନ୍ତି। ଏହି ୫ ଜଣଙ୍କ ମଧ୍ୟରେ ୨ ଜଣ ବୋର୍ଡ ପରୀକ୍ଷାର୍ଥୀ ଥିବା ଜଣାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ସକାଳ ୯ଟାରେ ଯୋଡା ଅଞ୍ଚଳରୁ ଲୁହାପଥର ବୋଝେଇ ଓଡି ୦୯ କେ ୩୯୨୭ ନଂ ଟ୍ରେଲରଟି କେନ୍ଦୁଝର ଦିଗକୁ ଯାଉଥିବା ବେଳେ ପାର୍ଶଳା ନିକଟ ସିଜୁକଳାଠାରେ ଭାରସାମ୍ୟ ହରାଇଥିଲା। ବିପରୀତ ଦିଗ ଖେଣ୍ଡରା ଅଞ୍ଚଳରୁ ଓଡି ୦୨ ସିୱାଇ ୫୧୦୨ ନଂ କାର ଏବଂ ଓଡି୨୨ ୟୁ୬୫୭୮ ବୁଲେଟ ଉପରେ ଉକ୍ତ ଦୁର୍ଘଟଣାଗ୍ରସ୍ତ ଟ୍ରେଲର୍‌ଟି ପଡ଼ିଥିଲା। କାର ଯୋଗେ ଚମ୍ପୁଆ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଥିବା ସିବିଏସସି ବୋର୍ଡ ପରୀକ୍ଷା କେନ୍ଦ୍ରକୁ ଆଦର୍ଶ ବିଦ୍ୟାଳୟର ଛାତ୍ର ହେମନ୍ତ ମହାନ୍ତ ଓ ନର୍ମଦା ତନ୍ତୀ ପରିକ୍ଷା ଦେବାକୁ ଆସୁଥିଲେ। କାର ଓ ବୁଲେଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସୌଭାଗ୍ୟ ବଶତ ୨ ଛାତ୍ର ସମେତ ବାଇକ ଓ କାର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଓ ପୁଲିସ ପକ୍ଷରୁ ଆହତଙ୍କୁ ଚମ୍ପୁଆ ଚିକିତ୍ସାଳୟ ଅଣାଯାଇ ଚିକିତ୍ସା କରାଯାଇଥିଲା। ପରୀକ୍ଷା ପାଇଁ ବିଳମ୍ବ ହେଉଥିବା ବେଳେ ଚମ୍ପୁଆ ଥାନାଧିକାରୀ ସ୍ୱରୂପ କୁମାର ନାୟକ ପ୍ରାଥମିକ ଚିକିତ୍ସା ପରେ ନିଜ ଗାଡ଼ିରେ ୨ ଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ନେଇ ପହଞ୍ଚାଇଥିଲେ। ପରେ ପୁଲିସ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ସ୍ଥାନାନ୍ତର କରାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି। ପୁଲିସ ଏକ ମାମଲା ରୁଜୁ କରିବା ସହ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

# ବେଆଇନ ବାଲି ସହ ୩ ଟ୍ରାକ୍ଟର ଜବତ

ଡୁରୁମୁଙ୍ଗା, ୧୭।୨(ସମିସ): ପାଟଣା ଥାନା ପୁଲିସ ଚାତରପାଣି ନିକଟରୁ ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବେଆଇନ ବାଲି ସହ ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ଡ୍ରାଇଭରଙ୍କୁ ନୋଟିସ ଦେଇ ଛାଡ଼ିଛି। ସାହାରପଡ଼ା ତହସିଲ ଲୁଙ୍ଗା ଗ୍ରାମ ନିକଟ ଦେଓ ନଦୀରୁ ବାଲି ଚୋରା ଚାଲାଣ କରି ନେଉଥିବା ବେଳେ ପାଟଣା ପୁଲିସ ଚଢ଼ଉ କରିଥିଲା।

# ଆନନ୍ଦପୁର ମହୋତ୍ସବ ପ୍ରସ୍ତୁତି ପାଇଁ ୧୯ରେ ବୈଠକ



ଆନନ୍ଦପୁର, ୧୭।୨(ସମିସ): ଦୁଇବର୍ଷ ହେବ ବନ୍ଦ ରହିଥିବା ଆନନ୍ଦପୁର ମହୋତ୍ସବ କେବେ ହେବ ସେନେଇ ବାରମ୍ବାର ପ୍ରଶ୍ନ ହେବା ପରେ ଆସନ୍ତା ୧୯ ତାରିଖରେ ପ୍ରସ୍ତୁତି ବୈଠକ ହେବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ମହୋତ୍ସବ ଆୟୋଜନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। ୨୦୦୮ରେ ତତ୍କାଳୀନ ଉପଜିଲ୍ଲାପାଳ ସୁରଥଚନ୍ଦ୍ର ମଲ୍ଲିକଙ୍କ ଉଦ୍ୟମରେ ଆନନ୍ଦପୁର ମହୋତ୍ସବର ପରିକଳ୍ପନା କରାଯାଇଥିଲା। ଏହା ପରଠାରୁ ମହୋତ୍ସବର କଳେବର ବୃଦ୍ଧି ପାଇବା ସହ ଏହା ନିରବଚ୍ଛିନ୍ନ ଭାବେ ହୋଇଆସୁଥିଲା। କୋଭିଡ ପାଇଁ ଗୋଟିଏ ବର୍ଷ ମହୋତ୍ସବ ବନ୍ଦ ରହିଥିଲା। ୨୦୨୩ ଫେବୃଆରୀରେ ଧୁମ୍‌ଧାମ୍‌ରେ ଆୟୋଜିତ ହୋଇଥିବା ଆନନ୍ଦପୁର ମହୋତ୍ସବ ୨୦୨୪ରେ ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଆର୍ଥିକ ସମସ୍ୟା ଓ ସାଧାରଣ ନିର୍ବାଚନ ଆଳ ଦେଖାଇ ମହୋତ୍ସବକୁ ଶେଷ ମୁହୂର୍ତ୍ତରେ ବନ୍ଦ କରିଦିଆଗଲା। ପ୍ରତିବର୍ଷ ଜାନୁଆରୀରୁ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଆନନ୍ଦପୁର ଓ ଘସିପୁରାରେ ବିଜେଡି ଦଳର ବିଧାୟକ ରହିଥିବା ବେଳେ ରାଜ୍ୟରେ ବିଜେପି ସରକାର ଥିବାରୁ ସେମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଚର୍ଚ୍ଚା ହେଉଛି। ମହୋତ୍ସବ ପାଳନ ସମୟରେ କେଉଁ ଦଳର ନେତା ପ୍ରମୁଖ ଦାୟିତ୍ୱ ନେବେ ତାକୁ ନେଇ ମଧ୍ୟ ବିବାଦ ରହିଛି। ଏନେଇ ମହୋତ୍ସବ କମିଟିର ସଦସ୍ୟ ରାକେଶ ରାମ୍ କହିଛନ୍ତି, ମହୋତ୍ସବ ମାଧ୍ୟମରେ ଆନନ୍ଦପୁରର ଐତିହ୍ୟ, କଳା, ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଭରପୂର ସୁଯୋଗ ରହିଛି। ଏହାକୁ ଉପଖଣ୍ଡର ଜନସାଧାରଣ ଚାହିଁ ବସିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା କହିଛନ୍ତି, ମହୋତ୍ସବ ଆୟୋଜନ ପାଇଁ ସମସ୍ତଙ୍କ ମତ ନିଆଯାଉଛି। ମାର୍ଚ୍ଚରେ ମହୋତ୍ସବ ଆୟୋଜନ କରାଯିବାକୁ ପ୍ରସ୍ତୁତି ବୈଠକ ଆହ୍ୱାନ କରାଯାଇଛି।

# ସାହାରପଡ଼ା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଡୁରୁମୁଙ୍ଗା, ୧୭।୨(ସମିସ): ସାହାରପଡା ବ୍ଲକ ସଦର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଏବଂ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି କିପରି ସଂଗଠନ ମଜବୁତ କରି ହେବ ସେନେଇ ଆଲୋଚନା କରିଥିଲେ। ଏହି ସଭାରେ ନୂତନ ଭାବେ ନିଯୁକ୍ତ ହୋଇଥିବା ବ୍ଲକ ସଭାପତି ସରୋଜ କୁମାର ବଘେଲଙ୍କୁ ସମ୍ବର୍ଦ୍ଧନା ଦେବା ସହ ସାଂଗଠନିକ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଗୌରହରି ନାଏକ, ପୂର୍ବତନ ବ୍ଲକ ସଭାପତି ଭୋଳାନାଥ ବଘେଲ, ପୂର୍ବତନ ସରପଞ୍ଚ ସାରଥୀ ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନସିଂ ମୁଣ୍ଡା, ପୂର୍ବତନ ଲ୍ୟାମ୍ପ ସଭାପତି ଗୌରହରି ଦାସ, ଚିତ୍ତରଞ୍ଜନ ରାଉତ, ନାରାୟଣ ନାଏକ, ଯଶୋବନ୍ତ ମହାନ୍ତ, ବଳରାମ ମହାନ୍ତ, ଚିତ୍ତରଞ୍ଜନ ତରେଇ, ହେମ ରଞ୍ଜନ ବେହେରା, ବେଣୁଧର ନାୟକ, ବିମ୍ବାଧର ନାଏକ, ଯୁବ କଂଗ୍ରେସ ସମ୍ପାଦକ ରାଜୁ ମହାନ୍ତ ଏବଂ ପଙ୍କଜ ନାଏକ ଏବଂ ବହୁ ସଂଖ୍ୟାରେ କର୍ମକର୍ତ୍ତା ତଥା ବ୍ଲକ୍ ସ୍ତରରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଶ୍ରୀକୁଶଳେଶ୍ୱର ପୀଠରେ ଜଳସେବା ଶିବିର




ଆନନ୍ଦପୁର, ୧୭।୨ (ସମିସ): ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ଦେଓଗାଁସ୍ଥିତ ଶ୍ରୀକୁଶଳେଶ୍ୱର ମନ୍ଦିର ନିକଟରେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ୟୁନିଟ ତରଫରୁ ଏକ ପାନୀୟଜଳ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଭର ସ୍କାଉଟ ଲିଡର ଅଧ୍ୟାପକ ଡ. ବିଜୟ ସାହୁଙ୍କ ତତ୍ତ୍ୱାବଧାନରେ ରୋଭର ରେଞ୍ଜର ସ୍ୱେଚ୍ଛାସେବୀ ଶୁଦ୍ଧ ପାନୀୟଜଳ ପଥଚାରୀଙ୍କୁ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଶିବିରକୁ କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସହାୟକ ଜିଲ୍ଲାପାଳ ତପନ କୁମାର ପ୍ରଧାନ, ପୂର୍ବତନ ଶିକ୍ଷକ ଅନନ୍ତ ଚରଣ ରାଉତ, ରମାକାନ୍ତ ବଳ, ଧର୍ମାନନ୍ଦ ପତି, ଶରତଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସତ୍ୟବ୍ରତ ସାହୁ, ଓମପ୍ରକାଶ ରଣା, ଦିବ୍ୟପ୍ରକାଶ ସାହୁ, ସୁବ୍ରତ କୁମାର ଜେନା, ଶୁଭ୍ରଜିତ ସାହୁ, ପ୍ରିୟବ୍ରତ ଦାସ, ଅମରେନ୍ଦ୍ର ସାହୁ, ଅଶୋକ ରଣା, ଶକ୍ତିରୂପା ରାଉତ, ଲିପାରାଣୀ ଓଝା, ଲିପିକା ରାଣୀ ଜେନା, ଜ୍ୟୋତିରାଣୀ ଜେନା ପରିଚାଳନା କରିଥିଲେ।

# ଜେଇଇ ପରୀକ୍ଷାରେ ଅଂଶୁମାନଙ୍କ ସଫଳତା



ଡୁରୁମୁଙ୍ଗା, ୧୭।୨(ସମିସ): ସାହାରପଡା ବ୍ଲକ ବାଇକଳା ଗ୍ରାମର ବ୍ୟାଙ୍କ ଅଧିକାରୀ ଗୋବର୍ଦ୍ଧନ ଦାସଙ୍କ ବଡ଼ପୁଅ ଅଂଶୁମାନ ଦାସ ପ୍ରକାଶ ପାଇଥିବା ଜେଇଇ ମେନ୍-୨୦୨୬ ପରୀକ୍ଷାରେ ୯୯.୨୨ ପର୍ସେଣ୍ଟାଇଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଅଂଶୁମାନ ପିଲା ଦିନରୁ ଜଣେ ମେଧାବୀ ଛାତ୍ର ଥିବା ବେଳେ ସେ ଆଗକୁ ଆଇଆଇଟି କରିବେ ବୋଲି କହିଛନ୍ତି।

# ପୂର୍ବତନ ଶିକ୍ଷକଙ୍କ ପରଲୋକ

ଆନନ୍ଦପୁର, ୧୭।୨ (ସମିସ): ବଞ୍ଚୋ ଗ୍ରାମ ନିବାସୀ ତଥା ବାରାହୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବୈକୁଣ୍ଠନାଥ ବେହେରା (୮୮)ଙ୍କ ପରଲୋକ ହୋଇଯାଇଛି।



ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଆଜି ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ସେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ସେ ଶିକ୍ଷାବିତ ସତ୍ୟନାରାୟଣ ବେହେରାଙ୍କ ପିତା ଅଟନ୍ତି।

# ଅଞ୍ଜିରା ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ଶୁଭଲକ୍ଷ୍ମୀ



ଆନନ୍ଦପୁର,୧୭।୨ (ସମିସ): ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଗାଁ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଜଣେ ମେଧାବୀ ଛାତ୍ରୀ। ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତ ଅଞ୍ଜିରା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସତ୍ୟପ୍ରଭା ପଡ଼ିଆରୀ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷାରେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତାରେ ସମଗ୍ର ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ବେଦାନ୍ତଙ୍କ ସଭାପତିତ୍ୱରେ ଓ ଶିକ୍ଷୟିତ୍ରୀ ଦୀପ୍ତିମୟୀ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ସତ୍ୟପ୍ରଭାଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରାଯାଇଥିଲା। ସତ୍ୟପ୍ରଭାଙ୍କ ପିତା ଅଶୋକ ପଡ଼ିଆରୀ ଓ ମାତା ସୁକାନ୍ତିଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସତ୍ୟପ୍ରଭାଙ୍କ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ହେବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ● ପାଟଣା ବ୍ଲକ୍ ବୋର୍ଡ ପରୀକ୍ଷା

# ୧୨ ପରୀକ୍ଷା କେନ୍ଦ୍ରରେ ୧୯୧୫ ପରୀକ୍ଷାର୍ଥୀ



ଡୁରୁମୁଙ୍ଗା, ୧୭।୨(ସମିସ): ୧୯ ତାରିଖରୁ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ପାଟଣା ବ୍ଲକରେ ୧୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୯୧୫ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେବେ। ଜିଏନ ହାଇସ୍କୁଲ ସ୍ୱାମପାଟଣା ନୋଡ଼ାଲ ପରୀକ୍ଷା କେନ୍ଦ୍ର ଅଧୀନରେ ୧୦ଟି ପରୀକ୍ଷା କେନ୍ଦ୍ର ଥିବା ବେଳେ ଘଟଗାଁ ଓ କେନ୍ଦୁଝର ନୋଡ଼ାଲ ସେଣ୍ଟର ଅଧୀନରେ ଦୁଇଟି ପରୀକ୍ଷା କେନ୍ଦ୍ର ରହିଛି। ପାଟଣା ବ୍ଲକ ମୁଖ୍ୟାଳୟ ଜିଏନ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୫ ଜଣ, ଡିବି ହାଇସ୍କୁଲ ଡୁରୁମୁଙ୍ଗା ପରୀକ୍ଷା କେନ୍ଦ୍ରରେ ୧୨୧ ଜଣ, ବାଉଁଶୁଳି ପରୀକ୍ଷା କେନ୍ଦ୍ରରେ ୧୩୭, ଏବିସିଡ଼ିଆର ଅଙ୍ଗିକଳା ପରୀକ୍ଷା କେନ୍ଦ୍ରରେ ୧୨୮ ଜଣ, ଜନତା ହାଇସ୍କୁଲ ମଲ୍ଲିପଶି ପରୀକ୍ଷା କେନ୍ଦ୍ରରେ ୧୮୬ ଜଣ, ମୁରୁସୁଆଁ ନୋଡ଼ାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୪୪ ଜଣ, ପଞ୍ଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୨ ଜଣ, ରାଜନଗର ନୋଡ଼ାଲ ହାଇସ୍କୁଲରେ ୧୮୭ ଜଣ, ସ୍ୱାମପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୩ ଜଣ, ଟାଙ୍ଗରପଡା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୬ ଜଣ, ବିଏସ ସରକାରୀ ଉଚ୍ଚ ବିଦ୍ୟାଳୟ ଡୁମୁରିଆ ୨୨୭ ଜଣ ଏବଂ ଖିରେଇଟାଙ୍ଗିରି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ନୋଡ଼ାଲ କେନ୍ଦ୍ର ପରିସରରେ ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ୍‌କୁ ପୁଲିସ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ପହରା ଦିଆଯିବା ସହ ସିସିଟିଭି କ୍ୟାମେରାର ନଜର ରହିଛି। ସକାଳ ୭ଟା୩୦ରୁ ୮ଟା ୧୫ ମିନିଟ ମଧ୍ୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପରୀକ୍ଷାର୍ଥୀ ପ୍ରବେଶ କରିବା ସମୟ ଧାର୍ଯ୍ୟ ରଖାଯାଇଛି। ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଅଢେଇ ଘଣ୍ଟା ପରୀକ୍ଷା ହେବାକୁ ଥିବା ବେଳେ ଗଣିତ ପାଇଁ ୧୫ ମିନିଟ ଅଧିକ ସମୟ ଧାର୍ଯ୍ୟ ରଖା ଯାଇଛି। ପାଟଣା ନୋଡ଼ାଲ କେନ୍ଦ୍ରର ପର୍ଯ୍ୟବେକ୍ଷକ ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠୀ ଥିବା ବେଳେ ଜିଏନ ହାଇସ୍କୁଲ ସ୍ୱାମପାଟଣାର ପ୍ରଧାନଶିକ୍ଷୟିତ୍ରୀ ନିରୁପମା ନାଏକଙ୍କୁ ନୋଡ଼ାଲ ଇନଚାର୍ଜ ଭାବରେ ନିଯୁକ୍ତି କରାଯାଇଛି। ସଠିକ ସମୟରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି।

# ଗୋହିରା ଏମ୍‌ପିଏସ୍ କ୍ଲବ୍ କ୍ରିକେଟ ପ୍ରତିଯୋଗିତା



ଆନନ୍ଦପୁର, ୧୭।୨ (ସମିସ): ଗୋହିରା ଏମପିଏସ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ତିନି ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଆଠଟି ଦଳ ଭାଗ ନେଇଥିଲେ। ଆଜିର ଫାଇନାଲ ଗୋହିରା ଏକାଦଶ ଓ ମନତିରି ମଧ୍ୟରେ ହୋଇଥିଲା। ଗୋହିରା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଦଶ ଓଭରରେ ଆଠଟି ୱିକେଟ ହରାଇ ୧୦୮ ରନ କରିଥିବାବେଳେ ମନତିରି ଏକାଦଶ ୯ ଓଭର ଗୋଟିଏ ବଲରେ ୧୧୩ ରନ କରି ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରିଙ୍କିଚିଙ୍କି ଏଣ୍ଟରପ୍ରାଇଜେସର ମୁଖ୍ୟ ବଳରାମ ମହାକୁଡ଼ ଓ ସମ୍ମାନିତ ଅତିଥି ରୂପେ ସମାଜସେବୀ ତଥା ରାଜନେତା ଦୈତାରୀ ମହାକୁଡ଼ ଯୋଗ ଦେଇଥିଲେ। ଉକ୍ତ ଖେଳକୁ ସୁଦିପ ନାଏକ ଓ ଜଗନ ବେହେରା ପରିଚାଳନା କରିଥିଲେ। କ୍ଲବ୍‌ର ସଦସ୍ୟ ପ୍ରସନ୍ନ ଦାସ, ଲକ୍ଷ୍ମୀଧର ନାଏକ, ଅମିତ ନାଏକ, ବାପି ନାଏକ, ବିଚିତ୍ର ନାଏକ, ସନ୍ଦୀପ ନାଏକ, କାଳୀପ୍ରସାଦ ବେହେରା, ସନା ନାଏକ, ବାପି ବେହେରା ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ବାଟବଣା

# ୫୨୨ ଜଣଙ୍କ ମଧ୍ୟରୁ ୩୦ ଲାଭାର୍ଥୀ



ଡୁରୁମୁଙ୍ଗା, ୧୭।୨(ସମିସ): ପାଟଣା ବ୍ଲକ ପରିସରରେ ସୋମବାର କେନ୍ଦୁଝର ଆଇଟିଡିଏ ତରଫରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ପାଟଣା ଓ ସାହାରପଡ଼ା ବ୍ଲକର ହିତାଧିକାରୀଙ୍କୁ ମାଗଣା ପମ୍ପସେଟ ଓ ବ୍ୟାଟେରୀ ଚାଳିତ ସିଞ୍ଚନ ଯନ୍ତ୍ର ବିତରଣ କରାଯାଇଛି। ସୂଚନା ଅଭାବରୁ ୫୨୨ ଜଣ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୨୦ରୁ ୩୦ ଜଣ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଦେଖିବାକୁ ମିଳିଥିଲା। ଉଭୟ ପାଟଣା ଓ ସାହାରପଡ଼ା ବ୍ଲକର ୪୨ଟି କ୍ଲଷ୍ଟରର ୫୨୨ ଜଣ ହିତାଧିକାରୀଙ୍କୁ କୃଷି ଯନ୍ତ୍ରପାତି ବଣ୍ଟନ କରାଯିବାର ଥିଲେ ହେଁ ହାତଗଣତି ମାତ୍ର କେତେଜଣ ହିତାଧିକାରୀ ଯୋଗ ଦେଇଥିବାରୁ ଯୋଜନାର ସ୍ୱଚ୍ଛତା ଏବଂ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ, ଓସ୍କା ବ୍ଲକ ସଂଯୋଜକ ମିତ୍ରଭାନୁ ମହାନ୍ତ, ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର, ପାଟଣା ଜୀବିକା ବିଶେଷଜ୍ଞ ବିକ୍ରମ କେଶରୀ ବେହେରା, ସାହାରପଡ଼ାର ପ୍ରସନ୍ନ କୁମାର ମହାନ୍ତ ଯୋଗ ଦେଇଥିଲେ। ତେବେ, ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଅନେକ ଚାଷୀ ମାଗଣା ପମ୍ପ ସେଟ୍ ଓ ବ୍ୟାଟେରୀ ଚାଳିତ ଜଳ ସିଞ୍ଚନ ମେସିନ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

# ପାକ୍ସ ଅଚଳାବସ୍ଥା; ଆଜି ବି ଉଠିଲାନି ଧାନ



ତେଲକୋଇ, ୧୭।୨(ସମିସ): ତେଲକୋଇ ସମବାୟ ସମିତିରେ ଆଜିବି ଧାନ କିଣା ପ୍ରକ୍ରିୟା ବନ୍ଦ ରହିଛି। ଦୁଇ ଦିନ ହେବ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ଓ ସୁବ୍ୟବସ୍ଥା ନଥିବାରୁ ଚାଷୀ ଘରୁ ଖାଇବା ଆଣି ନିଜ ଧାନକୁ ଜଗି ରହିଛି। ଫଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏକ ଚାଷୀ ପ୍ରତିନିଧି ଦଳ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ଦୁଇଦିନ ଧରି ମଣ୍ଡିରେ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ଅସୁରକ୍ଷିତ ଭାବେ ପଡ଼ି ରହିଥିବା ବେଳେ ଶାସକ ଦଳର ସ୍ଥାନୀୟ ନେତା ଓ କର୍ମୀଙ୍କ ପକ୍ଷରୁ ଚାଷୀମାନଙ୍କୁ କୌଣସି ଆଶ୍ୱସନା ଦିଆଯାଇ ନାହିଁ। ଫଳରେ ଚାଷୀଙ୍କ ଦୁଃଖ ଦୁଇଗୁଣିତ ହେବାରେ ଲାଗିଛି। ତେବେ ଚାଷୀଙ୍କ ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ ଡାକ୍ତର ଫକିର ମୋହନ ନାଏକଙ୍କୁ ଦୃଷ୍ଟି ଆକର୍ଷଣ କରିବାରୁ, ଏ ବିଷୟରେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଛି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତୁରନ୍ତ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଧାନ ମଣ୍ଡିରେ ଭିତ୍ତିଭୂମି ଅଭାବ ଏବଂ ଏଭଳି ଅଚଳାବସ୍ଥା ପାଇଁ କିଏ ଦାୟୀ ସେନେଇ ପ୍ରଶ୍ନ ଉଠିଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ପାଇଁ ଚାଷୀ ନାହିଁ ନଥିବା ହଇରାଣ ହେଉଛନ୍ତି। ଚାଷ ଜମି ବଦଳରେ ମଣ୍ଡିରେ ଦିନ-ରାତି ଘର ଛାଡ଼ି ପଡ଼ି ରହିଛନ୍ତି। ନିଜ କଷ୍ଟ ଅର୍ଜିତ ଶସ୍ୟକୁ ସରକାରୀ ଦରରେ ବିକ୍ରି କରିବା ପାଇଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସରକାର ସଠିକ ସମୟରେ ଚାଷୀଙ୍କ ଧାନକୁ ମଣ୍ଡିରୁ ସଂଗ୍ରହ କରିପାରୁ ନଥିବା ବେଳେ ଏଭଳି ସମୟରେ ଚାଷୀ ବାରଦୁଆର ହେବା ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ କେବଳ କାଗଜକଲମରେ ଚାଷୀଙ୍କୁ ସୁବିଧା କରି ବସିଥିବା ଆଲୋଚନା ହେଉଛି। ଚାଷୀ ମହଲରେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଘରୁ ଖାଇବା ଆଣି ମଣ୍ଡିରେ ଜଗିଛି ଚାଷୀ

ସକାଳ THE SAKALA



# ୫୦୨ କିଲୋରୁ ଅଧିକ ଗଞ୍ଜେଇ ଜବତ, ୬ ଗିରଫ

**ରାଉରକେଲା, ୧୭।୨(ସମିସ)**

ରାଉରକେଲା ପୁଲିସ୍ ଜିଲ୍ଲା ଅଧୀନ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ବନ୍ଧମୁଣ୍ଡା ରାସ୍ତାର ଫଟାପାଇପ୍ ନିକଟସ୍ଥ ଶିବଶଙ୍କର ନଗର ଅଞ୍ଚଳରୁ ୫୦୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହ ୫ଟି କାର୍, ୮ଟି ମୋବାଇଲ ଓ ୨୩୦୦ ଟଙ୍କା ନଗଦ ଜବତ କରିଥିବା ଜଣାପଡ଼ିଛି। ସେପଟେ ଏହି ଗଞ୍ଜେଇ ଚୋରା ଚାଲାଣ ପଛରେ ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ୍‌ର ସମ୍ପୃକ୍ତି ରହିଥିବା ରାଉରକେଲା ଏସପି ନିତେଶ ୱାଧୱାନୀ ସନ୍ଦେହ ପ୍ରକାଶ କରିଛନ୍ତି। ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଏନେଇ ସୂଚନା ପ୍ରଦାନ କରିଛନ୍ତି। ସୋମବାର ରାତିରେ ବନ୍ଧମୁଣ୍ଡା ରାସ୍ତାର ଫଟାପାଇପ୍ ନିକଟସ୍ଥ ଶିବଶଙ୍କର ନଗର ଠାରେ ଏକ ବଡଧରଣର ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ନେଇ ସୂଚନା ମିଳିଥିଲା। ରାତି ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସ୍‌ଆଇ ଏସ୍ ପ୍ରଧାନ ଥାନା କର୍ମଚାରୀଙ୍କ ସହିତ ଚଢ଼ଉ କରି ଗଞ୍ଜେଇ ବସ୍ତା ଲୋଡିଂ ହୋଇଥିବା ୫ଟି କାରକୁ ଜବତ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗଞ୍ଜେଇ ଚାଲାଣ କରୁଥିବା ୬ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅଧୀନ ଅରଦା ଜାମକାନିର ଗୁଣନିଧି ଘୁସି (୩୬), ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅଧୀନ ବଡ ବିରାଙ୍ଗଝୋର ଗାଁର ସୁଖନାଥ ଓରାମ (୩୭), ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଶିବ ମନ୍ଦିର ନିକଟର





- ୫ କାର୍, ୮ ମୋବାଇଲ ଓ ୨୩୦୦ ଟଙ୍କା ଜବତ
- ଗଞ୍ଜେଇ ଚୋରା ଚାଲାଣ ପଛରେ ଆନ୍ତଃରାଜ୍ୟ ରାକେଟ: ଏସ୍‌ପି

ରାହୁଲ ସାହୁ (୨୫), ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଡେଲି ମାର୍କେଟ ଜନତା ନିବାସ ଗଳିର ନିଖିଲ ରାୟ (୨୩), ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଝରିଆବାହାଲ ଗାଁର କୌଶିକ ପାଢ଼ୀ ଓରଫ୍ ରାଜା (୩୧)। ସେମାନେ ବର୍ତ୍ତମାନ ଝାରସୁଗୁଡ଼ା ଟାଉନ ଥାନା ଅଧୀନ ସରବାହାଲରେ ରହୁଥିବା ଜଣାପଡ଼ିଛି। ସେହିପରି ଷଷ୍ଠ ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଡିଲକ୍ସ ଗଳି ଶିବ ମନ୍ଦିର ନିକଟର ନୀରଜ ସୋନକାର। ସେ ବର୍ତ୍ତମାନ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ସେକ୍ଟର-୨୧ ନୟାବଜାର କଲ୍ୟାଣୀ ବସ୍ତିରେ ରହୁଥିବା ଜଣାପଡ଼ିଛି। ଜବତ ୫ଟି କାର୍‌ରେ ୫୦୨ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ କନ୍ଧମାଳ-ବୌଦ୍ଧ ପାର୍ଶ୍ୱରୁ ଚୋରା ଗଞ୍ଜେଇ ସଂଗ୍ରହ କରୁଥିଲେ ଏବଂ ବିକ୍ରୟ ଉଦ୍ଦେଶ୍ୟରେ ଝାଡଖଣ୍ଡ, ଛତିଶଗଡ଼ ପାର୍ଶ୍ୱକୁ ଚାଲାଣ କରୁଥିଲେ ବୋଲି ସୂଚନା ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଅଭିଯୁକ୍ତ ନୀରଜ ସୋନକାର ବିରୁଦ୍ଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୨ଟି ମାମଲା ରହିଥିଲା ବେଳେ ଅଭିଯୁକ୍ତ ନିଖିଲ ବିରୁଦ୍ଧରେ ବନ୍ଧମୁଣ୍ଡା ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟମାନଙ୍କ ବିରୋଧରେ ଅନୁସନ୍ଧାନ ଜାରି ରହିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସମସ୍ତ ୬ ଅଭିଯୁକ୍ତଙ୍କ ବିରୋଧରେ ପ୍ଲାଣ୍ଟସାଇଟ୍ ଥାନାରେ ମାମଲା ରୁଜୁ କରାଯାଇଛି।

# ଅବସରପ୍ରାପ୍ତ ରେଞ୍ଜର ଭରତ ଘଡେଇଙ୍କ ପେନ୍‌ସନ୍ ବନ୍ଦ

**ରାଉରକେଲା, ୧୭।୨(ସମିସ):** ରାଉରକେଲା ପାନପୋଷ ଡିଏଫଓ ଅଧୀନ କୁଆଁରମୁଣ୍ଡା ଫରେଷ୍ଟ ରେଞ୍ଜର ଅବସରପ୍ରାପ୍ତ ରେଞ୍ଜର ଭରତ ଘଡେଇଙ୍କର ପେନସନ ବନ୍ଦ କରିବା ପାଇଁ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯାଇଛି। ଜବତ ଜଙ୍ଗଲ ଜାତ ସାମଗ୍ରୀକୁ କୌଣସି ମାମଲା ରୁଜୁ ନ କରି ବିକ୍ରି କରିବା ମାମଲାର ବିଚାର କରି ଏହି ସୁପାରିଶ କରାଯାଇଛି। ବନ ଅପରାଧୀମାନଙ୍କ ଠାରୁ ଟଙ୍କା ନେଇ ସେମାନଙ୍କ ବିରୁଦ୍ଧରେ ମାମଲା ପଞ୍ଜିକୃତ ନକରି ଜବତ ଜଙ୍ଗଲଜାତ ଦ୍ରବ୍ୟକୁ ସେମାନଙ୍କୁ ଫେରସ୍ତ କରି ଦେବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏହି ମାମଲାର ବିଚାର କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ରେଞ୍ଜର ଭରତ ଘଡେଇଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହାସହ ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଭୋଗିବାକୁ ଦଣ୍ଡିତ କରିଛନ୍ତି। ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ଡିଏସପି ବିଷ୍ଣୁ ଚରଣ ଦାଶ ଏହି ମାମଲାର ପରିଚାଳନା କରିଥିଲା ବେଳେ ଶ୍ୟାମ ସୁନ୍ଦର ମିଶ୍ର, ସ୍ପେଶାଲ ପିପି ଉଦିତ ବାଟୁଶର୍ମା ଏବଂ ଏପିପି, ଭିଜିଲ୍ଲାନ୍ସ, ସୁନ୍ଦରଗଡ଼ ସନ୍ଦୀପ ପଣ୍ଡା ମିଳିତ ଭାବେ ପ୍ରସିକ୍ୟୁସନ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# ଯୁଗ୍ମ କମିଟିରୁ ଜିଏମ୍‌ଏମ୍‌ର ପଦାଧିକାରୀଙ୍କୁ ବହିଷ୍କୃତ କଲା ଆର୍‌ଏସ୍‌ଏସ୍



**ରାଉରକେଲା, ୧୭।୨(ସମିସ):** କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଯୁଗ୍ମ କମିଟିରୁ ଜିଏମଏମର ପଦାଧିକାରୀଙ୍କୁ ଆରଏସଏସ ବହିଷ୍କୃତ କରିଥିବା ନେଇ ବିଏମଏସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଉରକେଲା ଇସ୍ପାତ କାରଖାନାରେ ଗତ ନଭେମ୍ବର ୧୫ ତାରିଖରେ ୟୁନିଅନ ନିର୍ବାଚନ ହୋଇଥିଲା ବୋଲି ଆରଆଇକେକେଏସର ସାଧାରଣ ସମ୍ପାଦକ ହିମାଂଶୁ ବଳ ସୂଚନା ଦେଇଥିଲେ। ନିର୍ବାଚନରେ ଜିଏମଏମ ଏବଂ ଆରଏସଏସ ମିଳିତ ଭାବେ ନିର୍ବାଚନ ଲଢ଼ି ରାଉରକେଲା ଶ୍ରମିକ ସଂଘକୁ ବିଜୟୀ କରାଇଥିଲେ। ଆରଏସଏସ ସ୍ୱୀକୃତି ପାଇଲା ପରେ ଆରଏସପିର ବିଭିନ୍ନ ଯୁଗ୍ମ କମିଟିରେ ଆରଏସଏସ ଏବଂ ଜିଏମଏମର ପଦାଧିକାରୀ ମାନେ ୬୦:୪୦ ଅନୁପାତରେ ଅବସ୍ଥାପିତ ହୋଇଥିଲେ। ତେବେ ନିର୍ବାଚନରେ ଆଦୌ ଅଂଶଗ୍ରହଣ କରି ନଥିବା ଜିଏମଏମ କିପରି ଯୁଗ୍ମ କମିଟିରେ ସାମିଲ ହୋଇପାରିବ ବୋଲି ଆରଆଇକେକେଏସର ସାଧାରଣ ସମ୍ପାଦକ ହିମାଂଶୁ ବଳ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ କମିଶନର ଏବଂ ଆରଏସପି କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କରିଥିଲେ। ଗତ ବର୍ଷ ସେପ୍ଟେମ୍ବର ୨୦ରେ ଏହାର ଶୁଣାଣି କରି କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ କମିଶନର ଆରଏସପି କର୍ତ୍ତୃପକ୍ଷଙ୍କୁ ଭର୍ତ୍ସନା କରିଥିଲେ। ଯୁଗ୍ମ କମିଟିରୁ ଜିଏମଏମକୁ ବାଦ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ଆଧାର କରି ସେପ୍ଟେମ୍ବର ୨୦ରେ ଆରଏସପି କର୍ତ୍ତୃପକ୍ଷ ଆରଏସଏସକୁ ପତ୍ର ଲେଖିଥିଲେ। ଫଳରେ ରାଉରକେଲା ଶ୍ରମିକ ସଂଘ ଗାଙ୍ଗପୁର ମଜଦୁର ମଞ୍ଚର ପଦାଧିକାରୀଙ୍କୁ ସମସ୍ତ ଯୁଗ୍ମ କମିଟିରୁ ବାହାର କରିଥିବା ଜଣାପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ହିମାଂଶୁ ବଳ, ରାଜେନ୍ଦ୍ର ନାଥ ମହାନ୍ତ, ସମିତା ମିଶ୍ର, ରିତାରାଣୀ ସ୍ୱାଇଁ, ରଞ୍ଜିତା ଜେନା, ପ୍ରଦୋଷ ପଣ୍ଡା, ସୁରେନ୍ଦ୍ର କଂସାରୀ, ବେନେଡିକ ତୀର୍କୀ, ଉମାକାନ୍ତ ସାମଲ, ସଞ୍ଜୀବ ପତି, ଲଳିତ ଜେନା, ଅମରଭୂୟାଁ, ତ୍ରିଲୋଚ ନନାୟକ, ଜନକର ସେଠୀ, ବିକାଶ ପ୍ରଧାନ, ଜୟପ୍ରକାଶ ସ୍ୱାଇଁ, ଅନିଲ ନାୟକ, ପ୍ରଦୀପ ସାହୁ, ପଦମନ ମହାପାତ୍ର, ସୁରଜ ସରଫ, ସନ୍ତୋଷ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବଣାଇ, ୧୭।୨(ସମିସ):** ବଣାଇ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ଥାନା ଅଞ୍ଚଳରେ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଥିବା ଜଣାପଡ଼ିଛି। ଚାନ୍ଦିପୋଷ ଥାନା ଅଧୀନ ସର୍ଗିଗଡ଼ ଗାଁର ଗଞ୍ଜୁପଡ଼ା ବସ୍ତିର ମନୋଜ କୁଜୁର (୨୯) ବିବାହର ପ୍ରଲୋଭନ ଦେଇ ଘର ପାଖରେ ରହୁଥିବା ଜଣେ ସାମାନ୍ୟ ମାନସିକ ଦୁର୍ବଳ ଯୁବତୀ(୨୩)ଙ୍କ ସହିତ ଗତ ଦୀପାବଳି ସମୟରୁ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଏହା ମଧ୍ୟରେ ଯୁବତୀ ଜଣକ ୫ ମାସର ଗର୍ଭବତୀ ହୋଇଥିଲେ। ଯୁବତୀର ପରିବାର ବର୍ଗ ଏ ବାବଦରେ ଯୁବକକୁ ଜଣାଇଥିଲେ। ଏଥିରେ ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଗାଁରେ ନିକଟ ସମ୍ପର୍କୀୟ ମାନଙ୍କୁ ନେଇ ବୁଝାମଣା କରି ସମସ୍ୟାକୁ ସମାଧାନ କରିବାକୁ ବହୁ ଉଦ୍ୟମ କରାଯାଇଥିଲେ ହେଁ ବିଫଳ ହୋଇଯାଇଥିଲା। ଶେଷରେ ଯୁବତୀଙ୍କ ଭାଇ ରବୀନ୍ଦ୍ର ତିର୍କି ବାଧ ହୋଇ ଆଜି ଚାନ୍ଦିପୋଷ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଚାନ୍ଦିପୋଷ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରି ଅଭିଯୁକ୍ତ ମନୋଜ କୁଜୁରକୁ ଆଜି ଗିରଫ କରି ବଣାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅନ୍ୟ ପଟେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି। ଆସନ୍ତାକାଲି ରିପୋର୍ଟ ମିଳିଯିବ ବୋଲି ତଦନ୍ତ ଅଧିକାରୀ ଫଣି ଭୂଷଣ ମହାନ୍ତ ସୂଚନା ଦେଇଛନ୍ତି।

# ଆର୍‌ଏସ୍‌ପିରେ ବିକ୍ରେତା ବିକାଶ କାର୍ଯ୍ୟକ୍ରମ




**ରାଉରକେଲା, ୧୭।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଓ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗର ଷ୍ଟାର୍ଟ ଅପ୍ ଓଡ଼ିଶା ଦ୍ୱାରା ଫେବୃଆରୀ ୧୭ରେ ସିପିଟିଆଇରେ ଏମଏସଏମଇ ପ୍ରଦର୍ଶନ ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା (ଆରଏଏମପି) ଉଦ୍ଦେଶ୍ୟରେ ଏମଏସଏମଇର ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ ଅଧ୍ୟକ୍ଷତା କରିଥିଲେ। ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଟି ବିନୋଦ, ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି) ରାଉରକେଲାର ଜିଏମ ସ୍ମୃତିରଞ୍ଜନ ରାଉତରାୟ, ଇନଭଏସ୍ ମାର୍ଟ (ଟ୍ରେଡ୍ସ)ର ଆଞ୍ଚଳିକ ପରିଚାଳକ ନିଖିଲ ପାସ୍ୱାନ ଏବଂ ଜିଇଏମ ବିଶେଷଜ୍ଞ ସୁଧାଂଶୁ ପ୍ରଧାନ ମଞ୍ଚରେ ଉପସ୍ଥିତ ଥିଲେ। ସ୍ଥାନୀୟ ଏମଏସଏମଇ ପ୍ରତିନିଧି ଏବଂ ପଣଧାରୀ ଅଂଶଗ୍ରହଣ କରିଥିଲେ। ସୁଧାଂସୁ ପ୍ରଧାନଙ୍କ ଦ୍ୱାରା ସରକାରୀ ଇ-ମାର୍କେଟ ପ୍ଲେସ୍ (ଜିଇଏମ) ପ୍ଲାଟଫର୍ମ ଉପରେ ବିଶେଷଜ୍ଞ ଅଧିବେଶନ ପରିଚାଳନା କରାଯାଇଥିଲା। ଏଥିରେ ଜିଇଏମ ପୋର୍ଟାଲର ସାରାଂଶ, ସରକାରୀ କ୍ରେତାଙ୍କ ନିକଟରେ ସିଧାସଳଖ ପହଞ୍ଚିବା, ସ୍ୱଚ୍ଛ କ୍ରୟ ଏବଂ ସମୟୋଚିତ ଦେୟ ସମେତ ଏମଏସଏମଇ ପାଇଁ ଲାଭ ଇତ୍ୟାଦି ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା। ବିକ୍ରେତା ପଞ୍ଜୀକରଣ, ଉତ୍ପାଦ/ସେବା ତାଲିକା, ଡକ୍ୟୁମେଣ୍ଟେସନ୍ ଆବଶ୍ୟକତା ଏବଂ ସାଧାରଣ ବ୍ୟବଧାନ ଉପରେ ଉପସ୍ଥାପନା କରାଯାଇଥିଲା। ଇନଭଏସ୍ ମାର୍ଟର ରିଲେସନସିପ୍ ମ୍ୟାନେଜର ନିଖିଲ ପାସୱାନ୍ ବାଣିଜ୍ୟ ଗ୍ରହଣୀୟ ରିହାତି ବ୍ୟବସ୍ଥା (ଟ୍ରେଡ୍ସ) ଉପରେ ସୂଚନାମୂଳକ ଅଧିବେଶନ ପ୍ରଦାନ କରିଥିଲେ। ଏଥିରେ ବିଲ୍ ରିହାତି ବ୍ୟବସ୍ଥା, ଯୋଗାଣକାରୀ, କ୍ରେତା ଏବଂ ଆର୍ଥିକ ପ୍ରଦାତାଙ୍କ ଭୂମିକା, ଏଣ୍ଡ-ଟୁ-ଏଣ୍ଡ ଇନଭଏସ୍ ରିହାତି ପ୍ରବାହ ଏବଂ ସମାଧାନ ଚକ୍ର ବ୍ୟାଖ୍ୟା କରାଯାଇଥିଲା। ବୈଷୟିକ ଅଧିବେଶନରେ ଶ୍ରୀ ଟି ବିନୋଦ ଆରଏସପିର ବାର୍ଷିକ କ୍ରୟ ମୂଲ୍ୟାଙ୍କନ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥିରେ କ୍ରୟ ଆବଶ୍ୟକତା, କଞ୍ଚାମାଲର ବର୍ଗ, ସହାୟକ ସାମଗ୍ରୀ ଏବଂ କଞ୍ଜୁମେବୁଲ ସାମଗ୍ରୀର ବର୍ଗ ଏବଂ ସ୍ଥାନୀୟ ଏମଏସଏମଇ ଅଂଶଗ୍ରହଣର ପରିସର ବିଷୟରେ ଆଲୋଚନା କରାଯାଇଥିଲା। ପରେ ସେଲ୍‌ଫ, ଆରଏସପିର ସାମଗ୍ରୀ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଏମ୍‌ସିଙ୍କ ଦ୍ୱାରା ବିକ୍ରେତା ବିକାଶ ପ୍ରକ୍ରିୟା, ସେଲ୍‌ଫ ବିକ୍ରେତା ପୋର୍ଟାଲରେ ପଞ୍ଜୀକରଣ ପ୍ରକ୍ରିୟା, ଡକ୍ୟୁମେଣ୍ଟେସନ୍ ଆବଶ୍ୟକତା, ପୂର୍ବ-ଯୋଗ୍ୟତା ମାନଦଣ୍ଡ, ମୂଲ୍ୟାଙ୍କନ ସମୟସୀମା, ବିକ୍ରେତା ମୂଲ୍ୟାଙ୍କନ ଏବଂ ଅଡିଟ୍ ପ୍ରକ୍ରିୟା ଏବଂ ଦେୟ ସର୍ତ୍ତାବଳୀ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା। ପ୍ରାରମ୍ଭରେ ଟି ବିନୋଦ ତାଙ୍କ ସ୍ୱାଗତ ଅଭିଭାଷଣରେ ବିକ୍ରେତା ବିକାଶର ଗୁରୁତ୍ୱ ଏବଂ କାରଖାନାର ଯୋଗାଣ ଶୃଙ୍ଖଳ ପରିବେଶକୁ ସୁଦୃଢ଼ କରିବାରେ ଏମଏସଏମଇ ଗୁଡିକର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସବ୍ୟସାଚୀ କାନୁନଗୋ ସଂଯୋଜନା କରିଥିଲେ।

# ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ସମ୍ପନ୍ନ



**ରାଉରକେଲା, ୧୭।୨(ସମିସ):** ମହାଶିବରାତ୍ରି ଉପଲକ୍ଷେ ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ଆରମ୍ଭ ହୋଇଥିବା ତିନି ଦିବସୀୟ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆଜି ସଂଧ୍ୟାରେ ସମ୍ପନ୍ନ ହୋଇଛି। ସମାପନ ସମାରୋହରେ ଲାଠିକଟା ତହସିଲଦାର ମୁରଲିଧର ଉର୍ମାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ଜିଲ୍ଲା ଅଧିକାରୀ ପାନପୋଷ ଜି.ଜୟନ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥି କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ ପାନପୋଷକୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଜିଲ୍ଲା ହସ୍ତଶିଳ୍ପ ବିଭାଗକୁ ଦ୍ୱିତୀୟ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ଯଥା ଜିଲ୍ଲା କୃଷି ବିଭାଗ ଠାରୁ ଆରମ୍ଭ କରି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ହସ୍ତଶିଳ୍ପ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏତଦ୍ ବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ, ସହ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ୧୮ ଟି ଷ୍ଟଲ୍ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଉରକେଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା କାର୍ଯ୍ୟକ୍ରମର ପରିଚାଳନା

# ସିନିୟର ରାଜ୍ୟ କବାଡ଼ି ଚାମ୍ପିଅନସିପ୍‌ରେ ଆର୍‌ଏସ୍‌ପି ମହିଳା ଦଳର ଉତ୍କର୍ଷ



**ରାଉରକେଲା, ୧୭।୨(ସମିସ):** କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଫେବୃଆରୀ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୭୩ତମ ସିନିୟର ରାଜ୍ୟ କବାଡି ଚାମ୍ପିଅନସିପରେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମହିଳା କବାଡି ଦଳ ପ୍ରଭାବଶାଳୀ ପ୍ରଦର୍ଶନ ପୂର୍ବକ ତୃତୀୟ ସ୍ଥାନ ହାସଲ କରିଛି। ଚାମ୍ପିଅନସିପରେ ସାରା ଓଡ଼ିଶାରୁ ପ୍ରାୟ ୩୦ଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଆରଏସପି ମହିଳା ଦଳ ୩ଟି ଲିଗ୍ ମ୍ୟାଚ୍ ଜିତି ଲିଗ୍ ଟେବୁଲର ଶୀର୍ଷରେ ରହିଥିଲା। ବିଜୟ ଧାରା ଜାରି ରଖି ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼କୁ ୨୮-୧୯ରେ ପରାସ୍ତ କରିଥିଲା। କ୍ୱାର୍ଟରଫାଇନାଲରେ ପୁରୀକୁ ୩୫-୩୩ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଶେଷରେ ଦଳ ସେମିଫାଇନାଲରେ କିଟ୍ ଠାରୁ ପରାସ୍ତ ହୋଇ ସାମଗ୍ରିକ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ଦଳରେ ସୁମିତ୍ରା ମୁଣ୍ଡାରୀ (ଅଧିନାୟିକା), ସତ୍ୟବତୀ ବାଗ, ମିଲିଆ କୁଜୁର, ସୁନିତା ମହାକୁଲ, ନିକିରାଉତ, ମମତା ମୁଣ୍ଡାରୀ, ସନିଧା ମିଞ୍ଜ୍, ଟ୍ୱିଙ୍କଲ୍ କିଶାନ ଏବଂ ସୁମତି ମାଝୀ ଥିଲେ। ଉଲ୍ଲେଖନୀୟ ଯେ, ସୁମିତ୍ରା ମୁଣ୍ଡାରୀଙ୍କୁ ତାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଦୁଇଟି ଖେଳରେ ‘ପ୍ଲେୟାର ଅଫ୍ ଦି ମ୍ୟାଚ୍’ ବିବେଚିତ କରାଯାଇଥିଲା। ଆରଏସ୍ (ଏମ୍) ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ସୁକୁରୁ ତନ୍ତି ଏବଂ ଜଳ ଯୋଗାଣ (ଟାଉନ୍) ବିଭାଗର ଜୁନିୟର ଇଞ୍ଜିନିୟର କାମେଶ୍ୱର ସିଂହ ଦଳର ପ୍ରଶିକ୍ଷକ ରହିଥିବା ବେଳେ ତିଲୋତ୍ତମା ଅଗ୍ରୱାଲ ଦଳର ମ୍ୟାନେଜର ଥିଲେ।

# ବାର୍‌ହା ଶିକାର ଅଭିଯୋଗରେ ୫ ଗିରଫ, ମାଂସ ଓ ଛାଲ ଜବତ

**ରାଉରକେଲା, ୧୭।୨(ସମିସ):** ଏକ ବାରହାକୁ ଶିକାର କରିବା ଅଭିଯୋଗରେ ୫ ଜଣଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ବାରହା ମାଂସ, ଛାଲ ଜବତ କରାଯାଇଛି। ସୋନାପର୍ବତ ସଂରକ୍ଷିତ ପାହାଡରେ ଏକ ବାରହା ଶିକାର ହୋଇଥିବା ବିଷୟରେ ଖବର ପାଇ ରାଉରକେଲା ବନଖଣ୍ଡର ଡିଏଫଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ଗଜେନ୍ଦ୍ର ପାଲ ସିଂ ମାଧୁରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏସିଏଫ ଶ୍ରୀ ମାଥୁର ସୁରାକ ପାଇ ରଘୁନାଥପାଲି ଥାନା ଜଳଦା ଫାଣ୍ଡି ଅନ୍ତର୍ଗତ ପୋଷ୍ଟ ଅଫିସ ନିକଟରେ ରହୁଥିବା ଫତେହ ସିଂଙ୍କ ଘରେ ଚଢ଼ଉ କରିଥିଲେ। ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ବାରହା ମାଂସ, ବାରହା ଚୁଟି, ବାରହା ଛାଲ ଏବଂ ବାରହା ଶିକାରରେ ବ୍ୟବହୃତ ଫାର୍ସା ଏବଂ ମାରଣାସ୍ତ୍ର ଜବତ କରିଥିଲେ। ଗତ ଶିବରାତ୍ରି ରାତିରେ ଫତେହ ସିଂ ତାର ଅନ୍ୟ ୫ ଜଣ ସହଯୋଗୀ ସହ ମିଶି ବରହାକୁ ମାରିଥିଲା। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ପଙ୍କଜ ସିଂ (୩୧), ବିତନ ସିଂ (୪୦), ଦୁଃଖବନ୍ଧୁ ସିଂ(୨୪), ପ୍ରଦୀପ ସିଂ (୩୪)। ସମସ୍ତଙ୍କ ଘର କଂସର ଗାଁରେ ବୋଲି ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଲୋକମାନଙ୍କର ପାରମ୍ପରିକ ରୀତି ଅନୁଯାୟୀ ଶିବରାତ୍ରି ଦିନ ବନ୍ୟଜନ୍ତୁ ଶିକାର କରିଥାନ୍ତି। ଯାହା ଫଳରେ ସେମାନେ ନିକଟସ୍ଥ ସୋନାପର୍ବତ ସଂରକ୍ଷିତ ଜଙ୍ଗଲକୁ ଯାଇ ବାରହା ଶିକାର କରିଥିଲେ। ବନ୍ୟଜନ୍ତୁ ସୁରକ୍ଷା ଆଇନ ଉଲ୍ଲଘଂନ ଅଭିଯୋଗରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଏହି କାର୍ଯ୍ୟରେ ପାନପୋଷରେଞ୍ଜର ଫରେଷ୍ଟର ଯଦୁନାଥ ସେଠି, ଦୁଃଖୁ କିଷାନ, ଫରେଷ୍ଟ ଗାର୍ଡ ସଂଘମିତ୍ରା ମହନ୍ତ, ସବିତା କିଷାନ ପ୍ରମୁଖ ସହଯୋଗ କରିଥିଲେ।




# ଗୋଗୁଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବଣାଇଁ, ୧୭।୨(ସମିସ):** ବଣାଇଁଗଡ଼ ବ୍ଲକ ଅଧୀନ ଗୋଗୁଆ ଉଚ୍ଚ ବିଦ୍ୟାଳୟର ୪୦ ତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ବିଇଓ ସୁନୀଲ ମୁଣ୍ଡୁ, ଚିତ୍ତାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦଣ୍ଡିଆ, ଟୋପି ଚନ୍ଦନ ସାହୁ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ପାତ୍ର ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଝସକେତନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭି ଭାଷଣ ଓ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଆଗାମୀ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ମାର୍ଗଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ ସାହୁ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନିମ୍ନମାନର ରାସ୍ତା ନିର୍ମାଣକୁ ବିରୋଧ

**ବଣାଇଁ, ୧୭।୨(ସମିସ)**

ବଣାଇଁଗଡ଼ ସହରର ଇଣ୍ଡୋ ଇଂରାଜୀ ବିଦ୍ୟାଳୟ ଠାରୁ ମୁଣ୍ଡଗଳା ସାହି ପର୍ଯ୍ୟନ୍ତ ପ୍ରାୟ ୪୦୦ମିଟର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପେଭର ବ୍ଲକ ପକାଇ ରାସ୍ତା ନିର୍ମାଣ କରାଯାଇଛି। ଢେଙ୍କାନାଳର ଜଣେ ଠିକାଦାରଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଥିବା ବେଳେ କାର୍ଯ୍ୟ ଅତି ନିମ୍ନ ମାନର ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ପେଭର ବ୍ଲକ ବିଛାଇବା ପରେ ଉଚ୍ଚ ମାନର କଙ୍କ୍ରିଟ ଦେଇ ଉଭୟ ପାର୍ଶ୍ୱକୁ ଲକ କରାଯାଏ। କିନ୍ତୁ ଏହି ସ୍ଥାନରେ ଉଭୟ ପାର୍ଶ୍ୱ ଲକ କାର୍ଯ୍ୟ ନିମ୍ନ ମାନର ହେଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଯାହା ଫଳରେ କିଛିଦିନ ପରେ ଲକ ଖୋଲିଯିବା ପରେ ପେଭର ବ୍ଲକ ଉଠିଯିବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ବର୍ତ୍ତମାନ ସିମେଣ୍ଟ କଙ୍କ୍ରିଟ ଲକ ଖୋଲିଯିବାରୁ ପୁଣି ତା ଉପରେ ଲକ ଦିଆଯିବାର ଦେଖା ଦେଇଛି। ଏହିରାସ୍ତା ଦେଇ ବଣାଇଁ ସପ୍ତାହିକ ହାଟକୁ ଯିବାକୁ ସ୍ଥାନୀୟ ଲୋକ ଏହା ଉପରେ ନିର୍ଭର କରନ୍ତି। କାର୍ଯ୍ୟଟି ଯେପରି ଉଚ୍ଚମାନର ହେବ ସେଥିପାଇଁ ସ୍ଥାନୀୟ ଲୋକ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀ କିଷାନଙ୍କୁ ପଚାରିବାରୁ ଆମେ ଏ କାର୍ଯ୍ୟ ନେଇ ଅବଗତ ଅଛୁ ଏବଂ ତଦନ୍ତ ମଧ୍ୟ କରିଛୁ। ଉକ୍ତ ଠିକାଦାରଙ୍କୁ ଡାକି ଉଚ୍ଚ ମାନର କାର୍ଯ୍ୟ କରନ୍ତୁ ବୋଲି ତାଗିଦ କରାଯାଇଥିବା କହିଛନ୍ତି।



# ରାସ୍ତାରୁ ହଟିଲା ଆମ୍ବୁଲାନ୍ସ

**ରାଉରକେଲା, ୧୭।୨(ସମିସ):** ଉଦିତନଗର ଓଭରବ୍ରିଜ ତଳେ ତଥା ମୁଖ୍ୟ ରାସ୍ତାରେ ପାର୍କିଂ ହୋଇଥିବା ଆମ୍ବୁଲାନ୍ସ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏନେଇ ସକାଳରେ ମଙ୍ଗଳବାର ଖବର ପ୍ରସାରଣ ହୋଇଥିଲା। ଏହି କ୍ରମରେ ସେଠାରୁ ଆମ୍ବୁଲାନ୍ସ ହଟାଇ ଦିଆଯାଇଛି। ଫଳରେ ଯାତାୟତରେ ଉପୁଜିଥିବା ଅସୁବିଧା ସମାଧାନ ହୋଇଛି। ଘଟଣାକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ ଯେ, କିଛି ଦିନ ଧରି ଏକ ଆମ୍ବୁଲାନ୍ସ ପାର୍କିଂ ହୋଇଥିଲା। ଫଳରେ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣାର ଆଶଙ୍କା ଦେଖା ଦେଇଥିଲା। ଏନେଇ ଲୋକଙ୍କ ଅଭିଯୋଗ ହୋଇଥିଲା।

ସକାଳ ପ୍ରଭାବ



# ସିଏମ୍‌ସିରେ ନିଯୁକ୍ତି ଜାଲିଆତି

# ନିୟମ ଫାଙ୍କି ପିଅନରୁ କନିଷ୍ଠ କିରାଣି

■ ଜାଲ୍ ସାର୍ଟିଫିକେଟ୍ ଓ ନାମ ବଦଳାଇ ଚାକିରି ହାତେଇଥିବା ଅଭିଯୋଗ
■ ବାରମ୍ବାର ବଦଳି ନିର୍ଦ୍ଦେଶକୁ ବାତିଲ କରିବା ପଛରେ କାହାର ହାତ?
■ ପ୍ରଶାସନିକ ସ୍ୱଚ୍ଛତାରେ ପ୍ରଶ୍ନବାଚୀ

କଟକ,୧୭।୨(ସମିସ)

ଓଡ଼ିଶାର ଅନ୍ୟତମ ପୁରାତନ ସ୍ୱାୟତ୍ତ ଶାସନ ସଂସ୍ଥା କଟକ ମହାନଗର ନିଗମ ସିଏମସି ଏବେ ଦୁର୍ନୀତି ଓ ପ୍ରଶାସନିକ ଅନିୟମିତତାର କେନ୍ଦ୍ରବିନ୍ଦୁ ପାଲଟିଛି। ଜଣେ ସାଧାରଣ କର୍ମଚାରୀଙ୍କ ନିଯୁକ୍ତିଠାରୁ ଆରମ୍ଭ କରି ପଦୋନ୍ନତି ପର୍ଯ୍ୟନ୍ତ ସବୁଠି ଜାଲିଆତିର ଗନ୍ଧ ବାରି ହୋଇପଡୁଛି। ଏହାର ଏକ ଉଦାହରଣ ହେଉଛି ନିର୍ବାଚନ ବିଭାଗରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ କ୍ଷେତ୍ରରେ। ସୂଚନା ଅନୁଯାୟୀ, ୧୯୯୨ ମସିହାରେ ଆନ୍ଧ୍ରପ୍ରଦେଶର ସନ୍ଦିଗ୍ଧ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଏବଂ ଅନ୍ୟ ଜଣଙ୍କ ନାମରେ ଥିବା ନିଯୁକ୍ତି ପତ୍ରରେ ଟାଇପ କରି ନିଜ ନାମ ଲେଖାଇ ସେ ଚଞ୍ଚକତାର ସହ ଚାକିରି ପାଇଥିଲେ। ତତକାଳୀନ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୯୯୩ ଏପ୍ରିଲ ୧୨ ତାରିଖ ପୂର୍ବରୁ ଯୋଗଦେଇଥିବା ଅସ୍ଥାୟୀ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ପାଇବେ। ଏହି ନିୟମର ଫାଇଦା ଉଠାଇବା ପାଇଁ ଉକ୍ତ କର୍ମଚାରୀ ଜଣକ ନିଜ ଚାକିରି ଯୋଗଦାନ ସମୟକୁ ଏକ ବର୍ଷ ପଛକୁ କରିଦେଇଥିଲେ। ଫଳରେ ତାଙ୍କ ଚାକିରି ନିଯୁକ୍ତି ସମୟ ୨୯ ସେପ୍ଟେମ୍ବର ୧୯୯୩ ପରିବର୍ତ୍ତେ ୨୯ ସେପ୍ଟେମ୍ବର ୧୯୯୨ ହୋଇଯାଇଥିଲା। ଫଳରେ ଏହି କର୍ମଚାରୀ ଜଣକ ଚଞ୍ଚକତା କରି ସ୍ଥାୟୀ ସରକାରୀ ନିଯୁକ୍ତି ହାତେଇଥିବା ବେଳେ ଯେଉଁ କର୍ମଚାରୀମାନେ ଯୋଗ୍ୟ ଥିଲେ ସେମାନେ ସ୍ଥାୟୀ ସରକାରୀ ଚାକିରୀ ପାଇ ନ ଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ, ଯେଉଁ ପଦ ପାଇଁ ନିଯୁକ୍ତି ମିଳେ, ସେହି କାର୍ଯ୍ୟ ହିଁ କରିବାକୁ ପଡ଼ିଥାଏ। ମାତ୍ର, ଉକ୍ତ କର୍ମଚାରୀ ଜଣକ "ପିଅନ' ଭାବେ ନିଯୁକ୍ତି ପାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗର ହେଲପର ଭାବେ କାର୍ଯ୍ୟ କରୁଥିଲେ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିନା ପଦୋନ୍ନତିରେ କିଭଳି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ବିଭାଗର କନିଷ୍ଠ କିରାଣି ଦାୟିତ୍ୱ ଦିଆଗଲା ଏବଂ ୧-୧-୧୯୯୨ଠାରୁ ୧୨-୪-୧୯୯୩ ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀ ନେଇଥିବା ଦରମାର ମଷ୍ଟର ରୋଲ ତଦନ୍ତ କରାଗଲେ ସଠିକ ତଥ୍ୟ ଜଣାପଡ଼ିବ। କେଉଁ ଅଧିକାରୀ ଏଥିପାଇଁ ପ୍ରଶ୍ରୟ ଦେଲେ, ତାହା ଏବେ ବଡ଼ ରହସ୍ୟ। ସିଏମସି କାର୍ଯ୍ୟାଳୟ ପରିସରରେ ସମ୍ପୃକ୍ତ କର୍ମଚାରୀଙ୍କ ବେଶ୍ କାଟତି ରହିଥିବା ଜଣାପଡିଛି। ସିଏମସି କାର୍ଯ୍ୟାଳୟର ନିର୍ବାଚନ ବିଭାଗକୁ ଆସୁଥିବା ଜନସାଧାରଣଙ୍କୁ ଏହି କର୍ମଚାରୀ ଜଣକ ଦୁର୍ବ୍ୟବହାର କରିବା ସହ ଅନ୍ୟ କର୍ମଚାରୀମାନଙ୍କୁ ଖରାପ ବ୍ୟବହାର କରୁଥିବାର ମଧ୍ୟ ନଜିର ରହିଛି।

ଅଭିଯୋଗ ହେଉଛି ଯେ ସେ ନିଜର ଚତୁରତା, ଜିଲ୍ଲା ପ୍ରଶାସନ ଏବଂ ନିଗମର ଉଚ୍ଚ ପଦାଧିକାରୀଙ୍କ ସହ ଥିବା ସମ୍ପର୍କକୁ ବ୍ୟବହାର କରି ବରିଷ୍ଠ ଅଧିକାରୀଙ୍କୁ ନିଜ ହାତବାରିସି କରି ରଖିଛନ୍ତି। ନିକଟରେ ସିଏମସିର ଅନ୍ୟ କର୍ମଚାରୀଙ୍କ ବଦଳି ହୋଇଥିଲେ ମଧ୍ୟ ଏହି କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶକୁ ରହସ୍ୟଜନକ ଭାବେ ବାତିଲ କରାଯାଇଥିଲା। ଏପରିକି ସେ ନିଜର ଲମ୍ବା ହାତ ଏବଂ ବରିଷ୍ଠ ଅଧିକାରୀଙ୍କୁ ପକେଟରେ ରଖିବା ଭଳି ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି। ସରକାରୀ କୋଷାଗାରର କ୍ଷତି ଏବଂ ପ୍ରଶାସନିକ ନିୟମର ଉଲ୍ଲଂଘନ ବିରୋଧରେ ଏବେ କର୍ମଚାରୀ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତ କର୍ମଚାରୀଙ୍କ ପ୍ରତି ଅହେତୁକ ସମର୍ଥନ ରହିଥିବାରୁ କର୍ମଚାରୀମାନେ ମୁହଁ ଖୋଲି ପାରୁ ନାହାଁନ୍ତି। ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଏବଂ ସିଏମସି କମିଶନର ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରି ରାଜ୍ୟ ବାହାର ସାର୍ଟିଫିକେଟର ସତ୍ୟାସତ୍ୟ ଯାଞ୍ଚ କରିବା, ନିଯୁକ୍ତି ସମୟର ନଥିପତ୍ର ଓ ଦରମା ପୈଠ ରେକର୍ଡର ଅନୁଧ୍ୟାନ କରିବା ଓ ଜାଲିଆତିରେ ସହାୟତା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ପ୍ୟାରୀମୋହନ ସାମନ୍ତରାୟଙ୍କ ଜୟନ୍ତୀ ସମାରୋହ



କଟକ,୧୭।୨(ସମିସ): ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ପଦାଧିକାରୀ ସ୍ୱର୍ଗତ ପ୍ୟାରୀମୋହନ ସାମନ୍ତରାୟଙ୍କ ୧୦୯ତମ ଜୟନ୍ତୀ ସମାରୋହ ପ୍ୟାରୀମୋହନ-ପ୍ରମିଳା ଟ୍ରଷ୍ଟ ତରଫରୁ ସଭାପତି ସୁବ୍ରତ ସାମନ୍ତରାୟଙ୍କ ସଭାପତିତ୍ୱରେ ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଯୁବରାଜ ଦେବତା, ସୁଧିର ବେହେରା, ମୁରବୀ ଯୁଗଳ କିଶୋର ନାୟକ, ବିଶ୍ୱନାଥ ସାମଲ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସୋନାଲି ସାମନ୍ତରାୟ, ସାରଦା ପ୍ରସାଦ ପ୍ରଧାନ, ଅକ୍ଷୟ ପଣ୍ଡା, ଡମ୍ବରୁଧର ମହାନ୍ତି, ଆଶିଷ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦେବୀପ୍ରସାଦ ମହାନ୍ତି ପ୍ରତ୍ୟୁଷ ବଳ, ଯୁବରାଜ ଦେବତା, ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ବିଚିତ୍ର ମହାପାତ୍ର, ବଂଶୀଧର ନାୟକ, ସୁବୋଧ ମିଶ୍ର, ବିନୋଦ ସାମନ୍ତରାୟ, ଜ୍ୟୋସ୍ନା ସାମନ୍ତରାୟ, ଟିକି ସାମନ୍ତରାୟ, ପୁରବୀ ସାମନ୍ତରାୟ, ଇପ୍ସିତା ସାମନ୍ତରାୟଙ୍କ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ଅଞ୍ଚଳବାସୀ ଉପସ୍ଥିତ ଥିଲେ।

● ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଧମକ ଓ ଘରେ ବୋମାମାଡ଼ ଘଟଣା

# ଆସାମୀକୁ ୧୦ ବର୍ଷ ଜେଲ୍‌ଦଣ୍ଡ

କଟକ,୧୭।୨(ସମିସ): ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଧମକ ଦେବା ସହ ତାଙ୍କ ଘର ଉପରେ ବୋମା ମାଡ କରିବା ଅଭିଯୋଗ ମାମଲାରେ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। କଟକ ଆଡ୍-ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅଦାଲତ (ଏଫଟିଏସ୍‌ସି-୨) ବିଚାରପତି ସବିତା ଦାସ ଏ ସଂପର୍କିତ ମାମଲାର ଶୁଣାଣି କରି ଜୁଡୁମ ଥାନା ଅନ୍ତର୍ଗତ ଅଞ୍ଚଳର ଦୀପୁ ଓରଫ ଦୀପୁ ରଞ୍ଜନ ନାୟକ (୨୭)କୁ ୧୦ ବର୍ଷ ସଶ୍ରମ ଜେଲ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ଅଦାଲତ ଆଇପିସିର ଦଫା ୩୪୧, ୨୯୪, ୩୦୭, ୪୨୭, ୫୦୬, ୫୦୯, ପୋକସୋ ଆଇନର ଧାରା ୧୨, ଏକ୍ସପ୍ଲୋସିଭ ସବ୍‌ଷ୍ଟାନ୍ସେସ ଆଇନର ଧାରା ୩ ଓ ୪ରେ ଦୀପୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ରାଶି ଅନାଦେୟ ଆସାମୀକୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ। ଯଦି ଜରିମାନା ରାଶି ଆଦାୟ ହୁଏ ତେବେ ଏହା କ୍ଷତିପୂରଣ ଭାବେ ପୀଡିତାଙ୍କୁ ପ୍ରଦାନ କରାଯିବ। ଏଥିସହିତ ପୀଡିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଦଶମ ଶ୍ରେଣୀରେ ପଢୁଥିବା ୧୪ ବର୍ଷିୟା ପୀଡିତା କ୍ଲାସ କରିବାକୁ ଯିବା ଆସିବା ସମୟରେ ଅଭିଯୁକ୍ତ ବାଟରେ ତାଙ୍କୁ ବିଭିନ୍ନ ଭାବେ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ୨୦୨୨, ଅକ୍ଟୋବର ୧୬ ରାତିରେ ପୀଡିତା ଓ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ତାର ସହଯୋଗୀଙ୍କ ସହିତ ତାଙ୍କ ଘର ଉପରକୁ ଲଗାତାର ବୋମା ଫିଙ୍ଗିଥିଲା। ପୀଡିତାଙ୍କ ପରିବାର ତରଫରୁ ଅଭିଯୋଗ ପରେ ନରସିଂହପୁର ଥାନା ପୁଲିସ ୨୦୨୨, ଅକ୍ଟୋବର ୧୭ରେ ଏତଲା ପଞ୍ଜୀକରଣ କରିବା ସହିତ ଅଭିଯୁକ୍ତ ଦୀପୁକୁ ଗିରଫ କରିଥିଲା। ୨୦୨୨ ମସିହାରୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମିହିର ଶେଖର ସାହୁ ମାମଲା ପରିଚାଳନା କରୁଥିଲେ।

# ବନ୍ଧକ ଶ୍ରମ ପ୍ରଥା ନିର୍ମୂଳନ ଆଇନର ସୁବର୍ଣ୍ଣ ଜୟନ୍ତୀ




କଟକ,୧୭।୨(ସମିସ): ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ଆଇନ (୧୯୭୬)ର ୫୦ ବର୍ଷ ପୂର୍ତ୍ତି ଅବସରରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟଠାରେ ଏକ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ "ଉତ୍କଳ ସେବକ ସମାଜ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳଜୀତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ "ରେଡିଓ ଉତ୍କଳ' ଦ୍ୱାରା ପ୍ରସ୍ତୁତ ନାଟକ "ଶୃଙ୍ଖଳ ଭାଙ୍ଗିଲେ ସ୍ୱପ୍ନ ପୂରଣ'କୁ ଉଦ୍‌ଘାଟନ କରିବା ସହ ମତ ପ୍ରଦାନ କରିଥିଲେ ଯେ, କେବଳ ଆଇନ ପ୍ରଣୟନ କରିବା ଯଥେଷ୍ଟ ନୁହେଁ, ବରଂ ଏହାକୁ ସଠିକ୍ ମାର୍ଗରେ କାର୍ଯ୍ୟକାରୀ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସମାଜରୁ ଏହି ଘୃଣ୍ୟ ପ୍ରଥାକୁ ବିଲୋପ କରିବା ପାଇଁ ସଠିକ୍ ଚିହ୍ନଟ, ଉଦ୍ଧାର ଓ ଥଇଥାନ ପ୍ରକ୍ରିୟାରେ ସମନ୍ୱୟ ରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ମଞ୍ଚ 'ସୁରକ୍ଷା'ର ଆବାହକ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳ ବନ୍ଧକ ଶ୍ରମିକ ପ୍ରଥାକୁ "ଆଧୁନିକ ଦାସତ୍ୱ' ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇଜେଏମ୍‌ର ଅମିତ କୁମାର ନାଗ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଇନର ବୈଷୟିକ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଇଂ ଅନ୍ୱୟ ଅଭିନବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିନେଟ୍ ସଦସ୍ୟ ଅରୂପ କୁମାର ଦେଓ ଏହାକୁ ସଞ୍ଚାଳନ କରିଥିଲେ। ଓଡ଼ିଶାକୁ ବନ୍ଧକ ଶ୍ରମ ମୁକ୍ତ କରିବା ପାଇଁ ଶତାଧିକ ଆଇନ ଛାତ୍ରଛାତ୍ରୀ ଶପଥ ପାଠ କରିବା ସହ ଏକ ସଚେତନତା ପଦଯାତ୍ରାରେ ସାମିଲ ହୋଇଥିଲେ। ସୁଧାଂଶୁ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ଚାଇଲ୍ଡ୍ ହୋମ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



କଟକ,୧୭।୨(ସମିସ): ଖପୁରିଆସ୍ଥିତ ଚାଇଲ୍ଡ୍ ହୋମ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜ ନଳିନୀ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖ୍ରୀଷ୍ଟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସରୋଜିନୀ ମିଶ୍ର, ବିବେକାନନ୍ଦ ସାହୁ, ଦିନମଣି ମହାନ୍ତି, ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ମୋବାଇଲ ଠାରୁ ଦୂରେଇ ରଖିବା ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରିୟଙ୍କା ପୂର୍ତ୍ତି ଓ ଶ୍ରୀୟା ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସଚିବ ସତିଶ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବି ଡାକ୍ତରଙ୍କ ବିରୋଧରେ ଠକେଇ ଅଭିଯୋଗ


ରୋଗୀଙ୍କୁ ପ୍ରାଇଭେଟ୍ ମେଡିକାଲକୁ ପଠାଇ ଲକ୍ଷାଧିକ ଟଙ୍କା ହଡ଼ପ

କଟକ,୧୭।୨(ସମିସ): କଟକର ପ୍ରତିଷ୍ଠିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଡାକ୍ତରଙ୍କ ବିରୋଧରେ ରୋଗୀଙ୍କୁ ଠକିଥିବା ନେଇ ଚାଉଳିଆଗଞ୍ଜ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଡାକ୍ତର ଜଣକ ଏସସିବିକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କୁ ପ୍ରଲୋଭିତ କରି ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲେ ଏବଂ ସେଠାରେ ଚିକିତ୍ସା ନାମରେ ଲକ୍ଷାଧିକ ଟଙ୍କା ଶୋଷଣ କରିଥିଲେ। ପୁରୀଘାଟ ଅଞ୍ଚଳର ଆଇନଜୀବୀ ଅନିଲ ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ଡାକ୍ତର ଓ ତାଙ୍କ ଭାଇଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଅନିଲ ତାଙ୍କ ବାପାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଏସସିବିକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ଜଣକ ନିଜ ନମ୍ବର ଦେଇ ପୋତାପୋଖରୀ ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଦେଖା କରିବାକୁ କହିଥିଲେ। ସେଠାରେ ଷ୍ଟେଣ୍ଟ ଲଗାଇବା ପାଇଁ ପ୍ରଥମେ ୧.୫ ଲକ୍ଷ ଟଙ୍କାର ବଜେଟ୍ କୁହାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ୩ ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏତେ ଟଙ୍କା ଖର୍ଚ୍ଚ ପରେ ମଧ୍ୟ ରୋଗୀଙ୍କ ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ଅନ୍ୟତ୍ର ପରୀକ୍ଷା କରାଯାଇଥିଲା, ଯେଉଁଠାରେ ଷ୍ଟେଣ୍ଟ ଠିକ୍ ଭାବେ ଲାଗି ନ ଥିବା ଜଣାପଡ଼ିଥିଲା। ଏନେଇ ଅନିଲ ପ୍ରତିବାଦ କରିବାରୁ ଡାକ୍ତର ଓ ତାଙ୍କ ଭାଇ ଟଙ୍କା ଫେରସ୍ତ କରିବା ବଦଳରେ ତାଙ୍କୁ ଜାତିଗତ ଅପମାନ ଦେବା ସହ ଧମକ ଚମକ ଦେଇଥିବା ଏତଲାରେ ଦର୍ଶାଯାଇଛି। ସରକାରୀ ଡାକ୍ତରଙ୍କ ଏଭଳି ବ୍ୟବସାୟିକ ମନୋବୃତ୍ତି ଏବଂ ରୋଗୀଙ୍କ ଜୀବନ ସହ ଖେଳ ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଶୈଳବାଳା ମହିଳା ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

# ରୋଗମୁକ୍ତ ଜୀବନ ପାଇଁ ସଠିକ୍ ପୋଷଣ ଜରୁରୀ

କଟକ,୧୭।୨(ସମିସ)



କଟକ ସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଗୃହବିଜ୍ଞାନ ବିଭାଗ ଓ ୟୁନିସେଫ୍‌ର ମିଳିତ ସହଯୋଗରେ "ଜୀବନଶୈଳୀ ଜନିତ ରୋଗ ଓ ପୋଷଣ: ଚ୍ୟାଲେଞ୍ଜ ଓ ପଦକ୍ଷେପ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଆଧୁନିକ ଜୀବନଶୈଳୀ ଯୋଗୁଁ ବଢୁଥିବା ରୋଗ ବ୍ୟାଧି ପ୍ରତି ଚିନ୍ତା ପ୍ରକାଶ କରିବା ସହ ଖାଦ୍ୟରେ ପୋଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୟୁନିସେଫ ଓଡ଼ିଶାର ମୁଖ୍ୟ ପ୍ରଶାନ୍ତ ଦାଶ ଏବଂ ଅନ୍ୟାନ୍ୟ ବିଶେଷଜ୍ଞମାନେ କୁପୋଷଣର ପ୍ରଭାବ ଓ ଏହାର ନିରାକରଣ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରରେ ଶିଶୁ ଭବନର ପ୍ରଫେସର ଡା. ସୁନୀଲ ଅଗ୍ରୱାଲ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପୋଷଣୀୟ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ୟୁନିସେଫ୍ ଭାରତର ପୋଷଣ ବିଶେଷଜ୍ଞ ଡା. ରିଚାର୍ଡ ଏସ. ପାଣ୍ଡେ ଏବଂ ଜୀବ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ସଞ୍ଜୀବ କେ. ସାହୁ ପ୍ରମୁଖ ବୈଜ୍ଞାନିକ ତଥ୍ୟ ଭିତ୍ତିକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। କଲେଜର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନାଙ୍କ ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ଡ. ଅଜନ୍ତା ନାୟକଙ୍କ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଏକ ସ୍ମରଣିକା (ସଂକ୍ଷିପ୍ତ ସାର ପୁସ୍ତିକା) ଉନ୍ମୋଚନ କରାଯିବା ସହ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ଅଧ୍ୟାପିକା ଓ ଛାତ୍ରୀମାନଙ୍କ ସକ୍ରିୟ ସହଯୋଗରେ ଏହି ଜାତୀୟ ସେମିନାରଟି ସଫଳତାର ସହ ସମ୍ପନ୍ନ ହୋଇଛି।


PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L52241OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169,
Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:
Web Site: www.paradeepparivahan.com

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.**

**Note:** Shareholders are requested to go through the detailed Corrigendum which is mailed electronically and also available on Company's website at https://www.paradeepparivahan.com/home/notices.

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**

The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: https://www.paradeepparivahan.com/home/notices
· Website of Stock Exchange: www.bseindia.com
· website of e-voting agency i.e. Bigshare Services Pvt Ltd at https://ivote.bigshareonline.com

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact cs@paradeepparivahan.com

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

# ଅଷ୍ଟପ୍ରହରୀ ଭୋଜି ଖାଇ ୩୦ରୁ ଅଧିକ ଅସୁସ୍ଥ

**ଦଶରଥପୁର, ୧୭।୨(ସମିସ):** ଜାଗର ମହୋତ୍ସବ ଉପଲକ୍ଷେ ଆୟୋଜିତ ଅଷ୍ଟପ୍ରହରୀ ଭୋଜି ଖାଇ ୩୦ରୁ ଅଧିକ ଗ୍ରାମବାସୀ ଅସୁସ୍ଥ ହୋଇପଡ଼ିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ୨୨ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ସେହିପରି ୮ଜଣ ଏବେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ଘଟଣାଟି ଦଶରଥପୁର ବ୍ଲକ କଟିକଟା ପଞ୍ଚାୟତ ହୀରାପୁର ଗ୍ରାମରେ ଘଟିଥିବା ଜଣାଯାଇଛି। ସୂଚନା ମୁତାବକ ଗତକାଲି ମହାଶିବରାତ୍ରି ଉପଲକ୍ଷେ ହୀରାପୁର ଗ୍ରାମସ୍ଥିତ ବରୁଣେଶ୍ୱର ମନ୍ଦିର କମିଟି ପକ୍ଷରୁ ମନ୍ଦିର ପରିସରରେ ଅଷ୍ଟପ୍ରହରୀ କୀର୍ତ୍ତନ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଗ୍ରାମବାସୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ଭୋଜନ ପାଇଁ ପ୍ରସ୍ତୁତ ଖାଦ୍ୟକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏବଂ ଗ୍ରାମବାସୀ ଖାଇବା ପରେ ବଳକା ଖାଦ୍ୟକୁ ଗ୍ରାମର କିଛି ବାସିନ୍ଦା ଘରକୁ ନେଇଯାଇଥିଲେ। ରାତିରେ ଅଷ୍ଟପ୍ରହରୀ ଉପଲକ୍ଷେ ପ୍ରସ୍ତୁତ ଖାଦ୍ୟ ଖାଇଥିବା କିଛି ଗ୍ରାମବାସୀଙ୍କ ଝାଡ଼ା ବାନ୍ତି ହୋଇ ହଠାତ ଅସୁସ୍ଥ ହୋଇପଡ଼ିବାରୁ ୩୦ଜଣ ଅସୁସ୍ଥଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୨୨ ଅସୁସ୍ଥ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣେ ୭ ବର୍ଷ ଏବଂ ଅନ୍ୟ ଜଣେ ୧୨ବର୍ଷର ଶିଶୁଙ୍କ ସମେତ ୬ଜଣ ବୟସ୍କ ଏବେ ମଧ୍ୟ ଚିକିତ୍ସାଧୀନ ରହିଥିବା ଜଣାଯାଇଛି।

### ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

# ନାବାଳକକୁ କୋର୍ଟଚାଲାଣ

**ଯାଜପୁର, ୧୭।୨(ସମିସ):** ଜନୈକ ୫ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ନାବାଳକକୁ ଯାଜପୁର ଥାନା ପକ୍ଷରୁ ମଙ୍ଗଳବାର ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଯାଜପୁର ଟାଉନ ଥାନା ଅଞ୍ଚଳର ଜନୈକା ୫ ବର୍ଷୀୟା ନାବାଳିକୁ ସୋମବାର ଅପରାହ୍ଣରେ ସେହି ଅଞ୍ଚଳର ଜନୈକ ୧୭ ବର୍ଷୀୟ ନାବାଳକ ତାଙ୍କ ଘରକୁ ଡାକି ନେଇ ଜୋର ଜବରଦସ୍ତ ଅସଦାଚରଣ କରିଥିଲା। ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଆସି ତା’ ମା’କୁ ଏ ବିଷୟରେ ଜଣାଇଥିଲା। ଏ ନେଇ ନାବାଳିକାର ମା’ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନାଧିକାରୀ ଶରତ କୁମାର ନାୟକ କେଶ ନଂ.୫୮/୨୬ରେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲେ ଏହା ଏକ ଦୁଷ୍କର୍ମ ମାମଲା। ଏ ନେଇ ଦୁଷ୍କର୍ମ ମାମଲାରେ କେଶ ରୁଜୁ କରିବା ସହ ଘଟଣାର ତଦନ୍ତ ଏସ୍ଆଇ ସୌରଭ ମାଝୀକୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଅଭିଯୁକ୍ତ ନାବାଳକକୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ମଙ୍ଗଳବାର ଉଭୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା।

# ଦୁଇ ମୋବାଇଲ ଚୋର ଗିରଫ

**ଯାଜପୁର, ୧୭।୨(ସମିସ):** ଜାଗର ଅବସରରେ ଲଳିତେଶ୍ୱର ଶିବ ମନ୍ଦିର ନିକଟରୁ ଜନୈକ ବ୍ୟକ୍ତିଙ୍କ ମୋବାଇଲ ଚୋରି କରିଥିବା ଅଭିଯୋଗରେ ଦୁଇଜଣ ମୋବାଇଲ ଚୋରକୁ ଯାଜପୁର ଟାଉନ ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିବା ସହ ମୋବାଇଲକୁ ଜବତ କରିଥିଲେ। ଲଳିତେଶ୍ୱର ଶିବ ମନ୍ଦିର ନିକଟରୁ ଯାଜପୁର ସଦର ଥାନା ଜାଫରପୁର ପଞ୍ଚାୟତ ସାନତ୍ରିଲୋଚନପୁର ଗ୍ରାମର ମନୋରଞ୍ଜନ ଦାସଙ୍କ ମୋବାଇଲ ଚୋରି ହୋଇଯାଇଥିଲା। ଏ ନେଇ ମନୋରଞ୍ଜନ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ଟାଉନ ଥାନାଧିକାରୀ ଶରତ କୁମାର ନାୟକ କେଶ ନଂ.୫୪/୨୬ ଏକ ଚୋରି ମାମଲା ରୁଜୁ କରି ଏସ୍ଆଇ ମହେନ୍ଦ୍ର ସେଠୀ ତଦନ୍ତ ଆରମ୍ଭ କରିଥିଲେ। ଏହି ମୋବାଇଲ ଚୋରି ଘଟଣାରେ ଅବଦଲପୁର ନାୟକ ସାହି ଗ୍ରାମର ଜୀବନ ଜ୍ୟୋତି ନାୟକ(୨୧) ଓ ସେହି ଗ୍ରାମର ଅଭୟ ନାୟକ (ଚିଣ୍ଟୁ, ୧୯)କୁ ଗିରଫ କରିବା ସହ ତା ନିକଟରୁ ଚୋରି ମୋବାଇଲ ଜବତ କରିଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପିଇଓଙ୍କୁ ବିପର୍ଯ୍ୟୟ ପ୍ରଶମନ ତାଲିମ

**ଯାଜପୁର, ୧୭।୨(ସମିସ):** ଜିଲ୍ଲା ପରିଷଦ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନଙ୍କୁ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଅମ୍ବର କୁମାର କର ଉଦ୍‌ଘାଟନ କରିଥିଲେ। ଫେବୃଆରୀ ୧୭ ରୁ ୨୬ ତାରିଖ ଯାଏଁ ଚାରୋଟି ପର୍ଯ୍ୟାୟରେ ଏହି ତାଲିମ ଶିବିର ଅନୁଷ୍ଠିତ ହେଉଅଛି। ଯାଜପୁର ଜିଲ୍ଲାର ଦଶଟି ବ୍ଲକର ମୋଟ ୨୪୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏଥିରେ ତାଲିମ ଦିଆଯିବ। ଏଥିପାଇଁ ୩ ଜଣ ସ୍ୱତନ୍ତ୍ର ମାଷ୍ଟର ଟ୍ରେନର ସୁକାନ୍ତ ବିଶ୍ୱାଳ, ମନୋଜ ଜେନା, ଶୈଳେନ୍ଦ୍ର ସାମଲ ଏବଂ ୨ ଜଣ ରିସୋର୍ସ ପର୍ସନ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ମୁଖ୍ୟତଃ ବିପର୍ଯ୍ୟୟ ପରିଚାଳନା, ବିପର୍ଯ୍ୟୟ ଯୋଗୁଁ ହେଉଥିବା କ୍ଷୟକ୍ଷତିକୁ ହ୍ରାସ କରିବା ସହ ପୂର୍ବ ପ୍ରସ୍ତୁତି ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉଛି। ଯାହା ଫଳରେ ତୃଣମୂଳ ସ୍ତରରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଦିଗରେ ସଚେତନ ହେବା ସହ କାର୍ଯ୍ୟଦକ୍ଷ ହୋଇପାରିବେ। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା, ସହାୟକ ସୁପ୍ରିୟ ପଣ୍ଡା, ସେକ୍ସନ ଅଫିସର ଅରୁଣ ସାହୁ, ବରିଷ୍ଠ ସହାୟକ ଚନ୍ଦ୍ରଶେଖର ବେହେରା, ତରୁଣ କୁମାର ପଣ୍ଡା, ଅକ୍ଷୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା

# ମାସକ ପାଇଁ କର୍ମୀଙ୍କ ଦରମା ବନ୍ଦ



**ବ୍ରହ୍ମବରଦା, ୧୭।୨(ସମିସ)**

ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମ ୧ ନମ୍ବର ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ଆଜି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଉକ୍ତ କେନ୍ଦ୍ର ଉପରେ ଅଚାନକ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଉକ୍ତ କେନ୍ଦ୍ରରେ ଅନିୟମିତତା ହେଉଥିବା ଜାଣିବାକୁ ପାଇଥିବା ବେଳେ ଉକ୍ତ କେନ୍ଦ୍ରର କର୍ମୀଙ୍କର ଏକ ମାସ ପାଇଁ ଦରମା ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଆଜି ସକାଳେ ହରିପୁର ସେକ୍ଟର ମହିଳା ପରିଦର୍ଶିକା ଶୁଭଶ୍ରୀ ସାହୁ, ବ୍ରହ୍ମବରଦା ସେକ୍ଟର ପରିଦର୍ଶିକା ମୀନାକ୍ଷି ଦାଶ, ପ୍ରଥମାଖଣ୍ଡ ସେକ୍ଟର ପରିଦର୍ଶିକା ବିଷ୍ଣୁପ୍ରିୟା ଦାସଙ୍କ ସମେତ ମାତୃ କମିଟ ଓ ଯାଞ୍ଚ କମିଟର ସମସ୍ତ ସଭ୍ୟସଭ୍ୟା ଓ ଗ୍ରାମବାସୀଙ୍କ ଉପସ୍ଥିତରେ ଉକ୍ତ କେନ୍ଦ୍ରକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଉକ୍ତ କର୍ମୀଙ୍କ ସହଯୋଗ ସନ୍ତୋଷ ଜନକ ନ ଥିବା ଚିଠିରେ ଦର୍ଶାଯାଇଥିବା ବେଳେ ଗର୍ଭବତି, ପ୍ରସୂତି ଓ ଶିଶୁମାନଙ୍କୁ ଆବଶ୍ୟକ ପରିମାଣର ଅଣ୍ଡା ବଣ୍ଟନ କରାଯାଉନାହିଁ। ଯାଞ୍ଚ କମିଟ ଓ ମାତୃକମିଟ ରେଜିଷ୍ଟର ଠିକ୍ ନ ଥିବା ବେଳେ କେନ୍ଦ୍ରକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଉନାହିଁ। ପିଲା ମାନଙ୍କ ପାଇଁ ଆସୁଥିବା ଖେଳନା ସାମଗ୍ରୀ ତଥା ଅନ୍ୟ ସାମଗ୍ରୀ ଠିକ୍ ଭାବେ ରଖାଯାଇ ନଥିବା ବେଳେ ଏକ୍ସପାରି ଭିଟାମିନ-ଏ ମେଡିସିନକୁ ସାଇତା ହୋଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ କର୍ମଚାରୀ ଜଣକ ସରକାରୀ ନିୟମ କାନୁନକୁ ଠିକ ଭାବେ ପରିଚାଳନା କରୁ ନଥିବା ତଥା ଭଣ୍ଡାର ପଞ୍ଜିକାରେ ସାମଗ୍ରୀ ପରିମାଣ ଠିକ ଭାବେ ଲିପିବଧ ନଥିବା ଦେଖିବାକୁ ପାଇଥିଲେ। ଏ ସବୁର ଅନିୟମିତତାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉକ୍ତ କେନ୍ଦ୍ରର କର୍ମୀଙ୍କ ଗୋଟିଏ ମାସର ମାସିକ ଭତ୍ତାକୁ ବନ୍ଦ ରଖା ଯାଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଇଛନ୍ତି।

# ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ୨୪ରୁ

**ଧର୍ମଶାଳା, ୧୭।୨(ସମିସ):** ଧର୍ମଶାଳାର ପୂର୍ବତନ ବିଧାୟକଙ୍କ ସ୍ମୃତିରେ ତୃତୀୟ ବାର୍ଷିକ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଆସନ୍ତା ୨୪ ତାରିଖରେ ମିର୍ଜାପୁର ଦନାମଠ ଖେଳପଡ଼ିଆରେ ଅନୁଷ୍ଠିତ ହେବାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜକିଶୋର ମହାନ୍ତିଙ୍କୁ ଅଭ୍ୟର୍ଥନା କମିଟି ସଭାପତି, ନିତ୍ୟାନନ୍ଦ ବେହେରାଙ୍କୁ ଶୃଙ୍ଖଳା କମିଟି ସଭାପତି, ମନୋରଞ୍ଜନ ସେଠୀଙ୍କୁ ଯୋଜନା ଦଳପତି ସହିତ ବିଭିନ୍ନ କମିଟି ଗଠନ କରାଯିବା ସହ କମିଟି ସଦସ୍ୟ ମାନଙ୍କୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଯାଜପୁର, ବଡଚଣା, ଜାରକା, ଛତିଆ ଆଦି ଅଞ୍ଚଳର କ୍ରିକେଟ ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ କର୍କ ବଲରେ ମ୍ୟାଚ ଖେଳାଯିବାକୁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ଅଭିମନ୍ୟୁ ଧଳ, ବ୍ରଜକିଶୋର ମହାନ୍ତି, ଦୟାନିଧି ଦାଶ, ନିତ୍ୟାନନ୍ଦ ବେହେରା, ପ୍ରଭାତ କୁମାର ପଣ୍ଡା, ସୁଦର୍ଶନ ପଣ୍ଡା, ମନୋରଞ୍ଜନ ସେଠୀ, ସୁଧାଂଶୁ ଜେନା, ଗଗନ ରାଉତ, ଶ୍ରୀକାନ୍ତ ଜେନା, ରାଜେନ୍ଦ୍ର ଦାଶ, ନରୋତ୍ତମ ସ୍ୱାଇଁ, ଧନେଶ୍ୱର ସେଠୀ, ନିଶିକାନ୍ତ ବିଶ୍ୱାଳ, ଶୁଭମ ବିଶ୍ୱାଳ, ସୁରେଶ ପରିଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲ। ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଜପୁର ସଦର ଥାନାରେ କର୍ମଚାରୀ ଅଭାବ

**ବରୁଆଁ, ୧୭।୨(ସମିସ):** ଯାଜପୁର ଜିଲ୍ଲା ସଦର ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ସଦର ଅଞ୍ଚଳରେ ଦିନକୁ ଦିନ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ଦେଖିବାକୁ ମିଳୁଛି। ଭୌଗୋଳିକ ଅବସ୍ଥିତି ଅନୁଯାୟୀ ୧୮ ଗୋଟି ପଞ୍ଚାୟତର ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହେବାର ମୁଖ୍ୟ କାରଣ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା। ସଦର ଥାନାରେ କେବଳ ଆଇଆଇସି ଥିବାବେଳେ ଦୁଇଗୋଟି ଏସ୍ଆଇ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ୫ ଜଣ ଏଏସଆଇଙ୍କ ମଧ୍ୟରୁ ଜଣଙ୍କର ଅନ୍ୟତ୍ର ବଦଳି ହୋଇଥିବା ଜଣାପଡ଼ିଛି। ୧୦ ଜଣ କନଷ୍ଟେବଳ ମଧ୍ୟରୁ ୯ ଜଣ ଅଛନ୍ତି। ୧୩ ଜଣ ହୋମଗାର୍ଡ ଆବଶ୍ୟକ ଥିବାବେଳେ ୯ ଜଣ ଅଛନ୍ତି। ସଦର ଅଞ୍ଚଳରେ ଦିନକୁ ଦିନ ଚୋରି, ରାହାଜାନୀ, ଛିନ୍‌ତାଇ, ଚୋରା ମାଦକ ଦ୍ରବ୍ୟର ବ୍ୟବସାୟ, ଗୋମାଫିଆ, ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ ଚାଲିଥିବା ଜଣାପଡ଼ିଛି। ଏ ସବୁକୁ ଦୃଷ୍ଟିରେ ରଖି ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ବେଣାପୁର ଗ୍ରାମରେ ବାଦିପାଲା

**ବଡ଼ଚଣା, ୧୭।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବେଣାପୁର ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଆସନ୍ତା ଫେବୃଆରୀ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନଧରି ବାଦିପାଲା ଅନୁଷ୍ଠିତ ହେବ। ଏଥିରେ ସୁନାମଧନ୍ୟ ଗାୟକ ପିୟୁଷ ସତ୍ୟନାରାୟଣ ଜେନା ଓ ଗାୟକ ପ୍ରଦୀପ ପ୍ରଫୁଲ୍ଲ କର ସାମନ୍ତରାୟ ପାଲା ପରିବେଷଣ କରିବେ। ଏହି ପାଲାରେ ସଂସ୍କୃତିକ ପ୍ରେମୀ ଜନସାଧାରଣ ମାନଙ୍କୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ବେଣାପୁର ବାଦିପାଲା କମିଟି ପକ୍ଷରୁ ନିବେଦନ କରାଯାଇଛି।

# ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର

**ପାଣିକୋଇଲି, ୧୭।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ଚଳିତ ବର୍ଷ ୫୬ତମ ବାର୍ଷିକୋତ୍ସବ ପାଳନ କରଛି। ଏହି ଅବସରରେ ଆଜି ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ସରସ୍ୱତୀ ଶିଶୁ ମନ୍ଦିରର ବୌଦ୍ଧିକ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବନମାଳୀ ଦାସ, ସମ୍ପାଦକ ଡ. ଦୈତାରୀ ଧଳ, ଉପସଭାପତି ସଦାନନ୍ଦ ସାମଲ, କୋଷାଧ୍ୟକ୍ଷ ଆନନ୍ଦ ପାଲ, ଗୋଲକ ଚନ୍ଦ୍ର ମାଝୀ, ବାସୁଦେବ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିରିଷ୍ଠ ସଦସ୍ୟ ଅଶୋକ କୁମାର ସାହୁ ଓ ଶରତ ଚନ୍ଦ୍ର ଧଳ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ୧୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଲିଙ୍ଗେଶ୍ୱର କମିଟିର ସମସ୍ତ ସଦସ୍ୟ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଗୁରୁଜୀ/ଗୁରୁମା ସହଯୋଗ କରିଥିଲେ। ଯାଜପୁର ରେଡ୍‌କ୍ରସ ପକ୍ଷରୁ ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ଶୀତାଂଶୁ କୁମାର ସ୍ୱାଇଁ, ଦେବବ୍ରତ ବେହେରା, ଅଜୟ କୁମାର ଜେନା, ତରୁଣ କୁମାର ନାୟକ, ଶ୍ରୀକାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲା ଜଳ ଓ ପରିମଳ ମିଶନ ବୈଠକ

**ଯାଜପୁର ଟାଉନ, ୧୭।୨(ସମିସ)**



ଆଜି ଜିଲ୍ଲାପାଳଅମ୍ବର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜଳ ଓ ପରିମଳ ମିଶନ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶେଷ କରି ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଦେଖାଯାଉଥିବା ବିଭିନ୍ନ ବିଭାଗୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାସ୍ତା ସମ୍ପ୍ରସାରଣ ଓ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗର ଅନୁମତି ଏବଂ ଅନ୍ୟାନ୍ୟ ବିଭାଗୀୟ ଅସୁବିଧା କାରଣରୁ ଅଟକି ରହିଥିବା ମୋଟ ୨୫୩ଟି ମାମଲା ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ଉପସ୍ଥିତ ଥିବା ଜାତୀୟ ରାଜପଥ ପ୍ରାଧିକରଣ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗ, ଜଳସେଚନ ବିଭାଗ, ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀ, ସମ୍ପୃକ୍ତ ତହସିଲଦାର, ବିଡିଓ, ପାନୀୟ ଜଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମେଗା ଏଜେନ୍ସିର ପ୍ରକଳ୍ପ ପରିଚାଳକ, ପ୍ରାଧିକରଣ ଯନ୍ତ୍ରୀ ଏବଂ ପାନୀୟଜଳ ବିଭାଗର ସମସ୍ତ, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଓ ଜେଇମାନେ ନିଜ ନିଜ ବିଭାଗ ସମ୍ବନ୍ଧୀୟ ମାମଲାଗୁଡ଼ିକ ଉପରେ ବିବରଣୀ ପ୍ରଦାନ କରିଥିଲେ। ବିସ୍ତୃତ ଆଲୋଚନା ପରେ, ଜିଲ୍ଲାପାଳ ଶ୍ରୀ କର ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ମାସ ମଧ୍ୟରେ ସମସ୍ତ ୨୫୩ଟି ମାମଲାର ସମାଧାନ କରି ଆବଶ୍ୟକୀୟ ଅନୁମତି ପ୍ରଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏହା ସହିତ, ଏହି ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା ଏବଂ ଅଗ୍ରଗତିର ସମୀକ୍ଷା ପାଇଁ ୩୦ ଦିନ ପରେ ପରବର୍ତ୍ତୀ ବୈଠକରେ ପୁନଃ ଆଲୋଚନା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।


PARADEEP PARIVAHAN LIMITED

# PARADEEP PARIVAHAN LIMITED

(CIN: L52241OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:
Web Site: www.paradeepparivahan.com

## CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

**Considering 100% conversion of Warrants into equity shares within the stipulated time.*

**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**

The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

### ବାରିପଦା ସଂସ୍କୃତ ମହାବିଦ୍ୟାଳୟର ନବକଳେବର ଯୋଜନା

# ଘୋଷଣାର ୫ ମାସ ପରେ ବି ଆରମ୍ଭ ହୋଇନି କାମ

ବାରିପଦା, ୧୭ ।୨ (ସମିସ)



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ସେପ୍ଟେମ୍ବର ୧୬ ତାରିଖରେ ମୟୂରଭଞ୍ଜ ଗସ୍ତ ଅବସରରେ ବାରିପଦା ସରକାରୀ ସଂସ୍କୃତ ମହାବିଦ୍ୟାଳୟର ନବକଳେବର ପାଇଁ ରାଜ୍ୟ ସରକାରଙ୍କୁ ଡିପିଆର (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଘୋଷଣାର ୫ ମାସ ବିତିଯାଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ଏହି ଐତିହ୍ୟପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଯେମିତି ଥିଲା, ସେମିତି ଅବସ୍ଥାରେ ରହିଛି।

୧୮୯୪ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ପୂର୍ବରୁ ବେଦପାଠ ଓ ସଂସ୍କୃତ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଥିଲା। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲୁଥିବା ଏହି ଅନୁଷ୍ଠାନରେ ବର୍ତ୍ତମାନ +୨ ଓ +୩ ସ୍ତରରେ ସାହିତ୍ୟ, ବ୍ୟାକରଣ ଓ ବେଦାନ୍ତ ପଢ଼ାଯାଉଛି। ପ୍ରାୟ ୩୦୦ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପଦ୍ମା ଦେବୀ କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆମେ ବହୁତ ଆଶା କରିଥିଲୁ। କିନ୍ତୁ ଆଜି ପର୍ଯ୍ୟନ୍ତ ଡିପିଆର ପ୍ରସ୍ତୁତି ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି ରାଜ୍ୟ ସରକାର। ୮୧ ଡିସିମିଲ ଜମିରେ ପମ୍ପହାଉସ, ଦୋକାନ, ଲଜ୍ ଓ ଅନ୍ୟାନ୍ୟ ଜବରଦଖଲ ଜାରି ରହିଛି। ପାଚେରି ନ ଥିବାରୁ ମଦ୍ୟପ ଓ ନିଶାଡିଙ୍କ ଉତ୍ପାତ ଲାଗି ରହିଛି। ଗୋଟିଏ ରୁମରେ ଅଧ୍ୟକ୍ଷାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଶ୍ରେଣୀଗୃହ, ଲାଇବ୍ରେରୀ, କମନରୁମ୍, ହଷ୍ଟେଲ ନାହିଁ। ବର୍ଷାରେ ଛାତିରେ ଛନକା ପଶୁଛି। ଏହି ଅବସ୍ଥା ଜାରି ରହିଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପନ୍ନ ହେବ। ଘୋଷଣା ସମୟରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଡିପିଆର ପ୍ରସ୍ତୁତ କରାଯିବ ଓ କେନ୍ଦ୍ରକୁ ପଠାଯିବ। କିନ୍ତୁ ଏହାର କୌଣସି ଅଗ୍ରଗତି ଦେଖାଯାଉନାହିଁ। ସରକାରୀ ମହାବିଦ୍ୟାଳୟକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରି ମୂଳ ସ୍ଥାନରେ ଆଧୁନିକ ଏକ୍ସଲେନ୍ସି କେନ୍ଦ୍ର ଗଢ଼ିବା ପ୍ରସ୍ତାବ ମଧ୍ୟ କାଗଜ କଲମରେ ସୀମିତ ରହିଛି। ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଅନୁସାରେ ଏହା କେବଳ ଏକ ମହାବିଦ୍ୟାଳୟ ନୁହେଁ, ମହାରାଜାଙ୍କ ସ୍ମୃତି ଓ ଓଡ଼ିଶାର ସଂସ୍କୃତି ଐତିହ୍ୟ। କେନ୍ଦ୍ର ସରକାର ଆଗ୍ରହ ଦେଖାଉଛନ୍ତି, ରାଜ୍ୟ ସରକାର କାହିଁକି ନିଷ୍କ୍ରିୟ ରହିଛନ୍ତି? ତୁରନ୍ତ ଡିପିଆର ପ୍ରସ୍ତୁତି, ଜବରଦଖଲ ହଟାଇବା ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଦାବି କରିଛନ୍ତି। ଏହି ଐତିହାସିକ ଅନୁଷ୍ଠାନର ନବକଳେବର ପାଇଁ ଜିଲ୍ଲାବାସୀ ଏବେ ଚାହିଁ ରହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଆଶା କରାଯାଉଛି। ଏନେଇ ପୂର୍ତ୍ତ ବିଭାଗକୁ ଯୋଗାଯୋଗ କରିବାରୁ ଜଣାପଡ଼ିଛି ଯେ, ପ୍ରାଥମିକ ସର୍ଭେ କରାଯାଇଛି, ଏକାଧିକ ଦିଗକୁ ଧ୍ୟାନ ଦିଆଯାଉଛି, ଏହା ପରେ ଡିପିଆର ପ୍ରସ୍ତୁତ କରାଯିବ।

### ୧୯ରୁ ମାଟ୍ରିକ ପରୀକ୍ଷା

## ବଡ଼ସାହି ବ୍ଲକ୍‌ର ୧୦ଟି କେନ୍ଦ୍ରରେ ପରୀକ୍ଷା ଦେବେ ୧୬୫୫ ଛାତ୍ରଛାତ୍ରୀ

**ବଡସାହି, ୧୭।୨(ସମିସ):** ଚଳିତବର୍ଷ ବଡସାହି ବ୍ଲକ ଅଧୀନରେ ୯ଟି କେନ୍ଦ୍ରରେ ୧୬୫୫ ଜଣ ଛାତ୍ରଛାତ୍ରୀ ମ୍ୟାଟ୍ରିକ୍ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ସେଥିମଧ୍ୟରୁ ୭ଟି କେନ୍ଦ୍ର ବଡସାହି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧିନରେ ରହିଥିବାବେଳେ ୨ଟି କେନ୍ଦ୍ର ଏଲଏମପି ଉଚ୍ଚ ବିଦ୍ୟାଳୟ, ଗୋଟିଏ ଧନପୁର ଅଧୀନରେ ଥିବାର ଜଣାଯାଇଛି। ସକାଳ ୭ଟା ୩୦ରୁ ୮ଟା ୧୫ ମଧ୍ୟରେ ପରୀକ୍ଷା କେନ୍ଦ୍ର ମଧ୍ୟକୁ ଛାତ୍ରଛାତ୍ରୀ ପ୍ରବେଶ କରିବେ। ସକଳା ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ସରିବ ବୋଲି ଜଣାଯାଇଛି। ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ ସମୟ ପ୍ରଦାନ କରାଯିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ବଡସାହି ନୋଡାଲ କେନ୍ଦ୍ର ଦାୟିତ୍ୱରେ ଅଜିତ କୁମାର ଷଡଙ୍ଗୀ ଓ ହରିହର ବେହେରା ରହିଛନ୍ତି। ସେହିପରି ଏଲଏମପି ଉଚ୍ଚ ବିଦ୍ୟାଳୟ, ଧନପୁର ନୋଡାଲ କେନ୍ଦ୍ର ପାଇଁ କୃଷ୍ଣଚନ୍ଦ୍ର ମହାନ୍ତ ଓ ଆତଷୀ କୁଣ୍ଡୁ ଦାୟିତ୍ୱରେ ଅଛନ୍ତି। ବଡସାହି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ଥିବା ମାଣତ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୬ ଜଣ, ବଡସାହି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୪୪ଜଣ, ଜହ୍ନାର ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର, ଭୀମଦାରେ ୧୪୪, ଆରକେ ଉଚ୍ଚ ବିଦ୍ୟାଳୟ, ସିଂହଟିଆରେ ୧୯୯ ଜଣ, ବିସି ନୋଡାଲ ଉଚ୍ଚବିଦ୍ୟାଳୟ, ମୂଷାଗଡ଼ିଆରେ ୧୪୫, ବିଏନ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣତ୍ରୀରେ ୧୯୦, ବୀରେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ୧୧୪ ଓ ପ୍ରତାପପୁର ଡିବିଜୀଓ ଉଚ୍ଚ ବିଦ୍ୟାଳୟରେ ୧୮୯ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

ସେହିପରି ଏଲଏମପି ଉଚ୍ଚ ବିଦ୍ୟାଳୟ, ଧନପୁର ନୋଡାଲ କେନ୍ଦ୍ର ଅଧୀନରେ ଗୁଡିଆଲବନ୍ଧ ନୂତନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୬୧ ଓ ଜଗବନ୍ଧୁ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡାରେ ୧୯୩ ଜଣ ପରୀକ୍ଷା ଦେବେ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି। ପ୍ରଶ୍ନପତ୍ର ନୋଡାଲ କେନ୍ଦ୍ରରେ ପହଞ୍ଚି ସାରିଥିବାବେଳେ ଷ୍ଟ୍ରଙ୍ଗରୁମରେ ୨୪ ଘଣ୍ଟିଆ କଡା ସୁରକ୍ଷା ମଧ୍ୟରେ ସିସି ଟିଭି କ୍ୟାମେରା ନଜରରେ ରଖାଯାଇଛି। ବିଭିନ୍ନ କେନ୍ଦ୍ରକୁ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଇବା ପାଇଁ ବଡସାହି ନୋଡାଲ କେନ୍ଦ୍ର ଦାୟିତ୍ୱରେ ଦେବାଶିଷ ମହାପାତ୍ର ଓ କରୁଣାକର ମଲିକ, ଏଲଏମପି ଉଚ୍ଚ ବିଦ୍ୟାଳୟ, ଧନପୁର ପାଇଁ ନିହାର ମହାନ୍ତ ଓ ହରେକୃଷ୍ଣ ମହାନ୍ତ ଦାୟିତ୍ୱରେ ଅଛନ୍ତି।

## ସିଂହଡିହରେ ଜାଗର ମେଳା



**ପୁରୁଣିଆ, ୧୭।୨(ସମିସ):** ବେତନଟୀ ବ୍ଲକର ପୁରୁଣିଆ ପଞ୍ଚାୟତ ଅନ୍ତର୍ଗତ ସିଂହଡିହର ନୀଳକଣ୍ଠେଶ୍ୱର ମହେଦେବଙ୍କ ବାର୍ଷିକ ଜାଗର ମେଳା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ରାତିସାରା ଦୀପ ଜାଳି ମହାଦେବଙ୍କଠାରେ ନିଜ ଭକ୍ତିନୈବେଦ୍ୟ ଅର୍ପଣ କରିଥିଲେ। ମନ୍ଦିର କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମରେ ଜାଗର ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଥିବାରୁ ସମସ୍ତଙ୍କ ସହଯୋଗ ପାଇଁ ମନ୍ଦିର କମିଟିର ସଭାପତି ଯୋଗେଶ୍ୱର ମହାନ୍ତ ଓ ସମ୍ପାଦକ ମୋହନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ହାତୀଗୋଡ଼ାରେ ବନ ବିଭାଗର ବନାଗ୍ନି ସଚେତନତା



**ମହୁଲଡିହା, ୧୭।୨(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଲକ୍ଷ୍ୟ ବନାଗ୍ନି ନିୟନ୍ତ୍ରଣ। ଏ ଅବସରରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ହାତୀଗୋଡାଠାରେ ବନ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ହାତରେ ପ୍ଲାକାର୍ଡ ଧରି ସଚେତନତାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଳିତ ବର୍ଷ ଜଙ୍ଗଲ ନିଆଁ ଶୂନ ଆମର ଲକ୍ଷ୍ୟ ରହିଛି। ଏଭଳି ଉଦ୍ୟମ ସ୍ଥାନୀୟ ଲୋକଙ୍କ ବିନା ସହଯୋଗରେ ସମ୍ଭବ ନୁହେଁ। ସମସ୍ତଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇ ଜଙ୍ଗଲକୁ ନିଆଁ ଦାଉରୁ ମୁକ୍ତ କରିବା ପାଇଁ ଲୋକଙ୍କୁ ସଂକଳ୍ପ କରାଇଥିଲେ। ମୁଖ୍ୟଅତିଥି ଭାବେ ହାତୀଗୋଡା ପଞ୍ଚାୟତ ସରପଞ୍ଚ ଦଶମୀ ସଏ ଯୋଗଦେଇ ଆମ ଜଙ୍ଗଲକୁ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିବା ଆମର ଦାୟିତ୍ୱ ବୋଲି କହିଥିଲେ। ନିଜ ହୋ ଭାଷାରେ ଉଦବୋଧନ ଦେଇ ବନ ବିଭାଗକୁ ସମସ୍ତେ ସହଯୋଗ କରିବା ଓ ଆମ ଜଙ୍ଗଲ ନଷ୍ଟ ହେବାକୁ ଦେବା ନାହିଁ ଜଙ୍ଗଲ ଆମର ଜୀବନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପଞ୍ଚାୟତ ସରପଞ୍ଚ ସୁଜିତ ଲୁଗୁନ ଯୋଗଦେଇ ଜଙ୍ଗଲ ପୋଡି ଦ୍ୱାରା କିପରି ଆମର ଧନ ଜୀବନ, ପ୍ରାଣୀ ଜଗତ କ୍ଷତିଗ୍ରସ୍ତ ହେଉଛି, ସେ ସମ୍ପର୍କରେ ସଚେତନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ, ବାଲିପୋଷି ସେକ୍ସନ ବନପାଳ ପ୍ରଦୀପ କିଶୋର ହାଇବ୍ରୁରୁ ପ୍ରମୁଖ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ଶରତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ତାଲିମଦାତା ଭାବେ ସୁବ୍ରତ ବିଶ୍ୱାଳ ଯୋଗଦେଇ ଲୋକଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ ବନପାଳ ଚନ୍ଦ୍ରମୋହନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବନପାଳ ଲକ୍ଷ୍ମୀ ମହାନ୍ତ, ବନରକ୍ଷୀ ପ୍ରମୋଦ କୁମାର ମହାନ୍ତ, ତପ୍ନେଶ୍ୱର ପାଲ, କିଶୋର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ଜାତୀୟସ୍ତରୀୟ ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାକାଳ ଦଳ ୫୦ ରନରେ ବିଜୟୀ



**ବାରିପଦା, ୧୭ ।୨(ସମିସ):** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ୧ମ ମ୍ୟାଚରେ ମହାକାଳ ଦଳ ୫୦ ରନରେ ଦାନୀ ଏକାଦଶକୁ ପରାସ୍ତ କରିଛି। ମହାକାଳ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରିଥିବାବେଳେ ଦାନୀ ଏକାଦଶ ୧୨ ଓଭରରେ ୭ ୱିକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ମ୍ୟାଚରେ ଜଗନ୍ନାଥ ୱାରିୟର୍ସ ୫ ୱିକେଟରେ ପରୀ ଚ୍ୟାଲେଞ୍ଜର୍ସକୁ ପରାସ୍ତ କରିଥିଲା। ପରୀ ଚ୍ୟାଲେଞ୍ଜର୍ସ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଥିବାବେଳେ ଜଗନ୍ନାଥ ୱାରିୟର୍ସ ୧୧. ୫ ଓଭରରେ ୫ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଏଞ୍ଜେଲ ରଣା ୪ ରନରେ ପରୀ ଚ୍ୟାଲେଞ୍ଜରକୁ, ମହାକାଳ ୫ ୱିକେଟରେ ମୟୂରଭଞ୍ଜ ରୟାଲ, ଏଞ୍ଜେଲ ରଣା ୬୧ ରନରେ ରୁଦ୍ରାକ୍ଷ୍ୟ ଦଳ, ଶେଷ ମ୍ୟାଚରେ ପ୍ଲେ ବେକ ଚ୍ୟାଲେଞ୍ଜର ୩ ୱିକେଟରେ ଦାନୀ ଏକାଦଶକୁ ପରାସ୍ତ କରିଥିଲା। ଅତିଥି ଭାବେ ୨୧ନଂ ୱାର୍ଡ କାଉନସିଲର ଲକ୍ଷ୍ମୀଧର ହାବଡ଼ା, ନାରୀନେତ୍ରୀ ଶୋଭାରାଣୀ ଓତା ଓ ମଣ୍ଡଳ ସଭାପତି ସୁବ୍ରତ ମୁଖି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ଉପସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି ଉପସ୍ଥିତ ଥିଲେ।

### ଗୁହାଳଡାଙ୍ଗରୀ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା

## ହାରିଲେ ସରପଞ୍ଚ, ନାଏବ ସରପଞ୍ଚଙ୍କୁ ଦାୟିତ୍ୱ





**ରାଇରଙ୍ଗପୁର/ଗୋରୁମହିଷାଣୀ, ୧୭।୨ (ସମିସ):** ରାଇରଙ୍ଗପୁର ବ୍ଲକ ଗୁହାଳଡାଙ୍ଗରୀ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଯାହାକୁ ନେଇ ମଙ୍ଗଳବାର ଭୋଟିଂ ହୋଇଥିଲା। ଅନାସ୍ଥା ଭୋଟିଂରେ ସରପଞ୍ଚ ବିଶୁ ମୁଣ୍ଡା ହାରିଯାଇଛନ୍ତି। ତାଙ୍କ ନାମରେ ଗୁହାଳଡାଙ୍ଗରି ପଞ୍ଚାୟତର ୱାର୍ଡ ସଭ୍ୟ/ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ସମେତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନେଇ ଅଭିଯୋଗ କରିଥିଲେ। ଯାହାକୁ ନେଇ ଭୋଟିଂ ପ୍ରକ୍ରିୟା ହୋଇଥିବାବେଳେ ବହଳଦା ତହସିଲଦାର ଶିବପ୍ରସାଦ ମୁର୍ମୁଙ୍କୁ ପ୍ରିଜେଡିଂ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୁନଃନିର୍ବାଚନ ନେଇ ପ୍ରକ୍ରିୟା ହୋଇଥିଲା। ମୋଟ ୧୩ ଜଣ ସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ସରପଞ୍ଚ ବିଶୁ ମୁଣ୍ଡାଙ୍କ ବିପକ୍ଷରେ ୧୧ ଜଣ ଭୋଟିଂ କରିଥିଲେ। ଅନ୍ୟ ଦୁଇ ଜଣକ ଅନୁପସ୍ଥିତ ରହିଥିବାବେଳେ ସେମାନଙ୍କ ମଧ୍ୟରେ ସରପଞ୍ଚ ବିଶୁ ମୁଣ୍ଡା ରହିଛନ୍ତି। ଭୋଟିଂ ପ୍ରକ୍ରିୟା ଶେଷ ପରେ ପ୍ରିଜେଡିଂ ଅଫିସର ଶ୍ରୀ ମୁର୍ମୁ ଜିଲ୍ଲା ପ୍ରଶାସନଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ତାଙ୍କ ବିରୁଦ୍ଧରେ ଭୋଟିଂ ହୋଇଥିବାରୁ ଅନାସ୍ଥାରେ ସରପଞ୍ଚ ବିଶୁ ମୁଣ୍ଡା ହାରିଥିବା ନେଇ ସୂଚନା ମିଳିଛି। ଅସ୍ଥାୟୀ ଭାବେ ନାଏବ ସରପଞ୍ଚ ସିମନ୍ତି ହେମ୍ବ୍ରମ ସରପଞ୍ଚ ଦାୟିତ୍ୱ ତୁଲାଇବା ନେଇ ସୂଚନା ରହିଛି। ତେବେ ଅନାସ୍ଥା ନେଇ ଆଗାମୀ ସୂଚନା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ।

ଅନାସ୍ଥା ଭୋଟିଂ ସମୟରେ ବହଳଦା ତହସିଲଦାର ତଥା ପ୍ରିଜାଇଡିଂ ଅଫିସର ଶ୍ରୀ ମୁର୍ମୁ, ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଏସଡିପିଓ ବିରେନ୍ଦ୍ର କୁମାର ସେନାପତି, ଗୋରୁମହିଷାଣୀ ଥାନା ଅଧିକାରୀ ଜଗନ୍ନାଥ ସି, ଜାମଦା ଥାନା ଅଧିକାରୀ ରାଜେଶ ସେଠୀ, ପିଇଓ, ଜିପିଡିଓ, ସମିତି ସଭ୍ୟ, ନାଏବ ସରପଞ୍ଚ, ଏଡିଇଓ, ଜିଆରଏସ ଓ ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।


PARADEEP PARIVAHAN LIMITED

**PARADEEP PARIVAHAN LIMITED**

**(CIN: L52241OR2000PLC006379)**
**Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com**
**Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India Tel/ Fax- 0674-2590169, Mail:**
**Web Site: www.paradeepparivahan.com**

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.***
**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**
The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

## ସାର ପାଇଁ ହନ୍ତସନ୍ତ ଚାଷୀ

# ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଷୀ

ବରଗଡ଼, ୧୭ ।୨(ସମିସ)

ଧାନ ବିକ୍ରି ପାଇଁ ଚାଷୀ ହନ୍ତସନ୍ତ ହେବା ପରେ ଏବେ ରବି ଋତୁର ଧାନ ଚାଷ ପାଇଁ ସାର କିଣାରେ ଶୋଷଣର ଶୀକାର ହେଉଛନ୍ତି ଚାଷୀ। ବର୍ତ୍ତମାନ ରବି ଋତୁର ଚାଷ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଜିଲ୍ଲାର ମଣ୍ଡିମାନଙ୍କରେ ହଜାର ହଜାର କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି। ଯେଉଁଥିପାଇଁ ଚଳିତ ଋତୁର ଚାଷ କାର୍ଯ୍ୟ ବିଳମ୍ବ ହୋଇଗଲାଣି। ଏହି ସମୟରେ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିକୁ ଦୌଡିବ, ଚାଷ କାର୍ଯ୍ୟ କରିବ ନା ସାର ପାଇଁ ଆନ୍ଦୋଳନ କରିବ। ମଙ୍ଗଳବାର ବରଗଡ଼ ଜିଲ୍ଲା ସୋହେଲା ଓ ଭଟଲି ବ୍ଲକ ର ବିଭିନ୍ନ ପାକ୍ସରୁ ଶତାଧିକ ଚାଷୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟକୁ ଆସି ସାର କଳାବଜାରୀ ହେଉଥିବା ଲିଖିତ ଅଭିଯୋଗ



କରିଛନ୍ତି। ଖୋଲା ବଜାରରେ ସାର ନିର୍ଦ୍ଧାରିତ ଦର ଠାରୁ ଢେର ଅଧିକ ଦରରେ ବିକ୍ରି ଚାଲିଛି। ଜିଲ୍ଲାର ସମସ୍ତ ବ୍ଲକରେ ଲାଇସେନ୍ସପ୍ରାପ୍ତ ହୋଲସେଲର ଓ ରିଟେଲର ୟୁରିଆ ବସ୍ତା ପ୍ରତି ୫୦୦ ଟଙ୍କାରୁ ଅଧିକ ଦରରେ ଏବଂ ଡିଏପି ୧୮୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି କରୁଛନ୍ତି। (ୟୁରିଆର ନିର୍ଦ୍ଧାରିତ ଦର ୨୬୬. ୫୦ ଟଙ୍କା ଏବଂ ଡିଏପି ୧୩୫୦ ଟଙ୍କା )। ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ କହିଥିଲେ ଯେ ଜିଲ୍ଲାରେ ଭରପୁର ମାତ୍ରାରେ ସାର ମହଜୁଦ ଅଛି। ପାକ୍ସ ଜରିଆରେ ୬୦ ଭାଗ ଏବଂ ବେପାରୀମାନଙ୍କୁ ୪୦ଭାଗ ସାର ଯୋଗାଇ ଦିଆଯାଉଛି। ହେଲେ ପାକ୍ସମାନଙ୍କରେ ବର୍ତ୍ତମାନ ସାର ନାହିଁ। ଦୋକାନୀ କଳାବଜାର କରୁଛି। ଯାହା ଫଳରେ ଚାଷୀ ଶୋଷଣ ର ଶୀକାର ହେଉଛି। ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଯଦି ଉପଯୁକ୍ତ ମୂଲ୍ୟରେ ସମସ୍ତ ଚାଷୀଙ୍କୁ ଯଦି ସାର ଯୋଗାଇ ଦିଆନଯାଏ ତାହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜୟ କିସାନ ଆନ୍ଦୋଳନ ତରଫରୁ ଚେତାବନୀ ଦିଆଯାଇଛି। ସଂଗଠନ ତରଫରୁ କୁହାଯାଇଛି ଯେ ସାର କଳାବଜାରୀ କରୁଥିବା କଳାବଜାରୀଙ୍କୁ ଚଢାଉ କରାଯାଇ ତାଙ୍କ ପାଖରେ ଗଚ୍ଛିତ ଥିବା ସାରକୁ ଚାଷୀଙ୍କୁ ବଣ୍ଟନ କରାଯାଉ ବୋଲି କୁହାଯାଇଛି। ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅକ୍ଷୟ ପ୍ରଧାନ, ଉମେଶ ପ୍ରଧାନ, ଭରତ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

## ୧୬୫୫ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ




ପାଇକମାଳ, ୧୭।୨(ସମିସ): ଆସନ୍ତା ୧୯ ତାରିଖ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ୧୬୫୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଗାୟତ୍ରୀ ହାଇସ୍କୁଲରେ ୧୫୫, ଚର୍ଦାପାଲି ସରକାରୀ ହାଇସ୍କୁଲ ୧୭୦, ନୃସିଂହନାଥ ସରକାରୀ ହାଇସ୍କୁଲ୧୪୫, ମୁନିଖୋଳ ଝିଟିକି ପଞ୍ଚାୟତ ହାଇସ୍କୁଲରେ ୧୫୮, ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲରେ ୧୬୮, ପାଇକମାଳ ହାଇସ୍କୁଲରେ ୨୫୯, ଛିନ୍ଦେଇଖୋଲା ହାଇସ୍କୁଲରେ ୧୬୫, ବରତୁଣ୍ଡା ପ୍ରିୟଦର୍ଶିନୀ ହାଇସ୍କୁଲରେ ୧୦୮, ପଲସଦା ହାଇସ୍କୁଲରେ ୧୫୦, ଲଖମରା ହାଇସ୍କୁଲରେ ୧୭୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏହି ସୂଚନା ଦେଇଛନ୍ତି।

## ଗୁଦେରପାଲିରେ ଅଖଣ୍ଡ ନାମଯଜ୍ଞ

ମେଲଛା ମୁଣ୍ଡା, ୧୭।୨(ସମିସ): ଗାଇସିଲେଟ ବ୍ଲକ ଗୁଦେରପାଲି ଗାଁରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରିଙ୍କୁ ଦେବତା, ବାବୁଲୁ ଦେବତା



ଏବଂ ଜଗନ୍ନାଥ ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ବିଦେଶୀ ପ୍ରଧାନ ସପତ୍ନୀକ କର୍ତ୍ତା ଥିଲେ। ଗାଁ ବଡ଼ପୋଖରୀରୁ କଳସ ଶୋଭାଯାତ୍ରା ବାହାରି ଯଜ୍ଞମଣ୍ଡପରେ ସ୍ଥାପନ ହେଇଥିଲା। ଏହି ଯଜ୍ଞରେ ଗୁଦେରପାଲି ତଳିପଡ଼ା, ବୁଧାପାଲି, ଗଣ୍ଡିଆପାଲି ଏବଂ ସନ୍ଧିବାହାଲ ଗାଁର ସଂକୀର୍ତ୍ତନ୍ୟ ଦଳ ସାମିଲ ହୋଇଥିଲେ।

## ପଞ୍ଚାୟତସ୍ତରୀୟ କିଶୋରି ମେଳା କାର୍ଯ୍ୟକ୍ରମ

ଭେଡେନ, ୧୭ ।୨(ସମିସ): ଭେଡେନ ବ୍ଲକ ଅର୍ଜୁଣ୍ଡା ପଞ୍ଚାୟତ ବିଲେଇବେର୍ଣ୍ଣା ଅଲେଖ ମହିମା ମଠରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା କାର୍ଯ୍ୟକ୍ରମ ଆଇସିଡ଼ିଏସ ସୁପରଭାଇଜର ପଙ୍କଜିନୀ ବିଶ୍ୱାଳଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଖାଇରୀ



ଦୀପ, ସିଏଚଓ ସୁନିତା ସୁନା, ଏଚ୍ଡବ୍ଲୁଏଫ ସିଣ୍ଡ୍ରେଲା ଖାଲକୋ, ସହକାରୀ ଶିକ୍ଷକ ଅଶୋକ କୁମାର ମିଶ୍ର, ସମାଜସେବୀ ସତ୍ୟ କୁମାର ପେରା ପ୍ରମୁଖ ଯୋଗଦାନ କରି କିଶୋରୀ ମେଳା ବିଷୟରେ ଆଲୋକପାତ କରିଥିଲେ। ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ କିଶୋରୀ ବାଳିକା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀଙ୍କ ପରଲୋକ



ବରଗଡ଼, ୧୭ ।୨(ସମିସ): ବରଗଡ଼ ସହରର ୧୬ ନମ୍ବର ୱାର୍ଡ ବ୍ରହ୍ମଚାରୀ ନିବାସୀ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ହରିଚରଣ ଦାଶ (୭୮)ଙ୍କ ପରଲୋକ ହୋଇଯାଇଛି। ସେ ଜିଲ୍ଲା ରାଜସ୍ୱ ବିଭାଗରୁ ସେକ୍ସନ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ମସ୍ତିସ୍କ ଆଘାତ ହେତୁ ସେ ଗୁରୁତର ହୋଇ ପଡ଼ିଥିଲେ। ବିକାଶ ହସ୍ପିଟାଲରେ ଚିକିତ୍ସା ପରେ ୩ ମାସ ହେଲା ଘରେ ଶଯ୍ୟାଶାୟୀ ଥଲେ। ଜୀରାନଦୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପତ୍ନୀ ବିୟୋଗ



ମେଲଛାମୁଣ୍ଡା, ୧୭ ।୨(ସମିସ): ମେଲଛାମୁଣ୍ଡା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ମିଶ୍ରଙ୍କ ପତ୍ନୀ ଯାଜ୍ଞସେନୀ ମିଶ୍ର (୭୩)ଙ୍କ ପରଲୋକ ଘଟିଛି। ବୁର୍ଲାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଗତ କିଛି ଦିନ ହେଲା ସେ ଚିକିତ୍ସିତ ହେଉଥିଲେ। ମେଲଛାମୁଣ୍ଡାରାଜଘାଟରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଛି। ପୁତ୍ର ରାଜେନ୍ଦ୍ର ମିଶ୍ର ମୁଖାଗ୍ନି ଦେଇଥିଲେ।



ପଦ୍ମପୁର ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ଅବସରରେ ଆଡିସନାଲ ଡାଇରେକ୍ଟର ରାଜଶ୍ରୀ ପଟ୍ଟନାୟକ, ଏଡିଇଓ ଅମୃତା ସାହୁ, ଝାରବନ୍ଧ ବିଇଓ ଶୁଭମ୍ ପତି, ରାଜବୋଡାସମ୍ବର୍ ବିଇଓ ଲୋକନାଥ ଭୋଇ ପ୍ରମୁଖ

## ଶିବପୁରାଣ ପଠନ କାର୍ଯ୍ୟକ୍ରମ ଉଦ୍ଯାପିତ



ଭେଡେନ, ୧୭ ।୨(ସମିସ): ଭେଡେନ ବ୍ଲକ ସିଂହେନପାଲି ବାବା ବୈଦ୍ୟନାଥ ଶିବମନ୍ଦିର ପିଠରେ ଜାଗର ଯାତ୍ରା ଅବସରରେ ସାପ୍ତାହିକ ଶିବ ପୁରାଣ ପଠନ କାର୍ଯ୍ୟକ୍ରମ ଉଦ୍ଯାପିତ। ଉଦଯାପିନୀ ଦିବସରେ ଗ୍ରାମବାସୀ ତଥା ଗ୍ରାମ୍ୟ କମିଟି ତରଫରୁ ବ୍ୟାସ ପିଙ୍କୁ ଦେବତା ଓ ତାଙ୍କ ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକ ଦିନ ଶତାଧିକ ଭକ୍ତ ବାବା ବୈଦନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେବା ସହ ପିଙ୍କୁ ଦେବତାଙ୍କ କଣ୍ଠରୁ ଶିବ ପୁରାଣ ଶୁଣିଥିଲେ। ଗ୍ରାମ୍ୟକମିଟିର ପ୍ରମୋଦ ଭୋଇ, ସୁରେନ୍ଦ୍ର ବାରିକ, ସିଙ୍ଗ ଭୋଇ, ସଞ୍ଜୟ ସାହୁ, ଅନିରୋଧ ଭୋଇ, ଅଜିତ ସେଠ, କେଶବ ଭୋଇ, ଦିଲ୍ଲିପ କୁମାର ସାହୁ, ନରେନ୍ଦ୍ର ଭୋଇ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଲରମ୍ଭା ମହାବିଦ୍ୟାଳୟ ଇତିହାସ ବିଭାଗରେ ପାଠଚକ୍ର




ଅତାବିରା, ୧୭ ।୨(ସମିସ): ଲରମ୍ଭା କଲେଜରେ ଅଧକ୍ଷ ପ୍ରଫେସର ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଇତିହାସ ବିଭାଗରେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରସ୍ଥିତ ନେତାଜୀ ସୁବାଷଚନ୍ଦ୍ର ବୋଷ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଡ. ରଘୁମଣି ନାଏକ ମୁଖ୍ୟଅତିଥି ତଥା ଆଲୋଚକ ଭାବେ ଯୋଗଦେଇ ଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ଅନ୍ତର୍ଯ୍ୟାମୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ରୁଚିତା ମାଝୀଙ୍କ ତତ୍ୱାବଧାନରେ ଯୁକ୍ତ ତିନି ଇତିହାସ ବିଭାଗର ଛାତ୍ରୀ ଆକାଂକ୍ଷା ବିଶ୍ୱାଳ, ରୋହିଣୀ ଖାଲସା, ବୈଷ୍ଣବୀ ଧରୁଆ ଓ ଛାତ୍ର ଜିତେନ୍ଦ୍ର ଡନସନା ପ୍ରବନ୍ଧ ପାଠ କରିଥିଲେ। ଶେଷରେ ଅଧାପକ ସିଦ୍ଧେଶ୍ୱର ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଟାଉନ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଅବସରରେ ସ୍ୱାସ୍ଥ୍ୟ ଶିବିର



ପଦ୍ମପୁର, ୧୭।୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଟାଉନ୍ କ୍ଲବ୍‌ର ୪୮ ତମ ବାର୍ଷିକ ଉତ୍ସବ ଅବସରରେ କ୍ରିଷ୍ଟା ବିକାଶ ହସ୍ପିଟାଲ ଓ ଟାଉନ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁରାରି କ୍ରିଷ୍ଟା ଫାଉଣ୍ଡେସନ ତରଫରୁ ଡାକ୍ତର ଅଜିତ୍ ବାରିକଙ୍କ ନେତୃତ୍ୱରେ କ୍ରୀଷ୍ଟା ବିକାଶ ଡାକ୍ତରଖାନାର କିଡନୀ ରୋଗ ବିଶେଷଜ୍ଞ ଡା. ସୁଧାଂଶୁ ଶେଖର ଭୋଇ, ଗ୍ୟାଷ୍ଟ୍ରୋସର୍ଜରୀ ବିଶେଷଜ୍ଞ ଡା. ଡି. ହେମନ୍ତ ସାଇ, ଚର୍ମରୋଗ ବିଶେଷଜ୍ଞ ଡା. ମନାଲୀ ଡେକାରାଜା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ନାରାୟଣ ପ୍ରସାଦ ମିଶ୍ର, ମେଡିସିନ ବିଶେଷଜ୍ଞ ଡା. ଦତ୍ତାତ୍ରେୟ ଶେଲକେ, କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା. ଡିଲିନା ସାଇବାମ, ଛାତି ଓ ଫୁସଫୁସ ରୋଗ ବିଶେଷଜ୍ଞ ଡା.ଏନ. ଅତୁଲ୍ୟା, ଫିଜିଓଥେରାପିଷ୍ଟ ଡା. ମୋହମ୍ମଦ ଅଖତର, ଦନ୍ତରୋଗ ବିଶେଷଜ୍ଞ ଡା. ମୌସୁମୀ ଦୁବେ, ଡା. ଶ୍ରଦ୍ଧା ଶର୍ମା ପ୍ରମୁଖ ରୋଗୀ ଚିକିତ୍ସା କରିଥିଲେ। କ୍ଲବ୍‌ର ପ୍ରତିଷ୍ଠାତା ସଦସ୍ୟ ଶିରୀଶ ବହିଦାର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଲାଲବିହାରୀ ମିଶ୍ର, ସୁଶୀଲ ଶର୍ମା, ଧନମାଳୀ ସାହୁ, ନୀଳ ଦୋରା, ପ୍ରତାପ ମିଶ୍ର, ଟାଉନ କ୍ଲବ୍‌ର ସଭାପତି ପ୍ରିତେଶ ବହିଦାର, ଅଶୋକ ମିଶ୍ର, ନରେଶ ସୁନ୍ଦର ସାହୁ, କୁନାଲ ପାଣିଗ୍ରାହୀ, ସୁବାଷ ପାତ୍ର, ରମେଶ ଗର୍ଗ, ସରୋଜ ମିଶ୍ର, ହରି ସିଂ, ଡ. ଶ୍ରୀକାନ୍ତ ପାଣିଗ୍ରାହୀ, ନରୋତ୍ତମ ପ୍ରଧାନ, ସୁନୀଲ ଅଗ୍ରୱାଲ, ଜ୍ୟୋସ୍ନାରାଣୀ କର, ରଞ୍ଜୁ ସେଟ, ନାରାୟଣ ପୁରୋହିତ, ସୁରେନ୍ଦ୍ର ସାହୁ, ନିରୋଜ ସିହ୍ନା, ପ୍ରମୋଦ ମେହେର, ଯୁଗଳ ସାହୁ, ଚିନ୍ମୟ ସାମଲ, ଅଖିଳ ପଟ୍ଟନାୟ, ଅମିତ ଗର୍ଗ, ଦୀନେଶ ବାରିକ, ସୁରେଶ ସାହୁ, ସୋମେଶ ମହାନ୍ତି, ଡ. ଅଜିତ ମେହେର, ଲକ୍ଷ୍ମୀକାନ୍ତ ବରିହା, ସୋହେବ ଖାନ, ସିପନ ପୁରୋହିତ, ସୁଶୀଲ ଅଗ୍ରୱାଲ, ଅଜୟ ଅଗ୍ରୱାଲ, ନବ କଣ୍ଟା, ଜିଲ୍ଲା ପରିଷଦ ସାରସ୍ୱତୀ ସାହୁ, ମକରଧ୍ୱଯ ବଗାର, ସରପଞ୍ଚ ସୁନୀଲ ବେହେରା, ଆନନ୍ଦ ବେହେରା, ମଣ୍ଡଳ ସଭାପତି ଟୁନା ଡନସନା, ଅକ୍ଷୟ ପଧାନ, ସତ୍ୟମ ପ୍ରଧାନ, ମାନ ବେହେରା, ଜିତୁ ସାହୁ, ରାଜେଶ ଗୁର୍ଲ୍ଲା, ଡମ୍ବରୁ ସାହୁ, ଗୋକୁଳା ବଗର୍ତି, ଅନିଲ ଗୁର୍ଲ୍ଲା, ରୁଦ୍ର ସାହୁ, ବିରେନ ପ୍ରଧାନ, ପ୍ରେମାନନ୍ଦ ବରିହା, ଉଦ୍ଧବ ଡୁଙ୍ଗରି, ଅମୀର ମେହେର, ନିରୋଜକୁମ୍ଭାର, ସୁଧାଂଶୁ, ପ୍ରକାଶ ଦାସ, ଅର୍ଜୁନ ସାହା, ପିଣ୍ଟୁ ସାହା ପ୍ରମୁଖ ସହଯୋଗ କରିଥିଲେ।

## ଝାରବନ୍ଧ ମିଶନ ଶକ୍ତି ଭବନ ଅନ୍ଧାର



ଝାରବନ୍ଧ, ୧୭ ।୨(ସମିସ): ମହିଳା ସଶକ୍ତିକରଣର ସ୍ୱପ୍ନକୁ ସାକାର କରିବା ପାଇଁ ନିର୍ମିତ ମିଶନ ଶକ୍ତି ଭବନ ବିଦ୍ୟୁତ୍ ସଂଯୋଗ ଅଭାବରୁ ନିର୍ଜୀବ ଅବସ୍ଥାରେ ରହିଛି। ଝାରବନ୍ଧ ବ୍ଲକ ମୁଖ୍ୟାଳୟସ୍ଥିତ ବଲିଡିପା ପାର୍ଶ୍ୱରେ ନିର୍ମିତ ମିଶନ ଶକ୍ତି ଭବନ ୨୦୨୧ ମସିହାରୁ ଆରମ୍ଭ ହୋଇ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରସ୍ତୁତ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ।ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପାଇଁ ପ୍ରଶିକ୍ଷଣ, ବୈଠକ, ଋଣ ସହାୟତା ଆଲୋଚନା ଓ ବିଭିନ୍ନ ଆତ୍ମନିର୍ଭର କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟରେ ଭବନ ନିର୍ମାଣ ହୋଇଥିଲା। କିନ୍ତୁ ବିଦ୍ୟୁତ୍ ବ୍ୟବସ୍ଥା ନଥିବାରୁ ଭବନଟି ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଫଳସ୍ୱରୂପ, ଅଞ୍ଚଳର ମହିଳାମାନଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି। ଝାରବନ୍ଧ ବ୍ଲକ ମୁଖ୍ୟାଳୟ ହେବାରୁ ଏଠାରେ ପ୍ରତିଦିନ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ହୁଏ। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଯଦି ମିଶନ ଶକ୍ତି ଭବନକୁ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଗଲେ ଶତାଧିକ ମହିଳା ସିଧାସଳଖ ଭାବେ ଲାଭାନ୍ୱିତ ହେବେ ଓ ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟ ନୂଆ ଗତି ପାଇବ। ଭବନ ତିଆରି ହୋଇ ବର୍ଷ ବର୍ଷ ବିତିଗଲା, କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ନହେବା ପରିତାପର ବିଷୟ। ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଭବନକୁ କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣ ଦାବି ହେଉଛି।

## ଅର୍ଦ୍ଧନିର୍ମିତ ଅବସ୍ଥାରେ ପାଣି ଟାଙ୍କି

# ଶୀଘ୍ର କାମ ଶେଷ କରିବାକୁ ବିଡିଓଙ୍କୁ ଦାବି



ଅମ୍ବାଭୋନା, ୧୭ ।୨(ସମିସ): ଅମ୍ବାଭୋନା ବ୍ଲକ ଭୁକ୍ତାଗାଁରେ ଚାଲୁଥିବା ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପର ପାଣି ଟାଙ୍କି ଦୀର୍ଘଦିନ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀ ଅମ୍ବାଭୋନା ବିଡିଓଙ୍କୁ ଭେଟି ତଦନ୍ତ ସହ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।ସୂଚନା ଅନୁଯାୟୀ, ପ୍ରକଳ୍ପର କାମ ଆରମ୍ଭ ହେବା ପରେ ମନ୍ଥର ଗତିରେ ଚାଲୁଥିଲା। ଏଥିପାଇଁ କୌଣସି ବ୍ୟକ୍ତି କାମରେ ବାଧା ସୃଷ୍ଟି କରି ନିର୍ମାଣକାରୀଙ୍କୁ କାମ ବନ୍ଦ କରିବାକୁ ଚେତାବନୀ ଦେଇଥିବା ସନ୍ଦେହ କରାଯାଉଛି। ଫଳରେ ପାଣି ଟାଙ୍କି ଦୀର୍ଘ ସମୟ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି।ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ପାନୀୟଜଳ ସମସ୍ୟା ଗୁରୁତର ରୂପ ନେବାର ଆଶଙ୍କା ଥିବାରୁ ଗ୍ରାମବାସୀ ଅତିଶୀଘ୍ର ପାଣି ଟାଙ୍କି ନିର୍ମାଣ କାମ ସମାପ୍ତ କରି ଜଳଯୋଗାଣ ସୁନିଶ୍ଚିତ କରିବାକୁ ବିଡିଓଙ୍କୁ ଅନୁରୋଧ କରିଛନ୍ତି।

## ଉତାଲଗଡ଼ ନାଟ୍ୟ ସଂସଦର ବୈଠକ



ବିଜେପୁର, ୧୭।୨(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଉତାଲଗଡ଼ ନାଟ୍ୟ ସଂସଦର ସାଧାରଣ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ସଂସଦର ସଭାପତି ହୃଦମଣି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୧୬ତମ ଉତାଲଗଡ଼ ଉଚ୍ଛବର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ୧ରେ ରକ୍ତଦାନ ଶିବିର ଆୟୋଜନ ପାଇଁ ଆଲୋଚନା କରାଯାଇଥିଲା। ଖଗେଶ୍ୱର ମଣ୍ଡପରେ ସକାଳ ୧୦ଟାରୁ ଶିବିର ଅନୁଷ୍ଠିତ ହେବ। ଏହି ବୈଠକରେ ନବୀନ ପଧାନ, ପପଟଲାଲ ଭୋଇ, ଗଜାନନ ସାହୁ, ବିବେକାନନ୍ଦ ପଧାନ, ସୁଶାନ୍ତ ମିଶ୍ର, ଚୈତନ୍ୟ ବିଶ୍ୱାଳ, ସୁଦର୍ଶନ ବନଛୋର, ନେତ୍ରାନନ୍ଦ ସାହୁ, ଗଣନାଥ ସାହୁ, ଦେବାଶିଷ ପଧାନ, ଉମେଶ ଭୋଇ, ଦାମ୍ବୋଦର ବିଶ୍ୱାଳ, ଦୀପକ ସାହୁ, ମୁକେଶ ସାହୁ, ଆଲୋକ ସାହୁ, ସତ୍ୟପ୍ରକାଶ ପଧାନ, ରମେଶ ପଧାନ, ଭୋଜରାଜ ପଧାନ, ଚିକୁ ସାହୁ, ରାଜକିଶୋର ବେହେରା, ଧନେଶ୍ୱର ସାହୁ, ଲକ୍ଷପତି ମହାପାତ୍ର, ତୁଲାରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତରଞ୍ଜନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଷ୍ଟା ବିକାଶ ଛାତ୍ରଛାତ୍ରୀଙ୍କ ସଫଳତା

ବରଗଡ଼, ୧୭।୨(ସମିସ)

କ୍ରୀଷ୍ଟା ବିକାଶ ଗ୍ରୁପ୍ ଅଧୀନ ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଇଆଇଟି ଜେଇଇ (ମେନ୍-ଜାନୁୟାରୀର ପ୍ରଥମ ପର୍ଯ୍ୟାୟ) ପ୍ରବେଶିକା ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବରଗଡ଼ କ୍ରୀଷ୍ଟା ବିକାଶର ୨ଜଣ ଛାତ୍ର ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ, ୭ଜଣ ଛାତ୍ରଛାତ୍ରୀ ୯୮ପର୍ସେଣ୍ଟାଇଲ୍‌ରୁ ଅଧିକ, ୧୭ଜଣ ୯୭ ପର୍ସେଣ୍ଟାଇଲରୁ ଅଧିକ, ୧୯ଜଣ ୯୬ପର୍ସେଣ୍ଟାଇଲ୍‌ରୁ ଅଧିକ, ୨୬ଜଣ ୯୫ ପର୍ସେଣ୍ଟାଇଲ୍‌ରୁ ଅଧିକ, ୨୭ ଜଣ ୯୪ ପର୍ସେଣ୍ଟାଇଲ୍‌ରୁ ଅଧିକ, ୪୧ଜଣ ୯୦ ପର୍ସେଣ୍ଟାଇଲ୍‌ରୁ ଅଧିକ ଏବଂ ୬୦ ଜଣ ଛାତ୍ରଛାତ୍ରୀ ୨୦୨୫ ଜେଇଇର ନିର୍ଦ୍ଧାରିତ କଟ୍‌ଅଫ୍ ପର୍ସେଣ୍ଟାଇଲ୍‌ରୁ ଅଧିକ ମାର୍କରଖି ୨୦୨୬ ପରୀକ୍ଷା ଫଳାଫଳରେ ଶ୍ରେଷ୍ଠ କୃତିତ୍ୱ ହାସଲ କରି ୨୦୨୬ର ଆଇଆଇଟି-ଜେଇଇ ଆଡଭାନ୍ସ ପ୍ରବେଶିକା ପରିକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ଏହା ପ୍ରକାଶ କରିଛନ୍ତି। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷା ଫଳାଫଳ ବିଷୟରେ ସବିଶେଷ ବିବରଣୀ ଦେଇ କହିଛନ୍ତି ଯେ, ଦିନେଶ ଅଗ୍ରୱାଲ ୯୯.୩୫ ପର୍ସେଣ୍ଟାଇଲ୍, ଆର୍ୟନ, ମେହେର ୯୯.୨୮, ଆଶୁତୋଷ ଥାଟୀ ୯୮.୫୬ ପର୍ସେଣ୍ଟାଇଲ, ଜତିନ ସାହୁ ୯୮.୪୬ ପର୍ସେଣ୍ଟାଇଲ, ଆଶିଷ ମିଶ୍ର ୯୮.୩୯ ପର୍ସେଣ୍ଟାଇଲ୍, ତପସ୍ୱିନୀ ପ୍ରିୟଦର୍ଶିନୀ ୯୮.୩୦ ପର୍ସେଣ୍ଟାଇଲ୍, ଆଶୀର୍ବାଦ ପଣ୍ଡା ୯୮.୧୦ ପର୍ସେଣ୍ଟାଇଲ, ଲିପୁନ ମେହେର ୯୭.୮୮ ପର୍ସେଣ୍ଟାଇଲ୍, ଅଂଶୁମାନ ସିଙ୍ଘଲ ୯୭.୮୫ପର୍ସେଣ୍ଟାଇଲ୍, ଅଙ୍କିତ ଭୋଇ ୯୭.୫୬ପର୍ସେଣ୍ଟାଇଲ, ଶ୍ରେୟାଂସ ପଟେଲ ୯୭.୪୫ ପର୍ସେଣ୍ଟାଇଲ, ସମୀକ୍ଷା ସାହୁ୯୭.୩୯ ପର୍ସେଣ୍ଟାଇଲ, ବିବେକ ଅଗ୍ରୱାଲ ୯୭.୨୩ପର୍ସେଣ୍ଟାଇଲ୍, ପ୍ରେମାନନ୍ଦ ସାହୁ ୯୭.୨୦ ପର୍ସେଣ୍ଟାଇଲ୍, ଖୁସବୁମୟୀ ପ୍ରଧାନ ୯୬.୫୪ପର୍ସେଣ୍ଟାଇଲ୍, ଶ୍ରେୟାଂସ ପଣ୍ଡା ୯୬.୪୪ ପର୍ସେଣ୍ଟାଇଲ, ପ୍ରିତମ ପ୍ରଧାନ ୯୬.୩୪ ପର୍ସେଣ୍ଟାଇଲ୍, ସ୍ମିତିଶ୍ରୀ ମେହେର ୯୬.୩୨ପର୍ସେଣ୍ଟାଇଲ, ଲିଖିତ ମେହେର ୯୬.୨୪ ପର୍ସେଣ୍ଟାଇଲ, ଅଭିନନ୍ଦନ ପତି ୯୬.୧୩ପର୍ସେଣ୍ଟାଇଲ୍, ଅନ୍ୱେଶ ମିଶ୍ର ୯୫.୮୭ ପର୍ସେଣ୍ଟାଇଲ, ଅମ୍ଳାନ ମିଶ୍ର ୯୫.୭୪ ପର୍ସେଣ୍ଟାଇଲ୍, ରୁଦ୍ରାକ୍ଷ ବରୁଆ ୯୫.୫୮ପର୍ସେଣ୍ଟାଇଲ୍, ଅଭିଜିତ ମହାନ୍ତି ୯୫.୫୨ ପର୍ସେଣ୍ଟାଇଲ୍, ସୋହନ ମେହେର ୯୫.୫୦ ପର୍ସେଣ୍ଟାଇଲ, ମିହିରରଞ୍ଜନ ୯୫.୩୪ ପର୍ସେଣ୍ଟାଇଲ୍ ସହ ତାଲିକାର ଶ୍ରେଷ୍ଠରେ ରହିଛନ୍ତି। ପଦାର୍ଥ ବିଜ୍ଞାନରେ ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକରେ ପାଞ୍ଚ ଜଣ, ରସାୟନ ବିଜ୍ଞାନରେ ୯୯ ପର୍ସେଣ୍ଟାଇଲରୁ ଅଧିକରେ ସାତ ଜଣରଖିଛନ୍ତି ଏବଂ ଗଣିତରେ ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକରେ ୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ୬୧ ଜଣ ଛାତ୍ରଛାତ୍ରୀ ଆଇଆଇଟି-ଜେଇଇ ଆଡ୍‌ଭାନ୍ସ ପରୀକ୍ଷା ପାଇଁ କ୍ରୀଷ୍ଟା ବିକାଶର ଅନୁଭବୀ, ଦକ୍ଷ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ (ଏପ୍ରିଲ ୨୦୨୬) ପ୍ରବେଶିକା ପରୀକ୍ଷାରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବେ ବୋଲି ନିଶ୍ଚିତ କରାଯାଇଛି। ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୂରଲୀ କ୍ରୀଷ୍ଟା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ ଏକାଡେମୀର ପାଠ୍ୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ବିଗତ ଏକ ଦଶନ୍ଧି ଧରି କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ଜେଇଇ ମେନ୍ସ ଏବଂ ଆଡ୍‌ଭାନ୍ସ ପ୍ରବେଶିକା ପରୀକ୍ଷାରେ ନିରନ୍ତର ସଫଳତା ପାଇଁ ଅଧକ୍ଷ ( ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣରଥ, ଛାତ୍ରଛାତ୍ରୀ ଏବଂ ଅଧାପକ ଅଧାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଆଇଆଇଟି ଜେଇଇ ଆଡ୍‌ଭାନ୍ସ, ଏନ୍‌ଟିଏ-ନିଟ୍ (ମେଡିକାଲ୍), ସିୟୁଇଟି, ସିଏ, କ୍ଲାଡ୍, ଏନ୍‌ଡିଏ ଏବଂ ଆଇପିମ୍ୟାଟ୍ ଇତ୍ୟାଦି ପରୀକ୍ଷାରେ କ୍ରୀଷ୍ଟା ବିକାଶ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ସହ ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଆଶା ପୋଷଣ କରିଛନ୍ତି। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଟୁ ଚେୟାରମ୍ୟାନ୍ ଅଫିସ୍ ଲୋକେଶ ଦଶାରୀ, ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର ଏକ୍ ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣରଥ, ଆବାସିକ ବିଦ୍ୟାଳୟର ଉପାଧକ୍ଷ ଡ. ମନୋଜ ତ୍ରିପାଠୀ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଧାପକ-ଅଧାପିକା ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।









## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ



ଝାରସୁଗୁଡ଼ା, ୧୭।୨(ସମିସ): ବାଇକ୍ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଝାରସୁଗୁଡ଼ା ପୁଲିସ ତରଫରୁ ସୂଚନା ଦିଆଯାଇଛି। ୨୦୨୫ ଅକ୍ଟୋବର ୧୭ରେ ଝାରସୁଗୁଡ଼ା ଥାନା ଅଞ୍ଚଳରୁ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ମାମଲାରେ ଆଜି ଜଣେ ଅଭିଯୁକ୍ତ ଝାରସୁଗୁଡ଼ା ଥାନା ବୁରୋମାଲର କୃଷ୍ଣକୁମ୍ଭାରକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ନିକଟରୁ ଚୋରି ବାଇକ୍‌କୁ ଜବତ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଗୁରୁତର

ଝାରସୁଗୁଡ଼ା, ୧୭।୨(ସମିସ): ଆଉ ଅଳ୍ପ ଦିନ ପରେ ବିବାହ କରି ନୂଆଁ ସଂସାର ଗଢ଼ିଥାନ୍ତେ। ପରିବାରରେ ବିବାହ ନେଇ ଖୁସିର ପରିବେଶ ରହିଥିଲା। କିନ୍ତୁ ଏହା ପୂର୍ବରୁ ଦୁର୍ଘଟଣାରେ ଯୁବତୀଙ୍କ ଜୀବନ ଚାଲିଯାଇଛି। ସୋମବାର ସକାଳେ ବିବାହ ପାଇଁ ନିମନ୍ତ୍ରଣ କାର୍ଡ ଦେଇ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ଚାନ୍ଦିନୀମାଲ ନିକଟ କନ୍ଦାଗୁଡ଼ା ନିକଟରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଗୁରୁତର ହୋଇ ଯୁବତୀଙ୍କ ମୃତ୍ୟୁ ଘଟଥିବା ବେଳେ ତାଙ୍କ ଭାଇ ଗୁରୁତର ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ଥାନା ଅଧୀନ ଭେଲୁଆଟିକ୍ରା ଗାଁର ନିରଞ୍ଜନ ରୋହିଦାସ (୧୮) ଓ ତାଙ୍କ ଭଉଣୀ ହୀରାବତି ରୋହିଦାସ(୨୦) ଚାନ୍ଦିନୀମାଲରୁ ବିବାହର ନିମନ୍ତ୍ରଣ କାର୍ଡ ଦେଇ ନିଜ ଘରକୁ ଫେରୁଥିଲେ। ବାଟରେ କନ୍ଦାଗୁଡ଼ା ନିକଟରେ ରାସ୍ତା ଉପରକୁ ଏକ ବୁଲାକୁକୁର ଅଚାନକ ଆସିଯିବାରୁ ଭାରସାମ୍ୟ ହରାଇ ଗାଡ଼ିରୁ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟ ଭାଇ ଭଉଣୀଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ହୀରାବତିଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଭାଇ ନିରଞ୍ଜନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ହୀରାବତିଙ୍କ ବିବାହ ଆଗାମୀ ୨୭ ତାରିଖ ସ୍ଥିର ହୋଇଥିଲା। ଏହି ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ହତ୍ୟା ଉଦ୍ୟମ, ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

ଦେବଗଡ଼, ୧୭।୨(ସମିସ): ଦେବଗଡ଼ ଥାନା ଅଧୀନ ଟାଇଁସର ଗାଁ ସ୍ଥିତ ଏକ ଫାର୍ମହାଉସରୁ ମୁମୂର୍ଷୁ ଅବସ୍ଥାରେ ଜଣେ ଯୁବକ ଉଦ୍ଧାର ହୋଇଥିବା ବେଳେ ତାଙ୍କୁ ସଙ୍ଘବଦ୍ଧ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ ଭର୍ତି ହୋଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ଦେବଗଡ଼ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତାରଙ୍ଗ ପଞ୍ଚାୟତ ପୁରୁମୁଣ୍ଡା ଗାଁର ଭରତ ସାହୁ ଟାଇଁସର ଠାରେ ଏକ ଫାର୍ମହାଉସ କରିଛନ୍ତି। ସେଠାରେ ସେ ରହିଥିବା ବେଳେ ଗତକାଲି ଅପରାହ୍ଣରେ ୫/୬ ଜଣ ଅଚିହ୍ନା ବ୍ୟକ୍ତି ତାଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଭରତଙ୍କୁ ନିସ୍ଥୁକ ମାଡ ମାରିବା ସହିତ ଦୀର୍ଘ ସମୟ ଧରି ତଣ୍ଟି ଚିପି ଧରିବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଆକ୍ରମଣକାରୀ ମାନେ ବାହାରୁ ପଟୁ କବାଟ ଦେଇ ସେଠାରୁ ଫେରାର ହୋଇ ଯାଇଥିଲେ। କିଛି ସମୟ ପରେ ଉକ୍ତ ବଗିଚାର ଜଗୁଆଳୀ ଓ ଅନ୍ୟଜଣେ ଯୁବକ ସେଠାରେ ପହଞ୍ଚି ଭରତ ଗୁରୁତର ଆହତ ହୋଇଥିବା ଓ ସଂଜ୍ଞାହୀନ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭରତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜଣେ ସମ୍ପର୍କୀୟ ଏବଂ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ତାଙ୍କୁ ହତ୍ୟା ଉଦ୍ୟମ ଷଡଯନ୍ତ୍ର କରିଥିବା ଭରତ ଦେବଗଡ଼ ଥାନା ପୁଲିସ ନିକଟରେ ଅଭିଯୋଗ କରିଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଦେବଗଡ଼, ୧୭।୨(ସମିସ): ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ଶବିରି ଉଦ୍‌ଘାଟିତ ହୋଇଛି। କଲେଜର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଢ଼େଇ ଏବଂ ଯୁକ୍ତଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ତଥା ଆଧାପିକା ଭୁବନେଶ୍ୱରୀ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାର ଉନ୍ନୟନ କାର୍ଯ୍ୟ ପାଇଁ ବିଭାଗୱାରୀ ସମନ୍ୱୟ ବୈଠକ

ଦେବଗଡ଼, ୧୭।୨(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାର ଅଧିକାରୀମାନଙ୍କ ସହ ଲୋକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ବିଭିନ୍ନ ସମସ୍ୟା ମଧ୍ୟରେ ସାଧାରଣତଃ ମୌଳିକ ସୁବିଧା ବିଦ୍ୟୁତ୍, ନଳକୂପ, ରାସ୍ତାଘାଟ, ପାନୀୟଜଳ, ପ୍ରଧାନମନ୍ତ୍ରୀ ବାଳିକା ଛାତ୍ରାବାସ ଓ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ ଗୁଡିକରେ ତୁରନ୍ତ ବାକିଥିବା କାର୍ଯ୍ୟ ସମ୍ପାଦନ କରି ହସ୍ତାନ୍ତର କରିବା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ବୈଠକରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ରାଜସ୍ୱ ଲକ୍ଷ୍ମଣ ଅମାତ୍, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ସହକାରୀ ଜିଲ୍ଲାପାଳ ତାପସ ମହନ୍ତ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, ତିନି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୌରାଞ୍ଚଳର ୧୧ ୱାର୍ଡ ମଧ୍ୟ ସାମିଲ

# ଦେବଗଡ଼ର ୩୬୪ ଗାଁ ବାଲ୍ୟବିବାହ ମୁକ୍ତ

ଦେବଗଡ଼, ୧୭।୨(ସମିସ)



ଓଡ଼ିଶାକୁ ୨୦୩୦ ମସିହା ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସରକାର ଲକ୍ଷ୍ୟ ରଖି ସମସ୍ତ ଜିଲ୍ଲାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଦେବଗଡ଼ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସମାଜ ମଙ୍ଗଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜିଲ୍ଲା ପୁଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ସହିତ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଦେବଗଡ଼ ଜିଲ୍ଲାର ସମସ୍ତ ଧାର୍ମିକ ଅନୁଷ୍ଠାନ ଗୁଡିକୁ ବାଲ୍ୟବିବାହ ମୁକ୍ତ ପରିସର ଭାବେ ଘୋଷଣା କରାଯାଇଛି। ସମସ୍ତ ଗାଁ ଓ ବ୍ଲକରେ ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସ ଗଠନ କରାଯାଇଛି। ପ୍ରତ୍ୟେକ ଅଙ୍ଗନବାଡି ସ୍ତରରେ ଅଙ୍ଗନବାଡି କର୍ମୀ ସମସ୍ତ ବିବାହକୁ ବାଧ୍ୟତାମୂଳକ ଭାବେ ପଞ୍ଜୀକରଣ କରୁଛନ୍ତି। ବାଲ୍ୟବିବାହ ସୂଚନାକାରୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ୩୦୦୦ ଟଙ୍କା ପୁରସ୍କାର ଘୋଷଣା ହୋଇଛି। ବାଲ୍ୟବିବାହ ସମ୍ପର୍କିତ ସମସ୍ତ ଅଭିଯୋଗ ଗ୍ରହଣ କରିବାକୁ ଜରୁରୀକାଳୀନ ୨୪ ଘଣ୍ଟିଆ ଚାଇଲ୍ଡ ହେଲ୍ପ ଲାଇନ-୧୦୯୮ ଓ ମହିଳା ସହାୟତା ନମ୍ବର-୧୮୧ କଣ୍ଟ୍ରୋଲରୁମ କାର୍ଯ୍ୟରତ ରହିଛି। ବାଲ୍ୟବିବାହକୁ ପ୍ରତିହତ କରିବା ପାଇଁ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଘୋଷିତ କରାଯାଇଛି। ସୂଚନାଯୋଗ୍ୟ, ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ-୨୦୧୪ରେ ଦେବଗଡ଼ ଜିଲ୍ଲାର ବାଲ୍ୟବିବାହ ହାର ୨୩% ଥିବା ବେଳେ ୨୦୧୯ରେ ୧୯%କୁ ହ୍ରାସ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିବରଣୀର ସମୀକ୍ଷା ପରେ ଓ ଜିଲ୍ଲା ଟାସ୍କଫୋର୍ସ ବୈଠକରେ ପାରିତ ହେବାପରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନଙ୍କ ଅନୁମୋଦନ କ୍ରମେ ଦେବଗଡ଼ ଜିଲ୍ଲାର ୩୬୪ ଗାଁ ଓ ପୌରାଞ୍ଚଳର ୧୧ ଗୋଟି ୱାର୍ଡକୁ 'ବାଲ୍ୟ ବିବାହ ମୁକ୍ତ' ଘୋଷଣା କରାଯାଇଛି। ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଗାଁରେ ପଲ୍ଲିସଭା କରାଯାଇ, ସରକାରୀ ମାର୍ଗଦର୍ଶିକା ଓ ମୂଲ୍ୟାଙ୍କନ ପ୍ରକ୍ରିୟା ଅନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପାଖରେ ପଲ୍ଲିସଭା ବିବରଣୀ ସରପଞ୍ଚଙ୍କ ଜରିଆରେ ସମୀକ୍ଷା ପାଇଁ ଉପସ୍ଥାପିତ କରାଯାଇଥିଲା। ପଲ୍ଲିସଭା ବିବରଣୀର ସମୀକ୍ଷା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଜିଲ୍ଲାପାଳଙ୍କୁ ଅନୁମୋଦନ ପାଇଁ ସୁପାରିଶ କରିଥିଲେ। ଏ ଘୋଷଣା ସମ୍ପର୍କରେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ସୂଚିତ କରିଛନ୍ତି ଓ ଦ୍ୱିତୀୟ ପର୍ଯ୍ୟାୟରେ ବାରକୋଟ ବ୍ଲକର ୧୪୦ ଗାଁ, ରିଆମାଳ ବ୍ଲକର ୧୧୬ ଗାଁ, ତିଲେଇବଣୀର ୧୦୮ ଗାଁ ଓ ପୌରାଞ୍ଚଳର ୧୧ ୱାର୍ଡକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଛି ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତ। ପୂର୍ବରୁ ରାଜ୍ୟରେ ଗଞ୍ଜାମ ଓ ଗଜପତି ବାଲ୍ୟବିବାହ ମୁକ୍ତ ଘୋଷିତ ହୋଇଥିବା ବେଳେ, ଦେବଗଡ଼ ତୃତୀୟ ଜିଲ୍ଲା ଭାବେ ଏହି ମାନ୍ୟତା ପାଇବାକୁ ଯାଉଛି।

## କୋଲାବିରାରେ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା, ୧୭।୨(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଲୋକଙ୍କ ଆପତ୍ତି ଓ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ମୋଟ ୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ଟି ସାମୂହିକ ଏବଂ ୨୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଜଣେ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ତତ୍କାଳ ପ୍ରଦାନ କରାଯାଇଥିଲା। ସମାସିଂହା ପଞ୍ଚାୟତରୁ ସମବାୟ ସମିତିରେ ଧାନ କିଣା ବନ୍ଦ ହେବା, ନିଜସ୍ୱ ଗୃହଜମି ଅନ୍ୟ ଲୋକଙ୍କ ନାମରେ ଦଖଲନୋଟ ଚଢ଼ିବା ସମ୍ବନ୍ଧରେ ଅଭିଯୋଗ ଆସିଥିବା ବେଳେ ରଘୁନାଥପାଲି ଅଞ୍ଚଳରୁ ଜମିର ରୟତି ପରିବର୍ତ୍ତନ, ଧାନ ବିକ୍ରୟ କାର୍ଡ ଜାଲିଆତି ଏବଂ ଟୋକନ ଥାଇ ମଧ୍ୟ ଧାନ ବିକ୍ରୟରେ ହେଉଥିବା ଅସୁବିଧା ନେଇ ଦାବି ହୋଇଥିଲା। ସେହିପରି ଚନ୍ଦନିମାଲ ଅଞ୍ଚଳରେ ଲକ୍ଷ୍ମୀ ବସ୍ ଚଳାଚଳ କରିବା ଏବଂ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟରେ ହେଉଥିବା ଅନିୟମିତତା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହିତ ସୋଡ଼ାମାଲ ଅଞ୍ଚଳରେ ସରକାରୀ ଜମିକୁ ନିଜସ୍ୱ ନାମରେ ରେକର୍ଡଭୁକ୍ତ



କରିବା, ତରେଇକେଲା ଛକରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ପୋଖରାସାହ୍ଲେରେ ପୋଖରୀର ପଙ୍କ ଉଦ୍ଧାର ସହ ଜଳ ନିଷ୍କାସନ ଓ ଗାଧୁଆ ପାହାଚ ନିର୍ମାଣ ପରି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଧୂବେନବୁଡ ଅଞ୍ଚଳରେ ଜମି ଜବରଦଖଲ ଏବଂ ପଣ୍ଡକିମାଲରେ ବର୍ଦ୍ଧିତ ବିଦ୍ୟୁତ ବିଲ୍ କୋହଳ କରିବା ପାଇଁ ଲୋକେ ନିବେଦନ କରିଥିଲେ। ଜିଲ୍ଲାପାଳ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନିଶାମୁକ୍ତ ଭାରତ ଅଭିଯାନ ପାଇଁ ସଚେତନତା ଶୋଭାଯାତ୍ରା

ଦେବଗଡ଼, ୧୭।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ ଅଧୀନ



ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ରଥ ଓ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅବକାରୀ ଅଧୀକ୍ଷକ ବାସନ୍ତୀପ୍ରଭା ନାୟକ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିଥି ମାନେ ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କୁ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଇଥିଲେ। ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ନିଶା ସେବନ ଠାରୁ ଦୂରେଇ ରହିବା ଓ ଭାରତକୁ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଟାଉନ ହଲ୍ ଠାରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୭।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର କିର୍ମିରା ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଝାରସୁଗୁଡ଼ା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକଳ୍ପ ବିବାଦ ସମାଧାନର ବିଭିନ୍ନ ଉପାୟ ଯଥା ଲୋକ ଅଦାଲତ, ମଧ୍ୟସ୍ଥତା, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ପିଏଲ୍ଏ) ଗୁଡ଼ିକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ତଥା ଏହାଦ୍ୱାରା ବିଚାରକୁ ନିଆଯାଉଥିବା ବିବାଦର ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ଅଧ୍ୟାୟ-ଭିଆଇଏ ଅନୁଯାୟୀ ଯୋଜନାର ଲାଭ ଏବଂ ନାଲସା (ଜାଗୃତି) ଯୋଜନା ୨୦୨୫ ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ, କିର୍ମିରା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖିଲେଶ୍ୱରି କାଲୋ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ଉପରୋକ୍ତ ବିଷୟ ବସ୍ତୁ ମାନଙ୍କ ଉପରେ ଆଲୋଚନା କରିବା ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡିକର ସମାଧାନ, ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ମାର୍ଚ୍ଚ ୧୪ରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହେଇ ପାରିବ ତାହା ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ଜନ ସାଧାରଣ ମାନଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ଜନ ସାଧାରଣ ତଥା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ରେ ଯୋଗାଯୋଗ କରିପାରିବେ ବୋଲି ସଚିବ ପ୍ରାଧିକରଣ ସୂଚନା ପ୍ରଦାନ କରିଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ



ଦେବଗଡ଼, ୧୭।୨(ସମିସ): ବାରକୋଟ ଥାନା ଅଧୀନ ମଧ୍ୟପୁର ଗାଁରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୩୦ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଛି। ଚୋରା ମଦ କାରବାର ଅଭିଯୋଗରେ ପୁଲିସ ଉକ୍ତ ଗାଁର ଫକୀର ମହନ୍ତ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଛି। ଫକୀରକୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଫକୀର ବେଆଇନ ଦେଶୀ ମଦ ନେଇ ନିଜ ଗାଁକୁ ଯାଉଥିବା କୌଣସି ସୂତ୍ରରୁ ସୂଚନା ପାଇ ବାରକୋଟ ଥାନା ପୁଲିସ ଚଢ଼ଉ କରି ତାକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଫକୀର ନିକଟରୁ ୩୦ ଲିଟର ଦେଶୀ ମଦ ପୁଲିସ ଜବତ କରିବା ସହ ଏକ ମାମଲା ରୁଜୁ କରି ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଟଙ୍କା ଚୋରି, ଅଭିଯୁକ୍ତ କୋର୍ଟ ଚାଲାଣ

ଝାରସୁଗୁଡ଼ା, ୧୭।୨(ସମିସ): ଝାରସୁଗୁଡ଼ା ଥାନା ଅଧୀନ ଭୁଲିଆଟିକ୍ରାରେ ଘରକୁ ପଶି ନଗଦ ଟଙ୍କା ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ



ଚାଲାଣ କରାଯାଇଥିବା ନେଇ ମଙ୍ଗଳବାର ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗତ ୧୫ ତାରିଖରେ ଝାରସୁଗୁଡ଼ା ଥାନା ଭୁଲିଆଟିକ୍ରାର ସୁଚିତ୍ରା ସୁନାଙ୍କ ଘରେ ପଶି ଦୁର୍ବୃତ୍ତ ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ନେଇ ମାମଲା ରୁଜୁ କରି ତଦନ୍ତ କରାଯାଇ ଅଭିଯୁକ୍ତ ଚୌକିପଡ଼ାର ସନ୍ଦୀପ ନାଗକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହା ସହିତ ଅଭିଯୁକ୍ତ ନିକଟରୁ ନଗଦ ୮୫୪୦ ଟଙ୍କା ଏବଂ ଚୋରି ସମୟରେ ବ୍ୟବହୃତ ସ୍କୁଟରକୁ ଜବତ କରାଯାଇଛି।

## ବନ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଦେବଗଡ଼, ୧୭।୨(ସମିସ): ଦେବଗଡ଼ ବନଖଣ୍ଡ ଭ୍ରାମ୍ୟମାଣ ବାରାକ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ତିନିଦିନ ଧରି ଆୟୋଜନ ହେବାକୁ ଥିବା ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ବନଖଣ୍ଡ ଅଧିକାରୀ ରଶ୍ମି ଜୀ ଶୁଭାରମ୍ଭ କରିଥିଲେ। ଶିବିରରେ କର୍ମଚାରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ସମସ୍ତ ରୋଗର ଚିକିତ୍ସା ପାଇଁ ଡାକ୍ତରୀ ପରାମର୍ଶ ସହ ମାଗଣା ଔଷଧ ବ୍ୟବସ୍ଥା କରାଯାଇଛି। ଆଜି ପ୍ରଥମ ଦିବସରେ ଦେବଗଡ଼ ବନଖଣ୍ଡ କାର୍ଯ୍ୟାଳୟ ସମେତ ଦେବଗଡ଼



ବନାଞ୍ଚଳରେ କାର୍ଯ୍ୟରତ ପ୍ରାୟ ଦେଢ଼ ଶହ କର୍ମଚାରୀଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିହ୍ନଟ ରୋଗର ନିଦାନ ପାଇଁ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣି, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ଦେବଗଡ଼ ବନାଞ୍ଚଳ ଅଧିକାରୀ ଦୀପ୍ତିରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ତଦାରଖ କରିଥିବା ବେଳେ ବନଖଣ୍ଡ କାର୍ଯ୍ୟାଳୟ ଏବଂ ବନାଞ୍ଚଳ କାର୍ଯ୍ୟାଳୟର ସମସ୍ତ ଶତାଧିକ କର୍ମଚାରୀ ନିଜନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ଦିବସରେ ବାରକୋଟ ଓ ରିଆମାଳ ବନାଞ୍ଚଳର ସମସ୍ତ କର୍ମଚାରୀଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜଣା ପଡ଼ିଛି।

## ସିମ୍‌କାର୍ଡ ବେଆଇନ ବିକ୍ରି ଘଟଣାରେ ଜଣେ ଗିରଫ

ଝାରସୁଗୁଡ଼ା, ୧୭।୨(ସମିସ)



ସକ୍ରିୟ ସିମ୍‌କାର୍ଡ ଗୁଡିକୁ ବେଆଇନ ଭାବେ ବିକ୍ରି ଘଟଣାରେ ରେଙ୍ଗାଲି ଥାନା ଅଧୀନ ଗୋବିନ୍ଦପୁରର ପୁରୁଷୋତ୍ତମ କମ୍ୟୁନିକେସନ ମୋବାଇଲ ଦୋକନରେ ଚଢ଼ଉ କରି ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କୁଡାବଗାର ପୁରୁଷୋତ୍ତମ ଗଡ଼ିଆ। ତାଙ୍କ ନିକଟରୁ ପୁଲିସ ୨୭ଟି ସିମ୍, ଏକ ବାୟୋମେଟ୍ରିକ ଡିଭାଇସ ଏବଂ ୩ଟି ମୋବାଇଲ ଜବତ କରିଥିବା ନେଇ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ଅପରେସନ ସାଇବର କବଚ ଜରିଆରେ ରେଙ୍ଗାଲି ପୁଲିସ ନିରୀହ ନାଗରିକଙ୍କ ଜାଲ ପରିଚୟ ବ୍ୟବହାର କରି ପୂର୍ବରୁ ସକ୍ରିୟ ସିମ୍‌କାର୍ଡ ଗୁଡିକର ବେଆଇନ ବିକ୍ରୟ ଏକ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି)ରୁ ମିଳିଥିବା ସୂଚନା ଏବଂ ସାଇବର ଅପରାଧ ମାମଲା, ସିଡିଆର ଏବଂ ସିମ୍ ସକ୍ରିୟକରଣ ତଥ୍ୟର ବିଶ୍ଳେଷଣ କରି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ କରିଛି। ରେଙ୍ଗାଲି ପୁଲିସର ଏକ ଦଳ ଜାତୀୟ ରାଜପଥ-୪୯ ନିକଟ ଗୋବିନ୍ଦପୁର ଛକରେ ଅବସ୍ଥିତ ପୁରୁଷୋତ୍ତମ କମ୍ୟୁନିକେସନ୍ ମୋବାଇଲ୍ ଦୋକାନରେ ଚଢ଼ଉ କରିଥିଲା। ଏହି ଦୋକାନ ଦ୍ୱାରା ସକ୍ରିୟ ହୋଇଥିବା ଗୋଟିଏ ଏୟାରଟେଲ୍ ସିମ୍‌କାର୍ଡ ବହୁ ସାଇବର ଠକେଇରେ ବ୍ୟବହୃତ ହୋଇଥିବା ଜଣାପଡ଼ିଥିଲା। ଏନ୍‌ସିଆର୍‌ପି ମାଧ୍ୟମରେ ଏନେଇ ବହୁ ଅଭିଯୋଗ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ସିମ୍‌କାର୍ଡ ଦ୍ୱାରା ପ୍ରାୟ ୧୪ ଲକ୍ଷ ୯୯ହଜାର ୬୦୦ ଟଙ୍କା ଠକେଇ ହୋଇଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଅପରିଚିତ ଲୋକଙ୍କୁ ନିଜ ପରିଚୟ ପତ୍ର ନଦେବା, ନିଜ ନାଁରେ ଥିବା ସିମ୍ ଗୁଡିକ ବିଷୟରେ ଯାଞ୍ଚ କରିବା ଏବଂ ସିମ୍ ନେଇ କୌଣସି ସନ୍ଦେହ ଜନକ କାର୍ଯ୍ୟକଳାପ ହେଲେ ପୁଲିସକୁ ସୂଚନା ଦେବା ପାଇଁ ପୁଲିସ ପକ୍ଷରୁ ଲୋକଙ୍କୁ ସେଚେତନ କରାଯାଇଛି।

## ଶିକ୍ଷାର୍ଥୀ-ପୁଲିସ କ୍ୟାଡେଟ କାର୍ଯ୍ୟକ୍ରମ

ଦେବଗଡ଼, ୧୭।୨(ସମିସ): ଶିକ୍ଷାର୍ଥୀ-ପୁଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ ଅଧୀନରେ ଦେବଗଡ଼ ଆଦର୍ଶ ଥାନା ଓ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ କଣ୍ଢେଇ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ୩୬ ଜଣ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ପୋଷାକ ପରିଧାନ କରି ପରଦର୍ଶନରେ ସାମିଲ ହୋଇଥିଲେ। ପ୍ରଥମେ ଜିଲ୍ଲା ପୁଲିସ ମୁଖ୍ୟାଳୟ ତଥା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିବା ବେଳେ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁଲିସର କାର୍ଯ୍ୟପ୍ରଣାଳୀ ଏବଂ ଶିଶୁ ଅଧିକାର ସମେତ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଯାଇଥିଲା। ପରେ ସମସ୍ତ ଛାତ୍ରଛାତ୍ରୀ ଦେବଗଡ଼ ଆଦର୍ଶ ଥାନାକୁ ପରିଦର୍ଶନରେ ଯାଇଥିଲେ। ମହିଳା ଓ ଶିଶୁଙ୍କ ପାଇଁ ନିର୍ମାଣ ହୋଇଥିବା ସ୍ୱତନ୍ତ୍ର କକ୍ଷ ବୁଲିବା ସହିତ ଥାନାର କାର୍ଯ୍ୟପ୍ରଣାଳୀ, ପୁଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ, ସମାଜରେ ଆଇନ ଶୃଙ୍ଖଳାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିଲା। ଏଥିସହ ଛାତ୍ରଛାତ୍ରୀ ତଥା ଶିଶୁ ମାନଙ୍କର ଅଧିକାର ବିଷୟରେ ଅବଗତ କରିବା ସହିତ ପୁଲିସ ଏବଂ ଥାନା ପ୍ରତି ଭୟ ନକରି କୌଣସି ପ୍ରକାର ଅତ୍ୟାଚାରର ଶିକାର ହେଉଥିଲେ କିମ୍ବା ଅସାମାଜିକ କାର୍ଯ୍ୟର



ସୂଚନା ଥିଲେ ପୁଲିସକୁ ଜଣାଇବା ପାଇଁ ପରାମର୍ଶ କରାଯାଇଥିଲା। ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଏଏସଆଇ ଲକ୍ଷ୍ମୀପ୍ରିୟା ସାହୁ ଛାତ୍ରଛାତ୍ରୀଙ୍କୁ ଥାନା ପରିସର ବୁଲାଇବା ସହିତ ବ୍ୟବହାରିକ ଜ୍ଞାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପୁଲିସ ପ୍ରତି ଛାତ୍ରଛାତ୍ରୀଙ୍କର ଭୟ ଦୂର କରିବା ସହିତ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାରେ ଛାତ୍ରଛାତ୍ରୀଙ୍କୁ ସହାୟକ ହେବ ବୋଲି ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରକାଶ କରିଥିଲେ।

# ୧୯ରୁ ମାଟ୍ରିକ୍ ପରୀକ୍ଷା ▶ ୧୧୫ କେନ୍ଦ୍ରରେ ପରୀକ୍ଷା ଦେବେ ୨୧, ୮୧୯ ଛାତ୍ରଛାତ୍ରୀ

ଭଦ୍ରକ, ୧୭।୨(ସମିସ)

ଆସନ୍ତା ୧୯ ତାରିଖଠାରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ଏଥିପାଇଁ ଭଦ୍ରକ ଜିଲ୍ଲାରେ ଶିକ୍ଷା ବିଭାଗ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସଂଗୃହୀତ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜିଲ୍ଲାର ୭ଟି ବ୍ଲକର ୩୧୮ଟି ହାଇସ୍କୁଲର ମୋଟ୍ ୨୧ ହଜାର ୮୧୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ। ସେହିଭଳି ମଧ୍ୟମା ସଂସ୍କୃତ ପରୀକ୍ଷାରେ ୨୯୧, ମୁକ୍ତ ବିଦ୍ୟାଳୟ ୧୪୦, ସିସି ପତ୍ର(କରେସ୍‌ପଣ୍ଡେନ୍ସ କୋର୍ସ)ରେ ୨୪ଜଣ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଜିଲ୍ଲାରେ ଏଥର ୧୧୪ଟି ପରୀକ୍ଷା କେନ୍ଦ୍ର ଓ ଗୋଟିଏ ମୁକ୍ତ ବିଦ୍ୟାଳୟ କେନ୍ଦ୍ର ବା ଏସ୍ଆଇଓଏସ୍ (ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ)ରେ ପରୀକ୍ଷା ହେବ ବୋଲି ଜଣାଯାଇଛି। ପରୀକ୍ଷାର ପ୍ରଶ୍ନପତ୍ର ରହିବା ପାଇଁ ଜିଲ୍ଲାରେ ୧୧ଟି ନୋଡାଲ ସେଣ୍ଟର କରାଯାଇଛି। ଏହି ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟରେ ରହିଛି। ପରୀକ୍ଷା ଦିନ ସକାଳୁ ଏଠାରୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ। ପରୀକ୍ଷା ପରେ ଖାତା ପୁଣି ସୁରକ୍ଷିତ ଭିତରେ ନୋଡାଲ କେନ୍ଦ୍ରକୁ ଆସିବ। ଏଥିପାଇଁ ମୋଟ୍ ୧୧୫ ଜଣ କେନ୍ଦ୍ର ପରିଚାଳକ ଓ ୯୧୦ ଜଣ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯାଇଥିବା ଜଣାଯାଇଛି।

## ଧାମନଗରରେ ୧୭ କେନ୍ଦ୍ର, ୩୦୩୨ ପରୀକ୍ଷାର୍ଥୀ




**ଧାମନଗର, ୧୭।୨(ସମିସ):** ଚଳିତ ମାଟ୍ରିକ୍ ପରୀକ୍ଷା ଆସନ୍ତ ୧୯ ତାରିଖଠାରୁ ଆରମ୍ଭ ହେବ। ଧାମନଗର ବ୍ଲକ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ ପକ୍ଷରୁ କେନ୍ଦ୍ର ତାଲିକା ଚୂଡ଼ାନ୍ତ ହୋଇ କେଉଁ କେନ୍ଦ୍ରରେ କେତେ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ତାହା ସ୍ଥିର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଧାମନଗର ବ୍ଲକର ୧୭ଟି କେନ୍ଦ୍ରରେ ମୋଟ୍ ୩୦୩୨ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବେ। ୧୭ କେନ୍ଦ୍ର ମଧ୍ୟରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୦, ଜନତା ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗିରରେ ୧୩୫, ସେଣ୍ଡପୁର ହାଇସ୍କୁଲରେ ୧୮୯, ଖଡ଼ିପଦା ହାଇସ୍କୁଲରେ ୧୨୬, ଏସ୍ଏଜେ ହାଇସ୍କୁଲ ଦୋବଲରେ ୧୭୭, ପିବି ହାଇସ୍କୁଲ ଭଗବାନପୁରରେ ୧୫୬, ଇନ୍ଦ୍ରମଣି ହାଇସ୍କୁଲ ବିଶିଗଡ଼ିଆରେ ୧୮୦, ଇନ୍ଦ୍ରଗୋବିନ୍ଦ ହାଇସ୍କୁଲରେ ୧୬୦, ବାପୁଜୀ ହାଇସ୍କୁଲ ମହତାବ ନଗରରେ ୨୬୬, ମୁରଲୀଧର ହାଇସ୍କୁଲ ଧୂଷୁରୀରେ ୧୫୯, ଧୂଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୪୫, ଗୋପବନ୍ଧୁ ନଗର ହାଇସ୍କୁଲ ହସନାବାଦରେ ୨୩୮, ନଦୀଗାଁ ହାଇସ୍କୁଲରେ ୧୬୪, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬, ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ ବନ୍ଧଟିଆରେ ୧୧୯, ସହିଦ ନଗର ହାଇସ୍କୁଲରେ ୨୪୦ ଏବଂ ଅସୁରାଳି ହାଇସ୍କୁଲରେ ୧୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଧୂଷୁରୀ ଏମ୍‌ଡି ହାଇସ୍କୁଲକୁ ନୋଡାଲ ସେଣ୍ଟର ମନୋନୀତ କରାଯାଇଛି। ପରୀକ୍ଷା ଦିନ ସକାଳୁ ନୋଡାଲ ସେଣ୍ଟରରୁ ପୁଲିସ ସୁରକ୍ଷା ମଧ୍ୟରେ ପ୍ରତି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଜଣାଯାଇଛି।

## ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



**ବନ୍ତ/ଆଗରପଡ଼ା, ୧୭।୨(ସମିସ):** ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ଗୋପାଳପୁର ଗ୍ରାମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଭଦ୍ରକ ଓ ସହଯୋଗୀ ସଂସ୍ଥା ଏଡିଆଇ ତରଫରୁ ମା' ବାଟ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଶ୍ରୀଅନ୍ନ ଯୋଜନାରେ ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଟିଫିନ୍ ସେଣ୍ଟରକୁ ମୁଖ୍ୟଅତିଥି ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ ଉଦ୍‌ଘାଟନ କରିଥିବାବେଳେ ବନ୍ତ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି, ମଣ୍ଡଳ ସଭାପତି ସନ୍ତୋଷ କୁମାର ନାୟକ, ସରପଞ୍ଚ ସତ୍ୟଭାମା ଧଳ, ସମିତିସଭ୍ୟା ନିରୂପମା ରାଉତ, ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ଅନନ୍ୟା ବଳିୟାରସିଂ, ବ୍ଲକ ସଂଯୋଜକ ପର୍ଶୁରାମ ସାହୁ, ଜିଲ୍ଲା କୃଷି ଅଧିଦର୍ଶକ ଅଭିମନ୍ୟୁ ପରିଡ଼ା, ବ୍ଲକ ସହ ସଂଯୋଜକ ସାରଦା ପ୍ରସନ୍ନ ସାହୁ, ସିଆର୍‌ପି ସୁଶାନ୍ତ କୁମାର ଜେନା, ବନମାଳୀ ବାରିକ, ସତ୍ୟବ୍ରତ ସିଂ, ଜ୍ୟୋତିରଞ୍ଜନ ରାଉତ, କୃଷକସାଥୀ ରାଜକିଶୋର ଗିରି, ମା' ବାଟ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ମଞ୍ଜୁଲତା ଜେନା, ସମ୍ପାଦକ ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ମମତା ଜେନା, ଲକ୍ଷ୍ମୀପ୍ରିୟା ଜେନା, ମୁକୁତା ଜେନା, ସନ୍ଧ୍ୟାରାଣୀ ଜେନା, ଜୟନ୍ତୀ ଜେନା, ପଦ୍ମାବତୀ ଜେନା, ରଶ୍ମିତା ଜେନା, ରେବତୀ ମହାନ୍ତି, ମଞ୍ଜୁଲତା ଜେନା, ସଞ୍ଜୁଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ପ୍ଲଟିଂର ତଦନ୍ତ କଲେ ରାଜସ୍ୱ ନିରୀକ୍ଷକ

ସକାଳ ପ୍ରଭାବ

**ଭଦ୍ରକ, ୧୭।୨(ସମିସ):** ଭଦ୍ରକ ତହସିଲ୍ ଅନ୍ତର୍ଗତ ଦୈସିଂ ପଞ୍ଚାୟତ ଅଧୀନସ୍ଥ କୁସୁନ୍ଦନଗର ମୌଜା ବଡ଼େଇଗଡ଼ିଆ ଗ୍ରାମ ନିକଟରେ କିଛି ଜମି ବ୍ୟବସାୟୀ ବେଆଇନ ଭାବେ ପ୍ଲଟିଂ କରି ବ୍ୟବସାୟ କରୁଥିବା ନେଇ ୧୬ ତାରିଖ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି ରାଜସ୍ୱ ନିରୀକ୍ଷକ। ଗ୍ରାମବାସୀମାନେ ଲିଖିତ ଭାବେ ଭଦ୍ରକ ଜିଲ୍ଲାପାଳ, ତହସିଲ୍‌ଦାର, ସବ୍ ରେଜିଷ୍ଟ୍ରାରଙ୍କ ନିକଟରେ ଅଭିଯୋଗ କରିଥିଲେ କି ଖାତା ନମ୍ବର ୫୫୧/୭୭୨, ପ୍ଲଟ୍ ନମ୍ବର ୧୮୬୩/୧୮୬୪/୧୮୬୫କୁ କିଛି କୁଚକ୍ରୀ ଜମି ବ୍ୟବସାୟୀ ବେଆଇନ ଭାବେ ପ୍ଲଟିଂ କରି ବ୍ୟବସାୟ କରୁଛନ୍ତି। ଆଗାମୀ ଦିନରେ ଲଗାଣ ବର୍ଷା ଯୋଗୁଁ ଆଖପାଖ ଅଞ୍ଚଳର ପ୍ରାୟ ୩/୪ଟି ଗ୍ରାମର ବାସିନ୍ଦା ବା ଚାଷୀମାନେ କ୍ଷତିଗ୍ରସ୍ତ ହେବା ସହିତ ଦୁଇଟି ଗ୍ରାମ ର ବାସିନ୍ଦା ଜଳବନ୍ଦୀ ପରି ପରିସ୍ଥିତି ସୃଷ୍ଟି ହେବ। ଖାତା ନମ୍ବର ୫୫୧/୭୭୧କୁ କୌଣସି ପ୍ରକାରର ସରକାରୀ ସଡ଼କ ନ ଥିବାବେଳେ ଏହା ଶାରଦ ଦୁଇ କିସମ ଜଳ ବା ଚାଷ ଜମି ଥିବା ଅଭିଯୋଗ ହୋଇଥିଲା।

## ଦେବଦେବୀ ପୀଠକୁ ଉଜ୍ୱଳ ଆଲୋକ ପ୍ରଦାନ

**ବାରିକପୁର, ୧୭।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ପଞ୍ଚାୟତର ଯୁବ ସଂଗଠକ ପର୍ଶୁରାମ ମାଝୀ ବିଭିନ୍ନ ଦେବଦେବୀ ପୀଠରେ ଉଜ୍ୱଳ ଆଲୋକ ପାଇଁ ଇଲେକ୍ଟ୍ରି ଲାଇଟ୍ ପ୍ରଦାନ କରିଛନ୍ତି। ଭକ୍ତଙ୍କ ସୁବିଧା ପାଇଁ ରହଣିଆ ଉତ୍ତରେଶ୍ୱର ପୀଠ, ହନୁମାନ ମନ୍ଦିର, ରାଢୋ ବିଶେଶ୍ୱର ପୀଠ, ଶନି ମନ୍ଦିର, ବୁଢ଼ୀ ଜାଗୁଳାଇ, ବେଲଗଡ଼ିଆ ଶିବ ମନ୍ଦିର ନିକଟରେ ଉଜ୍ୱଳ ଆଲୋକ ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା କେଶପୁର ଗ୍ରାମ୍ୟ ରାସ୍ତା ସହିତ ଅନ୍ୟାନ୍ୟ ଗାଁ ରାସ୍ତା ପାର୍ଶ୍ୱରେ ଗମନାଗମନ ସୁବିଧା ପାଇଁ ଯୁବ ସଂଗଠକ ଜଣକ ଗ୍ରାମବାସୀଙ୍କୁ ଲାଇଟ୍ ପ୍ରଦାନ କରିଛନ୍ତି। ତାଙ୍କର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ଗାଁର ଜନସାଧାରଣ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ଅନ୍ୟାନ୍ୟ ଗାଁ ଓ ଦେବଦେବୀ ପୀଠରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ହେବ ବୋଲି ଯୁବ ସଂଗଠକ ପ୍ରତିଶ୍ରୁତି ଦେଇଛନ୍ତି।



## ଜନକଲ୍ୟାଣ ସମିତି ତରଫରୁ ସରବତ ବଣ୍ଟନ

**ଅସୁରାଳି, ୧୭।୨(ସମିସ):** ଧାମନଗର ବ୍ଲକ ବୟାଁଗଡ଼ିହ ପଞ୍ଚାୟତ ଆମ୍ବିଳିଗାଁସ୍ଥିତ ବାବା ଆମ୍ବିଳେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ଅବସରରେ ଜନକଲ୍ୟାଣ ସମିତି ଓଡ଼ିଶା ଆମ୍ବିଳିଗାଁ ତରଫରୁ ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ମାନସ କୁମାର ପଣ୍ଡା, ବିକାଶ ମହାପାତ୍ର, ସତ୍ୟଜିତ୍ ପଣ୍ଡା, ଲିଟନ ପଣ୍ଡା, ଚନ୍ଦନ ପଣ୍ଡା, ଦୀପକ ପଣ୍ଡା, ରାଜେଶ ପଣ୍ଡା, ବିଜୟ ମୁଦୁଲି, ନିହାର ରଞ୍ଜନ ମୁଦୁଲି, ମୃତ୍ୟୁଞ୍ଜୟ ଦାସ, ଭବାନୀ ଦାସ, ହରିହର ପଣ୍ଡା, ଶ୍ରୀଧର ପଣ୍ଡା, ରାକେଶ ପଣ୍ଡା, ଗୋପାଳ ମହାନ୍ତି, ଦେବବ୍ରତ ପଣ୍ଡା, ଅଶୋକ ରଣା, ରତିକାନ୍ତ ରଣା, କିରିଟି କିଶୋର ରଣା, ବଳରାମ ରଣା, ଲମ୍ବୋଦର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବନ୍ତ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

# ଧାନ ମଣ୍ଡି ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତାକୁ ନେଇ ଉଦ୍‌ବେଗ



**ବନ୍ତ/ଆଗରପଡ଼ା, ୧୭।୨(ସମିସ):** ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଏଡିଏମ୍ ସରୋଜ ଦଉ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଧୀର ରଞ୍ଜନ ନାୟକ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ତହସିଲ୍‌ଦାର ସାରା ହେମ୍ବ୍ରମ, ଅତିରିକ୍ତ ତହସିଲ୍‌ଦାର ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଶୁଣାଣିରେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଏହି ଶିବିରରେ ପଞ୍ଜିକୃତ ହୋଇଥିବା ୧୪୪ଟି ଅଭିଯୋଗର ଶୁଣାଣି କରିଥିଲେ। ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାଶୁମନ ନାଥ, ଏଏସ୍ଆଇ ରଞ୍ଜିତା ବେହେରା ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଏହି ଶିବିରରେ ମୁଖ୍ୟତଃ ମଣ୍ଡିରୁ ଚାଷୀଙ୍କ ଧାନ ଉଠାଣ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ଜାତୀୟ ଖାଦ୍ୟ ସୁରକ୍ଷା, ବିଦ୍ୟୁତ୍ ବିଭାଗ, ରାସ୍ତା ମରାମତି, ସ୍କୁଲ ସମସ୍ୟା, ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଅଭିଯୋଗ ଆଗତ କରାଯାଇଥିଲା। ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି, ବିଆର୍‌ସିସି ହରେକୃଷ୍ଣ ଆପଟ୍ଟ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଦିପ୍ତୀ ରଞ୍ଜନ ବିଶ୍ୱାଳ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବାରିକ, ଡିସିପି ଅବିନାଶ ମହାନ୍ତି, ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଦେବବ୍ରତ ଦାଶ, ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଗୀତାଞ୍ଜଳି ବେହେରା, ବିଏସ୍‌ଡବ୍ଲୁଓ ରୂପାଲି ମିତ୍ର, ବ୍ଲକ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଭବାନି ଶଙ୍କର ବେହେରା, ବିପିଏମ୍ ଦୁର୍ଗାପ୍ରସାଦ ଦାଶଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସେକ୍ସନ ଅଫିସର ଅନୁଆର ଖାନ୍, ମିତ୍ରଭାନୁ ସ୍ୱାଇଁ, ଅନନ୍ତ କିଶୋର ପଣ୍ଡା, ରତ୍ନାକର ଜେନାଙ୍କ ସହ ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତିହିଡ଼ି ତହସିଲ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ଦୋଲସାହି, ୧୭।୨(ସମିସ):** ତିହିଡ଼ି ତହସିଲ୍ ଅଧୀନ କୋହ୍ଲ ରାଜସ୍ୱ ବିଭାଗ ଅଧୀନରେ ଜବରଦଖଲ କରୁଥିବା ଏକ ସରକାରୀ ଜମିରୁ ମଙ୍ଗଳବାର ତିହିଡ଼ି ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ, ତିହିଡ଼ି ତହସିଲ୍ ଅଧୀନ କୋହ୍ଲ ରାଜସ୍ୱ ବିଭାଗ ଅଧୀନ ଓରଡ଼ା ମୌଜାର ଖାତା ନମ୍ବର ୭୮୩, ପ୍ଲଟ୍ ନମ୍ବର ୩୭୧ ସରକାରୀ ଜମିକୁ ଦୀର୍ଘବର୍ଷ ଧରି ଜବରଦଖଲ କରୁଥିବା ନେଇ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ସୂଚନା ଦିଆଯାଇଥିଲା। ମଙ୍ଗଳବାର ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲ୍‌ଦାର ନମିତା ଧଳ, କୋହ୍ଲ ଆର୍‌ଆଇ ଆଶୁତୋଷ ଦାସ ଓ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସମେତ ଅନ୍ୟ କର୍ମଚାରୀ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ଜଣାପଡ଼ିଛି।



## ଗାନ୍ଧୀ ଜନକଲ୍ୟାଣ ସମିତି ପକ୍ଷରୁ ସଫେଇ

**ଦୋବଲ, ୧୭।୨(ସମିସ):** ଦୋବଲ ନିକଟସ୍ଥ କରଦା ପଞ୍ଚାୟତ ଖିଲାଟେଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ଗାନ୍ଧୀ ଜନ କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛତା ହିଁ ଦେବତ୍ୱର ପରିଚୟ' ବାଣୀକୁ ସାର୍ଥକ କରି ଦୁଇ ଦିନ ପୂର୍ବରୁ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜାଗର ଯାତ୍ରା ଭକ୍ତିମୟ ପରିବେଶରେ ବହୁ ଜାକଜମକରେ ପାଳିତ ହୋଇଥିଲା। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼ ଲାଗିଥିବାରୁ ମନ୍ଦିର ଚାରିପାଖ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇପଡ଼ିଥିଲା। ଏହାକୁ




ଦୃଷ୍ଟିରେ ରଖି ସମିତିର ସଦସ୍ୟ ସ୍ୱଚ୍ଛତା ଅଭିଯାନରେ ସାମିଲ୍ ହୋଇ ମନ୍ଦିର ଚତୁଃପାର୍ଶ୍ୱ ସହ ନିକଟସ୍ଥ ପଡ଼ିଆକୁ ପରିଷ୍କାର କରିଥିଲେ। ସଫେଇ କାର୍ଯ୍ୟରେ ସଞ୍ଜୟ ମିଶ୍ର, ପ୍ରମୋଦ ସ୍ୱାଇଁ, ମାନସ ମହାପାତ୍ର, ମଦନ ମୋହନ ଦାସ, ପ୍ରଣବ ଦାସ, ହରିହର ସାହୁ, ଅକ୍ଷୟ ସାହୁ, ଅରୂପ ନନ୍ଦ, ନିମାଇଁ ଜେନା ପ୍ରମୁଖ ସକ୍ରିୟ ଭାବେ ଯୋଗଦେଇଥିଲେ। ସମିତି ପକ୍ଷରୁ କୁହାଯାଇଛି ଯେ, ସ୍ୱଚ୍ଛତା ପ୍ରତି ସଚେତନତା ବଢ଼ାଇବା ଓ ଧାର୍ମିକସ୍ଥଳୀମାନଙ୍କୁ ପରିଷ୍କାର ରଖିବା ଲକ୍ଷ୍ୟରେ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ପୁରୁଣା ବସ୍‌ଷ୍ଟାଣ୍ଡରୁ ୮ ଦୋକାନ ଉଚ୍ଛେଦ



**ଭଦ୍ରକ, ୧୭।୨(ସମିସ):** ଭଦ୍ରକ ପୁରୁଣା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ସରକାରୀ ଜମିରେ ଥିବା ପୌରପାଳିକାର ୮ଟି ଦୁଇ ମହଲା କୋଠାଘରକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, ପୁରୁଣା ବସ୍‌ଷ୍ଟାଣ୍ଡ କ୍ୟାମ୍ପସ୍‌ରେ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଉଚ୍ଛେଦର ଶିକାର ହୋଇଥିବା ଦୋକାନୀକୁ ଥଇଥାନ କରାଯିବାକୁ ସ୍ଥିର ହୋଇଛି। ଏହି ଉଚ୍ଛେଦବେଳେ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ତହସିଲ୍ ରେଭିନ୍ୟୁ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା, ସଦର ଆର୍‌ଆଇ ଶରତ ମହାନ୍ତି, ତହସିଲ୍ ସର୍ଭେୟର ସରୋଜ ପଲାଇ ଓ ପୌରପାଳିକା ଅମୀନ ଶରତ ସାହୁଙ୍କ ସମେତ ପୁଲିସ ଫୋର୍ସ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସୂଚନା ଅଧିକାର ଆଇନକୁ ଅବମାନନା

# ଜନ ସୂଚନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ, ୧୭।୨(ସମିସ):** ସୂଚନା ଅଧିକାର ଆଇନକୁ ଅବମାନନା କରିବା ଏବଂ ନିର୍ଦ୍ଧାରିତ ସମୟସୀମାରେ ତଥ୍ୟ ପ୍ରଦାନ ନ କରିବାରୁ ସୂଚନା ଆୟୋଗଙ୍କ ଦ୍ୱାରା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ୨୦୨୩ ଏପ୍ରିଲ ୧୦ ତାରିଖରେ ସୂଚନା ଅଧିକାର କର୍ମୀ ବିକାଶ ଧଳ ଧାମନଗର ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ବଳରେ ବ୍ଲକରେ ଗତ ୧୦ବର୍ଷ ମଧ୍ୟରେ 'ମୋ ପୋଖରୀ', 'ପ୍ରଧାନମନ୍ତ୍ରୀ/ଇନ୍ଦିରା ଆବାସ', 'ମଧୁବାବୁ ପେନ୍‌ସନ୍', 'ସ୍ୱଚ୍ଛ ଭାରତ ମିଶନ' ଆଦି ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ ନିମନ୍ତେ ଆବେଦନ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଜନ ସୂଚନା ଅଧିକାରୀ ତଥ୍ୟ ପ୍ରଦାନ ନ କରିବାରୁ ସେ ୨୦୨୩ ମେ' ୨୨ ତାରିଖରେ ପ୍ରଥମ ଅପିଲ୍ କରିଥିଲେ। ପ୍ରଥମ ଅପିଲ୍‌ରେ ମଧ୍ୟ କୌଣସି ତଥ୍ୟ ନ ପାଇବାରୁ ଶ୍ରୀ ଧଳ ୨୦୨୩ ଜୁଲାଇ ୧୪ରେ ୨ୟ ଅପିଲ ସୂଚନା ଆୟୋଗଙ୍କଠାରେ କରିଥିଲେ। ସୂଚନା ଆୟୋଗ ତାଙ୍କ ଅଭିଯୋଗକୁ ଗ୍ରହଣ କରି ୨ୟ ଅପିଲ୍ ସଂଖ୍ୟା(୨୬୯୬/୨୩)ରେ ୨୦୨୫ ନଭେମ୍ବର ୨୭ରେ ଅଭିଯୋଗ ଉପରେ ବିଚାର ପାଇଁ ସ୍ଥିର କରିବା ସହ ଉଭୟ ପକ୍ଷକୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିବସରେ ଶ୍ରୀ ଧଳ ଉପସ୍ଥିତ ରହିଥିବାବେଳେ ବ୍ଲକ ପକ୍ଷରୁ ଜନ ସୂଚନା ଅଧିକାରୀ ତଥା ବିଏସ୍‌ଏସ୍‌ଓ ଏବଂ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ପ୍ରଥମ ଅପିଲ ଅଧିକାରୀ) ଭାବେ ଉପସ୍ଥିତ ରହି ସେମାନେ ତାଙ୍କ ସୂଚନାରେ ଶ୍ରୀ ଧଳ ମାଗିଥିବା ତଥ୍ୟ ପ୍ରଦାନ ପାଇଁ ପିଆଇଓ ତଥା ଏପିଓ, ଏନ୍‌ଆର୍‌ଇଜିଏ, ବିପିସି(ରୁରାଲ ହାଉସିଂ), ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ଏବଂ ବିଆର୍‌ସି(ସ୍ୱଚ୍ଛ ଭାରତ ମିଶନ)କୁ ଚିଠି ମାଧ୍ୟମରେ ବାରମ୍ବାର ଅବଗତ କରାଇଥିବା ପ୍ରକାଶ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟରେ ସେମାନେ ଶ୍ରୀ ଧଳଙ୍କୁ ତାହା ପ୍ରଦାନ କରି ନ ଥିବା ଉଲ୍ଲେଖ କରିଥିଲେ। ଏହା ଜାଣିବା ପରେ ସୂଚନା ଆୟୋଗ ୨୦୨୬ ଜାନୁଆରୀ ୭ରେ ପିଆଇଓ ତଥା ଏପିଓ, ଏନ୍‌ଆର୍‌ଇଜିଏ, ବିପିସି(ରୁରାଲ ହାଉସିଂ), ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ଏବଂ ବିଆର୍‌ସି(ସ୍ୱଚ୍ଛ ଭାରତ ମିଶନ) ପ୍ରମୁଖଙ୍କୁ ଉପସ୍ଥିତ ରହି ସେମାନଙ୍କ ବିରୋଧରେ ସୂଚନା ଅଧିକାର ଆଇନ ବଳରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତା'ର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗତ ଜାନୁଆରୀ ୭ ତାରିଖରେ ଉକ୍ତ ଅଭିଯୋଗ ଉପରେ ବିଚାର କରି ବିଭିନ୍ନ ବିଭାଗର ଅଧିକାରୀଙ୍କ ଉତ୍ତରକୁ ବିଚାରକୁ ନେଇ ନିର୍ଦ୍ଧାରିତ ସମୟରେ ତଥ୍ୟ ପ୍ରଦାନ କରି ନ ଥିବାରୁ ୪ହଜାର ଟଙ୍କା ଲେଖାଏଁ (ପ୍ରତ୍ୟେକଙ୍କୁ) ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହ ଆଦେଶ ପାଇବାର ୩୦ ଦିନ ମଧ୍ୟରେ ଉକ୍ତ ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଧିକାରୀମାନେ ଯଦି ନିର୍ଦ୍ଧାରିତ ସମୟରେ ଅର୍ଥ ପୈଠ ନ କରନ୍ତି ତେବେ ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ଆସନ୍ତା ମାର୍ଚ୍ଚ ମାସରୁ ସେମାନଙ୍କ ବେତନରୁ ୨ଟି କିସ୍ତିରେ ଉକ୍ତ ଅର୍ଥ ଆଦାୟ କରି ଏହାର ରିପୋର୍ଟ ସୂଚନା ଆୟୋଗଙ୍କ ରେଜିଷ୍ଟ୍ରାରଙ୍କଠାରେ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**ଅର୍ଥଦଣ୍ଡରେ ଦଣ୍ଡିତ କଲେ ସୂଚନା ଆୟୋଗ**

## 'ଦାନା' ବାତ୍ୟା କ୍ଷୟକ୍ଷତି ମରାମତି ଅନୁଦାନ ହରିଲୁଟ୍ ଅଭିଯୋଗ

# ରଙ୍ଗ ମାରାରେ ସରିଗଲା ୨ ଲକ୍ଷ ଟଙ୍କା

ଦୋବଲ, ୧୭।୨(ସମିସ)




ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତରେ 'ଦାନା' ବାତ୍ୟା କ୍ଷୟକ୍ଷତି ମରାମତି ଅନୁଦାନର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ପଞ୍ଚାୟତ ଅଫିସ ମରାମତି ପାଇଁ ଆସିଥିବା ୨ ଲକ୍ଷ ଟଙ୍କାରୁ ମୋଟା ଅଙ୍କର ଅର୍ଥ ହଡ଼ପ କରାଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ମରାମତି ନାଁରେ ପୁରୁଣା କୋଠାକୁ କେବଳ ରଙ୍ଗ ଦେଇ ଅର୍ଥ ହରିଲୁଟ୍ କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି।

**ଲାଇଟ୍, ଝରକା ଏବେ ବି ଭଙ୍ଗାରୁଜା ହୋଇ ପଡ଼ିଛି**

୨୦୧୭ରେ ଦୋବଲ ପଞ୍ଚାୟତରୁ ଅଲଗା ହୋଇ ମୁସ୍ତଫାପୁର ପଞ୍ଚାୟତ ଗଠିତ ହୋଇଥିଲା। ସେହି ସମୟରୁ ଦୋବଲ ଅମଳର ଏକ ପୁରୁଣା କୋଠା ମୁସ୍ତଫାପୁର ପଞ୍ଚାୟତ ଅଫିସ ଭାବେ ବ୍ୟବହାର ହେଉଛି। ୨୦୨୪ 'ଦାନା' ବାତ୍ୟାରେ ଏହି ଅଫିସଟି କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ମରାମତି ପାଇଁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପଞ୍ଚାୟତ ଅଫିସର ଦୁଇଟି ବଖରା ଏବଂ ବାରଣ୍ଡାକୁ ମିଶାଇ ମୋଟ୍ ୩୦ ଫୁଟ୍ ଲମ୍ବ ଓ ୨୦ ଫୁଟ୍ ଚଉଡ଼ାର ଏହି ଛୋଟ କୋଠାଟିକୁ କେବଳ ରଙ୍ଗ ଦିଆଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଏତିକି କାମ ପାଇଁ ସର୍ବାଧିକ ୪୫ରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ। ମାତ୍ର ବାକି ଅର୍ଥକୁ ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ବଡ଼ କଥା ହେଉଛି, ଅଫିସ ମୁଖ୍ୟ ଦ୍ୱାରର ଉପରେ ଲାଗିଥିବା ଭଙ୍ଗା ଲାଇଟ୍ ଏବଂ ଝରକାର କାଚ କବାଟ ଏବେ ବି ସେମିତି ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ପିଇଓଙ୍କ ସୂଚନା ମୁତାବକ, ଅଫିସରେ ନୂଆ ଲାଇଟ୍ ଲଗାଇବା, ଝରକା କାଚ ମରାମତି କରିବା ଏବଂ ଛାତ ଉପରେ ଗୋଟିଏ ୧୦୦୦ ଲିଟରର ପାଣି ଟାଙ୍କି ବସାଇବା ପାଇଁ କୁହାଯାଇଥିଲା। ମାତ୍ର ସେ ଏସବୁ କାମ ନ କରି କେବଳ ରଙ୍ଗ ମାରି ଦାୟିତ୍ୱ ସାରି ଦେଇଛନ୍ତି। ଏହି ସାଂଘାତିକ ଅନିୟମିତତା ସମ୍ପର୍କରେ ପିଇଓ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ସରକାରୀ ପାଣ୍ଠିର ଏଭଳି ଖୋଲାଖୋଲି ଅପବ୍ୟବହାରକୁ ନେଇ ଏବେ ଧାମନଗର ବ୍ଲକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।





# ପୁଲିସ ଥାଇ କେତେ, ନଥାଇ କେତେ

ଭୁବନେଶ୍ୱର, ୧୭।୨ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ବିଧାନସଭା ବଜେଟ୍ ଅଧିବେଶନ। ବିଧାନସଭାକୁ ପୁଲିସ ବଳୟରେ ରଖାଯାଇଥିବା ବେଳେ ସହରରେ ଯେପରି କୌଣସି ଅପରାଧିକ କାର୍ଯ୍ୟକଳାପ ନ ଘଟେ, ସେଥିପ୍ରତି ଦୃଷ୍ଟି ଦେବାକୁ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହାରି ଭିତରେ ଆତଙ୍କ ଖେଳାଇଛନ୍ତି ଅସାମାଜିକ ତତ୍ତ୍ୱ। କେଉଁଠି ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ତ କେଉଁଠି ସୁନା ଚେନ୍ ଝାମ୍ପି ନେଇଛନ୍ତି। ପୁଣି ମୁହଁରେ ବିଷାକ୍ତ ସ୍ପ୍ରେ ମାରି ଦୋକାନରୁ ସୁନାଗହଣା ଲୁଟିଥିବା ବେଳେ ଘରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ରାଜଧାନୀର ଆଇନଶୃଙ୍ଖଳା ହାତରୁ ଖସୁଥିବା ବେଳେ ଦିନକରେ ଏକାଧିକ ଘଟଣା ପୁଲିସ ପ୍ରତି ଅସାମାଜିକଙ୍କ ମନରେ ଭୟ ନ ଥିବା ଭଳି ମନେ ହେଉଛି।

## ପୂର୍ବଶତ୍ରୁତାରୁ ଗୋଡ଼ାଇ ହାଣିଲେ

ସୋମବାର ରାତିରେ ଆତଙ୍କ ଖେଳାଇଛନ୍ତି ଖଣ୍ଡାଧାରୀ ଦୁର୍ବୃତ୍ତ। କାଫେ ଆଗରେ ହାଣିବା ସହ କାର୍ ଭଙ୍ଗାରୁଜା କରିଛନ୍ତି। ଭଗବାନପୁର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଖଣ୍ଡା ଚୋଟରେ ଗୋପୀନାଥ ଭୂଜବଳ ଓ ଶନିଆ ଆହତ ହୋଇଛନ୍ତି।



ସେମାନଙ୍କ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। କବିରାଜ ଲେଙ୍କା ଏନେଇ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଛି ତମାଣ୍ଡୋ ଥାନା ପୁଲିସ। ବଣ୍ଟି ଓ ତାର ସହଯୋଗୀମାନେ ଆକ୍ରମଣ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଗୋଟିଏ ମାମଲାରେ ଫେରାର ଥିବା ବଣ୍ଟି ଆସି ଏଭଳି କାଣ୍ଡ ଭିଆଇବା ପରେ କମିସନରେଟ ପୁଲିସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ପଛରେ ରାଜନୈତିକ ଶତ୍ରୁତା ଥିବା ପୁଲିସକୁ ସୁରାକ୍ ମିଳିଛି।

ଅଭିଯୋଗ ଅନୁଯାୟୀ, ସୋମବାର ରାତି ପ୍ରାୟ ସାଢେ ୧୧ଟାରେ ଭଗବାନପୁରର ହିମାଂଶୁ ଶେଖର, ଗୋପୀନାଥ, ଶନିଆ ଓ ଅନ୍ୟ ସାଙ୍ଗମାନେ ନିଜ କାଫେ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ଭଗବାନପୁରର ବଣ୍ଟି ଓ ୫ ଜଣ ସହଯୋଗୀ ଖଣ୍ଡା ଧରି ଆସି ପହଞ୍ଚିଥିଲେ। କାଫେ ଭିତରେ ପଶି ଖୋଜାଖୋଜି କରି ବାହାରକୁ ଚାଲି ଆସି ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। କେହି କିଛି ବୁଝିବା ଆଗରୁ ଦୁର୍ବୃତ୍ତ ମାନେ ଶନିଆଙ୍କ ମୁଣ୍ଡକୁ ଖଣ୍ଡା ଚୋଟ ପକାଇବାକୁ ଉଦ୍ୟମ କରିଥିଲେ। ଖଣ୍ଡା ଚୋଟଟି ତାଙ୍କ ବାମ ହାତରେ ବାଜିଥିଲା। ଦୁର୍ବୃତ୍ତ ମାନେ ଗୋପୀନାଥଙ୍କ ଗୋଡ଼କୁ ଲକ୍ଷ୍ୟ କରି ହାଣି ଚାଲିଥିଲେ। ଜୀବନ ବଞ୍ଚାଇବାକୁ ସାଙ୍ଗମାନେ ଯିଏ ଯୁଆଡ଼େ

- ଖଣ୍ଡା ଧରି ଆସିଥିଲେ ୬ ଦୁର୍ବୃତ୍ତ
- ଗାଡ଼ି ପୋଡ଼ି ଘଟଣାରେ ଫେରାର ଥିଲା ମୁଖ୍ୟ ଅଭିଯୁକ୍ତ


ପାରିଲେ ଦୌଡ଼ୁଥିବା ବେଳେ ବଣ୍ଟି ଓ ସହଯୋଗୀମାନେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ।

ଏତିକିରେ ସେମାନଙ୍କ ଆତଙ୍କ ଥମି ନଥିଲା। ସମସ୍ତେ ପଳାଇବା ପରେ ରାଗରେ ପାର୍କିଂ ହୋଇଥିବା କାରକୁ ଖଣ୍ଡାରେ ହାଣିଥିଲେ। ଗୋଟିଏ ପରେ ଗୋଟିଏ କାରକୁ ହାଣି ବାଇକରେ ଫେରାର ହୋଇଯାଇଥିଲେ। ମାତ୍ର ୨/୩ ମିନିଟର ଦୃଶ୍ୟ ଏତେ ଭୟଙ୍କର ଥିଲା ଯେ, ଦେଖିବା ଲୋକର ଲୋମ ଟାଙ୍କୁରି ଉଠିବ। ତେବେ ୪ ଜଣ ଖଣ୍ଡାଧାରୀଙ୍କ ହାଣିବା ସମୟର ଦୃଶ୍ୟ କାଫେରେ ଲାଗିଥିବା ସିସିଟିଭି କ୍ୟାମେରାର କଏଦ୍ ହୋଇଛି। ହିମାଂଶୁଙ୍କ ବାପା କବିରାଜ ଲେଙ୍କା ଏନେଇ ତମାଣ୍ଡୋ ଥାନାରେ ଏତଲା ଦେବାପରେ ତଦନ୍ତ ଆରମ୍ଭ କରିଛି ପୁଲିସ। ଆକ୍ରମଣରେ ଆହତ ହୋଇଥିବା ଯୁବକମାନେ ଗୋଟିଏ ରାଜନୈତିକ ଦଳରେ ମିଶିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହି କାରଣରୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

ସେପଟେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ରକ୍ତ ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି ତମାଣ୍ଡୋ ଥାନା ପୁଲିସ। ଭଗବାନପୁରର ବଣ୍ଟି ଓ ତାର ସହଯୋଗୀମାନେ ମିଶି ଏଭଳି କାଣ୍ଡ ଭିଆଇଥିବା ଜଣାପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥାଟି ହେଉଛି, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗତମାସ ୨୩ ତାରିଖ ରାତିରେ ଭଗବାନପୁରର ତପନ ବେହେରାଙ୍କ କାରରେ ନିଆଁ ଲଗାଇ ଦେଇଥିଲା ବଣ୍ଟି। ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ସେହି ମାମଲାରେ ଗିରଫ ହୋଇ ନ ଥିବା ବଣ୍ଟି ପୁଣିଥରେ ଆସି ଆତଙ୍କ ଖେଳାଇବା ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ଏହାବାଦ୍ ବଣ୍ଟି ନାମରେ ଆହୁରି ୪ରୁ ଅଧିକ ଅପରାଧିକ ମାମଲା ରହିଛି।



## ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ସୁନାଗହଣା ଲୁଟିଲା




କଳିଙ୍ଗନଗର କେ-୪ ଅଞ୍ଚଳରେ ଏକ ଗହଣା ଦୋକାନରୁ ଲୁଟ୍ ହୋଇଛି। ଜଣେ ଦୁର୍ବୃତ୍ତ ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ସୁନାଗହଣା ଲୁଟି ନେଇଛି। ଲୁଟର ଶିକାର ବିଜୟ ବାରିକ ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟା କି ରାତି ନୁହେଁ, ବରଂ ସ୍ପଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିଛି।

ଅଭିଯୋଗ ଅନୁସାରେ, ବିଜୟ କୁମାର ବାରିକ କଳିଙ୍ଗବିହାର କେ-୪ ସ୍ଥିତ ଶୁଭଲକ୍ଷ୍ମୀ ଜୁଏଲାରୀ ନାମରେ ଗହଣା ଦୋକାନ କରିଛନ୍ତି। ମଙ୍ଗଳବାର ଦ୍ୱିପ୍ରହରରେ ଜଣେ ଦୁର୍ବୃତ୍ତ ଗ୍ରାହକ ହୋଇ ଆସିବା ସହ ଭଉଣୀ ବିବାହ ପାଇଁ ସୁନାଗହଣା ନେବ ବୋଲି ଦୋକାନୀ ବିଜୟ ବାରିକଙ୍କୁ କହିଥିଲା। ଗ୍ରାହକ ବେଶରେ ଆସିଥିବା ଲୁଟେରାର କହିବା ମୁତାବକ, ବିଜୟ ତାକୁ ଚେନ୍, ମୁଦି, ହାର ଓ ଅନ୍ୟାନ୍ୟ ଅଳଙ୍କାର ଦେଖାଇଥିଲେ। ସେଥିରୁ ୨ଟି ସୁନା ଚେନ୍ ଓ ୩ଟି ମୁଦିକୁ ଲୁଟେରା ପସନ୍ଦ କରି ସମୁଦାୟ କେତେ ଟଙ୍କା ବୋଲି ପଚାରିଥିଲା। ବିଜୟ ହିସାବ ପତ୍ର କରୁଥିବା ବେଳେ ତାଙ୍କ ଆଖିକୁ ହଠାତ୍ ପେପର୍ ସ୍ପ୍ରେ ମାରିଥିଲା ଲୁଟେରା। ସ୍ପ୍ରେ ମାରିବା ଦ୍ୱାରା ବିଜୟଙ୍କ ଆଖି ପୋଡ଼ିବା ସହ ଆଉକିଛି ଦେଖା ଯାଇନଥିଲା। ଏହାର ସୁଯୋଗ ନେଇ ୨ଟି ସୁନା ଚେନ ଓ ୩ ସୁନା ମୁଦି ନେଇ ପଳାଇଥିଲା। ଲୁଟେରା ଖସିବା ସମୟରେ ବିଜୟ ତାକୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପ୍ରାୟ ୬ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ନେଇ ବିଜୟ ତମାଣ୍ଡୋ ଥାନାରେ ଏତଲା ଦେଇଛନ୍ତି। ସୁନାଗହଣା ଦେଖିବା ଠାରୁ ଆରମ୍ଭ କରି ଲୁଟ୍ ପର୍ଯ୍ୟନ୍ତ, ସବୁକିଛି ସିସିଟିଭିରେ ରେକର୍ଡ ହୋଇଛି। ଲୁଟେରା ଜଣକ ଏକ ସ୍କୁଟିରେ ଆସି ଏଭଳି ଲୁଟ୍ କରିଥିବା ତଦନ୍ତରୁ ଜଣାପଡ଼ିଛି। ଘଟଣାର ଅଭିଯୁକ୍ତ ୧୭ ବର୍ଷିୟ ନାବାଳକକୁ ପୁଲିସ ଉଠାଇ ଆଣିଛି।

## ଅତିରିକ୍ତ ଡିସିପିଙ୍କ ମା'ଙ୍କ ଠାରୁ ସୁନାଚେନ୍ ଝାମ୍ପିନେଲେ

ଶୈଳଶ୍ରୀ ବିହାର ଅଞ୍ଚଳରେ ଆତଙ୍କ ରଚିଛନ୍ତି ଲୁଟେରା। ଚାଲି ଚାଲି ଘରକୁ ଫେରୁଥିବା ମହିଳାଙ୍କ ଠାରୁ ସୁନା ଚେନ୍ ଛଡ଼ାଇ ନେଇଛନ୍ତି। ମଙ୍ଗଳବାର ସକାଳୁ ଏଭଳି ଘଟଣା ଘଟିଛି। ଲୁଟର ଶିକାର ହୋଇଛନ୍ତି ଅତିରିକ୍ତ ଡିସିପି (ସଶସ୍ତ୍ର)



ଙ୍କ ମା' ଶକୁନ୍ତଳା ମହାନ୍ତି। ଏ ନେଇ ସେ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଶୈଳଶ୍ରୀ ବିହାରର ଶକୁନ୍ତଳା ସବୁଦିନ ଭଳି ଆଜି ମଧ୍ୟ ସ୍ଥାନୀୟ ଦୁର୍ଗା ମଣ୍ଡପ ପଡ଼ିଆକୁ ପ୍ରାତଃଭ୍ରମଣରେ ଯାଇଥିଲେ। ସେଠାରୁ ଭିଆଇଏମ୍ ଗଳି ଦେଇ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ଶକୁନ୍ତଳା କିଛି ବୁଝିବା ଆଗରୁ ପଛରେ ବସିଥିବା ଦୁର୍ବୃତ୍ତ ଜଣକ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲା। ପୁଣି ସ୍କୁଟିରେ ବସି ଇନଫୋସିଟି ଆଡ଼କୁ ଫେରାର ହୋଇଯାଇଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ଲୁଟ୍ ହେବା ରାଜଧାନୀରେ ମହିଳା ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଶକୁନ୍ତଳାଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ପୁଲିସ ମାମଲା ରୁଜୁ କରିଛି। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ କରୁଥିଲେ ମଧ୍ୟ ଏଯାଏଁ କାହାରି ପତ୍ତା ପାଇ ପାରିନାହିଁ।

## ପଣ୍ଡାକୁଦିଆରେ ମାତିଲେ ସିନ୍ଧିଚୋର

ବରମୁଣ୍ଡା ଓ ରଣସିଂହପୁର ପରେ ପଣ୍ଡାକୁଦିଆ ବସ୍ତିରେ ଆତଙ୍କ ଖେଳାଇଛନ୍ତି ସିନ୍ଧି ଚୋର। ଗୋଟିଏ ପରେ ଗୋଟିଏ କରି ୩ଟି ଘରେ କଳାକନା ବୁଲାଇଛନ୍ତି। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପଣ୍ଡାକୁଦିଆ ବସ୍ତିର ଜାନକୀ ଦେବୀ ଦିଗାଲ ସମ୍ପର୍କୀୟଙ୍କ ଦଶାହ କାମରେ କନ୍ଧମାଳର ଗୁମାଗଡ଼ ଯାଇଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଆଲମିରାରୁ ସୁନା କାନଫୁଲ, ଚେନ, ରୁପା ଅଳଙ୍କାର ଓ ୪୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସେହିପରି ବସ୍ତିର ସ୍ୱର୍ଣ୍ଣଲତା ବିଶ୍ୱାଳ ଶାଶୁଙ୍କ ଶୁଦ୍ଧିକ୍ରିୟା ପାଇଁ ଗାଁକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିର ସୁଯୋଗନେଇ ଘରେ ଥିବା ଆଲମାରିରୁ ସୁନା ଚେନ୍, ସୁନା ହାର, ସୁନା କାନଫୁଲ, ଝୁମ୍ପା, ପେଣ୍ଡିଫୁଲ ଓ ନଗଦ ୬ ହଜାର ଟଙ୍କା ଚୋରି କରି ନେଇ ଯାଇଛନ୍ତି। ସେହିଭଳି ରିଙ୍କି ମେହେର ବରପାଲି ଯିବା ପୂର୍ବରୁ ଛୋଟ ବାକ୍ସରେ ତାଙ୍କର ସମସ୍ତ ସୁନା ଅଳଙ୍କାର ରଖି ସୋଫା ଉପରେ ରଖିଥିଲେ। କବାଟ ଦେଇ ପଡୋଶୀ ଘରକୁ ମେହେନ୍ଦି ଲଗାଇବାକୁ ଯାଇଥିଲେ। ସେହି ସମୟରେ ଲୁଟେରାମାନେ ତାଙ୍କ ଘରୁ ଗହଣା ବାକ୍ସ ଚୋରିକରି ନେଇଥିଲେ। ସେହି ବାକ୍ସରେ ସୁନା ହାର, ମଙ୍ଗଳସୂତ୍ର, ସୁନା ଚେନ୍, ସୁନା କାନଫୁଲ, ଲକେଟ୍, ରୁପା ପାଉଁଜି, ରୁପା ବ୍ରେସଲେଟ, ଅଣ୍ଟା ବିଛା ରହିଥିଲା। ସେପଟେ ପାନ ଦୋକାନ ଡ୍ର'ରୁ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି।

## ଜମିବିକ୍ରି ଆଳରେ ୨୦ ଲକ୍ଷର ଚୂନ; ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୧୭।୨ (ସମିସ): ଜମିବିକ୍ରି ଆଳରେ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ମାରିଅନ୍ କନଷ୍ଟ୍ରକ୍ସନ କମ୍ପାନୀର ନିର୍ଦ୍ଦେଶକକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ କେନାଲ ରୋଡରେ ରହୁଥିବା କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ହେମନ୍ତ କୁମାର ପାଣିଗ୍ରାହୀ (୪୦)।



ପୁଲିସ ସୂଚନାନୁଯାୟୀ, ନଗେନ କୁମାର ବେହେରା ରାଜଧାନୀରେ ଜମି କିଣିବାକୁ ଚାହୁଁଥିବା ବେଳେ ହେମନ୍ତଙ୍କ ଯୋଗାଯୋଗରେ ଆସିଥିଲେ। ହେମନ୍ତ ତାଙ୍କୁ ଗୋଡା ଗୋପୀନାଥ ପ୍ରସାଦ ମୌଜା (ଚଣ୍ଡୀ ମାତା କଲୋନୀ) ଅଞ୍ଚଳରେ ଜମି କିଣିବାକୁ ପ୍ରଲୋଭନ ଦେଖାଇଥିଲା। ନଗେନ ତା' କଥାକୁ ବିଶ୍ୱାସ କରି ଆରଟିଜିଏସ ମାଧ୍ୟମରେ ଅଗ୍ରିମ ବାବଦକୁ ୨୦ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ପଟ୍ଟା, ଆରଆଇ ରିପୋର୍ଟ, ତହସିଲ କ୍ଲିୟରାନ୍ସ କାଗଜପତ୍ର ଯୋଡ଼ି ଦଲିଲ ପ୍ରସ୍ତୁତ କରିଥିଲା ଓ ନଗେନଙ୍କ ଦସ୍ତଖତ ମଧ୍ୟ ସଂଗ୍ରହ କରିଥିଲା। ଦୀର୍ଘଦିନ ପର୍ଯ୍ୟନ୍ତ ଜମି ପଞ୍ଜୀକରଣ କରିନଥିବା ବେଳେ ସେସବୁ କାଗଜପତ୍ର ନକଲି ବୋଲି ନଗେନ ଜାଣିବାକୁ ପାଇଥିଲେ। ହେମନ୍ତକୁ ଟଙ୍କା ଫେରସ୍ତ ମାଗିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ ଓ ଧମକ ଦେବାକୁ ଉଦ୍ୟମ କରିଥିଲା। ନଗେନ ଏନେଇ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆରଟିଜିଏସ ବିବରଣୀ, ବ୍ୟାଙ୍କ ଷ୍ଟେଟମେଣ୍ଟ, ଡିମାଣ୍ଡ ଡ୍ରାଫ୍ଟ ନକଲ, ସ୍ଲଟ୍ ବୁକିଂ ରସିଦ, ପଟ୍ଟା ଫଟୋକପି, ଆରଆଇ ରିପୋର୍ଟ, ତହସିଲ କ୍ଲିୟରାନ୍ସ ଓ ଅନ୍ୟାନ୍ୟ ସମ୍ପର୍କିତ ଦଲିଲପତ୍ର ଜବତ କରିଥିଲା। ସହିଦନଗର ସ୍ଥିତ ମାରିଅନ୍ କନଷ୍ଟ୍ରକ୍ସନ କମ୍ପାନୀରୁ ହେମନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୫୫ ଦିନରେ ଆସିଲା ରାୟ | ଗାଡ଼ି ଚୋରକୁ ୯ ମାସ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୭।୨(ସମିସ): ଏୟାରପୋର୍ଟ ଥାନା ଅଞ୍ଚଳରେ ଘଟିଥିବା ଗାଡ଼ି ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (ପଞ୍ଚମ)ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାରକରି ଅଭିଯୁକ୍ତ ମନୋଜ ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି।



ପୁଲିସ ସୂଚନାନୁଯାୟୀ, ଗତବର୍ଷ ଡିସେମ୍ବର ୨୨ ତାରିଖ ସନ୍ଧ୍ୟାରେ ଶାସ୍ତ୍ରୀନଗର ଅଞ୍ଚଳର ଆଶିଷ କୁମାର ବୈରିଗଞ୍ଜନ ଫରେଷ୍ଟ ପାର୍କ ପଛପଟେ ଗାଡିଟିକୁ ପାର୍କିଂ କରିଥିଲେ। ମନୋଜ ଏହାର ସୁଯୋଗ ନେଇ ନକଲି ଚାବିରେ ଗାଡ଼ିକୁ ଚୋରି କରି ନେଇ ଯାଇଥିଲା। ଆଶିଷ କାମ ସାରି ଫେରିବା ବେଳକୁ ଗାଡ଼ି ନପାଇ ଏୟାରପୋର୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୪୬୦/୨୫ରେ ୩୦୩(୨) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ସବ୍ ଇନ୍ସପେକ୍ଟର ବର୍ଷା ଦାସ ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀ ଓ ଦସ୍ତାବିଜ ଆଧାରରେ ମାମଲା ପଞ୍ଜୀକରଣ ଠାରୁ ୫୫ ଦିନ ମଧ୍ୟରେ ଘଟଣାର ରାୟ ପ୍ରକାଶ କରିଛନ୍ତି। ଆସାମୀ ମନୋଜ ମଲ୍ଲିକକୁ ବିଏନ୍‌ଏସ୍ ଧାରା ୩୦୩(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୯ ମାସର କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## ଦୁଇ ବନ୍ଧୁଙ୍କୁ ହାଣିବା ଘଟଣା; ଜଣେ ଗିରଫ



ଭୁବନେଶ୍ୱର, ୧୭।୨ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ବନ୍ଧୁଙ୍କୁ ଆକ୍ରମଣ ଘଟଣାରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ନିଆଳିର ଶୁଭେନ୍ଦୁ ନାୟକ ଓରଫ୍ ପୁନିଆ (୧୯)।

ପୁଲିସ ସୂଚନାନୁସାରେ, ଗତମାସ ୨୦ ତାରିଖ ସନ୍ଧ୍ୟାରେ ଦୁଇ ବନ୍ଧୁ ରାଜକିଶୋର ଓ ଆବ୍ରାହମ ମୁଣ୍ଡା ସାହି କମ୍ୟୁନିଟି ଶୌଚାଳୟ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ପୁନିଆ ଓ ତା'ର ସହଯୋଗୀମାନେ ବାଇକରେ ଆସି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ବିରୋଧ କରିବାରୁ ଦୁଇ ବନ୍ଧୁଙ୍କୁ କଟୁରିରେ ହାଣିଥିଲେ ଦୁର୍ବୃତ୍ତ। ଉଭୟଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ହେବାପରେ ନୂଆପଲ୍ଲୀ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପାତ୍ରପଡ଼ାରୁ ପୁନିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଡ଼ମାରି ଅଟୋ ଚାଳକଙ୍କଠାରୁ ଲୁଟ୍

ଭୁବନେଶ୍ୱର, ୧୭।୨(ସମିସ):ବିଏମଡବ୍ଲୁ ଗାଡିରୁ ଚାରି ଦୁର୍ବୃତ୍ତ ବାହାରି ଜଣେ ଅଟୋ ଚାଳକକୁ ଅମାନବୀୟ ଭାବରେ ମାଡ ମାରିବା ସହ ଉକ୍ତ ଅଟୋ ଚାଳକଙ୍କ ଠାରୁ ଜୋର ଜବରଦସ୍ତ ୧୭ହଜାର ଟଙ୍କା ଫୋନ ପେ ମାଧ୍ୟମ ନବା ଭଳି ଘଟଣା ଘଟିଥିବା ଖବର ମିଳିଛି। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବା ପାଇଁ ହତ୍ୟା ଧମକ ଦେଇଥିବା ଜଣାପଡ଼ିଛି।

ମିଳିଥିବା ଖବର ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ବଡ଼ଗଡ଼ ଥାନା ବିଜେବି ନଗରରେ ରହୁଥିବା କେ.ନରେଶ। ପେଶାରେ ଜଣେ ଡ୍ରାଇଭର। ଆଜି ମଧ୍ୟାହ୍ନରେ ଅଟୋରେ କିଛି ଯାତ୍ରୀଙ୍କୁ ଧରି ରଘୁନାଥପୁର ଯାଇଥିଲେ। ସେମାନଙ୍କୁ ସେଠାରେ ଛାଡି ଭୁବନେଶ୍ୱର ଅଭିମୁଖେ ଅଭିମୁଖେ ଫେରୁଥିଲେ। ରଘୁନାଥପୁର ବ୍ରିଜ୍ ନିକଟରେ ହୋଇଥିବା ବେଳେ ଜଣେ ବାଇକ ଆରୋହୀ ତାଙ୍କ ବାଇକ୍ ଅଟୋ ସମ୍ମୁଖ ଆଡକୁ ପଶି ଆସିଥିଲେ। ଉକ୍ତ ବାଇକ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ନରେଶ ବାମକୁ ଗାଡି ହ୍ୟାଣ୍ଡେଲ ବୁଲାଇ ଦେଇଥିଲେ। ସେଠାରେ ଥୁଆ ହୋଇଥିବା ଏକ ବିଏମ୍ଡବ୍ଲୁ କାର ରେ ଅଟୋ ଘଷି ହୋଇ ଯାଇଥିଲା। ଏନେଇ କାରରୁ ୪ଜଣ ଯୁବକ ବାହାରି ସିଧା ନରେଶଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲେ। ଦୁର୍ଘଟଣା ପାଇଁ ୫୦ ହଜାର ଟଙ୍କା ମାଗିଥିଲେ। ନରେଶ ଏତେ ଟଙ୍କା ପାଖରେ ନାହିଁ ବୋଲି ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସେହି ୪ଯୁବକ ପାଖରେ ଥିବା ଏକ ଜଙ୍ଗଲକୁ ନରେଶକୁ ଟେକି ନେଇ ଯାଇଥିଲେ। ସେଠାରେ ତାଙ୍କୁ ମାଡ ମାରିଥିଲେ। ପରେ ଜୋରଜବରଦସ୍ତ ଭୟ ଦେଖାଇ ନରେଶଙ୍କ ଫୋନ୍ ପେ ଖୋଲି ସେଥିରେ ଥିବା ୧୭ହଜାର ଟଙ୍କା ଏକ ସ୍କାନରରେ ସ୍କାନ କରି ନେଇଯାଇ ନରେଶଙ୍କୁ ଛାଡି ଗାଡି ଧରି ଫେରାର ହୋଇ ଯାଇଥିଲେ। ନରେଶ ସେଠାରୁ ଭୟଭୀତ ଅବସ୍ଥାରେ ଘରକୁ ପଳାଇ ଆସିଥିଲେ। ତେବେ ଏନେଇ ପୁଲିସ ସହିତ କୌଣସି ଯୋଗାଯୋଗ ହୋଇ ପାରିନାହିଁ।

## ଆରମ୍ଭ ହେଲା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୧୭।୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ରାଜଧାନୀ ଭୁବନେଶ୍ୱରରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ଦଶମ ଶ୍ରେଣୀର ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଦ୍ୱାଦଶ ଶ୍ରେଣୀର ବାୟୋଟେକ୍ନୋଲୋଜି ଓ ଇଣ୍ଟରପ୍ରେନରସିପ୍ ପରୀକ୍ଷା ହୋଇଛି। ପ୍ରଥମ ଦିନରେ ଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଛି।



ପରୀକ୍ଷା ସୂଚୀ ଅନୁଯାୟୀ ବୁଧବାର ଦଶମ ଶ୍ରେଣୀର ହୋମ୍ ସାଇନ୍ସ ପରୀକ୍ଷା ହେବାକୁ ଥିବାବେଳେ ୨୦ରେ ଡାଟା ସାଇନ୍ସ, ୨୧ରେ ଇଂରାଜୀ, ୨୫ରେ ବିଜ୍ଞାନ, ୨୭ରେ ଏଆଇ ଓ ଆଇଟି, ମାର୍ଚ୍ଚ ୨ରେ ହିନ୍ଦୀ, ମାର୍ଚ୍ଚ ୫ରେ ଓଡ଼ିଆ, ୭ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ସେହିପରି ଆସନ୍ତାକାଲି ଯୁକ୍ତ୨ର ଫିଜିକାଲ ଏଜୁକେସନ୍ ପରୀକ୍ଷା ଥିବାବେଳେ ୨୦ରେ ପଦାର୍ଥ ବିଜ୍ଞାନ, ୨୮ ରେ ରସାୟନ ବିଜ୍ଞାନ, ମାର୍ଚ୍ଚ ୬ରେ ମାତୃଭାଷା, ୭ ରେ ଯୋଗ, ୧୨ରେ ଇଂରାଜୀ, ୧୪ରେ ହୋମ୍ ସାଇନ୍ସ, ୧୬ରେ ହିନ୍ଦୀ, ୧୮ ରେ ଅର୍ଥନୀତି, ୨୩ରେ ରାଜନୀତି ବିଜ୍ଞାନ, ୨୫ରେ କମ୍ପ୍ୟୁଟର ସାଇନ୍ସ ଓ ଆଇଟି, ୨୭ରେ ବାୟୋଲୋଜି, ୨୮ରେ ବିଜିନେସ୍ ଷ୍ଟଡିଜ୍, ୩୦ରେ ଇତିହାସ, ଏପ୍ରିଲ୍ ୪ରେ ସାମାଜିକ ବିଜ୍ଞାନ, ୯ରେ ଡାଟା ସାଇନ୍ସ ଓ ୧୦ରେ ଲିଗାଲ ଷ୍ଟଡିଜ୍ ବିଷୟରେ ପରୀକ୍ଷା ହେବ।

# ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣନକରି ବିଲ ଉଠାଇବାକୁ ମସୁଧା



ଖଜୁରିଆକଟା,୧୭।୨(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେଅନେକକାର୍ଯ୍ୟସମ୍ପୂର୍ଣ୍ଣ ନକରି ବିଲ ହୋଇଯାଉଥିବାର ଅନେକ ନଜିର ରହିଛି। ସେହିପରି ଏକ ଉଦାହରଣ ସ୍ୱରୂପ ହିନ୍ଦୋଳ ଏନଏସି ୮ନଂ ୱାର୍ଡରୁ ୱାର୍ଡନଂ୧୫ ସିଂକୋଳ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ପିବ୍ଲ୍ୟୁଡି ବିଭାଗ ପକ୍ଷରୁ ଟେଣ୍ଡର ହୋଇ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବାଉପରେ ଏବଂ ଏହି କାର୍ଯ୍ୟ ଅଗ୍ରୱାଲ ନାମକ ଠିକାଦାର ସଂସ୍ଥା କରାଯାଉଅଛି। ଆରମ୍ଭରୁ ରାସ୍ତାକାର୍ଯ୍ୟ ନିମ୍ନମାନର ଥିବାସହ ବିଭିନ୍ନ ସ୍ଥାନରେ ଠିକରେ ଗାର୍ଡୱାଲ ମଧ୍ୟ ଦିଆଯାଇନାହିଁ। ହିନ୍ଦୋଳ ଏନଏସି ୱାର୍ଡନଂ ୮ ମଧୁବନ ଠାରୁ ୱାର୍ଡନଂ ୯ ପାଣିଟାଙ୍କି ପର୍ଯ୍ୟନ୍ତ ରାସ୍ତାରେ କିଛି ବ୍ୟକ୍ତିଗତ ଜମି ଥିବାରୁ କୌଣସି ସମାଧାନ ନକରି ଏହିରାସ୍ତା ଛାଡି ଦିଆଯାଇଛି ଏବଂ ମଧୁବନ ବ୍ରିଜ ଆଖପାଖରେ ରାସ୍ତାପାର୍ଶ୍ୱ ଗାର୍ଡୱାଲ ମଧ୍ୟ କରାଯାଇନାହିଁ। ଶୁଣିବାକୁ ମିଳୁଛି ସେହି ଅଂଶ ରାସ୍ତା ବାଦ ଦେଇ ବିଲକରି ପାର ହୋଇଯିବାକୁ ସମ୍ପୃକ୍ତ ଠିକାଦାର ସଂସ୍ଥା ମସୁଧା ଚଳାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ ଏହି ଅସୁବିଧା ସମାଧାନ ପାଇଁ ଉଦ୍ୟମ କରାଯାଉଛି ବୋଲି ପ୍ରତିକ୍ରିୟା ଦେଇଥିଲେ। ପ୍ରଭାବଶାଳୀ ରାଜନୈତିକ ପ୍ରତିନିଧି,ସରକାରୀ ଅଧିକାରୀଙ୍କ ଛତ୍ରଛାୟା ତଳେରହି ମନମାନିକରି ରାସ୍ତା ନିର୍ମାଣ କରୁଥିବାରୁ ସ୍ଥାନୀୟ ଜନସାଧାରଣ,ହିନ୍ଦୋଳ ଏନଏସି ର କାଉନସିଲରମାନେ, ବୁଦ୍ଧିଜୀବୀ ତୀବ୍ର ନିନ୍ଦା କରିବାସହ ଅସମ୍ପୂର୍ଣ୍ଣ ରାସ୍ତା ସମ୍ପୂର୍ଣ୍ଣକରିବା,ଗାର୍ଡୱାଲ ନିର୍ମାଣ କରିବାସହ ନିର୍ମାଣ ହୋଇଥିବା ରାସ୍ତାର ସମ୍ପୂର୍ଣ୍ଣ ମାନ, ଗୁଣବତ୍ତା ତଦାରଖ କରାଯିବା ପରେ କାର୍ଯ୍ୟର ବିଲ କରାଯିବାକୁ ସରକାର ଓ ଜିଲ୍ଲାପ୍ରଶାସନ ନିକଟରେ ଦାବି କରାଯାଇଛି ଅନ୍ୟଥା ହିନ୍ଦୋଳ ଏନଏସି ର ନିର୍ବାଚିତ ପ୍ରତିନିଧି,ବିଭିନ୍ନ ନେତୃତ୍ୱ, ଜନସାଧାରଣ, ବୁଦ୍ଧିଜୀବୀ ଓ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ତାଳଚେର ଡାକ୍ତରଖାନରେ ମିଳୁନି ସେବା

# ରୋଗୀଙ୍କୁ ଦେଖିଲାକ୍ଷଣି କରାଯାଉଛି ରେଫର

ତାଳଚେର,୧୭।୨(ସମିସ):

ତାଳଚେର ଡାକ୍ତରଖାନାରେ ରୋଗୀ ଖୋଜୁଛନ୍ତି ଡାକ୍ତରଙ୍କୁ। କାରଣ ଡାକ୍ତରମାନେ ସଠିକ୍ ସମୟରେ ଆଉଟ୍‌ଡୋରକୁ ନ ଆସି ବିଭିନ୍ନ କ୍ଲିନିକ୍‌ରେ ରୋଗୀ ଦେଖିବା ସହ ଡ୍ୟୁଟି ସମୟରେ ନିଜସ୍ୱ କାର୍ଯ୍ୟରେ ସମୟ ବିତାଉଛନ୍ତି। ସେହିପରି ଡାକ୍ତରଖାନାର ନର୍ସ,

## ଦୀର୍ଘବର୍ଷ ଧରି ଗାଦି ମାଡ଼ି ବସିଛନ୍ତି କର୍ମଚାରୀ

କ୍ଲର୍କ, ପାରାମେଡିକାଲ ଷ୍ଟାଫ ଏବଂ ଅଫିସ କାର୍ଯ୍ୟରେ ନିୟଜିତ ଥିବା କର୍ମଚାରୀମାନେ ପନ୍ଦରରୁ କୋଡିଏ ବର୍ଷ ହେଲା ଗୋଟିଏ ସ୍ଥାନରେ ଗାଦି ମାଡ଼ି ବସିରହିବାରୁ ଏଭଳି ଅବହେଳା କରୁଥିବା ଅନେକ ଅଭିଯୋଗ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଠାକୁ ରୋଗୀ ଆସୁ ଆସୁ କିଛି ପରୀକ୍ଷା ନିରୀକ୍ଷା ନ କରି ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଅନୁଗୋଳ ପଠାଇ ଦିଆଯାଉଛି। ଏହି ଘଟଣା ଏବେ ନିତିଦିନିଆ ଘଟୁଛି।

ତାଳଚେର ସରକାରୀ ଡାକ୍ତରଖାନାରେ ପୂର୍ବ ସରକାର ସମୟରେ ମନ ଲୋଭାଣିଆ କୋଠା, ଲିଫ୍ଟ




ବ୍ୟବସ୍ଥାଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏବେ ଏଠାରେ ରୋଗୀ ସେବା ମିଳିବା କଷ୍ଟକର ହୋଇପଡୁଛି। ତେଣୁ ଗୁରୁତର ରୋଗୀ ଏହି ଚିକିତ୍ସାଳୟ ଉପରେ ଭରସା କରିପାରୁନଥିବା ପ୍ରାୟ ସମୟରେ ଚର୍ଚ୍ଚା ହେଉଛି।

ଏଠାକୁ ଆସିଲା ମାତ୍ର ରୋଗୀ ଅନୁଗୋଳକୁ ସ୍ଥାନାନ୍ତରିତ ହେବା ନିଶ୍ଚିତ ବୋଲି ସମସ୍ତଙ୍କ ମନରେ ଏଭଳି ଧାରଣା ସୃଷ୍ଟି ହେଲାଣି ଯେ, ରୋଗୀ ଏଠାକୁ ନଆସି ମୁଖ୍ୟ ଚିକିତ୍ସାଳୟକୁ ଚାଲିଯିବାକୁ ଶ୍ରେୟ ମଣୁଛନ୍ତି।

ତାଳଚେରର ଏକମାତ୍ର ବହୁ ପୁରାତନ ମଣ୍ଡପାଳ ସରକାରୀ ଡାକ୍ତରଖାନାକୁ ପୂର୍ବରୁ ତାଳଚେର ସମେତ ଏହାର ଆଖାପାଖ ଅଞ୍ଚଳ ରୋଗୀମାନେ ନିର୍ଭର କରି ଆସୁଥିଲେ। ଏପରିକି ବଡ ବଡ ଅପରେସନକୁ ମଧ୍ୟ ଏହି ଡାକ୍ତର ଖାନାରେ କରାଯାଉଥିଲା। କିନ୍ତୁ ପରିତାପର ବିଷୟ ଯେ ଏବେ ଡାକ୍ତରଖାନାରେ ଡାକ୍ତର ସହିତ ଆନୁସାଙ୍ଗିକ ଭିତିଭୂମି ଥିବା ବେଳେ ଡାକ୍ତରଙ୍କ ମନୋଭାବ ଅଭାବରୁ ଏଠାରୁ ରୋଗୀମାନେ ମୁହଁ ଫେରାଇ ନେଉଥିବା ଘଟଣା ଦେଖିବାକୁ ମିଳୁଛି। ତେଣୁ ଏହି କାରଣରୁ ସ୍ଥାନୀୟ ନେତୃତ୍ୱ ପ୍ରତି ସାଧରଣରେ ଚର୍ଚ୍ଚା ଜୋର୍ ଧରିଛି। ଦୈନିକ ୨ଶହରୁ ୪ଶହ ରୋଗୀ ପ୍ରତ୍ୟେକ ଦିନ ଏହି ଡାକ୍ତରଖାନାରେ ଚିକିତ୍ସା ହେବାକୁ ଆସିଥାନ୍ତି, ଏଠି ରୋଗୀମାନେ ଡାକ୍ତରଙ୍କୁ ଖୋଜନ୍ତି କିନ୍ତୁ କାର୍ଯ୍ୟରତ ଡାକ୍ତରଙ୍କୁ ପାଇଲେ କିଛି ଲାଭ ହୁଏ ନାହିଁ। କାରଣ ରୋଗୀଙ୍କୁ କେବଳ ନାଁ ଗାଁ ଟିପି ତତ୍କ୍ଷଣାତ୍ ରେଫର୍ କରନ୍ତି ଅନଗୁଳକୁ। ଝାଡ଼ା, ବାନ୍ତି, ଜ୍ୱରରେ ଲୋକେ ଆକ୍ରାନ୍ତ ହେଉଥିବା ବେଳେ ସେମାନେ ଉକ୍ତ ଡାକ୍ତରଖାନାକୁ ଗଲେ ଡାକ୍ତର ଚିକିତ୍ସା କରିବା ପରିବର୍ତ୍ତେ ବିଭିନ୍ନ ଚିକିତ୍ସାଳୟକୁ ପଠାଇ ଦେଇଥାନ୍ତି। ଏପରିକି, ଏଠାରେ ଲକ୍ଷଲକ୍ଷ ଟଙ୍କା ବିନିମୟରେ ରୋଗୀଙ୍କ ଉନ୍ନତସେବା ଓ ୨୪ଘଣ୍ଟା ଅକ୍ସିଜେନ୍ ଭଣ୍ଡାର ନିର୍ମାଣ କରାଯାଇଥିଲେ ହେଁ ଏହା କାମରେ ଆସୁନଥିବା ଅନେକ ଅଭିଯୋଗ କରନ୍ତି। ତୁରନ୍ତ ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପୋଷଣ ସମ୍ପର୍କିତ ତାଲିମ ଶିବିର




କିଶୋରନଗର,୧୭।୨(ସମିସ): କିଶୋରନଗର ବ୍ଲକ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ସଭାଘର ଠାରେ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ତାଲିମ ଶିବିର ଶୁଭାରମ୍ଭ ହୋଇ ଇଯାଇଛି। ଏଥିରେ ସିଡିପିଓ ଭାଗ୍ୟଲତା ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ ଯୋଗଦେଇ ଏହି ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଙ୍ଗନବାଡ଼ି କର୍ମୀ ବିନା ମୂଲ୍ୟ ଓ କମ୍ ମୂଲ୍ୟର ପ୍ରାକ ବିଦ୍ୟାଳୟ ଖେଳନା ପ୍ରସ୍ତୁତି, ଶିଶୁ ମାନଙ୍କୁ ସୁଖଦ ଲାଳନ ପାଳନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ସୁପରଭାଇଜର ଦେବକୀ ଦନ୍ତା, ଅସ୍ମିତା ସାହୁ, ରେଣୁବାଳା ବେହେରା ତାଲିମ ଦେଇଛନ୍ତି।ରାଜେଶ ଦେହୁରୀ, ସଞ୍ଜୀବ ସାହୁ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟ ଠପ୍; ବ୍ଲକ୍ କାର୍ଯ୍ୟାଳୟରେ ତାଲା




କଣିହାଁ,୧୭।୨(ସମିସ): କଣିହାଁ ବ୍ଲକ୍‌ରେ ଉନ୍ନୟନ କାମ ଅଚଳ ରହିଥିବା ଅଭିଯୋଗ କରି ବ୍ଲକ୍ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ସରପଞ୍ଚ ଓ ସମିତି ସଭ୍ୟମାନେ ମଙ୍ଗଳବାର ବ୍ଲକ୍ କାର୍ଯ୍ୟାଳୟକୁ ତାଲା ପକାଇ ପ୍ରତିବାଦ ଜଣାଇଥିଲେ। ଫଳରେ ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଅଭିଯୋଗ ଅନୁସାରେ, ବ୍ଲକ୍ ଅଧୀନରେ ପ୍ରସ୍ତାବିତ ହୋଇଥିବା ଅନେକ ଲୋକହିତକର ପ୍ରକଳ୍ପକୁ ଦୀର୍ଘଦିନ ଧରି ମଞ୍ଜୁରି ମିଳୁନାହିଁ। ଯେଉଁ କାମ ହୋଇଛି, ସେଥିରେ ମଧ୍ୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅବଗତ କରାଯାଉନଥିବାରୁ ପାରଦର୍ଶିତା ଉପରେ ପ୍ରଶ୍ନ ଉଠିଛି। ବ୍ଲକ୍ ଅଧ୍ୟକ୍ଷ କହିଛନ୍ତି, ୧୯ ମାସ ହେଲା ସରକାର ଗଠିତ ହୋଇଥିବାବେଳେ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ୧୯ ମିଟର କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇନାହିଁ, ୧୯ଟି ଭତ୍ତା ମଞ୍ଜୁର ହୋଇନାହିଁ। ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ସରକାର ଅବହେଳା କରୁଛନ୍ତି। ସେ ଆହୁରି ସତର୍କ କରି କହିଛନ୍ତି, ଯଦି ଦାବିଗୁଡ଼ିକୁ ମାନି ଉନ୍ନୟନ କାମରେ ଉନ୍ନତି ନଆସେ, ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ।




# ଅଙ୍ଗପଡ଼ା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୧୭।୨(ସମିସ): କିଶୋରନଗର ବ୍ଲକ୍ ଅଙ୍ଗପଡ଼ା ପଞ୍ଚାୟତରେ ଗତ ସୋମବାର ଦିନ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ସରପଞ୍ଚ ଜିତେନ୍ଦ୍ର ସାହୁ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ, ଆରଡବ୍ଲୁଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବିପିସି (ସାନିଟେସନ) ଦିଲେଶ୍ୱର ସାହୁ, ବିପିସି(ଆର୍‌ଏଚ୍) ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ପିଇଓ କରୁଣା କର ବେହେରା ଓ ଏଡିଇଓ କ୍ଷୀରୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୦ରେ ଲିଙ୍ଗରାଯୋଡ଼ି ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଅନୁଗୋଳ,୧୭।୨(ସମିସ): ଅନୁଗୋଳ ସହର ଉପକଣ୍ଠ ଲିଙ୍ଗରାଯୋଡ଼ି ଗ୍ରାମବାସୀ ତଥା ଭକ୍ତବୃନ୍ଦଙ୍କ ସହାୟତାରେ ନବ ନିର୍ମିତ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଧାର୍ମିକ ବାତାବରଣରେ ୩ଦିନ ଧରି ପାଳନ କରିବାକୁ ଲଗ୍ନ ଧାର୍ଯ୍ୟ ହୋଇଛି। ୨୦ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ଟା ମଧ୍ୟେ ମାଙ୍ଗଳିକ କଳସ ଶୋଭାଯାତ୍ରା ପରେ ଅଧିବାସ, ଶାଳା ସଂସ୍କାର, କୁଣ୍ଡମଣ୍ଡପ ପୂଜା, ଯଜ୍ଞାରମ୍ଭ, ଦେବତାଙ୍କ ଜଳାଧିବାସ, ଆଳତି, ପୁଷ୍ପାଞ୍ଜଳି



ସମାପନ ହେବ। ୨୧ ତାରିଖ ଶନିବାର ପ୍ରାତଃ ସାଢ଼େ ୭ଟା ପରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦି ପୂଜା, ଦେବତାଙ୍କ ଦଶ ଅଧିବାସ କର୍ମ ଓ ମହାସ୍ନାନ କର୍ମ, ଆଳତି ଓ ପୁଷ୍ପାଞ୍ଜଳି ନୀତିକ୍ରାନ୍ତି ହେବ। ୨୨ତାରିଖ ରବିବାର ସକାଳ ସାଢ଼େ ୭ଟା ପରେ ସୂର୍ଯ୍ୟପୂଜା, ଗୋ ପୂଜା, ବିଗ୍ରହମାନଙ୍କ ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା ଏବଂ ବିଗ୍ରହଙ୍କ ନଗର ପରିକ୍ରମା ପରେ ଅପରାହ୍ନ ମଧ୍ୟେ ମନ୍ଦିରରେ ଦିଅଁ ପ୍ରବେଶ ଓ ମହାସ୍ନାନ ଉପଚାର ପୂଜା ପରେ ପୂର୍ଣ୍ଣାହୁତି ଆଳତି, ଚରୁ ବିତରଣ ହେବ। ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ତଥା ଗ୍ରାମବାସୀ ଉକ୍ତ ଧାର୍ମିକ ଉତ୍ସବରେ ଯୋଗଦେଇ ରାଧାକୃଷ୍ଣଙ୍କ କରୁଣାଭିଳାଷୀ ହେବାକୁ ଆଖପାଖ ଅଞ୍ଚଳର ଭକ୍ତବୃନ୍ଦଙ୍କୁ ଆମନ୍ତ୍ରଣ କରିଛନ୍ତି। ଉତ୍ସବରେ ପ୍ରତ୍ୟହ ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି ବୋଲି ଜଣାପଡ଼ିଛି।

## ଜିଲ୍ଲା ଆଇନ ସଚେତନତା ଶିବିର

# କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡନ ନେଇ ଆଲୋଚନା

ଅନୁଗୋଳ,୧୭।୨(ସମିସ): ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର, ଗାନ୍ଧୀମାର୍ଗ, ଅନୁଗୋଳଠାରେ "କର୍ମକ୍ଷେତ୍ରରେ ମହିଳା ମାନଙ୍କ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ, ବାଲ୍ୟବିବାହର ପ୍ରଭାବ ଓ ତାର ପ୍ରତିକାର, ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମଳାକାନ୍ତ ନାୟକ, ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ, ସୁବାସ ଚନ୍ଦ୍ର ସାହୁ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ସଦସ୍ୟ, ପରମାନନ୍ଦ ମିଶ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ପୂର୍ବତନ ସଦସ୍ୟ ତଥା ମିଡିଏଟର, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ଅନୁଗୋଳ, ଯୋଗେଶ୍ୱରୀ ବେହେରା, ଡିଏସ୍‌ପି, ଅନୁଗୋଳ ତଥା ଡନ୍ ଓ ଆଶା ୟୁନିଟ୍‌ର ସଦସ୍ୟ ଓ ମଧୁସ୍ମିତା ନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ, ଅନୁଗୋଳ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ "କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଏବ ପ୍ରତିକାର) ଅଧିନିୟମ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସମାଜରେ ନାରୀ ଓ ପୁରୁଷ ସମସ୍ତଙ୍କର ସମାନ ଅଧିକାର ରହିଛି। ନାରୀମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କୁ




ସମ୍ମାନର ସହିତ ବଞ୍ଚିବାକୁ ଦେବା ଉଚିତ୍। ବାଲ୍ୟ ବିବାହ ଆମ ସମାଜର ଏକ କଳଙ୍କ। ଏହାକୁ ରୋକିବା ଆମର ଦାୟିତ୍ୱ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କ ମାଗଣାରେ ଆଇନ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ୍‌ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି ଦ୍ୱାରା ଯୋଗାଇ ଦିଆଯାଇଥାଏ। ଏହା ବ୍ୟତୀତ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋସ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମା ସ୍ତରର ବିବାଦର ଆଶୁ, ସହଜ ଓ ସରଳ ସମାଧାନ କରାଯାଏ। ଆମ ଜିଲ୍ଲାରେ ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକର ସମାଧାନ ଆପୋସ ବୁଝାମଣା ଭିତ୍ତିରେ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ, ଅନୁଗୋଳ କାର୍ଯ୍ୟ କରୁଛି। ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ କରିବା ପାଇଁ ନାଲସା ହେଲ୍ପଲାଇନ ନମ୍ବର -୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ମଞ୍ଚାସୀନ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିର, ଗାନ୍ଧିମାର୍ଗ, ଅନୁଗୋଳର ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ ଓ ସର୍ବ ଶେଷରେ ବିଦ୍ୟାଳୟର ସହ-ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାଉନ୍‌ସୁଗର୍ ସହ ଯୁବକ ଗିରଫ

କଣିହାଁ,୧୭।୨(ସମିସ): କଣିହାଁ ବ୍ଲକ୍ ସମଲ ଥାନା ପୁଲିସ କୁଲେଇ ପଞ୍ଚାୟତ ଅଧୀନସ୍ଥ ଟୁମୁଗୋଳା ଅଞ୍ଚଳରେ ବିଳମ୍ବିତ ରାତ୍ରିରେ ପାଟ୍ରୋଲିଂବେଳେ ଜଣେ ଯୁବକଙ୍କୁ ଗିରଫ କରି ୭ ଗ୍ରାମ ବ୍ରାଉନ୍ ସୁଗର ଜବତ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ କୁଲେଇ ଗ୍ରାମର ନରେନ୍ଦ୍ର



କୁମାର ଦାସ (୩୬) ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ଗତକାଲି ସୋମବାର ରାତ୍ରିରେ ଯାନବାହନ ଯାଞ୍ଚ ସମୟରେ ସନ୍ଦେହଜନକ ଭାବେ ତଲାସୀ କରାଯାଇଥିଲା। ତଲାସୀରେ ପଲିଥିନ୍ ପ୍ୟାକେଟ୍‌ରୁ ୭ ଗ୍ରାମ ବ୍ରାଉନ୍‌ସୁଗର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ। ଏଥିସହିତ ଏକ ବାଇକ୍ (ଓଡ଼ି ୩୫ବି ୭୧୨୬), ୧୨୦୦ ଟଙ୍କା ଓ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଏ ନେଇ ଥାନା ପକ୍ଷରୁ କେସ ନଂ ୪୭/୨୬ରେ ମାମଲା ରୁଜୁ କରି ତଦନ୍ତ ଚାଲିଛି। ସମଲ ଆଇଆଇସିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ରାସ୍ତା ଓ ଡାକ୍ତରଖାନା ଗୃହର ଶିଳାନ୍ୟାସ

ଅନୁଗୋଳ,୧୭।୨(ସମିସ):

ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ



ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଜାତୀୟ ରାଜପଥ ୧୪୯ (ନାରଣଚନ୍ଦ୍ରପୁର ଗ୍ରାମ) ଠାରୁ ଶାଳଗଡ଼ିଆ ଦେଇ ଗୋଡାମରା ଗ୍ରାମ ଶ୍ମଶାନ ୩.୩୫ କିଲୋମିଟର ପର୍ଯ୍ୟନ୍ତ ଓ ଡାକ୍ତରଖାନା ଗୃହର ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମଞ୍ଜୁର ୪ କୋଟି ୭୧ ଲକ୍ଷ ୩୭ ହଜାର ଟଙ୍କା ବିନିମୟରେ କାର୍ଯ୍ୟକାରୀ ହେବାକୁ ଥିବା ଗ୍ରାମ୍ୟ ଉନ୍ନୟନ ସଡ଼କର ଶିଳାନ୍ୟାସ କରିବା ସହିତ ମା ବ୍ରାହ୍ମଣୀ ପୀଠରେ ହାଇମାଷ୍ଟ ଲାଇଟର ଶୁଭ ଉଦ୍‌ଘାଟନ କରିଥିଲେ। ଶିଳାନ୍ୟାସ କରିବା ଅବସରରେ ଶ୍ରୀ ପ୍ରଧାନ ଏହି ରାସ୍ତା କାର୍ଯ୍ୟ ସମ୍ପନ୍ନ ହେଲେ ଗ୍ରାମପଞ୍ଚାୟତ ଗୁଡ଼ିକରେ ବସବାସ କରୁଥିବା ଜନସାଧାରଣଙ୍କ ଗମନାଗମ ସୁବିଧା, ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ପରିଲିକ୍ଷିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା କାର୍ଯ୍ୟକାରୀ ହୋଇପାରିବ ବୋଲି ନିଜର ବ୍ୟକ୍ତବ୍ୟରେ କହିଥିଲେ। ବଅଁରପାଳ ଠାରେ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୬୬ ଲକ୍ଷ ୯୭ ହଜାର ଟଙ୍କା ବିନିମୟରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ଗୃହର ଶିଳାନ୍ୟାସ କରିବା ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ସମସ୍ତ ରୋଗୀ ଉଚିତ ସେବା ପାଇପାରିବେ ବୋଲି ଆଶା ପ୍ରକଟ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯନ୍ତ୍ରୀ ହରିଶ ଦେହୁରୀ, ଛବି ମୋହନ ସାହୁ, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ବଅଁରପାଳ ମଣ୍ଡଳର ସଭାପତି ସୁବ୍ରତ ସାହୁ, ଅଶୋକ ଧୀର, କୁଶଧର ସାହୁ, ଆଲୋକ ସାହୁ, ନୃସିଂହ ସାମଲ, ଭୋଗବେରେଣୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଚ୍ୟାପଲିନ ସାହୁ, ସୁଶାନ୍ତ ସାମଲ, ଓକିଲ ହେମନ୍ତ ସାହୁ, ଗୋକୁଳାନନ୍ଦ ଲେଙ୍କା, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରଭାତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ



ଅନୁଗୋଳ,୧୭।୨(ସମିସ): ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି ଫୁଲପାଳ ଠାରୁ କୁରୁମମୁଣ୍ଡା ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କା, ବଳାସିଂହା ସାପ୍ତାହିକ ହାଟର ୧୦ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତି କରଣ, ସନ୍ତୋଷ ବାରିକ ଘର ଠାରୁ ଅଭିରାମ ମଠ ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କା ବିନିମୟରେ ରାସ୍ତା, ସୁରାବ ବେଗୁନିଆ ବାହାଲ ଠାରୁ ବାଲିସାହି ଦୋଳ ମଣ୍ଡପ ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କା ବିନିମୟରେ ରାସ୍ତା ଓ ଏହିପରି ୩ କୋଟି ଟଙ୍କା ବିନିମୟରେ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ଜିଲ୍ଲା ଖଣିଜ ପାଣ୍ଠି ଓ ବିକଶିତ ଗାଁ ବିକଶିତ ଓଡ଼ିଶା ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶିରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରି ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଦେବା ସହିତ ଜିଲ୍ଲା ପ୍ରଶାସନକୁ ବହୁତ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଅନୁଗୋଳ ପୌରପାଳିକାର ଉପନଗରପାଳ ଅନୁପମା ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଡାକ୍ତର ବିଶ୍ୱଭୂଷଣ, ବିଜେପି ନେତା ଦୁଃଖବନ୍ଧୁ ସାହୁ, ମନୋରଞ୍ଜନ ଜେନା, ଅଣ୍ଟୁଗୋଳ ବ୍ଲକ ଶିକ୍ଷାଧିକାରୀ ଅଶୋକ ପ୍ରଧାନ, ବିଜେପି ନେତା ମନୋଜ ସାହୁ, ପ୍ରତାପ ଦେହୁରୀ, ପଙ୍କଜ ସାହୁ, ସନାତନ ପ୍ରଧାନ, ସୁନିଆ ବେହେରା, ବିକାଶ ବେହେରା, ନରହରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ଯୁକ୍ତ-୨ ପରୀକ୍ଷା, ଏଆଇ କ୍ୟାମେରା ନଜରରେ ହବ୍

ସମ୍ବଲପୁର, ୧୭।୨ (ସମିସ): ଆସନ୍ତାକାଲିଠାରୁ ବିଜ୍ଞାନ ସ୍ରୋତର ମାତୃଭାଷା (ଓଡ଼ିଆ) ପରୀକ୍ଷା ସହ ଆରମ୍ଭ ହେଉଛି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ଯୁକ୍ତ-୨ ପରୀକ୍ଷା। ସମ୍ବଲପୁର ଜିଲ୍ଲାରେ ୫୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୮୩୫ ପରୀକ୍ଷାର୍ଥୀ ୪୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଏହାବ୍ୟତୀତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସବ୍-ସେଣ୍ଟର ଭାବରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପରୀକ୍ଷା କେନ୍ଦ୍ର ରହିଛି। ଚଳିତବର୍ଷ ଜିଲ୍ଲାରେ କଳାରେ ୬୨୪୩ ଜଣ ରେଗୁଲାର (୩୧୦ ଏକ୍ସ-ରେଗୁଲାର), ବିଜ୍ଞାନରେ ୩୨୧୨ ଜଣ ରେଗୁଲାର (୧୮୪ ଏକ୍ସ-ରେଗୁଲାର) ଏବଂ ବାଣିଜ୍ୟରେ ୮୩୮ ଜଣ ରେଗୁଲାର (୪୮ ଏକ୍ସ-ରେଗୁଲାର) ଏହିପରି ମୋଟ ୧୦୮୩୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଆସନ୍ତା ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ।

ଜିଲ୍ଲାର ୬ଟି ପରୀକ୍ଷା ପରିଚାଳନା ହବ୍‌ମାନଙ୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି। ପ୍ରଥମ ପର୍ଯ୍ୟାୟର ପ୍ରଶ୍ନପତ୍ର ଆସି ପହଞ୍ଚିଯାଇଛି। ଏହାବ୍ୟତୀତ ହବ୍ ମାନଙ୍କରେ ପରିଷଦ ପକ୍ଷରୁ କୃତ୍ରିମ ବୁଦ୍ଧିମତା ବା 'ଏଆଇ' କ୍ୟାମେରା ଲଗାଯାଇଛି। ଭୁବନେଶ୍ୱରସ୍ଥିତ ନିୟନ୍ତ୍ରଣ କକ୍ଷରୁ ତାହାକୁ ପରିଚାଳନା କରାଯାଉଛି। ପରୀକ୍ଷା ପରିଚାଳନା ହବ୍ ଗୁଡ଼ିକ ହେଲା - ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲଇଡ଼ା, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଚିଣ୍ଡା, ଟ୍ରଷ୍ଟଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାମରା ଓ ଭୀମଭୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେଢ଼ାଖୋଲ। ପ୍ରତି ପରୀକ୍ଷା ଦିନ ସକାଳୁ ହବ୍ ଅନ୍ତର୍ଗତ ପରୀକ୍ଷା କେନ୍ଦ୍ର ଗୁଡ଼ିକୁ ପ୍ରଶ୍ନପତ୍ର ଡେସପାଚ୍ କରାଯିବ। ଏହା ସକାଳ ସାଢ଼େ ୮ଟା ସୁଦ୍ଧା ପହଞ୍ଚିବା ନିୟମ ରହିଛି। ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେଉଛି। ସ୍ୱତନ୍ତ୍ର ଅବ୍‌ଜରଭର୍ ପ୍ରଶ୍ନପତ୍ର ନେଇକି ଯିବେ ଏବଂ ସିଲ୍ ହୋଇ ଉତ୍ତରପତ୍ର ନେଇକି ଆସି ହବ୍‌ରେ ଜମା କରିବେ। ସମସ୍ତ ପରୀକ୍ଷା କେନ୍ଦ୍ର ମାନଙ୍କରେ ସିସିଟିଭି କ୍ୟାମେରା ଖଞ୍ଜା ଯିବାସହ ତାହା ଲାଇଭ୍‌ଷ୍ଟ୍ରିମିଂ ହେଉଛି।

## ପୂର୍ବତନ ଶିକ୍ଷକଙ୍କ ପରଲୋକ



ସମ୍ବଲପୁର, ୧୭।୨ (ସମିସ) : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବିବେକାନନ୍ଦ ମାହାରଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ୧୯୯୪ ରୁ ୧୯୯୬ ମସିହା ପର୍ଯ୍ୟନ୍ତ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ମଙ୍ଗଳବାର ପୂର୍ବତନ ଶିକ୍ଷକ ରାଧାଚରଣ ମେହେରଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଶିକ୍ଷକ ଭଗିରଥ ପ୍ରଧାନ, ହୃଷିକେଶ ବଢ଼େଇ, ଦୋଳଗୋବିନ୍ଦ ସାହୁ, ବିହାରୀଲାଲ ମହାନ୍ତି, ଅଚ୍ୟୁତାନନ୍ଦ ପଟେଲ, ସିଭିଲ ନାଏକ, ସୁଷମା ଗୁରୁ, ପ୍ରତିଭା ମିଶ୍ର, ପ୍ରଦ୍ୟୋତ ମିଶ୍ର, ରାମେଶ୍ୱର ପାଢ଼ୀ, ସାହେବ ଖମାରୀ ଓ ଶିକ୍ଷକ ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆତ୍ମାର ସଦ୍‌ଗତି ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା।

### ଘରେ ପଶି ସୁନାଅଳଙ୍କାର ଚୋରି ଘଟଣା

# ଅଭିଯୁକ୍ତ ଯାଯାବର ଠିକଣା ପାଉନି ପୁଲିସ


ସମ୍ବଲପୁର,୧୭।୨(ସମିସ):

ଗତ ୧୧ ତାରିଖ ସଦର ଥାନା ମାନେଶ୍ୱରର ଏକ ଘରୁ ଦିନ ସାଢେ ୧୧ଟା ବେଳେ ୬ ଜଣିଆ ଯାଯାବର ଗ୍ରୁପ କେହି ନଥିବା ବେଳେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିଲେ। ଏନେଇ ଥାନାରେ ମନିଶା ସିଂ ଅଭିଯୋଗ ମଧ୍ୟ କରିଥିଲେ। ଘଟଣାକୁ ୬ଦିନରୁ ଅଧିକ ହେଲାଣି କିନ୍ତୁ ସଦର ଥାନା ପୁଲିସ ଏବେ ଯାଏଁ ଉକ୍ତ ଯାଯାବରଙ୍କ ଠିକଣା ପାଉନାହି। ଘରେ ପସି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲେ ମଧ୍ୟ ପୁଲିସ କିପରି ଘଟଣାକୁ ହାଲୁକାରେ ନେଉଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ସବୁଆଡେ ଖୋଜୁଛି କିନ୍ତୁ ପାଉନଥିବା କହୁଛି ବୋଲି ଖୋଦ ଅଭିଯୋଗକାରିଣୀ କହିଛନ୍ତି। ଜୀବନର ସର୍ବସ୍ୱ ହରାଇ ମନିଶା କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଦିନ ବେଳା ଘରୁ ଚୋରି ହେଲା। ଅଭିଯୁକ୍ତମାନେ ଘରେ ପସି ସୁନା ରୂପା ସବୁ ଲୁଟିନେଲେ। ହେଲେ ପୁଲିସ ଏବେ ଯାଏଁ କାହାକୁ ଧରିପାରୁନାହି। ସେ ନିଜେ ଅନେକ ସ୍ଥାନକୁ ଯାଇ ନିଜେ ଖୋଜୁଥିବା କହିଛନ୍ତି। ବିଭିନ୍ନ ସ୍ଥାନରୁ ଖବର ପାଇ ଯୁଯୁମୁରା, ହୁମା, ମେଟାକାନୀ ଆଦି ଅଞ୍ଚଳକୁ ଯାଇଥିଲେ। ସେଠାରେ ମଧ୍ୟ ବିଭିନ୍ନ ସ୍ଥାନରେ ଅଭିଯୁକ୍ତଙ୍କ ଫୋଟ ଦେଖାଇ ଖୋଜାଖୋଜି ମଧ୍ୟ କରିଥିଲେ। ହେଲେ ଯାଯାବରଙ୍କ କୌଣସି ଠିକଣା ପାଇନଥିଲେ। ପୁଲିସ ଖାମଖିଆଲ ଢଙ୍ଗରେ ଖୋଜୁଛୁ କହି କଥା ସାରି ଦେଉଥିବା ଅଭିଯୋଗ କରିଛନ୍ତି। ଆଜି ମଧ୍ୟ କିଛି ଲୋକ ତାଙ୍କ ଅଞ୍ଚଳରେ ବୁଲୁଥିଲେ। ଏପରିକି ପାଣି ପିଇବା ବାହାନାରେ କିଛି ଘରକୁ ମଧ୍ୟ ପଶିଥିଲେ। ହେଲେ ସ୍ଥାନୀୟ ଲୋକ ଦେଖିଥିବାରୁ ସେମାନେ ପାଣି ପିଇବା କହି ଦୌଡି ପଳାଇଥିଲେ। ସୂଚନା ଅନୁସାରେ ଘରେ କେହିନଥିବା ବେଳେ ୬ଜଣିଆ ଯାଯାବର ଗ୍ରୁଫ ଆଲମାରି ଭାଙ୍ଗି ଭିତରୁ ୫୦ରୁ ୬୦ ଗ୍ରାମ ସୁନା ଅଳଙ୍କାର, ୫ଶହ ଗ୍ରାମରୁ ଅଧିକ ରୂପା ଓ ୧୩ ହଜାର ଟଙ୍କା ନେଇଯାଇଥିଲେ। ସିସିଟିଭି ଆଧାରରେ ଦୁଇ ଜଣ ମହିଳା, ୩ଜଣ ଶିଶୁ ଓ ଜଣେ ପୁରୁଷ ରହିଥିବା ଜଣାପଡିଛି। ପ୍ରକାଶ ଥାଉକି ଭିକ ମାଗିବା ବାହାନାରେ ସହରର ବିଭିନ୍ନ ଅଞ୍ଚଳ ଯାଯାବରମାନେ ବୁଲୁଛନ୍ତି। କେଉଁ ଘରେ ଲୋକେ କେତେବେଳେ ରହୁନାହନ୍ତି, ବାହାରକୁ କେଉଁ ସମୟରେ ବାହାରକୁ ଯାଉଛନ୍ତି, କେତେବେଳ ଘରକୁ ଫେରୁଛନ୍ତି ଏ ନେଇ ରେକି କରୁଛନ୍ତି। ପରେ ଦିନ ବେଳେ ଭିକ ମାଗିବା ବାହାନାରେ ଘରକୁ ଯାଉଛନ୍ତି। ଘରେ କେହି ନଥିଲେ, ବାହାରେ କିଛି ଲୋକ ରହୁଛନ୍ତି ଓ ଅନ୍ୟ କେତେଜଣ ଭିତରକୁ ଯାଇ ସର୍ବସ୍ୱ ଲୁଟି ନେଉଛନ୍ତି। ସଦର ପୁଲିସ ଏ ଘଟଣା ଗୁରୁତର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ମନିଶା ଦାବି କରିଛନ୍ତି। ଚୋରି ସମସ୍ତ ସୁନା ଅଳଙ୍କାର କିଭଳି ଫେରି ପାଇବେ ପୁଲିସକୁ ଅନୁରୋଧ କରିଛନ୍ତି।

### ଅଭିଯୋଗକାରିଣୀ ବିଭିନ୍ନ ସ୍ଥାନକୁ ଯାଇ ନିଜେ ଖୋଜୁଛନ୍ତି

## କୁଚିଣ୍ଡା ସହରରୁ ଦେଶୀ ମଦଭାଟି ସ୍ଥାନାନ୍ତର ଦାବି

କୁଚିଣ୍ଡା,୧୭।୨(ସମିସ): କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ ୩ଓ ୪ ମଧ୍ୟରେ ବହୁ ଦିନ ଧରି ଏକ ଦେଶୀ ରନ୍ଧା ମଦ ଭାଟି ରହିଛି। ଏହି ମଦ ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟଲୋକ ବହୁ ଦିନ ଧରି ଦାବି ରଖି ରଖି ଶେଷରେ ନିରାଶ ହେଲେ। ମଦ ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ସମ୍ବଲପୁର ଜିଲ୍ଲାପାଳ, କୁଚିଣ୍ଡା ଉପଜିଲ୍ଲାପାଳ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ବହୁବାର ନିବେଦନ କରିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେଇ କେବଳ ମାର୍ଚ୍ଚ ମାସ ଆସିଲେ ଆଉ ଅନୁମତି ନଦେଇ ଅନ୍ୟତ୍ର ସ୍ଥାନାନ୍ତରଣ କରିବା କହି ଆଶ୍ୱାସନା ଦେଇ ଦେଇ ଆଜି ପର୍ଯ୍ୟନ୍ତ ଏହାର କିଛି ସମାଧାନ ହୋଇ ପାରିଲା ନାହିଁ। ସହର ମଧ୍ୟରେ ଏହି ଭାଟି ରହିବା ଦ୍ୱାରା ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି ହେବା ସହ ରନ୍ଧା ସମୟରେ ଏହାର ପ୍ରବଳ ଗନ୍ଧରେ ନାକ ଫାଟି ପଡୁଛି। ଏହି ରାସ୍ତା ଉପରେ ସଦା ସର୍ବଦା ମଦ୍ୟପଙ୍କ ଚଳ ପ୍ରଚଳ ହେତୁ ସ୍କୁଲ,କଲେଜ ଛାତ୍ରଛାତ୍ରୀ , ମହିଳା ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ରନ୍ଧା ମଦ ଭାଟି ସହର ମଧ୍ୟରେ ରହିଥିବାରୁ ପ୍ରତ୍ୟେକ ଦିନ କିଛି ପରିବାରକୁ ଉଜାଡୁ ଥିବା ବେଳେ କିଛି ପରିବାରରେ ସର୍ବଦା ଗଣ୍ଡଗୋଳ ଲାଗି ରହିଛି। ବହୁ ସମୟରେ ମଦ୍ୟପ ନିଶାସକ୍ତ ଅବସ୍ଥାରେ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରୁଥିବାରୁ ସ୍ଥାନୀୟ ଲୋକ ଅତିଷ୍ଠ ହୋଇଗଲେଣି। ଦେଶୀ ମଦ ଭାଟିକୁ ସ୍ଥାନାନ୍ତର ପାଇଁ ବହୁ ବ୍ୟକ୍ତି ଅନେକ ଥର ଅଣ୍ଟା ଭିଡ଼ିଥିବା ବେଳେ ଭାଟି ମାଲିକ ଓ କର୍ମଚାରୀ କିଛି ଲୋକଙ୍କୁ ଟଙ୍କ ଓ ମଦ ଦେଇ ନିଜ ସପକ୍ଷରେ ନେଇ ଯାଇ ପୁଣି ଚୁପ୍ କରାଇ ଦେବାରେ ସକ୍ଷମ ହୋଇଥାନ୍ତି। ସହର ମଧ୍ୟରୁ ଦେଶୀ ଭାଟି ସ୍ଥାନାନ୍ତରଣ ପାଇଁ ବହୁ ବ୍ୟକ୍ତି ମହିଳା ସଙ୍ଗଠନ ଅଣ୍ଟା ଭିଡ଼ିଲେଣି। ମଦ ଭାଟି ମାଲିକ କେବଳ ନିଜର ସରକାରୀ ପଞ୍ଜୀକୃତ ବିକ୍ରୟ କେନ୍ଦ୍ରରେ ମଦ ଯୋଗାଇବା କଥା ହେଲେ ବଡି ଭୋରରୁ ପିକଅପ୍‌ରେ କୁଚିଆ ମାନଙ୍କୁ ଘର ଘର ଯାଇ ପହଞ୍ଚାଇ ଦେଉଛନ୍ତି। ତୁରନ୍ତ ସହର ମଧ୍ୟରୁ ଦେଶୀ ରନ୍ଧା ମଦଭାଟି ସ୍ଥାନାନ୍ତରଣ କରାଗଲେ ଅତ୍ୟନ୍ତ ପକ୍ଷେ ଉକ୍ତ ୱାର୍ଡ ଗୁଡ଼ିକରେ ସୁସ୍ଥ ବାତାବରଣ ସୃଷ୍ଟି ହେବା ସହ ମଦପ୍ୟଙ୍କ ଦୌରାତ୍ମ୍ୟରୁ ଲୋକେ ଶାନ୍ତି ପାଇପରନ୍ତେ । ପ୍ରଶାସନ ତୁରନ୍ତ ମଦଭାଟି ସ୍ଥାନାନ୍ତର ବ୍ୟବସ୍ଥା ନକଲେ ସ୍ଥାନୀୟ ଲୋକ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



## ବିଜେଡି ବରିଷ୍ଠ ନେତାଙ୍କ ବିୟୋଗରେ ଶୋକସଭା



ରେଢ଼ାଖୋଲ,୧୭।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଜେଡ଼ି କାର୍ଯ୍ୟାଳୟରେ ବିଜେଡି ବରିଷ୍ଠ ନେତା ଧନେଶ୍ୱର ଜେନାଙ୍କ ବିୟୋଗରେ ରେଢ଼ାଖୋଲ ବିଜେଡି ପକ୍ଷରୁ ପକ୍ଷରୁ ଏନ୍‌ଏସି ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ଧନେଶ୍ୱର ଜେନାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଅତିଥିମାନେ ସ୍ୱର୍ଗତ ବରିଷ୍ଠ ନେତାଙ୍କ ସ୍ମୃତି ଚାରଣ କରିଥିଲେ। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ଧନେଶ୍ୱର ଜେନାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସଭାରେ ବିଜୁ ଯୁବ ଜନତା ଦଳର ନଗର ସଭାପତି ବିକାଶ ଦାସ, ବିଜୁ ଛାତ୍ର ଜନତା ଦଳର ନଗର ସଭାପତି ଶିବଶମ୍ଭୁ ନନ୍ଦ, କାଉନସିଲର ସୁଧାଂଶୁ ଅମାତ, ବରିଷ୍ଠ ନେତା ଖିରୋଦ ଖିଲାରୀ, ସନ୍ୟାସୀ ନାୟକ, ବିରିକ ବହାଦୁର, ଦିଲୀପ ପ୍ରଧାନଙ୍କ ସହ ଯୁବନେତା ଖେଳନିଧି ପ୍ରଧାନ, ରଂଜିତ ଖାନସମା, ଡାନି ପ୍ରଧାନ, ଦତ୍ତ ବିଶ୍ୱାଳ, ଶଶାଙ୍କ ଗିରି ପ୍ରମୁଖ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅତ୍ମାର ସଦଗତି କାମନା କରିଥିଲେ। ନାରୀନେତ୍ରୀ ଡ଼ଃ ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

### ଶେଷ ଯାତ୍ରାରେ ରାସେଶ୍ୱରୀ

# ସମ୍ବଲପୁରରେ ଶୋକର ଛାୟା







### ଲେଡିଲୁଇସ ବାଳିକା ହାଇସ୍କୁଲ

ସମ୍ବଲପୁର, ୧୭।୨ (ସମିସ) :

ସ୍ଥାନୀୟ ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହାଙ୍କ ନେତୃତ୍ୱରେ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ଛାତ୍ରୀମାନଙ୍କ ଉପସ୍ଥିତିରେ ସମୂହ ନୀରବ ପ୍ରାର୍ଥନା ଏବଂ ଶୋକ ପ୍ରକାଶ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କ ଉପସ୍ଥିତି, ଶୁଭେଚ୍ଛା ତଥା ଆର୍ଥିକ ସହାୟତା ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

### 'ସେତୁ', ସମ୍ବଲପୁର

ଅଗ୍ରଣୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ତାଙ୍କ ବାସଭବନରେ ଅନ୍ତିମ ଦର୍ଶନ କରିବାସହ ରାଜଘାଟଠାରେ ଶେଷକୃତ୍ୟରେ ସାମିଲ ହୋଇଥିଲେ। ଅନୁଷ୍ଠାନ ପକ୍ଷରୁ ଆଭାସି ଜରିଆରେ ଏକ ଶୋକସଭା କରାଯାଇ 'ସେତୁ' ଅନୁଷ୍ଠାନର ଶୁଭେଚ୍ଛୁ ତଥା ମାର୍ଗଦର୍ଶକ ଡା. ପାଣିଗ୍ରାହୀଙ୍କ ଜୀବନାଦର୍ଶ ବିଷୟରେ ସ୍ମୃତିଚାରଣ କରାଯାଇଥିଲା। ଶୋକସଭାରେ ଅନୁଷ୍ଠାନର ସଭାପତି ଡ. ମୀନକେତନ ପାଠୀ, ସମ୍ପାଦକ ହରିନାରାୟଣ ପଣ୍ଡା, ଡା. ରମାବଲ୍ଲଭ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ବିଦ୍ୟାର୍ଣ୍ଣ ପଣ୍ଡା, ସୁକାନ୍ତ କର, ରବିନାରାୟଣ ପ୍ରଧାନ, ଜୟକୃଷ୍ଣ ବେହେରା, ଅନନ୍ୟା ବେହେରା, ସୁବ୍ରତ ପଟ୍ଟନାୟକ ପ୍ରମୁଖ ବହୁ ସଭ୍ୟସଭ୍ୟା ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ତ୍ୟାଗ ପରିବାର, ବୁର୍ଲା

ପୂର୍ବତନ ବିଧାୟିକା, ବିଶିଷ୍ଟ ସମାଜସେବୀ ତଥା ଚିକିତ୍ସକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗ ସମ୍ବଲପୁର ତଥା ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ତ୍ୟାଗ ପରିବାର ପକ୍ଷରୁ ଦୁର୍ଗା ପାଢ଼ୀ ପ୍ରକାଶ କରିଛନ୍ତି। ଡା. ପାଣିଗ୍ରାହୀ ରକ୍ତଦାନ ସଂସ୍ଥା 'ତ୍ୟାଗ'ର ଜଣେ ସକ୍ରିୟ ସହଯୋଗୀ ଓ ପ୍ରଶଂସକ ଥିଲେ। ରକ୍ତଦାନର ପ୍ରଚାର ପ୍ରସାର ଓ ସ୍ୱେଚ୍ଛାସେବୀ ପ୍ରସ୍ତୁତ କରିବାରେ ତାଙ୍କ ଅବଦାନ ଚିରସ୍ମରଣୀୟ। ତାଙ୍କର ଜୀବନବ୍ୟାପୀ ଉତ୍ସର୍ଗୀକୃତ ସମାଜ ସେବା ଓ ରୋଗୀ ସେବା ପାଇଁ 'ତ୍ୟାଗ' ତାଙ୍କୁ ବୁର୍ଲା ସମ୍ମାନ ଓ ନୂଆଁଖାଇ ସମ୍ମାନରେ ସମ୍ମାନିତ କରିଥିଲା। ତ୍ୟାଗ ପରିବାର ପକ୍ଷରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଆଭାସି ମାଧ୍ୟମରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ପ୍ରଫେସର ନକୁଳ ପ୍ରସାଦ ଚୌଧୁରୀ, ପ୍ରଫେସର ଆଶୁତୋଷ ନାୟକ, ଉପସଭାପତି ରତ୍ନଭୂଷଣ ପୁରୁଷୋଠ, ମହେନ୍ଦ୍ର ମିଶ୍ର, ନରେନ୍ଦ୍ର ମିଶ୍ର, ବାସନ୍ତୀ ବିଶ୍ୱାଳ, ଅନୁରାଧା ପଟ୍ଟନାୟକ, ରାଜେନ୍ଦ୍ର ପାଢ଼ୀ, ପ୍ରଫୁଲ୍ଲ ସାହୁ, ସନ୍ତୋଷ କାନୁନଗୋ, ବିଜୟ ମିଶ୍ର, ଅଶ୍ୱିନୀ ମିଶ୍ର ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଏହି ଅନୁଷ୍ଠାନର ସଭାପତି ମଧ୍ୟ ଥିଲେ। ତାଙ୍କ ବିୟୋଗ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା।

### ବୈଦ୍ୟ ବିକାଶ ହସ୍ପିଟାଲ, ପାଞ୍ଚଗଛିଆ

ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ବୈଦ୍ୟ ବିକାଶ ହସ୍ପିଟାଲ ପକ୍ଷରୁ ଅଧ୍ୟକ୍ଷ ଜି ଭାସ୍କର ରାଓ ଗଭୀର ଶୋକପ୍ରକାଶ କରି କହିଛନ୍ତି ଯେ ତାଙ୍କର ଦେହାନ୍ତ ଚିକିତ୍ସା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଡା. ପାଣିଗ୍ରାହୀ ତାଙ୍କର ଦୀର୍ଘ ସେବା ଜୀବନରେ ଅନେକ ରୋଗୀଙ୍କୁ ସୁସ୍ଥତା ଓ ଆଶାର ଆଲୋକ ଦେଇଥିଲେ। ତାଙ୍କର ନିଷ୍ଠା, କରୁଣାମୟ ଆଚରଣ ସଦାସ୍ମରଣୀୟ ହୋଇରହିବ। ସେ କେବଳ ଜଣେ କୁଶଳୀ ଡାକ୍ତର ନୁହେଁ, ବରଂ ଜଣେ ଉତ୍ତମ ମଣିଷ ଭାବେ ସମସ୍ତଙ୍କ ହୃଦୟରେ ଅମର ରହିବେ। ବୈଦ୍ୟ ବିକାଶ ହସ୍ପିଟାଲ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

### ସମ୍ବଲପୁର ପବ୍ଲିକ ଲାଇବ୍ରେରୀ

ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ ପୂର୍ବକ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସଭ୍ୟସମ୍ପାଦକ ରଘୁନାଥ ମିଶ୍ର ଶୋକ ପ୍ରସ୍ତାବ ଆଗତ କରିବାପରେ ପ୍ରଫେସର ପାଢ଼ୀ, ଡାକ୍ତର ନାରାୟଣୀ ପଣ୍ଡା, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଦୀପ ପଣ୍ଡା, ପ୍ରଫେସର ସଚିନ୍ଦ୍ର ମିଶ୍ର, ପୃଥ୍ୱୀରାଜ ମିଶ୍ର, ଶିବଶଙ୍କର ଷଡ଼ଙ୍ଗୀ, ପ୍ରଦ୍ୟୋତ ମିଶ୍ର, ପ୍ରମୋଦ ପଟ୍ଟନାୟକ, ପ୍ରମୋଦ ମିଶ୍ର, ଲକ୍ଷ୍ମୀପ୍ରିୟା ମହାରଣା ଓ ଉଦିତଚନ୍ଦ୍ର ପାଟଯୋଶୀ ପ୍ରମୁଖ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଓଡ଼ିଶା ସାଂସ୍କୃତିକ ସମାଜ

ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ପକ୍ଷରୁ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ପ୍ରାରମ୍ଭରେ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମ୍ବଲପୁର ତଥା ଓଡ଼ିଶାର ଏକ ନୈସର୍ଗିକ ଆତ୍ମାର ଅବସାନ ହେଲା ବୋଲି କହିଥିଲେ। ଡାକ୍ତର କବୀର ପୁରୋହିତ ନାନୀଙ୍କ ରୋଗ ତଥା ଚିକିତ୍ସା ଉପରେ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଡାକ୍ତର ସୁରେଶ ଚନ୍ଦ୍ର ଦାନୀ, ଅରବିନ୍ଦ ମହାପାତ୍ର, ଅର୍ଜୁନ ରଞ୍ଜନ ପଣ୍ଡା, ରତ୍ନ ଭୂଷଣ ପୁରୁଷୋଠ, ଡ. ସଂଗୀତା ନାୟକ, ନରେନ୍ଦ୍ର ପାଣିଗ୍ରାହୀ, ବୈକୁଣ୍ଠ ପାଣିଗ୍ରାହୀ, ସଞ୍ଜୟ ବାବୁ, ବୋଧରାମ ଦାଶ, ହେରମ୍ବ ଚନ୍ଦ୍ର ଦାନୀ, ବେଣୁମାଧବ ପଣ୍ଡା, ରାଜଲକ୍ଷ୍ମୀ ପ୍ରଧାନ, ସୂର୍ଯ୍ୟ ପାଣିଗ୍ରାହୀ, ସୌରୀ ପାଣିଗ୍ରାହୀ, ଦିଲୀପ ବଘାର, ବିବେକାନନ୍ଦ ମହାନ୍ତି, ଅଖିଳ ରଞ୍ଜନ ପଟ୍ଟନାୟକ, ଦୀପକ ପଣ୍ଡା, ସୁବାସ ପାଣିଗ୍ରାହୀ, ସୁବାସ ନନ୍ଦ ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଯୁବ ଉଦୟନ

ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ଝାଡୁଆପଡାର 'ଯୁବ ଉଦୟନ' ଅନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥସାରଥୀ ମିଶ୍ର, ଜଗଦୀଶ ମିଶ୍ର, ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସଦସ୍ୟଗଣ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାଣରଞ୍ଜନ ପଣ୍ଡା, ସୁଭେନ୍ଦ୍ର ପଣ୍ଡା, ମୁକେଶ ସରାଫ, ନଭକେଶ ପ୍ରସାଦ ସାହୁ, ସୀତାକାନ୍ତ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ସରୋଜ ସାହୁ, ବାବୁଲୁ ପୁରୋହିତ ଏବଂ ସମ୍ପାଦକ ଅଭିଷେକ ମିଶ୍ର ପ୍ରମୁଖ ସ୍ୱର୍ଗତ ଡା. ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।





## ଷ୍ଟକ୍ ମାର୍କେଟ୍ ଓ ଟ୍ରେଡିଂ ଆଳରେ ଠକେଇ

# ପୁଣି ବନ୍ଧା ହେଲେ ୫ ସାଇବର୍ ଲୁଟେରା

ଭୁବନେଶ୍ୱର/କଟକ, ୧୭ ।୨(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ଆନ୍ତଃରାଜ୍ୟ ସାଇବର ଲଟ୍ ଘଟଣାରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଜି ଆଉ ୫ଜଣଙ୍କୁ ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ

- ପୂର୍ବରୁ ୯ ଜଣଙ୍କୁ ଗିରଫ କରିଥିଲା ସାଇବର ଥାନା ପୁଲିସ
- ୫ଟି ବ୍ୟାଙ୍କ ଜମାଖାତାରେ ବେଆଇନ ଭାବେ ହୋଇଥିଲା ୧୩ କୋଟି କାରବାର

ସ୍ମୃତିରଞ୍ଜନ ମହାରଣା ଓରଫ୍ ଚନ୍ଦନ(୨୧), ରାକେଶ ଚୌଧୁରୀ ଓରଫ୍ ବୁବୁ(୨୧), ଚନ୍ଦ୍ରକାନ୍ତ ଦାସ ଓରଫ୍ ସୁଦୁ (୨୧), ଅଭିଜିତ୍ ରାଉତ ଓରଫ୍ ପିଙ୍କୁ(୨୬) ଏବଂ ରୋହିତ କୁମାର ରାଉତ ଓରଫ୍ ରୋହିତ୍(୨୪)। ଏମାନଙ୍କ ନିକଟରୁ ବ୍ୟାଙ୍କ୍ ଆକାଉଣ୍ଟ୍, ମୋବାଇଲ୍, ଆଧାର ଓ ପାନ୍‌କାର୍ଡ ଜବତ କରାଯାଇଛି। ଏହି ଘଟଣାରେ ସମୁଦାୟ ଗିରଫଦାରୀ ସଂଖ୍ୟା ୧୪ରେ ପହଞ୍ଚିଛି। ଏହି ସାଇବର ଠକେଇ ଘଟଣାରେ ଗିରଫଦାରୀ ବଢ଼ିବ ବୋଲି ଏସିପି ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

ପୁଲିସ ତଦନ୍ତ କରି ଏହି ଠକେଇ ଘଟଣାରେ ପୂର୍ବରୁ ୪ ଜଣ ବ୍ୟାଙ୍କ୍ ଅଧିକାରୀଙ୍କୁ ଗିରଫ କରିଥିବା ବେଳେ ଫେଡେରାଲ ବ୍ୟାଙ୍କ ଖାତାଗୁଡ଼ିକର ବିବରଣୀ ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, ୫ଟି ବ୍ୟାଙ୍କ ଖାତା ମାଧ୍ୟମରେ ବେଆଇନ ଭାବେ ପ୍ରାୟ ୧୨ କୋଟି ୭୩ ଲକ୍ଷ ଟଙ୍କା କାରବାର କରାଯାଇଛି। ଏହି ୫ଟି ବ୍ୟାଙ୍କ୍ ଖାତା ଅଭିଯୁକ୍ତ ଚନ୍ଦନ, ବୁବୁ, ସୁଦୁ, ପିଙ୍କୁ ଓ ରୋହିତ୍‌ଙ୍କ ନାମରେ ରହିଥିଲା। ଅଭିଯୁକ୍ତମାନେ ସାଧାରଣ ଲୋକଙ୍କଠାରୁ ଷ୍ଟକ୍ ମାର୍କେଟ୍ ଓ ଟ୍ରେଡିଂ ଆଳରେ ପ୍ରଥମେ ଠକେଇ କରୁଥିଲେ। ଠକେଇ ଟଙ୍କାକୁ ଦେଇ ଅନ୍ୟ ଲୋକଙ୍କ ନାମରେ ବ୍ୟାଙ୍କ ଖାତା ଖୋଲୁଥିଲେ। ସମ୍ପୃକ୍ତ ଆକାଉଣ୍ଟ୍‌ଗୁଡ଼ିକରେ ଠକେଇରେ ପାଇଥିବା ଟଙ୍କାକୁ ନେଣଦେଣ କରୁଥିଲେ। ସାଇବର ଥାନା ପୁଲିସ ଏ ସବୁକୁ ଯାଞ୍ଚ କରିବା ପରେ ଠକେଇ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଥିଲା। ପୁଲିସ ସୂଚନା ଅନୁସାରେ, ବିଭିନ୍ନ ଲୋକଙ୍କ ଅଜାଣତରେ ସେମାନଙ୍କର ପ୍ରମାଣପତ୍ର ଆଣି ମହାକାଳୀ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍, ପ୍ରିୟା ଫିଟେକ ଭଳି ବେନାମୀ କମ୍ପାନୀ ନାଁରେ କରେଣ୍ଟ ଆକାଉଣ୍ଟ ଖୋଲୁଥିଲେ। କାଗଜପତ୍ରରେ କମ୍ପାନୀ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସମ୍ପୃକ୍ତ କମ୍ପାନୀର ଚିହ୍ନବର୍ଣ୍ଣ ନ ଥିଲା। ଏହି ଘଟଣାରେ ପୂର୍ବରୁ ଉତ୍କର୍ଷ ବ୍ୟାଙ୍କ୍‌ର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ, ବନ୍ଧନ ବ୍ୟାଙ୍କ୍‌ର ଡେପୁଟୀ ମ୍ୟାନେଜର ଅଭିଷେକ ମହାନ୍ତି, ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ ଓ ସୁର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ୍ କୁମାର ସାମଲ୍ ଗିରଫ ହୋଇଥିଲେ। ଏମାନେ କିଛି ବନ୍ଦ ଥିବା ତଥା କାରବାର ହେଉ ନ ଥିବା ଆକାଉଣ୍ଟ ଗୁଡିକୁ ମଧ ଠକଙ୍କୁ ଦେଇଥିଲେ। ଏହା ବଦଳରେ ସେମାନେ ପ୍ରତି ଆକାଉଣ୍ଟ ପିଛା ୧୦ରୁ ୫୦ ହଜାର ଟଙ୍କା ବ୍ୟାଙ୍କ୍‌ର ଅଭିଯୁକ୍ତ କର୍ମଚାରୀ କମିସନ ନେଉଥିଲେ। ଠକେଇ ଟଙ୍କା ପର୍ଯ୍ୟାୟକ୍ରମେ ଯେଉଁ ୧୦ରୁ ୧୫ଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଥିଲା ସେସବୁ ଆକାଉଣ୍ଟ ୪ ଜଣ ଅଭିଯୁକ୍ତ ଖୋଲିଥିଲେ। ସେହିପରି ଠକମାନେ ବ୍ୟାଙ୍କରୁ ଆଣିଥିବା ଜାଲ ପ୍ରମାଣପତ୍ରରେ ବିଭିନ୍ନ ଟେଲିକମ୍ ଦୋକାନରୁ ସିମକାର୍ଡ କିଣିନେଉଥିଲେ। ପ୍ରତି ଠକେଇ ଘଟଣା ପରେ ଆକାଉଣ୍ଟ ବନ୍ଦ କରିଦେବା ସହିତ ସିମକାର୍ଡ ଗୁଡିକୁ ଭାଙ୍ଗି ଫିଙ୍ଗିଦେଉଥିବା ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଏହି ଘଟଣାରେ ବାଲିକୁଦା ଥାନା ଅନ୍ତର୍ଗତ ବବ୍‌ଲୁ ନାୟକ, ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ, ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର ଗିରଫ ହୋଇଥିଲେ।

## କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ ପାଇଁ ଏଆଇର ପ୍ରୟୋଗ

- ଓୟୁଏଟି ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର, ୧୭ ।୨(ସମିସ): କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଦୁଇ ଦିନିଆ କର୍ମଶାଳା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ




ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗ ଦେଇ ବର୍ତ୍ତମାନ ସମୟରେ ସମସ୍ତେ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଜ୍ଞାନ ଆହରଣ ସହ ଏହାର ସଠିକ ବ୍ୟବହାର ନେଇ ସଜାଗ ହେବ ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ସଭାପତିତ୍ୱ ଅଭିଭାଷଣ ଦେଇ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି ଯେ, ସ୍ମାର୍ଟ କୃଷି, ରୋବଟିକସର ବ୍ୟବହାର, ଆଗୁଆ ପାଣିପାଗ ଆକଳନ, ବଜାର ଆକଳନ, ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ଏ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବିକଶିତ କୃଷି ଦିଗରେ ସହାୟକ ହୋଇପାରୁଛି। ଆଗାମୀ ଦିନରେ ଓୟୁଏଟି ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଆହୁରି ବିକଶିତ ପନ୍ଥା ହାତକୁ ନେବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ଦିନ ବ୍ୟାପି ଚାଲୁଥିବା ଏହି କାର୍ଯ୍ୟକ୍ରମ ବାବଦରେ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା, ଅଧ୍ୟକ୍ଷ, ପିଜିଏଫ-କମ-ଡିଆରଆଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଏସ. କେ. ରାଉଳ କର୍ମଶାଳାର ସଚିବ ଧନ୍ୟବାଦ ଦେଇଥିଲେ।

## ଉଚ୍ଚସ୍ତରୀୟ କମିଟି ସହ ଲାଇବ୍ରେରିଆନଙ୍କ ଆଲୋଚନା

ଭୁବନେଶ୍ୱର, ୧୬ ।୨(ସମିସ): ରାଜ୍ୟର ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ କାର୍ଯ୍ୟରତ ଲାଇବ୍ରେରିଆନମାନଙ୍କ ଦୀର୍ଘଦିନର ସମସ୍ୟା ଓ ଦାବି ନେଇ ଉଚ୍ଚସ୍ତରୀୟ କମିଟି ସହ ଓଡ଼ିଶା ଅନୁଦାନପ୍ରାପ୍ତ କଲେଜ ଲାଇବ୍ରେରିଆନ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ତୋଷାଳୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଓ ଆବାହକ ସଦସ୍ୟ ଡି. ସନାତନ ପଣ୍ଡାଙ୍କ ଉପସ୍ଥିତିରେ ସଂଘ ପକ୍ଷରୁ ଲାଇବ୍ରେରିଆନମାନଙ୍କ ସେବା ସମ୍ବନ୍ଧୀୟ ସମସ୍ୟା, ପଦମର୍ଯ୍ୟାଦା ଓ ସୁବିଧା ସମ୍ପର୍କିତ ମୁଖ୍ୟ ଦାବି ଉପସ୍ଥାପିତ ହୋଇଥିଲା। କମିଟି ଦାବିଗୁଡ଼ିକୁ ଗୁରୁତ୍ୱ ସହ ବିଚାର କରି ରାଜ୍ୟ ସରକାରଙ୍କୁ ସକାରାଙ୍କକ ସୁପାରିଶ କରାଯିବ ବୋଲି ସଂଘକୁ ଅବଗତ କରାଇଛି। ବୈଠକରେ ସଂଘର ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର, ସହ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୂଷଣ ଚମ୍ପତିରାୟ ଉପସ୍ଥିତ ରହି ଦାବିଗୁଡ଼ିକୁ ଯୁକ୍ତିସହ ଉପସ୍ଥାପନ କରିଥିଲେ। ଆଲୋଚନାକୁ ସଂଘ ପକ୍ଷରୁ ସକାରାତକ ବୋଲି ମତ ପ୍ରକାଶ କରାଯାଇଛି।

## ଯୁବା ବାସ୍କେଟବଲ୍‌ରେ ବ୍ଲୁଡ ଲାଇନ୍ ଚାମ୍ପିଅନ

ଭୁବନେଶ୍ୱର, ୧୭ ।୨ (ସମିସ): କଟକର ବ୍ଲୁଡ ଲାଇନ୍ ଦଳ ସହିଦ ନଗର ଇମ୍ପା ଗ୍ରାଉଣ୍ଡରେ ଚାଲିଥିବା ୧୫ତମ ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ସନସାଇନ ଯୁବା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବ୍ଲୁଡ ଲାଇନ ୬୫-୩୯ ପଏଣ୍ଟରେ ପୁରୀ ଦଳକୁ ପରାସ୍ତ କରିଥିଲା। ସେହିଭଳି ପଶ୍ଚିମବଙ୍ଗର ମେଟ୍ରୋ ରେଲୱେ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ଚାମ୍ପିଅନ ବ୍ଲୁଡଲାଇନ ଦଳ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପାଇଥିଲା। ସେହିଭଳି ପୁରୀକୁ ୨୦ ହଜାର ଓ ରେଲୱେ ୧୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ। ସୟଦ ଖାନ ଫାଇନାଲର, ରାହୁଲ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜେପିର ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ସୁଧୀର କୁମାର ଶତପଥୀ, ଚନ୍ଦନ କୁମାର ପାଳିତ, ସଚିନନ୍ଦନ ନାୟକ, ବିଶ୍ୱପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଆୟୋଜକ ଅନୁଷ୍ଠାନର ଉପଦେଷ୍ଟା ସରୋଜ




କୁମାର ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, ଆଦର୍ଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମିଥୁନ ବିଶୋୟୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଟାଙ୍ଗିବନ୍ତରେ ଜାଗର ଉତ୍ସବ ଉଦ୍‌ଯାପିତ

ନନ୍ଦନକାନନ, ୧୭।୨(ସମିସ): ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ ଗ୍ରାମର ପ୍ରଭୁ ଶ୍ରୀଶ୍ରୀ ବେଲେଶ୍ୱର ଦେବାୟଙ୍କ ପୀଠସ୍ଥଳରେ ପଞ୍ଚଦଶ ଜାଗର ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଅଛି। ଏହି ଅବସରରେ ପବିତ୍ର ଜାଗର ଦିବସରୁ ଆରମ୍ଭ ହୋଇଥିବା ଏହି ତିନିଦିନ ବ୍ୟାପି ଉତ୍ସବରେ ଜାଗର ଦିନ ଜାଗର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାଦୀପ ଉଠିବା ସହ ଯଜ୍ଞ ଓ ପାଲା ଆରମ୍ଭ ହୋଇଥିଲା। ଗାୟକ ହରିହର ପାଣିଗ୍ରାହୀ ଓ ତାଙ୍କ ସାଥି ପାଲା ପରିବେଷଣ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଯଜ୍ଞ ବିଧି ଅନୁଯାୟୀ ପୂର୍ଣ୍ଣାହୁତି ହେବା ସହ ଉଦଯାପିତ ହୋଇଥିଲା। ହଜାରେ ହଜାରେ ସଂଖ୍ୟାରେ ଶ୍ରଦ୍ଧାଳୁ ଅନୁରାଗୀ ମାନେ ଉତ୍ସବରେ ସାମିଲ ହୋଇ ବିଭୁକୃପା ଲଭିଥିଲେ।

# ରାଜଧାନୀରେ ନାହିଁ ସ୍ମଗ୍ ଟାୱାର୍

ଭୁବନେଶ୍ୱର, ୧୭ ।୨(ସମିସ): ଦିନକୁ ଦିନ ରାଜଧାନୀ ସହରର ପରିବେଶ ଖରାପ ହେବାରେ ଲାଗିଛି। ଏବେ ସକାଳୁ ସକାଳୁ କୁହୁଡ଼ିରେ ରାଜଧାନୀ ରାସ୍ତାଘାଟ କିଛି ଦିଶୁ ନ ଥିବା ବେଳେ ଦିନକୁ ଦିନ ବିଷାକ୍ତ ଧୂଆଁ ଓ ଧୂଳିର ମିଶ୍ରଣରେ ଧୂହୁଡ଼ି ବା ସ୍ମଗ ସୃଷ୍ଟି ହେଉଛି। ଯାହା କ୍ରମେ ସାଂଘାତିକ ସ୍ଥିତିରେ ପହଞ୍ଚିଛି। ଅପରପକ୍ଷେ ରାଜଧାନୀରେ ଏଭଳି ପରିବେଶ ପାଇଁ ସ୍ମଗ୍ ଟାୱାରର ଆବଶ୍ୟକତା ଥିବା ବେଳେ ଏଯାଏଁ ଏଥିପ୍ରତି ପ୍ରଶାସନ

- ଧୂଳି, ଧୂଆଁ, କୁହୁଡ଼ି ମିଶି ସୃଷ୍ଟି ହେଉଛି ଧୂହୁଡ଼ି
- ବୃଦ୍ଧି ପାଉଛି ହୃଦ୍‌ରୋଗ ହେବାର ଆଶଙ୍କା

ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାଦ୍ୱାରା ସହରରେ ବିଭିନ୍ନ ପ୍ରକାରର ପ୍ରଦୂଷଣ ମାତ୍ରା ବଢ଼ିବା ସହ ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଆଗକୁ ଏହା ଆହୁରି ସାଂଘାତିକ ସ୍ଥିତି ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏନେଇ ପରିବେଶବିତ୍‌ଙ୍କ କହିବା ଅନୁଯାୟୀ ଧୂହୁଡ଼ି ବା ସ୍ମଗ ଦ୍ୱାରା ଆଖିଜଳା ପୋଡ଼ା ଓ ଦୃଶ୍ୟମାନତା ହ୍ରାସ ହୋଇଥାଏ। ନିର୍ମାଣ କାର୍ଯ୍ୟ, ଖଣିଜ ଉତ୍ତୋଳନ ଏବଂ ମରୁଡ଼ୂମିକରଣରୁ ସୃଷ୍ଟି ହେଉଥିବା ଧୂଳି କଣିକା ମାଟିର ଉର୍ବରତାକୁ ହ୍ରାସ କରିବା ସହତ ଫସଲକୁ କ୍ଷତି ପହଞ୍ଚାଏ ଏବଂ ବାୟୁର ଗୁଣବତ୍ତାରେ ହ୍ରାସ ଘଟାଏ। ନିଶ୍ୱାସ ନେବା ସମୟରେ, ସୂକ୍ଷ୍ମ ଧୂଳି କଣିକା (ପିଏମ୍ ୧୦ ଏବଂ ପିଏମ୍ ୨.୫) ଶ୍ୱାସକ୍ରିୟା ପ୍ରଣାଳୀକୁ ଜଟିଳ କରିଥାଏ, ଏବଂ



(ଫାଇଲ ଫଟୋ)

ଆଜ୍‌ମା, ବ୍ରୋଙ୍କାଇଟିସ୍ ଏବଂ ଅନ୍ୟାନ୍ୟ ଫୁସ୍ଫୁସ୍‌ଜନିତ ରୋଗକୁ ଆହୁରି ଖରାପ କରିଥାଏ। ଏହିପରି ଯାନବାହାନ, ଶିଳ୍ପ ଏବଂ ଜଙ୍ଗଲୀ ନିଆଁରୁ ବାହାରୁଥିବା ଧୂଆଁରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି କ୍ଷତିକାରକ ଗ୍ୟାସ୍ ରହିଥାଏ। ଯାହା ଆଖି ଜ୍ୱଳନ, ହୃଦ୍ ସମସ୍ୟା ଏବଂ ଫୁସଫୁସର କାର୍ଯ୍ୟଧାରାରେ ହ୍ରାସ ଘଟାଏ। ଲୋକେ ଅବା ଜୀବଜନ୍ତୁ ଲମ୍ବା ସମୟ ଏସବୁର ସଂସ୍ପର୍ଶରେ ରହିବା ଦ୍ୱାରା ଦୀର୍ଘକାଳୀନ ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସବୁର ବିପଦ ବଢ଼ିଥାଏ ବୋଲି ସେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି କି ୧୯୫୨ ମସିହାରେ ଲଣ୍ଡନର ମହାଧୂହୁଡ଼ି ହେବା ଦ୍ୱାରା ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଦିନକୁ ଦିନ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ଅମାନିଆ ଗାଡ଼ି ଚାଳକ ହୁଅନ୍ତୁ ଅବା କୋଠାବାଡ଼ି ନିର୍ମାଣକରୁଥିବା ଲୋକେ ଯଦି ସଚେତନ ନହେଲେ ତେବେ ଆମେ ଯେତେ କାର୍ଯ୍ୟ କଲେ ବି ସୁଫଳ ମିଳିବ ନାହିଁ ବୋଲି ସେ କହିଛନ୍ତି।

### କ'ଣ ଏହି ସ୍ମଗ ଟାୱାର

ବଡ଼ ବଡ଼ ସହରରେ ଅଧିକ ବାୟୁପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ କରିବା କରିବା ପାଇଁ ଏହି ସ୍ମଗ ଟାୱାର ନିର୍ମାଣ କରାଯାଇଥାଏ। ଏହି ଟାୱାର ପ୍ରାୟ ୧ କିଲୋମିଟର ବ୍ୟାସାର୍ଦ୍ଧରେ ପ୍ରତି ସେକେଣ୍ଡରେ ଏକହଜାର ଘନ ମିଟର ବାୟୁକୁ ବିଶୁଦ୍ଧ କରିଥାଏ। ଯେଉଁ ସହରଗୁଡ଼ିକରେ ଅଧିକ ବାୟୁ ପ୍ରଦୂଷଣ ହୋଇଥାଏ, ପ୍ରଶାସନ ପକ୍ଷରୁ ସେସବୁ ସହରରେ ଆବଶ୍ୟକତା ଅନୁଯାୟୀ ସ୍ମଗ୍ ଟାୱାର ନିର୍ମାଣ କରାଯାଇଥାଏ। ଏହି କ୍ରମରେ ଭୁବନେଶ୍ୱରରେ ସ୍ମଗଟାୱାର ନିର୍ମାଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।


PARADEEP PARIVAHAN LIMITED

## PARADEEP PARIVAHAN LIMITED

**(CIN: L52241OR2000PLC006379)**
**Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com**
**Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India Tel/ Fax- 0674-2590169, Mail:**
**Web Site: www.paradeepparivahan.com**

### CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.**
**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**
The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**





# ଦୁଇ ଗୋଡ଼ ହରାଇ ବି ସକ୍ଷମ ଯତୀନ

ଭୁବନେଶ୍ୱର, ୧୭।୨(ସମିସ): ଶାରିରୀକ ଅକ୍ଷମତା କେବେ ହେଲେ ତାଙ୍କ ପାଇଁ ବାଧକ ସାଜିନି। ସବୁ ପରିସ୍ଥିତିକୁ ସେ ଦୃଢତାର ସହ ସାମ୍ନା କରୁଛନ୍ତି। ସୁସ୍ଥ ଶରୀର ଏବଂ କର୍ମମୟ ଜୀବନ ବେଶ ସୁରୁଖୁରୁ କଟୁଥିଲା। ହେଲେ ସେ ଦିନର ଦୁର୍ଘଟଣା ଜତୀନଙ୍କ ଜୀବନରେ ଏପରି ମୋଡ ଆଣିଦେବ ବୋଲି ସେ କେବେ ଅନୁମାନ ବି କରି ନ ଥିଲେ।

କର୍ମମୟ ଜୀବନରୁ ଛୁଟି କାଟିବାକୁ ଘରୁକୁ ସିନା ଯାଇଥିଲେ ହେଲେ ଫେରିବା ବାଟ ତାଙ୍କ ଜୀବନର ରୂପରେଖ ଓଲଟପାଲଟ କରିଦେଇଥିଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା

**■ ଡେଲିଭରୀ କାର୍ଯ୍ୟ ସହ ପାରା କ୍ରୀଡାବିତ୍ ଭାବେ ଗଢ଼ିଛନ୍ତି ପରିଚୟ**

ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା। ଏ ହେଉଛନ୍ତି ଯତୀନ ଖଟୁଆ, ବୟସ ୩୦ ଛୁଇଁଛି। ତାଙ୍କ ପ୍ରକୃତ ଘର ସାଲେପୁର ହେଲେ ରାଜଧାନୀର ତମାଣ୍ଡୋ ଅଞ୍ଚଳରେ ସେ ବର୍ତ୍ତମାନ ରହୁଛନ୍ତି। ଡିପ୍ଲୋମା ପାଠପଢ଼ି ସେ ଇଂଜିନିଅର ଭାବେ କଳିଙ୍ଗନଗରରେ କାମ କରୁଥିଲେ। ୨୦୧୭ ମସିହାରେ ଛୁଟି ନେଇ ସେ ଘରୁକୁ ବୁଲିବାକୁ ଯାଇଥିଲେ। ହେଲେ ଘରୁ




ଫେରିବା ବାଟରେ ଦୁର୍ଘଟଣାରେ ତାଙ୍କ ଦୁଇ ଗୋଡ ହରାଇ ବସିଥିଲେ। ଘରର ଏକମାତ୍ର ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ପାଲଟିଥାନ୍ତେ ସେଥିରୁ ସେ ଓହରି ଯାଇନାହାନ୍ତି କି ହାର ମାନିନାହାନ୍ତି। ଆରି ଭିତରେ ସେ ପୁଣି ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ସମ୍ଭବତଃ ଅନ୍ୟମାନଙ୍କ ପାଇଁ ପ୍ରେରଣା ମଧ ପାଲଟିଛନ୍ତି ଯତୀନ। ହେଲେ ସମୟର ବିଡ଼ମ୍ବନା ତାଙ୍କ ଦୁଃଖ ସେଇଠି ସରିନି, ଗତ ବର୍ଷ ତାଙ୍କ ବାପାଙ୍କର ମଧ ସେହି ସମାନ ବରମୁଣ୍ଡାଠାରେ ଦୁର୍ଘଟଣାରେ ଡାହାଣ ପଟ ଗୋଟ ଚାଲିଯାଇଛି। ତେଣୁ ସବୁଭାର ଏବେ ତାଙ୍କ ଉପରେ। ସେ ବର୍ତ୍ତମାନ ଜୋମାଟୋରେ ଜଣେ ଡେଲିଭରି ବଏ ଭାବେ କାର୍ଯ୍ୟ କରୁଛନ୍ତି। ମୋଟର ହୁଇଲ ଚେୟାର ସାହାଯ୍ୟରେ ସେ ସହରରେ ବିଭିନ୍ନ ସ୍ଥାନକୁ ଯାଇ ଖାଇବା ପହଁଚାଉଁଛନ୍ତି। କେବଳ ସେତିକି ନୁହଁ ବରଂ ସେ ଜଣେ ଭଲ ପାରାକ୍ରିଡିବିତ୍ ଭାବେ ଗତ ବର୍ଷ ନିଜର ପରିଚୟ ତିଆରି କରିଛନ୍ତି। ଡିସକସ ଖେଳରେ ରୌପ୍ୟ ପଦକ ଜିତିଛନ୍ତି। ଏହାପରେ ସେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ତାସହ ସେ ମହାବିଦ୍ୟାଳୟରେ ପୁଣି ନାମ ଲେଖାଇ ଅଧିକ ପଢ଼ିବାକୁ ଇଚ୍ଛା ରଖିଛନ୍ତି। ଏସମସ୍ତ କାର୍ଯ୍ୟରେ ତାଙ୍କ ପାଇଁ ତାଙ୍କ ପତ୍ନୀ ହିଁ ସବୁଠୁ ବଡ ପ୍ରେରଣା ପାଲଟିଛନ୍ତି। ଯତୀନଙ୍କ ଦୁର୍ଘଟଣା ବିଷୟରେ ଜାଣିବା ସତ୍ତ୍ୱେ ସେ ତାଙ୍କୁ ବିବାହ କରିଥିଲେ। ପରେ ପ୍ରତ୍ୟେକ କ୍ଷେତ୍ରରେ ଆଗୁକୁ ବଢ଼ିବାକୁ ଏବଂ କ୍ରୀଡାକ୍ଷେତ୍ରରେ ସୁନାମ ଅର୍ଜନ ପାଇଁ ତାଙ୍କୁ ଉତ୍ସାହିତ କରିଆସିଛନ୍ତି ବୋଲି କହିଥିଲେ।

## ‘ରମାଦେବୀ’ରେ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୧୭।୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ତତ୍ତ୍ୱାବଧାନରେ ଆସନ୍ତା ଜାତୀୟ ବିଜ୍ଞାନ ଦିବସ ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୁଇଜ୍ ମାଷ୍ଟର ଓମ୍ ପ୍ରକାଶ ରଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଜ୍ୟୋତିର୍ମୟୀ ଉଦ୍ଗାତା, ଡ. ରେବତୀ କାନ୍ତ ମହାରଣା, ଡ.ଆଲୋକ ପ୍ରସାଦ ଦାସ, ଡ.ଛବିରାଣୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ସସ୍ମୀତା ମହାନ୍ତି ଓ ପ୍ରଫେସର ରାଜକୁମାର ଯୋଶୀ ପ୍ରତିଯୋଗିତାର ଜୁରି ରହିଥିଲେ। ଏଥିସହିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଶକ୍ତି ପ୍ରସାଦ ରଥ, ଡ. ଦିଲ୍ଲୀପ ବିଶି, ଡ ସ୍ନେହଲତା ଦାସ, ଡ. ପ୍ରକାଶ ଚନ୍ଦ୍ର ପରିଛା ଆଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ କୃତୀ ଛାତ୍ରୀମାନଙ୍କୁ ଆସନ୍ତା ୨୮ ତାରିଖ ଜାତୀୟ ବିଜ୍ଞାନ ଦିବସରେ ପୁରସ୍କୃତ କରାଯିବ।

## ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ଶ୍ରୀଲିଙ୍ଗରାଜଙ୍କୁ କ୍ଷୀର ଲାଗିକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧୭ ।୨(ସମିସ): ମହାଶିବରାତ୍ରିରେ ଐତିହ୍ୟ ସମ୍ପନ୍ନ ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଏହାର ଖୋଲାଖୋଲି ଉଲ୍ଲଂଘନ ପ୍ରଶାସନର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ଦିର ଭିତରେ ଓ ବାହାରେ ପ୍ଲାଷ୍ଟିକ୍ ଗ୍ଲାସ୍‌ରେ କ୍ଷୀର ବିକ୍ରି ହେଉଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନେ ତାହାକୁ କିଣି ମହାପ୍ରଭୁଙ୍କୁ ଅର୍ପଣ କରୁଛନ୍ତି। ପୁଲିସ୍ ଓ ପ୍ରଶାସନର କଟକଣା ସତ୍ତ୍ୱେ ମନ୍ଦିର ଭିତରକୁ ପ୍ଲାଷ୍ଟିକ୍ ପ୍ରବେଶ କରୁଥିବା ନେଇ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଆଇନ୍ ପ୍ରଣୟନ ନୁହେଁ, ବରଂ ଏହାର କଠୋର ଅନୁପାଳନ ହେଲେ ହିଁ ପରିବେଶ ପ୍ଲାଷ୍ଟିକ୍ ମୁକ୍ତ କରାଯାଇପାରିବ। ଯଦି ପବିତ୍ର ଧର୍ମାନୁଷ୍ଠାନରେ ଏଭଳି ବ୍ୟବସ୍ଥା ଜାରି ରହେ, ତେବେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ କେବଳ ଏକ ସ୍ୱପ୍ନ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ଜ୍ୟୋତିର୍ମୟୀ ପୃଷ୍ଟିଙ୍କୁ ‘ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ’

ଭୁବନେଶ୍ୱର, ୧୭ ।୨(ସମିସ): ରାଜନୀତିଜ୍ଞ ତଥା ‘ଭାଷା ସୁରକ୍ଷା ସମ୍ମିଳନୀ’ର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ୮୫ତମ ଜୟନ୍ତୀ ସମାରୋହ ଫେବୃଆରୀ ୨୨ ତାରିଖରେ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହେବ। ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ଓ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସଭାପତି କ୍ରିଷ୍ଣା ମହାନ୍ତି, ଶ୍ରମିକ ନେତା ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ସିପିଆଇ (ଏମ୍)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ‘ନୂତନ ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ସ୍ଥାନ’ ଶୀର୍ଷକ ପଞ୍ଚମ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ସାହିତ୍ୟିକ ଓ ସମାଲୋଚକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ବିଗତ ବର୍ଷରେ ସର୍ବୋଚ୍ଚ ନମ୍ବରପ୍ରାପ୍ତ ସ୍ୱର୍ଣ୍ଣପଦକ ବିଜୟିନୀ ଛାତ୍ରୀ ସୁଶ୍ରୀ ଜ୍ୟୋତିର୍ମୟୀ ପୃଷ୍ଟିଙ୍କୁ ‘ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୬’ ପ୍ରଦାନ କରାଯିବ ବୋଲି ବୈଷ୍ଣବ ପରିଡ଼ା ସ୍ମୃତି ନ୍ୟାସ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ‘କର୍ମଚାରୀ ସମ୍ପର୍କ: ପ୍ରସଙ୍ଗ, ବିଷୟବସ୍ତୁ ଏବଂ ବିକଶିତ ହେଉଥିବା ନୂତନ ଧାରା’ ଶୀର୍ଷକ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, ୧୭।୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ପର୍ସନାଲ ମ୍ୟାନେଜମେଣ୍ଟ ଓ ଶୈଳ୍ପିକ ସମ୍ପର୍କ ବିଭାଗ ପକ୍ଷରୁ ‘କର୍ମଚାରୀ ସମ୍ପର୍କ : ପ୍ରସଙ୍ଗ, ବିଷୟବସ୍ତୁ ଏବଂ ବିକଶିତ ହେଉଥିବା ନୂତନ ଧାରା’ ଶୀର୍ଷକ ଦିନିକିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉଦଘାଟନ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇଥିବା ବେଳେ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗର ପୂର୍ବତନ ସଚିବ ଡ. ଲକ୍ଷ୍ମୀଧର ମିଶ୍ର ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ନାଲକୋର ମାନବ ସମ୍ବଳ ନିର୍ଦ୍ଦେଶକ ଡ. ତାପସ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ପଣ୍ଡିତ ଦୀନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶୁତୋଷ ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେହି ଶୀର୍ଷକରେ ଏକ ପୁସ୍ତକ ମଧ ଉନ୍ମୋଚିତ ହୋଇଥିଲା। ଏହି ଅଧିବେଶନରେ ବିଭାଗୀୟ ମୁଖ୍ୟ ପ୍ରଫେସର ବିଜୟ କୁମାର ସୁନ୍ଦରାୟ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସହଯୋଗୀ ପ୍ରଫେସର ଡ. ମଧୁଛନ୍ଦା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ୨୬ରୁ ରମାଦେବୀରେ ମିଡିଆ ଉତ୍ସବ

ଭୁବନେଶ୍ୱର, ୧୭ ।୨(ସମିସ): ଆସନ୍ତା ୨୬ ଓ ୨୭ ତାରିଖରେ ରମାଦେବୀ ମହିଳା ବିଶବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ମିଡିଆ ଉତ୍ସବ ‘ମିଡ଼ିଆ ଅନ୍ତର’ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଓ ଉତ୍ସବର ସୃଜନଶୀଳ ମନୋଭାବକୁ ପ୍ରଦର୍ଶିତ କରିବା ପାଇଁ ନୃତ୍ୟ ମାଧ୍ୟମରେ ଏକ ଫ୍ଲାଶ୍ ମବ୍ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ କ୍ଷୁଦ୍ର ଚଳଚ୍ଚିତ୍ର, ରିଲ୍ସ, ଫଟୋଗ୍ରାଫି, କ୍ୟାରିକେଚର୍, ଡୁଡଲ୍ ଡ୍ରାମା, ଆଙ୍କରିଂ ଓ ଆର୍‌ଜେ ହଣ୍ଟିଂ ପରି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ଏହାସହ ଏସବୁ ବିଷୟରେ ଦୁଇ ଦିନ ଧରି ପ୍ରଶିକ୍ଷଣ ମଧ ପ୍ରଦାନ କରାଯିବ। ଶିକ୍ଷା ଓ ମନୋରଞ୍ଜନକୁ ଏକାଠି ଆଣି, ସୃଜନଶୀଳତା, ଗୋଷ୍ଠୀଗତ କାର୍ଯ୍ୟ, ଆତ୍ମବିଶ୍ୱାସ ଓ ପ୍ରାୟୋଗିକ ମିଡିଆ ଦକ୍ଷତା ବିକାଶରେ ସହାୟତା ହେବ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଚଣ୍ଡୀ ଚରଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟେରିଆନ୍ ସରୋଜ ଦାସ ଛାତ୍ରୀମାନଙ୍କୁ ସାମାଜିକ ସଚେତନତା ପାଇଁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମକୁ ସଠିକ୍ ଭାବେ ଉପଯୋଗ କରିବାକୁ ପ୍ରେରିତ କରିଛନ୍ତି।



## ଏଫ୍‌ଏଫ୍‌ସି ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ଭୁବନେଶ୍ୱର, ୧୭ ।୨(ସମିସ): ଫନ୍ ଆଣ୍ଡ ଫିଟନେସ କ୍ଲବ୍ ପକ୍ଷରୁ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସ୍ମୃତିରେ ଏନ୍-୩ ସ୍ଥିତ ଏଲଏଲସିସି କ୍ରିକେଟ ପଡ଼ିଆ ଠାରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲାୟନ୍ସ କ୍ଲବ୍ ଇଣ୍ଟରନାସନାଲର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ନିକୁଞ୍ଜ ଛୋଟରାୟ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଆଇନଜୀବୀ ସୂର୍ଯ୍ୟନାରାୟଣ ଦାସ ଓ ୱାର୍କସ ଇଣ୍ଟରନାସନାଲର ରିଜିଅନ କୋର୍ଡିନେଟର ସୁବାସ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ମ୍ୟାଚ ଉଦଯାପନରେ ଓଡ଼ିଶା ସରକାରଙ୍କ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ଅଞ୍ଜଳି ଛୋଟରାୟ ଯୋଗଦେଇ କ୍ଲବର ସଦସ୍ୟମାନେ ପରିଣତ ବୟସରେ ମଧ କ୍ରିକେଟ ଭଳି କଷ୍ଟସାଧ ଖେଳ ଖେଳିପାରୁ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ଏହା କେବଳ ପ୍ରାତଃ ଭ୍ରମଣ, ଯୋଗ ଓ ବ୍ୟାୟାମ ଅଭ୍ୟାସ ଦ୍ୱାରା ସମ୍ଭବ ହେଇପାରୁଛି ବୋଲି ମତପ୍ରକାଶ କରିଥଲେ। ଏହି ମ୍ୟାଚ୍‌ରେ ପ୍ରେସିଡେଣ୍ଟ ଇଲେଭେନକୁ ବିଜେତା ହୋଇଥିବା ବେଳେ ସେକ୍ରେଟାରୀ ଇଲେଭେନ ରନର୍ସ ଅପ୍ ହୋଇଥିଲେ। ଏଥିସହିତ ବିବେକାନନ୍ଦ ବାରିକ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ସତ୍ୟବ୍ରତ କଳିଆଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଦୁଇ ପୂର୍ବତନ ପ୍ରେସିଡେଣ୍ଟ ଆଶିଷ ପଟ୍ଟନାୟକ ଓ କେଦାର ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ ଭବାନୀ ପଟ୍ଟନାୟକ, କୋଷାଧକ୍ଷ ପ୍ରଦୀପ୍ତ କିଶୋର ପଣ୍ଡା, ଜଏଣ୍ଟ ସେକ୍ରେଟାରୀ ପ୍ରଫୁଲ୍ଲ ଲେଙ୍କା ଓ ପ୍ରତାପ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ‘ଚାରିକାନ୍ଧ’

ଭୁବନେଶ୍ୱର, ୧୭।୨(ସମିସ): ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବର ମଧ୍ୟମ ଅବଧି ସିନେମା ବିଭାଗରେ ଓଡିଆ ସିନେମା ‘ଚାରିକାନ୍ଧ’ ପ୍ରଦର୍ଶିତ ହୋଇଛି। ଏଥିପାଇଁ ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ, ଭାରତ ପକ୍ଷରୁ ‘ଚାରିକାନ୍ଧ’ ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି। ଯାହାର ପ୍ରଯୋଜକ ହେଉଛନ୍ତି ଅତିଶ କୁମାର ରାଉତ ଏବଂ ସହ ପ୍ରଯୋଜକ ହେଲେ ସୁପ୍ରିୟା ରାଉତ, ଅଖିଲ ରାଜୁରକର। ସେହିପରି କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ବିଶ୍ୱନାଥ ରଥ ଦେଇଛନ୍ତି। ଏହି କାହାଣୀରେ ଅଭିନେତା ହେଲେ ଶକ୍ତି ବରାଳ, ସତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶିଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖରା, ପ୍ରବଞ୍ଜନ ମିଶ୍ର, ଋଦ୍ଧି ପରିଡ଼ା, ସୁରୁଚିକା ମହାପାତ୍ର ପ୍ରମୁଖ ରହିଛନ୍ତି। ୩୮ ମିନିଟର ଏହି ଫିଲ୍ମଟି ୪୧ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗଦେଇ ୨୨ରୁ ଅଧିକ ପୁରସ୍କାର ଜିତିଛି। ଏବେ ଜାପାନରେ ‘ଚାରିକାନ୍ଧ’ ପୁରସ୍କୃତ ହେବା, ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ପାଲଟିଛି।

## ସାମ୍ବାଦିକ ପ୍ରବୋଧ ବସ୍ତିଆଙ୍କ ପରଲୋକ



ଭୁବନେଶ୍ୱର, ୧୭।୨(ସମିସ): ଦୀର୍ଘଦିନ ଧରି ଅସୁସ୍ଥ ଥିବା ବରିଷ୍ଠ ସାମ୍ବାଦିକ ପ୍ରବୋଧ ବସ୍ତିଆଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୈନିକ ସମୟ, ଓଡ଼ିଶା ଏକ୍ସପ୍ରେସ୍, ନିତିଦିନ, ପ୍ରମେୟ ଖବର କାଗଜରେ କାର୍ଯ୍ୟ କରିଥିଲେ। ୩ବର୍ଷ ହେବ ସେ କ୍ୟାନସର୍‌ରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଝିଅ ଓ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ସୋଆ ପକ୍ଷରୁ ଆଣ୍ଟି ନାର୍କୋଟିକ୍ସ କର୍ମଶାଳା

ଭୁବନେଶ୍ୱର, ୧୭ ।୨(ସମିସ):ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ପଣ୍ଡାକୁଦିଆ ବସ୍ତି ଅଞ୍ଚଳରେ ଏକ ଆଣ୍ଟି ନାର୍କୋଟିକ୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହନ୍ତ ଓ ବରିଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ନିଶା ଓ ମାଦକ ଦ୍ରବ୍ୟର ଅପକାରିତା ଓ ଶରୀର ପ୍ରତି ଏହାର କୁପ୍ରଭାବ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ କରିବାକୁ ବସ୍ତି ବାସିନ୍ଦାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଙ୍କ ସହ ପଣ୍ଡାକୁଦିଆର ବସ୍ତି ବାସିନ୍ଦା ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ମାନସ ଦାସଙ୍କ ରଚିତ ପଥପ୍ରାନ୍ତ ନାଟକ ‘ନିଶାକୁ ନା’ପ୍ରଦର୍ଶିତ ହୋଇଥିଲା। ନାଟକ ମାଧ୍ୟମରେ ମାଦକ ଦ୍ରବ୍ୟ ବ୍ୟବହାର, ତା’ର କୁପରିଣାମ ଏବଂ ଏହାର ଅପକାରିତା ବିଷୟରେ ଅବଗତ କରାଇଥିଲେ। ନିଶାମୁକ୍ତ ସମାଜ ଗଢ଼ିବା ପାଇଁ ପ୍ରତିବଦ୍ଧ ହେବାକୁ ଗ୍ରାମବାସୀମାନେ ସମୂହ ଶପଥ ଗ୍ରହଣ କରିଥିଲେ। ଏହାପରେ ନିଶା ନିବାରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ‘ସାତକଡ଼ି ହୋତା ସ୍ମୃତି ସଂସଦ’ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର, ୧୭।୨(ସମିସ): ‘ସାତକଡ଼ି ହୋତା ସ୍ମୃତି ସଂସଦ’ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ‘ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ଲେଖକଙ୍କ ଭୂମିକା’ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅନୁଷ୍ଠାନର ସଭାପତି ତଥା ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ସ୍ମୃତି ସଂସଦର ସମ୍ପାଦକ ତଥା ବରିଷ୍ଠ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସାହିତ୍ୟିକ ପୀତବାସ ରାଉତରାୟ ଡ. ସାତକଡ଼ି ହୋତା ନିଜେ ଏକ ଅନୁଷ୍ଠାନ ଥିଲେ ଏବଂ ସାହିତ୍ୟର ପ୍ରତ୍ୟେକ ବିଭାଗରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ପ୍ରଜ୍ୱଳନ କରି ଏହି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ଇଂ. ହରିହର ତ୍ରିପାଠୀ ଓ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଥିଲେ। ଏହି ବିଶେଷ ଅବସରରେ କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଅସୀମା ସାହୁ, ରବୀନ୍ଦ୍ର କୁମାର ପଣ୍ଡା, କାଳିନ୍ଦୀ ଭଞ୍ଜ, ସୀତାକାନ୍ତ ଦାଶ, ରେଣୁବାଳା ମହାପାତ୍ର ଓ ମୀରା ସେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ନେହ ଫାଉଣ୍ଡେସନ ପକ୍ଷରୁ ବିତର୍କ ପ୍ରତିଯୋଗିତା

ଭୁବନେଶ୍ୱର, ୧୭।୨(ସମିସ): ‘ପୁନରୁଦ୍ଧାର ନ୍ୟାୟ: ଘରୋଇ ଦ୍ୱନ୍ଦ୍ୱରେ ଏକ ପ୍ରଭାବଶାଳୀ ନ୍ୟାୟ ପ୍ରଦାନ ବ୍ୟବସ୍ଥା’ ବିଷୟବସ୍ତୁ ଉପରେ ବିତର୍କ ପ୍ରତିଯୋଗିତା ସ୍ନେହ ଫାଉଣ୍ଡେସନ ପକ୍ଷରୁ କ୍ୟାପିଟାଲ ଲ’ କଲେଜଠାରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସ୍ନେହ ଫାଉଣ୍ଡେସନର ନିର୍ଦ୍ଦେଶକ ସୁବାସ ପଣ୍ଡା ନ୍ୟାୟ, ସାମାଜିକ କଲ୍ୟାଣ ଏବଂ ସମ୍ପ୍ରଦାୟ-ଆଧାରିତ ଦ୍ୱନ୍ଦ୍ୱ ସମାଧାନ କ୍ଷେତ୍ରରେ ସଂଗଠନର ଚାଲିଥିବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସ୍ତମ୍ଭକାର ଶ୍ୱେତକୃତ ତ୍ରିପାଠୀ ସମାବେଶକୁ ସମ୍ବୋଧିତ କରିଥିବାବେଳେ ବିତର୍କ ପ୍ରତିଯୋଗିତାକୁ ଅଧ୍ୟାପକ ଡ. ଆଲମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ, କ୍ୟାପିଟାଲ ଲ’ କଲେଜର ଅଧକ୍ଷ ଚନ୍ଦ୍ରମଣି ଦାସ ଧନ୍ୟବାଦ ଦେଇଥିଲେ। ବିଜେତା ଏବଂ ଉତ୍କୃଷ୍ଟ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ଏବଂ ବିଶ୍ଳେଷଣାତ୍ମକ ଦକ୍ଷତାର ସ୍ୱୀକୃତି ସ୍ୱରୂପ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଗାନ୍ଧୀ ପଦଯାତ୍ରା ସ୍ମାରକୀ ପୀଠ ସଫେଇ

ବାଲିଅନ୍ତା, ୧୭ ।୨(ସମିସ): ମା’ ଟଙ୍କପାଣି ବ୍ୟବସାୟୀ କମିଟି ପକ୍ଷରୁ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଅଧୀନ ଟଙ୍କପାଣି ବ୍ରିଜ ନିକଟସ୍ଥ ଗାନ୍ଧୀ ପଦଯାତ୍ରା ସ୍ମାରକୀ ପ୍ରତିମୂର୍ତ୍ତି ପୀଠ ସଫେଇ କରାଯାଇଛି। ଏଠାରେଥିବା ୧୧ଟିଯାକ ପ୍ରତିମୂର୍ତ୍ତି ସଫା କରାଯାଇଥିଲା। ଏଥିସହିତ ଟଙ୍କପାଣି ବଜାର ଓ ଟଙ୍କପାଣି ବ୍ରିଜ ସଫେଇ କରାଯାଇଥିଲା। ବାଲିଅନ୍ତା ବିଜେଡି ଛାତ୍ରନେତା ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଫେଇ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୀଲ ପାତ୍ର, ସୁବାଶିଷ ପାତ୍ର, ବିକ୍ରମ ପାତ୍ର, ଟିଟନ, ବାପି, ଦେବୀ ପ୍ରସାଦ ଛୋଟରାୟ, ଲୁଙ୍ଗା ଜେନା, କୈଳାଶ ମାହାରୀ, ସମୀର ଦାସ, କାଳିଆ, ଛବି, ରବି, ତରୁଣ, ଗୁନିଆ କୈଳାଶ ଏବଂ ବଜାର କମିଟିର ୬୦ ଜଣ ସଦସ୍ୟ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଅଜା ଆଇ, ଜେଜେବାପା ଜେଜେମା’ ଦିବସ



ବାଲିଅନ୍ତା, ୧୭ ।୨(ସମିସ): ବାଲିଅନ୍ତା ବ୍ଲକ ପୂରଣପଧାନ ପଞ୍ଚାୟତସ୍ଥିତ ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଅଜା ଆଇ, ଜେଜେ ବାପା ଓ ଜେଜେ ମାଆ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ର ଏବଂ ଶିକ୍ଷକମାନେ ପ୍ରଥମେ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜ୍ୟପୂଜା ପୂର୍ବକ ସମ୍ମାନ ପ୍ରଦାନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବହୁ ବରିଷ୍ଠ ଅଭିଭାବକ ଯୋଗଦେଇ ପିଲାମାନଙ୍କ ସହିତ ଭାବବିନିମୟ କରି ଖୁସି ହୋଇଥିଲେ। ଏନେଇ ଆୟୋଜିତ ବିଭିନ୍ନ ପାରମ୍ପରିକ କ୍ରୀଡାରେ ସେମାନେ ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପାଧକ୍ଷା ଜ୍ୟୋତ୍ସ୍ନା ଦାସ ଓ ପ୍ରଧାନ ଶିକ୍ଷୟିତ୍ରୀ ବଳବୀର କୌର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏନେଇ ଆୟୋଜିତ ସଭାରେ ଅତିଥି ଦ୍ୱୟ ସେମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ କରିଥିଲେ।

## ଶ୍ୟାମସୁନ୍ଦର ସୁବୁଦ୍ଧିଙ୍କ ପରଲୋକ

ନନ୍ଦନକାନନ, ୧୭।୨(ସମିସ): ବରିଷ୍ଠ ରାଜନେତା ତଥା ସାମ୍ବାଦିକ ସ୍ବରଜିତ୍ ଆର୍ଯ୍ୟଙ୍କ ପିତା ଶ୍ୟାମସୁନ୍ଦର ସୁବୁଦ୍ଧିଙ୍କର ଗତକାଲି ମଧ୍ୟରାତ୍ରିରେ କଳରାହଙ୍ଗସ୍ଥିତ ତ୍ରିଦେବ କମ୍ପ୍ଲେକ୍ସରେ ଦେହାନ୍ତ ହୋଇଛି। ଶ୍ରୀ ସୁବୁଦ୍ଧି ଯୁବ କଂଗ୍ରେସରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ପ୍ରଦେଶ କଂଗ୍ରେସର ପଦ ପଦବୀରେ ରହିବା ସହିତ ବିଭିନ୍ନ ସମବାୟ ସଂସ୍ଥାରେ କାର୍ଯ୍ୟ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅତି ଘନିଷ୍ଠ ସହଯୋଗୀ ଥିଲେ। ଶୈଳଶ୍ରୀବିହାରରେ ରହିବା ସମୟରେ ଶୈଳଶ୍ରୀ ବିହାର ଉନ୍ନୟନ ପରିଷଦ ଏଲସି ଆସୋସିଏନ, ଲକ୍ଷ୍ମୀପୂଜା କମିଟି ଆଦିର ସଭାପତି ରହି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ମୂଳ ବାସସ୍ଥାନ ବୋଲଗଡ଼ ଅଞ୍ଚଳରେ। ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ରହିଅଛି। ଶେଷ ଦର୍ଶନ ସମୟରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ଶରୀର ବ୍ୟଥାରୁ ଉପଶମ ଦେଉଛି ଦୃଷ୍ଟିବାଧିତଙ୍କ ହାତ

ଭୁବନେଶ୍ୱର, ୧୭ ।୨(ସମିସ): ଗଞ୍ଜାମ ଜିଲ୍ଲାରେ ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ଦୃଷ୍ଟିବାଧିତଙ୍କ ହାତର ଯାଦୁକରୀ ସ୍ପର୍ଶରେ ଅନେକ ବ୍ୟକ୍ତି ସଳଖି ଛିଡ଼ା ହେବାରେ ସଫଳ ହୋଇଛନ୍ତି। ଶରୀରରେ ହେଉଥିବା ବିଭିନ୍ନ ବ୍ୟଥାରୁ ଉପଶମ ଦେଉଥିବା ‘ଟକିଂ ହ୍ୟାଣ୍ଡସ୍’ ଥେରାପି ପାଇଁ ସେ ଏବେ ଚର୍ଚ୍ଚାରେ ଅଛନ୍ତି। ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ଦୟାସାଗର। ବାପା ଚାଲିଗଲା

**‘ଟକିଂ ହ୍ୟାଣ୍ଡସ୍’ ଥେରାପି ପାଇଁ ଚର୍ଚ୍ଚାରେ ଦୟାସାଗର**

ପରେ ମା’, ଭାଇ, ଭଉଣୀଙ୍କ ସାହା ଭରସା ହେଉଛନ୍ତି ଦୃଷ୍ଟିବାଧିତ ଦୟା। ନିକଟସ୍ଥ ତାରାତାରିଣୀ କଲେଜରୁ କଳାରେ ଗ୍ରାଜୁଏସନ୍ ସରିବା ପରେ ଜଟଣୀ ସ୍ପେଶାଲ ଆଇଟିଆରେ ‘ଟକିଂ ହ୍ୟାଣ୍ଡସ୍’ ଥେରାପି ଟ୍ରେନିଂ ନେଇଥିଲେ। ଏହାପରେ ସେ ଚେନ୍ନାଇର ଏକ ହସ୍ପିଟାଲରୁ ଇଣ୍ଟର୍ଣ୍ଣସିପନ୍ କରିବା ପରେ ବର୍ତ୍ତମାନ ସେ ଏହି ଥେରାପି ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଦିନକୁ ସେ ପ୍ରାୟ ୪ଜଣଙ୍କର ଫୁଲ ବଡି ମସାଜ୍ କରୁଥିବା ବେଳେ ସାଧାରଣ ମସାଜରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଥେରାପି ଦେଉଥିବା କହିଛନ୍ତି। ‘ଟକିଂ ହ୍ୟାଣ୍ଡସ୍’ ଥେରାପିରେ କୌଣସି ମେସିନ୍ ବ୍ୟବହାର କରାଯାଉନଥିବା ବେଳେ ହାତ ମସାଜ୍ ଟେକନିକ୍ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଲୋକେ ମତ ଦେଇଛନ୍ତି। ପ୍ରଥମ ଥର ଓଡ଼ିଶାରେ ଦୃଷ୍ଟିବାଧିତଙ୍କ ପାଇଁ ୬ମାସ ଅବଧି ଏହି ଟ୍ରେନିଂ ଦିଆଯାଇଥିଲା। ତେବେ ‘ଟକିଂ ହ୍ୟାଣ୍ଡସ’ର ଅର୍ଥ ହେଉଛି କଥା କହୁଥିବା ହାତ। କାରଣ ଦୃଷ୍ଟିହୀନମାନେ ଦେଖିପାରୁ ନଥିବାରୁ ହାତରେ ଚିକିତ୍ସା କରୁଛନ୍ତି। ଏହି ଥେରାପି ନିଶ୍ଚିତ ଭାବେ ଦୃଷ୍ଟିବାଧିତଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଲୋକମାନେ ପ୍ରାକୃତିକ ଉପାୟରେ ବ୍ୟଥାରୁ ଉପଶମ ପାଉଛନ୍ତି। ତେବେ ବ୍ରହ୍ମପୁରରେ ସେ ନିୟମିତ ଏହି ଚିକିତ୍ସା କରୁଥିବା ବେଳେ ଭୁବନେଶ୍ୱରରେ ବିଶିଷ୍ଟ ବ୍ୟକ୍ତିମାନେ ଦୟାଙ୍କ ହାତ ସ୍ପର୍ଶ ପାଇବାକୁ ବୁକିଂ କରୁଥିବା ଜଣପାଡ଼ିଛି।



# ୭୭ ଗ୍ରାମ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଜଗତସିଂହପୁର/ବାଲିକୁଦା,୧୭।୨(ସମିସ)



ଜଗତସିଂହପୁର ଅବକାରୀ ରେଞ୍ଜ ଏବଂ ବାଲିକୁଦା ଅବକାରୀ ଥାନା ପକ୍ଷରୁ ବାଲିକୁଦା ଥାନା ଅନ୍ତର୍ଗତ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୭୭ ଗ୍ରାମର ବ୍ରାଉନସୁଗାର ଜବତ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଜଗତସିଂହପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଶେଷ ସୂତ୍ରକୁ ଆଧାର କରି ମାଛଗାଁ ବଜାରରେ ଚଢ଼ଉ କରି ବ୍ରାଉନସୁଗାର ବିକ୍ରି କରିବାକୁ ଆସିଥିବା ସିଙ୍ଗିତାଲିଆ ଗ୍ରାମର ଧର୍ମାନନ୍ଦ ସାହୁଙ୍କ ପୁଅ ସୁର୍ଦ୍ଦଶନ ସାହୁ (୫୪)ଙ୍କଠାରୁ ୫୨ ଗ୍ରାମର ବ୍ରାଉନସୁଗାର ଓ ଏକ ରୟାଲ ଏନଫିଲ୍ଡ ମୋଟର ସାଇକଲ (ଓଡି-୧୩-ଜି-୭୩୭୧) ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କ ଠାରୁ ତଥ୍ୟ ସଂଗ୍ରହ କରି ତାଙ୍କର ସହଯୋଗୀ ଆମ୍ବଶାଳ ଗ୍ରାମର ବେଣୁଧର ଦାସଙ୍କ ପୁଅ ହୃଷୀକେଶ ଦାସ (୩୮)ଙ୍କୁ ଗିରଫ କରିବା ସହ ଯାଞ୍ଚ ପରେ ତାଙ୍କ ଠାରୁ ୨୫ ଗ୍ରାମର ବ୍ରାଉନସୁଗାର ଜବତ କରିଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ମାମଲାରେ ଅଦାଲତ ଚାଲଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ଉରେ କନଷ୍ଟେବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ।

## ଅଗ୍ନିକାଣ୍ଡ ବିପନ୍ନ ପରିବାରକୁ ଭେଟିଲେ ବାପି



ପାରାଦୀପ,୧୭।୨(ସମିସ): ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରକୁ ଆଜି ଭେଟିଛନ୍ତି ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ। ଗତ ଶୁକ୍ରବାର ରାତିରେ ପାରାଦୀପ ମ୍ୟୁନିସିପାଲିଟି ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀରେ ଭୟାବହ ଅଗ୍ନିକାଣ୍ଡ ଘଟି ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁଙ୍କ ଚାରି ବଖରା ଘର ସହିତ ସମସ୍ତ ଆସବାବପତ୍ର, ବାଇକ୍ ଜଳିପୋଡି ପାଉଁଶ ହୋଇଯାଇଥିଲା। ପ୍ରାୟ ୬/୭ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି। ତେବେ ଦୁଇ ପରିବାରର ଏହି ଦୁଃଖଦ ସମୟରେ ଶ୍ରୀ ସର୍ଖେଲ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହ ମନୋବଳ ସୁଦୃଢ଼ ରଖିବାକୁ ପରାମର୍ଶ ଦେଇଥିଲେ। ପୌର ପରିଷଦ ୯ ନମ୍ବର ୱାର୍ଡର ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ସମ୍ପାଦକ ସୁଶୀଲ ମହାପାତ୍ରଙ୍କ ଅନୁରୋଧ କ୍ରମେ ଶ୍ରୀ ସର୍ଖେଲଙ୍କ ସହିତ ସମୀର କୁମାର ବିଶ୍ୱାଳ, ବିଜେଡି ଜିଲ୍ଲା ସମ୍ପାଦକ ଅନୁପ ସାହାଣୀ, ରମାକାନ୍ତ ସ୍ୱାଇଁ ଓ ରାଜକିଶୋର ନାୟକ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ। ଦୁଇ ପରିବାର ସବୁ ହରାଇଥିବା ଜଣାପଡିଛି।

## ସାଇଜ୍ଞାନ ପ୍ଲେ' ସ୍କୁଲ୍‌ର ବାର୍ଷିକ ଉତ୍ସବ

ଜଗତସିଂହପୁର,୧୭।୨(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ ଠାରେ ଥିବା ସାଇଜ୍ଞାନ ପ୍ଲେ' ସ୍କୁଲ୍‌ର ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ସାରଳାଦାସ ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍‌ର ଅଧକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ମିଶନଶକ୍ତି ବିଭାଗର ଅତିରିକ୍ତ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏବଂ ସମ୍ମାନିତ ଅତିଥି ଭାବେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଆଇଜାକ ମହାନ୍ତି ସ୍ୱାଗତଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷା ପ୍ରଜ୍ଞା ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଲିପ୍‌ସା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଅନୁଷ୍ଠାନର କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପ୍ରାଚୀ ପଟ୍ଟନାୟକ, ସୋନମ ପ୍ରୀୟଦର୍ଶିନୀ, ଶ୍ରୀଲେଖା ପାଢୀ, ଶକ୍ତି ସ୍ୱରୂପ ପଟ୍ଟନାୟକ, ଦିବ୍ୟ ଭାରତୀ ପରିଡା, ସøଭାଗ୍ୟଲକ୍ଷ୍ମୀ ପାତ୍ର, ସୁଶ୍ରୀ ସଙ୍ଗୀତା ନାୟକ ଏବଂ ସହାୟିକା ସୁଜାତା ନନ୍ଦୀ ଏଥିରେ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଜଗତସିଂହପୁର,୧୭।୨(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ଚଷାପଡା ପଞ୍ଚାୟତସ୍ଥ ସାହାଡ଼ା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଯାଇଛି। ଶ୍ରୀଗୋପିନାଥ ଦାତବ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟକିଶୋର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ କୁନି ପ୍ରବଚକ କେଶବ ଦାସ



ଦ୍ୱିତୀକୃଷ୍ଣ। ଶ୍ରୀମଦ୍ ଭଗବଦ ଉପରେ ସେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ରୂପେ ଶିଶୁରୋଗ ବିଶେଷଜ୍ଞ ଡ. ବନୋଜ ରାୟ ଟାଡିସରୁ ମିଶନର ଭାଗବତ ଜାଗରଣର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ପଣ୍ଡିତ ହୃଷୀକେଶ ସାହୁ, ତ୍ରିଲୋଚନ ପାଢୀ ଏବଂ ସେଲ୍‌ର ପ୍ରାକ୍ତନ ମହାପ୍ରବନ୍ଧକ ରବିନାରାୟଣ ଦାଶ। ମନ୍ଦିର ପରିସରରେ ଏକ ହାଇମାକ୍ସ ଲାଇଟ୍‌କୁ ଉଦଘାଟନ କରିଥିଲେ ସରପଞ୍ଚ ଦଧିବାମନ ମଲ୍ଲିକ। ପ୍ରାରମ୍ଭରେ ନାଇଜରର ପ୍ରାକ୍ତନ କୁଳସଚିବ ତଥା ଟ୍ରଷ୍ଟି ଡ. ଅଭୟ ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ ଶତପଥି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସୁରସାଗର ସଂଗୀତ ବିଦ୍ୟାଳୟର କଳାକାରମାନଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ନିର୍ମାଲ୍ୟର ମୁଖ୍ୟ ସଂପାଦକ ରବି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ସୌଭାଗିନୀ ରାୟ, ତୁଷାରକାନ୍ତ ଦାସ, ସୁଦର୍ଶନ ରୟ, ଗିରିଜା ପ୍ରସାଦ ନନ୍ଦ, ରାମେଶ୍ୱର ସାହୁ, ଲଲାଟେନ୍ଦୁ ରାୟ ଏବଂ ଇପ୍ସିତ ଦାସ।

## ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୭।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା




ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପ୍ରତ୍ୟେକ ଶ୍ରମିକ ନିଜ ନାମକୁ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକରଣ କରାଇ ଶ୍ରମ କାର୍ଡ କରାଇବା ନିତାନ୍ତ ଆବଶ୍ୟକ। ଯେକୌଣସି କାର୍ଯ୍ୟରେ ଯୋଗଦେବା ଆଗରୁ ସମ୍ପୃକ୍ତ ମାଲିକଙ୍କ ନାମ, ଠିକଣା ଓ ସଂସ୍ଥାର ପଞ୍ଜୀକରଣ ବିଷୟରେ ଜାଣି ଚୁକ୍ତିନାମା ସ୍ୱାକ୍ଷର କରାଇବା ଉଚିତ୍। ଯଦି ଚୁକ୍ତିନାମା ଅନୁଯାଇ ମଜୁରୀ କିମ୍ବା ଅନ୍ୟାନ୍ୟ ସୁବିଧା ସୁଯୋଗ ନ ମିଳେ ତେବେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇବା ଆବଶ୍ୟକ। ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେ। ଶେଷରେ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ଈଶାଣେଶ୍ୱର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା



ଜଗତସିଂହପୁର,୧୭।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣା ସ୍ଥିତ ଈଶାଣେଶ୍ୱର ମନ୍ଦିର ସମ୍ମୁଖରେ ଈଶାଣେଶ୍ୱର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜାଗର ଯାତ୍ରା ଅବସରରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟର ସଭାପତି ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଖଇରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଲିପକ କୁମାର ସାହୁ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ସଙ୍ଗୀତ ଗୁରୁ ଅଶୋକ କୁମାର ମହାନ୍ତି ଏବଂ ନୃତ୍ୟ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ କାନୁନଗୋ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଦେବାଂଶୀ ରାୟ ପ୍ରଥମ, ନିରଲୀ ରାଉତ ଦ୍ୱିତୀୟ, ଆକସ୍ମିକା ପତି ତୃତୀୟ ହୋଇଥିବା ବେଳେ ଗ୍ରୁପ ନୃତ୍ୟରେ ଅରୋମୀରା ଡ୍ୟାନ୍ସ ଗ୍ରୁପ ପ୍ରଥମ ଏବଂ ଷ୍ଟାଇଲିସ ଷ୍ଟାର ଦ୍ୱିତୀୟ ହୋଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମ୍ପାଦକ ପ୍ରଦୀପ୍ତ କିଶୋର ସାହୁ, ସଭ୍ୟ ଅଭୟ କୁମାର ମୁଦୁଲି ସୁରେନ୍ଦ୍ର କୁମାର ସାହୁ, ପ୍ରେମ କିଶୋର ସାହୁ, ଜିତେନ୍ କୁମାର ରାଉତରାୟ, ପ୍ରଶାନ୍ତ କୁମାର ସାହୁ, ଶୁଚିସ୍ମିତା ଦାଶ, ଅଞ୍ଜନା ମଲ୍ଲିକ ଆଦି ପରିଚାଳନା କରିଥିଲେ।

## ବବିତା ସ୍ୱାଇଁ ମହିଳା ବିଜେଡି ଉପସଭାପତି



ବାଲିକୁଦା,୧୭।୨(ସମିସ): ବାଲିକୁଦା ବ୍ଲକର ପୂର୍ବତନ ଅଧକ୍ଷା, ଉପାଧାକ୍ଷା, ତଥା ୪ ନଂ. ଜୋନର ଜିଲ୍ଲା ପରିଷଦ ସଦସ୍ୟା, ରାଜ୍ୟ ମହିଳା କମିଶନ ସଦସ୍ୟା ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିଥିବା ବବିତା ସ୍ୱାଇଁଙ୍କୁ ରାଜ୍ୟ ମହିଳା ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଛି। ପୂର୍ବରୁ ଦଳ ତାଙ୍କୁ ଅନେକ ସମ୍ମାନ ଦେଇଛି। ଆଜିର ସମ୍ମାନ ପାଇଁ ସେ ଦଳ ଓ ନେତାଙ୍କ ନିକଟରେ ଚିର ଋଣୀ ବୋଲି କହିବା ସହ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବି ବୋଲି ପ୍ରକାଶ କରିଛନ୍ତି।

## ହସ୍ପିଟାଲ ଭିତରୁ ସାପ ଉଦ୍ଧାର

ପାରାଦୀପ,୧୭।୨(ସମିସ): ପାରାଦୀପ ତାରେଣି ଗଡ଼ାରେ ଥିବା ଇଏସଆଇ ହସ୍ପିଟାଲରୁ ଏକ ଚନ୍ଦନ ବୋଡ଼ା ସାପକୁ ଉଦ୍ଧାର କରାଯାଇଛି। ଏହି ସାପଟିର ଲମ୍ବ ୪ ଫୁଟ୍ ହେବ। ପ୍ରଥମେ ଏହି ଚନ୍ଦନ ବୋଡ଼ା ସାପଟିକୁ ଡିଉଟିରେ ଥିବା କର୍ମଚାରୀ ମାନେ ଦେଖି ଭୟଭୀତ ହୋଇ ପଡ଼ିବା ସହ କୁଜଙ୍ଗ ଅଞ୍ଚଳର ସାପ ଧରାଳି ପ୍ରଭାତ ବେହେରା ଓରଫ ବାବୁନି ବାବାଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇ ବାବୁନି ବାବା ତାଙ୍କ ସହଯୋଗୀ ମଣିଶଙ୍କର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ, ସତ୍ୟଜିତ ରାଉତ ଓ ପ୍ରଭୁ ପ୍ରସାଦ ସୁତାରଙ୍କୁ ସାଙ୍ଗରେ ଧରି ହସ୍ପିଟାଲରେ ପହଞ୍ଚି ସାପଟିକୁ ଧରିବାରେ ସଫଳ ହୋଇଥିଲେ। ସାପକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିଲେ।

## 'ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ



ଜଗତସିଂହପୁର,୧୭।୨(ସମିସ)

ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୫ଦିନ ବ୍ୟାପୀ ଚାଲିଥିବା ପଢ଼ିବା ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ ଏଥିରେ ସଂଯୋଜନା କରିବା ସହିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ପଢ଼ିବା ଗଢ଼ିବା ଓଡ଼ିଶା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି କହିବା ସହିତ ବିଦ୍ୟାର୍ଥୀମାନେ ପାଠପଢ଼ିବା ସହିତ ଦକ୍ଷତା ହାସଲକରି ବିକଶିତ ଓଡ଼ିଶାର ମାଧ୍ୟମ ହୋଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମିଲିବାଳା ଦାସ, ସିପ୍ରା ଦାଶ, ଆଶାଲତା ଦାଶ, ଅନିତା ଆଚାର୍ଯ୍ୟ, କନକମଞ୍ଜରୀ ଲେଙ୍କା, ସୁଶ୍ରୀ ସଙ୍ଗୀତା ମହାପାତ୍ର, ସସ୍ମିତା ଶତପଥୀ, ଶୁଭଶ୍ରୀ ରାଉତ, ଅସୀମା ତ୍ରିପାଠୀ, ସାଗରିକା ସାହୁ ଓ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।

ଏହି ଅବସରରେ ବିଦ୍ୟାର୍ଥୀମାନେ ମୋହନ ଚରଣ ମାଝୀ ମିନି ସ୍ମାର୍ଟ୍ ପ୍ରୋଜେକ୍ଟ, ଆଇସ୍‌କ୍ରିମ ଷ୍ଟିକ୍ ବ୍ୟବହାର କରି ଫୁଲତୋଡ଼ା, ମାଟିକାମ, ମଣ୍ଡଳ ଆର୍ଟ, ଓଡ଼ିଶାର ଖାଦ୍ୟ, ପର୍ବପର୍ବାଣୀ, କାଷ୍ଠବନ୍ଧା କବିତା, ଗଳ୍ପ, ପୁସ୍ତକ ସମୀକ୍ଷା, ବହୁବିଧ ଭାଷା ଅଭିଧାନ ଓ ସ୍ଲୋଗାନ ଲେଖା ଆଦି ପ୍ରକଳ୍ପ ଗୁଡିକ ପ୍ରସ୍ତୁତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ।

**PARADEEP PARIVAHAN LIMITED**

(CIN: L52241OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India Tel/ Fax- 0674-2590169, Mail:
Web Site: www.paradeepparivahan.com

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | **Total** | **Rs. 16,27,18,400/-** | |

***Considering 100% conversion of Warrants into equity shares within the stipulated time.***
**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**
The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**

ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ଯୋଜନା

# ସଚେତନତା ଅଭାବରୁ ଲାଭ ଉଠାଇ ପାରୁନାହାନ୍ତି ଭିନ୍ନକ୍ଷମ ଦମ୍ପତି

ବାଲେଶ୍ୱର,୧୭ ।୨(ସମିସ)

ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏପରିକି ସେମାନଙ୍କୁ ବ୍ୟାଟେରୀ ଚାଳିତ ଗାଡି ସହ ସେମାନଙ୍କୁ ବିବାହ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଉଛି । ହେଲେ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବ ହେତୁ ସେଇ ଭିନ୍ନକ୍ଷମମାନଙ୍କୁ ସଠିକ ଭାବେ ଚିହ୍ନଟ କରାଯାଉ ନାହିଁ । ଯାହାଫଳରେ ଜିଲ୍ଲାରେ ରହିଥିବା ଭିନ୍ନକ୍ଷମମାନେ ଏଥିରୁ ଲାଭ ଉଠାଇ ପାରୁ ନାହାନ୍ତି । ୨୦୨୩-୨୪ମସିହାରେ ୯୬ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ ରହିଛି । ଏଣୁ ଏହି ସଂଖ୍ୟ ବୃଦ୍ଧି ପାଇବା ପରିବର୍ତ୍ତେ କମିବାରେ ଲାଗିଛି ।

ଜିଲ୍ଲାରେ ଭିନ୍ନକ୍ଷମ ଦମ୍ପତିଙ୍କ ବିବାହ ପାଇଁ ରହିଛି ବିବାହ ଆର୍ଥିକ ରାଶି ପ୍ରଦାନ ଯୋଜନା । ଏହି ଯୋଜନା ମାଧ୍ୟରେ ଜିଲ୍ଲାରେ ଯେଉଁ ଭିନ୍ନକ୍ଷମମାନେ ଆବେଦନ କରନ୍ତି ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କର ତଦନ୍ତ କରାଯାଇ ଏହି ଅର୍ଥରାଶି ପ୍ରଦାନ କରାଯାଏ । ଏହି କ୍ରମରେ ଏଥିପାଇଁ ସେମାନଙ୍କୁ ୨.୫ଲକ୍ଷ ଟଙ୍କା ପ୍ରଦାନ କରାଯାଏ । ଜିଲ୍ଲାରେ ପ୍ରାୟ ୮୦ହଜାରରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଅନେକ ବିବାହ ଯୋଗ୍ୟ ବ୍ୟକ୍ତିମାନେ ମଧ୍ୟ ରହିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସଠିକ ଭାବେ ଚୟନ କରାଯାଇ ସେମାନଙ୍କୁ ଏହି ରାଶି ପ୍ରଦାନ କରାଯିବା କଥା । ଏପରିକି ଏ ନେଇ ମଧ୍ୟ ବ୍ୟାପକ ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି । ହେଲେ ଜିଲ୍ଲାରେ ଏବେ ସେମାନଙ୍କ ସଂଖ୍ୟ ଧୀରେ ଧୀରେ କମିବାରେ ଲାଗିଛି । ଜିଲ୍ଲା ସାମାଜିକ ଓ ଭିନ୍ନକ୍ଷମ କଲ୍ୟାଣ ବିଭାବ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ୩୪ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଥିବା ବେଳେ୨୨-୨୩ଆର୍ଥିକ ବର୍ଷରେ ୩୫ ଜଣ,୨୩-୨୪ଆର୍ଥିକ ବର୍ଷରେ୯୬ଜଣଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି୨୪-୨୫ ଆର୍ଥିକ ବର୍ଷରେ ୭୫ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ୨୦୨୫-୨୬ ବର୍ଷରେ୫୬ଜଣହିତାଧିକାରୀଙ୍କୁ ଏହି ରାଶି ପ୍ରଦାନ କରାଯାଇଥିଲା । ଏଥିପାଇଁ ପାଖାପାଖି ୭୪ଲକ୍ଷରୁ ଅଧିକ ଟଙ୍କା ସେମାନଙ୍କୁ ପ୍ରଦାନ କରାଯାଇଛି । ହେଲେ ପ୍ରତିବର୍ଷ ତୁଳନାରେ ଏହି ଆବେଦନ ସଂଖ୍ୟା କମୁଥିବା ବେଳେ ସେମାନେ ଏହି ଯୋଜନାରେ ଲାଭ ଉଠାଇ ପାରୁ ନାହାନ୍ତି । ଏଥିପାଇଁ ସରକାରୀ ସ୍ତରରେ ଆନ୍ତରିକତାର ଅଭାବ ରହୁଛି । ଆବେଦନକାରୀମାନେ ସଠିକ ଭାବେ ସେମାନେ ଅନଲାଇନ ମାଧ୍ୟମରେ ଆବେଦନ କରିପାରୁ ନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି । ଏ ନେଇ ଜିଲ୍ଲା ସାମାଜିକ ଓ ଭିନ୍ନକ୍ଷମ ଅଧିକାରୀ ପ୍ରତିଭା ବେହେରା କହିଛନ୍ତି ଯେ, ପ୍ରତିବର୍ଷ ସେମାନଙ୍କୁ ଏଭଳି ଆର୍ଥିକ ସହାୟତା ପ୍ରଦାନ କରାଯାଏ । ଭିନ୍ନକ୍ଷମ ଦମ୍ପତିମାନେ ଆବେଦନ କରିବା ପରେ ସେମାନଙ୍କୁ ଏହି ରାଶି ପ୍ରଦାନ କରାଯାଏ । ଏହି ଅର୍ଥ ରାଶି ସେମାନଙ୍କର ୩ବର୍ଷ ପାଇଁ ଫିକ୍ସ ଡିପୋଜିଟ ଭାବେ ରଖାଯାଏ । ହେଲେ ସେମାନଙ୍କ ସଂଖ୍ୟା କମୁଥିବାକୁ ସ୍ୱୀକାର କରିବା ସହ ଏହା ଆଗାମୀ ଦିନରେ କିପରି ଭାବେ କରାଯିବ ତା ଉପରେ ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି ।

# ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ




ବାଲେଶ୍ୱର,୧୭।୨(ସମିସ): ଭାରତୀୟ ମହିଳା ଆୟୋଗ, ନୂଆଦିଲ୍ଲୀଙ୍କ ପ୍ରମୁଖ କାର୍ଯ୍ୟକ୍ରମ 'ତେରେ ମେରେ ସପନେ' ଅଧୀନରେ ସ୍ଥାପିତ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ବାଲେଶ୍ୱର ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବ ଦମ୍ପତିମାନଙ୍କ ମଧ୍ୟରେ ବିବାହ ପୂର୍ବ ସଚେତନତା ଓ ପରାମର୍ଶ ସେବାକୁ ସୁଦୃଢ଼ କରିବା ପାଇଁ ଏପରି କେନ୍ଦ୍ର ସ୍ଥାପନାର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ଉପସ୍ଥିତ ହୋଇ କାର୍ଯ୍ୟକାରୀ ଆଲୋଚନା, ଲିଙ୍ଗ ସମ୍ବେଦନଶୀଳତା ଓ ଆଇନ ସଚେତନତାର ଭୂମିକା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ମୁକ୍ତା ସାହୁ ଓ ପ୍ରତିଭା ଶତପଥୀ ମଧ୍ୟ ଅଭିଭାଷଣ ଦେଇ ବିବାହିତ ଜୀବନରେ ପରାମର୍ଶ, ସଚେତନ ନିଷ୍ପତ୍ତି ଓ ପରସ୍ପର ସମ୍ମାନର ଆବଶ୍ୟକତା ଉଲ୍ଲେଖ କରିଥିଲେ । ସେମାନେ ଯୁବପିଢ଼ିଙ୍କୁ ନୂତନ ସ୍ଥାପିତ କେନ୍ଦ୍ରର ସେବା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଏପରି ସାମାଜିକ ପ୍ରୟାସର ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ । ଏଥିସହ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନ ସେକ୍ରେଟେରୀ ହରିଶ ଚନ୍ଦ୍ର ରାଜ ଓ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର କେନ୍ଦ୍ରପ୍ରମୁଖ ବିଜୟ କୁମାର ଆଚାର୍ଯ୍ୟ କେନ୍ଦ୍ରର ସେବା ଓ ପ୍ରସାର କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ଜନସଂଖ୍ୟା ଅଧ୍ୟୟନ ବିଭାଗର ସହାୟକ ପ୍ରାଧ୍ୟାପିକା ଡ. ଗ୍ରେସ ବି ମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସହଦେବଖୁଣ୍ଟାରେ ସ୍ଥାପିତ ପ୍ରାକ୍‌ବିବାହ ପରାମର୍ଶ କେନ୍ଦ୍ରର ସରକାରୀ ଭାବେ ଉଦ୍‌ଘାଟନ ଘୋଷଣା କରାଯାଇଥିଲା, ଯାହା ଅଞ୍ଚଳରେ ସୁସ୍ଥ ସମ୍ପର୍କ, ସଚେତନ ବିବାହ ନିଷ୍ପତ୍ତି ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉଲ୍ଲେଖ କରାଯାଇଛି ।

## ଗୁଡ଼ି ପୋଖରୀ-ଅଣ୍ଡରାଇ ରାସ୍ତାର ଶିଳାନ୍ୟାସ

ସିମୁଳିଆ, ୧୭।୨ (ସମିସ): ଗୁଡ଼ି ପୋଖରୀ ଠାରୁ ଅଣ୍ଡରାଇ ପର୍ଯ୍ୟନ୍ତ ୭କୋଟି ୨୩ଲକ୍ଷ ୬୭ହଜାର ୩୯୧ଟଙ୍କାରେ ନିର୍ମିତ ହେବାକୁ ଥିବା ରାସ୍ତାକୁ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଶିଳାନ୍ୟାସ କରିଥିବା ଜଣାଯାଇଛି । ଅବର୍ଖୁଣା ପଞ୍ଚାୟତର ଗୁଡ଼ି ପୋଖରୀ ଠାରେ ସରପଞ୍ଚ ଲକ୍ଷ୍ମୀଧର ବଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମ୍ମାନିତ ଅତିଥି ଭାବେ ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ଭାରତୀ ମଲ୍ଲିକ, ଅଣ୍ଡରାଇ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି, ବାଦଲ ପେଡା, ପୂର୍ବତନ ସରପଞ୍ଚ ବିଜୟ କୁମାର ମିଶ୍ର, ଗଗନ ବେହେରା, ରଞ୍ଜି ବାରିକ, ଯୁବନେତା ନଟବର ମହାନ୍ତି, ସରପଞ୍ଚ ପ୍ରତିନିଧି ଗୌତମ ପାଣିଗ୍ରାହୀ, ରମେଶ ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ପାରାମେଡିକାଲ କର୍ମଚାରୀଙ୍କ ପକ୍ଷରୁ ଦାବିପତ୍ର



ବାଲେଶ୍ୱର,୧୭ ।୨(ସମିସ): ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ପାରାମେଡିକାଲ କର୍ମଚାରୀମାନଙ୍କର ଚାକିରି ସମସ୍ୟାର ସମାଧାନ ନେଇ ଜିଲ୍ଲା ମୁଖ୍ୟ ଚକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ମୋବାଇଲ ହେଲଥ ୟୁନିଟ ଅଧିନରେ କାର୍ଯ୍ୟରତ ଫାର୍ମସିଷ୍ଟ, ଷ୍ଟାଫ ନର୍ସ ଏବଂ ଏଏନଏମ ବିଗତ ୧୨ରୁ୨୦ବର୍ଷ ଧରି ସେମାନେ ରାଜ୍ୟରେ ସୁଦୁର ପ୍ରାନ୍ତ, ଦୁର୍ଗମ ଅଂଚଳ ଏବଂ ଆଦିବାସୀ ବହୁଳ ଅଂଚଳରେ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ରହିଛନ୍ତି । ଏପରିକି ସେମାନେ ବିଦ୍ୟାଳୟ ଗୁଡିକରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରି ହଜାର ହଜାର ଶିଶୁଙ୍କ ମଧ୍ୟରେ ଜନ୍ମଗତ ହୃଦରୋଗ, ଥାଲାସେମିଆ, ସିକଲସେଲ ଆନିମିଆ ,ଦୃଷ୍ଟି ଓ ଶ୍ରବଣହୀନତା ଭଳି ଗୁରୁତର ରୋଗ ଚିହ୍ନଟ କରି ଚିକିତ୍ସା କରାଉଛନ୍ତି । ଏହାବ୍ୟତିତ ସ୍ୱାସ୍ଥ୍ୟ, ଔଷଧ ବଂଟନ, ଟୀକାକରଣ ଅଭିଯାନ, ଜନସଚେତନତା, ଆବଶ୍ୟକ ସ୍ଥଳେ ଡିଡିସି ନିରାମୟ, ଓପିଡ଼ି, ଆଇପିଡି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ କରୁଛନ୍ତି । ଏହାଛଡା ବନ୍ୟା ବାତ୍ୟା ଓ କୋଭିଡ ୧୯ମହାମାରୀ ଭଳି ବିପର୍ଯ୍ୟୟ ସମୟରେ ସେମାନେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଶିବିରରେ ସେବା ଯୋଗାଇଥିଲେ । ଏଣୁ ଦୀର୍ଘ ବର୍ଷ ଧରି ସେବା କରିବା ପରେ ମଧ୍ୟ ଆଜିବି ସେମାନେ ଚୁକ୍ତି ଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି । ଏଣୁ ସେମାନଙ୍କୁ ନିୟମିତ କରାଯାଉ ବୋଲି ଦାବି କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ସଭାପତି ଅମରେଶ ତ୍ରିପାଠୀ, ସମ୍ପାଦକ ରାକେଶ କୁମାର ବେହୁରା, ଜ୍ୟୋତି ରଞ୍ଜନ ସାହୁ, ଗଣେଶ ଚନ୍ଦ୍ର ପରିଡା, ସୁଲୋଚନା ପଣ୍ଡା, ମନୋରଞ୍ଜନ ବେହେରା, କାମିନି ପାଣିଗ୍ରାହୀ, ଇତିଶ୍ରୀ ରାଉତ, ପଙ୍କଜ ରାଉତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ୧୧୪ ଲିଟର ଦେଶୀମଦ ଜବତ, ୬ ଗିରଫ

ଜଳେଶ୍ୱର, ୧୭।୨ (ସମିସ) : ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ରାଇବଣିଆ ଅଂଚଳରେ ରହୁଥିବା ଆଦିବାସୀ ଲୋକମାନେ ମଧ୍ୟ ମହୁଲି ମଦ ପ୍ରସ୍ତୁତ କରି ବ୍ଲକର ବିଭିନ୍ନ ସ୍ଥାନରେ ବିକ୍ରି କରିଆସୁଥିଲେ । ଆଜି ଜଳେଶ୍ୱର ରେଞ୍ଜ ଇନିସ୍‌ପେକ୍ଟର ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏଏସ୍‌ଆଇ ତପସ୍ୱିନୀ ବହିଦା, ଅନିଲ ପରିଡା, ବାସୁଦେବ କାମିଲା ପ୍ରମୁଖ ଚଢାଉ କରି ସରସୀଦା, ରାଜପୁର, ଧାନସିମୁଳିଆ, ଆମ୍ବପୁଞ୍ଜା, ଦେଉଳା, ମ୍ୟୁନିସିପାଲଟିର ନୂଆବଜାର ପ୍ରଭୃତି ୬ଟି ସ୍ଥାନରୁ ୧୧୪ ଲିଟର ଦେଶୀମଦ ଜବତ୍ କରିବା ସହିତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଜନ ଆରୋଗ୍ୟ ସମିତିର ବୈଠକ

ବାଲେଶ୍ୱର,୧୭।୨(ସମିସ): ଶୋଭାରାମପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇହାଇଛି । ସଭାପତି ନିରୁପମା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାର୍ଷିକ ବ୍ୟୟକୁ ଅନୁମୋଦନ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର କର, ଡା. ଶୁଭଶ୍ରୀ ସାହୁ, ଅରୂପ ଅଭିଷେକ, ଶାଶ୍ୱତୀ ମହାପାତ୍ର, ଭବାନୀ ମହନ୍ତ ପ୍ରମୁଖ ଯୋଗଦେଇ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଫାର୍ମାସିଷ୍ଟ ଅଭିଳାଷ ସ୍ୱାଇଁ ଏହି ବୈଠକକୁ ପରିଚାଳନା କରିଥିଲେ ।




# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବିରୋଧରେ ସିପିଏମ୍‌ର ବିକ୍ଷୋଭ

ବାଲେଶ୍ୱର, ୧୭।୨(ସମିସ)




ବିଦ୍ୟୁତ ଉତ୍ପାଦନ ଓ ବିତରଣ କମ୍ପାନିଗୁଡିକ ଶୁଳ୍କ ବୃଦ୍ଧି କରିବା ପାଇଁ ଓଇଆରସିଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି । ସେ ସଂପର୍କରେ ଆଜି ଓଇଆରସି ବାଲେଶ୍ୱରରେ ଅବସ୍ଥିତ ନୋସି ସମ୍ମଳନୀ କକ୍ଷରେ ଜନଶୁଣାଣୀ କରୁଛନ୍ତି । ଏଥିରେ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ ବିଦ୍ୟୁତ ବିତରଣ କରୁଥିବା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଉପଭୋକ୍ତାଙ୍କ ତରଫରୁ ଦିଆଯାଇଥିବା ଅଭିଯୋଗ ଉପରେ ଶୁଣାଣି ହେଉଛି । ନବ୍ୟ ଉଦାରବାଦୀ ଅର୍ଥନୀତି ପ୍ରବର୍ତ୍ତନ ପରେ ବିଦ୍ୟୁତର ଘରୋଇକରଣ ହେଲା । ସେହିଦିନ ଠାରୁ ଉପଭୋକ୍ତାମାନେ ଶୋଷଣର ଶିକାର ହେଉଛନ୍ତି । ନିୟମିତ ବ୍ୟବଧାନରେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରାଯାଉଛି । ବିଦ୍ୟୁତ ଶିଳ୍ପ ସରକାରଙ୍କ ନିୟନ୍ତ୍ରଣରେ ଥିବା ସମୟରେ ଫିକ୍ସଡ ଚାର୍ଜ ନ ଥିଲା । ବିଭିନ୍ନ ସ୍ଲାବ ନିମନ୍ତେ ଭିନ୍ନ ଭିନ୍ନ ଫିକ୍ସଡ ଚାର୍ଜ ନିଆଯାଉଛି । ଏହାକୁ କମ୍ପାନିଗୁଡିକ ମନଇଚ୍ଛା ସ୍ଥିର କରୁଛନ୍ତି । ବର୍ଷ ବର୍ଷ ଧରି ମିଟର ରେଣ୍ଟ ନେଉଛନ୍ତି । ବିଦ୍ୟୁତର ଉତ୍ପାଦନ ଓ ବିତରଣ ଖର୍ଚ୍ଚ ହିସାବ କରାଗଲା ବେଳେ ଫିକ୍ସଡ ଚାର୍ଜ ଓ ମିଟର ରେଣ୍ଟକୁ ହିସାବକୁ ନିଆଯାଉ ନାହିଁ । ସେହିପରି ମନଇଚ୍ଛା ଅତିରିକ୍ତ ସିକ୍ୟୁରିଟି ଜମା ଆଦାୟ କରାଯାଉଛି । ଏବେ ପୁଣି ଜବରଦସ୍ତ ପ୍ରି ପେଡ ସ୍ମାର୍ଟ ମିଟର ବସାଯାଉଛି । ଯେଉଁ ମିଟରର ସଠିକତା ଯାଞ୍ଚପାଇଁ କୌଣସି ବ୍ୟବସ୍ଥା ନାହିଁ । ଯେ କୌଣସି ସମୟରେ ଲାଇନ କଟିଯିବ । ରାଜ୍ୟ ସରକାର ସ୍ମାର୍ଟ ମିଟର ନିମିତ୍ତ ଟାଟା ପାୱାରକୁ ୭୩୫ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବେ । ଅପରପକ୍ଷରେ ବିଜେପି ନିର୍ବାଚନ ପୂର୍ବରୁ ପ୍ରତିଶୃତି ଦେଇ ଥିଲା କ୍ଷମତାକୁ ଆସିଲେ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଘରୋଇ ବ୍ୟବହାର ପାଇଁ ଯୋଗାଇ ଦେବ । ପ୍ରତିଶୃତି କାର୍ଯ୍ୟକାରୀ ହେଲା ନାହିଁ । ବିଦ୍ୟୁତ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ । ଅନ୍ୟ ରାଜ୍ୟ ମାନେ ଓଡିଶାରୁ ବିଦ୍ୟୁତ କିଣି ଶସ୍ତାରେ ଦେଉଛନ୍ତି । କିନ୍ତୁ ଓଡ଼ିଶାର ଉପଭୋକ୍ତା ଅଧିକ ଟାରିଫ ଦେଉଛନ୍ତି । ଆଜି ଓଇଆରସି ଜନ ଶୁଣାଣୀ କରୁଥିବା ସମୟରେ ସିପିଆଇଏମ ତରଫରୁ ବିଦ୍ୟୁତ ଘରୋଇକରଣ ପ୍ରତ୍ୟାହାର, ଶୁଳ୍କ ବୃଦ୍ଧିର ପ୍ରସ୍ତାବ ବାତିଲ, ସ୍ମାର୍ଟ ମିଟର ବ୍ୟବହାର ବନ୍ଦ, ଫିକ୍ସଡ ଚାର୍ଜ ଓ ମିଟର ରେଣ୍ଟ ଛାଡକରିବା,ଆଦାୟ କରାଯାଇଥିବା ଅଧିକ ଦେୟ ସୁଧସହ ଫେରସ୍ତ, ଅତିରିକ୍ତ ଜମା ବନ୍ଦ ଦାବିରେ ନୋସି ସମ୍ମିଳନୀ କକ୍ଷ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଓଇଆରସିଙ୍କୁ ଦାବିପତ୍ର ଦିଆଯାଇଛି । ଏହି ବିକ୍ଷୋଭରେ ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାର ଉପଭୋକ୍ତା ମାନେ ଯୋଗ ଦେଇ ଥିଲେ । ବିକ୍ଷୋଭରେ ସିପିଆଇଏମର ରାଜ୍ୟ କମିଟିର ସଭ୍ୟ ନିର୍ମଳ ନାୟକ, ସିତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ବିଜୟ ପାତ୍ର, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ଗିରି, ସତ୍ୟଜିତ ଦାସ, ଶ୍ୟାମସୁନ୍ଦର ଜେନା, ହରିଶ୍ଚନ୍ଦ୍ର ସିଂ, ବିକର୍ତ୍ତନ କବି, ପ୍ରଶାନ୍ତ ପରିଡା, ସ୍ନେହଲତା ପଣ୍ଡା, ଦେବବ୍ରତ ମାଝୀ, ପଲ୍ଟୁ ଦାସ, ପ୍ରଭାକର ବେହେରା, ସୁରେନ୍ଦ୍ର ଜେନା, ସିକନ୍ଦର ଖାଁ, ବୀରେନ୍ଦ୍ର ସିଂ,ଗୋପାଳ ପରିଡା, ପ୍ରଶାନ୍ତ ରାୟ ପ୍ରମୁଖ ଅଂଶଗ୍ରହଣ କରଥିଲେ ।

PARADEEP PARIVAHAN LIMITED

**PARADEEP PARIVAHAN LIMITED**

(CIN: L52241OR2000PLC006379)
Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:
Web Site: www.paradeepparivahan.com

**CORRIGENDUM TO NOTICE OF EXTRA-ORDINARY GENERAL MEETING ("EGM")**

**Dear Shareholders,**

This Corrigendum ("Corrigendum") is being issued in continuation to and should be read in conjunction with of the Notice of Extra-Ordinary General Meeting ("EGM") dated January 09, 2026 ("Original Notice") circulated to the Members of the Company in respect of the proposed issue of convertible Warrant(s) on preferential basis pursuant to Sections 42 and 62 of the Companies Act, 2013 read with applicable rules and Chapter V of the SEBI (Issue of Capital and Disclosure Requirements) Regulations, 2018 ("SEBI ICDR Regulations").

An Extra-Ordinary General Meeting ("EGM") of the Shareholders of the Company was scheduled and held on Saturday, January 31, 2026 at 11.30 A.M. (IST) through physical mode at its corporate office situated at Plot No-A-29, Pallaspalli, Near Airport, Bhubaneswar-751020, Odisha, India in physical mode.

In the said meeting, the Company has provided facility to its Members to exercise their right to vote by electronic means, through remote e-Voting services as well as e-Voting during the EGM in terms of Section 108 of the Companies Act, 2013, read with the Rule 20 of the Companies (Management and Administration) Rules, 2014, as amended and Regulation 44 of the Listing Regulations. The remote e-voting period commenced on Wednesday, 28 January, 2026 at 9:00 am (IST) and ended on Friday, 30 January, 2026 at 5:00 pm (IST). The business as stated in the original EGM Notice was transacted and got shareholders' approval with requisite majority. The voting result along with detailed Scrutinizer's report in this regard was also disseminated to the Bombay Stock Exchange (BSE) and also uploaded on the website of the company within specified time limit.

However, this corrigendum is issued pursuant the observation and directions received from Bombay Stock Exchange Limited (BSE) dated February 11, 2026 on Company's application seeking in-principle approval for issuance of convertible Warrant(s) on preferential basis and to align and comply with SEBI (ICDR) Regulations, 2018. These directions were issued due to ineligibility of one of the proposed allottee "Dhatri Software Solutions Pvt. Ltd." for selling shares of Paradeep Parivahan Limited during the relevant pricing period. In this regard, this Corrigendum to original EGM Notice is hereby notified to all the shareholders of the Company with all consequential revisions in the information/documents of Warrants issue. Hence. this Corrigendum forms an integral part of the original EGM Notice and should be read in conjunction with of the original EGM Notice.

As directed by BSE, the Company shall re-open the remote e-voting facility for its shareholders for 48 hours to vote again on the resolution proposed in the Corrigendum to original EGM Notice specifically to ensure compliance with Regulation 163 of the SEBI (ICDR) Regulations, 2018 regarding preferential allotment of Warrants. Details of e-voting facility are given in the later part of this corrigendum.

The following information/amendment in the original EGM Notice is hereby notified through this corrigendum to all the shareholders of the Company:

**A.** The Special Business mentioned in the Original EGM Notice shall be replaced and read as given in this Corrigendum.

**B.** In the explanatory Statement to Item No. 1 "1)The object of the issue" of the Original Notice shall be replaced and read as follows:

**a) Objects of the Issue:**

The Company proposes to issue, offer and allot up to 10,40,000 (Ten Lakhs Forty Thousand) Convertible Warrants on a preferential basis and to raise an amount aggregating up to Rs. 16,27,18,400/- (Rupees Sixteen Crores Twenty-Seven Lakhs Eighteen Thousand Four Hundred Only). The object of the proposed issuance of Convertible Warrants on a preferential basis is to mobilize funds to support the Company's strategic and operational requirements. The Company intends to utilize the proceeds to be raised through the Preferential Issue ("Issue Proceeds") towards the following objects: -

i. General Corporate Purposes: Up to 25% (twenty five percent) of the Issue Proceeds will be utilised for general corporate purposes, which includes, inter alia, meeting ongoing general corporate exigencies and contingencies, expenses of the Company as applicable in such a manner and proportion as may be decided by the Board from time to time, and/or any other general purposes as may be permissible under applicable laws (referred to as "General Corporate Purposes") (collectively referred to as the "Objects").

ii. Working Capital Requirements: Up to 75% (Seventy-five) of the Issue Proceeds will be utilised for working capital to strengthen the Company's financial position and support day-to-day operational needs.

Utilization of Issue Proceeds: - Given that the funds to be received against Warrant conversion will be in tranches and the quantum of funds required on different dates may vary, therefore, the broad range of intended use of the Issue Proceeds for the above Objects is set out herein below:

| Sl. No. | Particulars | Total estimated amount to be utilised. * (In Rs.) | Tentative timelines for utilization of Issue Proceeds from the date of receipt of funds |
|---|---|---|---|
| 1. | General Corporate Purposes | Not more than 25% of the issue proceed, up to Rs.4,06,79,600/- | Within 18 months from receipt of funds. |
| 2. | Working Capital Utilisation | Not more than 75% of the issue proceed, up to Rs. 12,20,38,800 /- | |
| | Total | Rs. 16,27,18,400/- | |

***Considering 100% conversion of Warrants into equity shares within the stipulated time.**

**Note:** Shareholders are requested to go through the detailed Corrigendum which is mailed electronically and also available on Company's website at **https://www.paradeepparivahan.com/home/notices.**

**C.** The schedule and instruction of e-voting facility shall be replaced and read as given in this Corrigendum.

**D.** All other contents of the original EGM Notice, except as modified or supplemented by Corrigendum, shall remain unchanged.

In order to provide opportunity to all Members, the Company has decided to open e-voting window for a period of 48 hours, commencing from Wednesday, February 18, 2026 at 9:00 A.M.(IST) to Friday, February 20, 2026 at 5:00 P.M. (IST) to vote on the proposed business as mentioned in this corrigendum.

**PROCEDURE FOR E-VOTING:**

The Company has engaged with Bigshare Services Pvt. Ltd for facilitating Remote e-Voting to enable the Members to cast their votes electronically in respect of all the resolutions as set out in the Postal Ballot Notice. Detail instructions of e-voting procedure is provided in the Corrigendum to EGM Notice.

**All members are hereby informed that:**

1. The remote e-voting shall commence on Wednesday, February 18, 2026 (9:00 a.m. IST) and end on Friday, February 20, 2026 (5:00 p.m. IST);
2. The remote e-voting shall not be allowed beyond Friday, February 20, 2026 (5:00 p.m. IST);
3. The cut-off date for determining the eligibility to vote through remote e-voting is considered as Saturday, January 24, 2026 (remains unchanged as per original EGM Notice);
4. A person who has acquired shares and become a member of the Company after the dispatch of original notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com .
5. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting;
6. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd;
7. Members holding shares in physical form or who have not registered their e-mail addresses with the Company can cast their vote through remote e-voting by following the below process for obtaining the e-voting credentials;
8. In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com;
9. In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com;
10. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information;
11. Members who have already casted their vote as per original notice schedule are requested to vote again during the said period, and the latest vote cast shall be considered final;
12. Please note that no EGM shall be conducted in any form (Physical/OAVM) by the company.

This Corrigendum forms an integral part of the original EGM Notice and is available in detail on:
· Company's website: **https://www.paradeepparivahan.com/home/notices**
· Website of Stock Exchange: **www.bseindia.com**
· website of e-voting agency i.e. Bigshare Services Pvt Ltd at **https://ivote.bigshareonline.com**

All other terms, contents, and instructions for e-voting mentioned in the original EGM Notice, save and except as modified by this Corrigendum, shall remain unchanged.

In case of any queries, Members may contact **cs@paradeepparivahan.com**

**By Order of the Board**
**For Paradeep Parivahan Limited**
**Sd/-**
**Khalid Khan**
**Managing Director**
**DIN-06432054**

**Date: February 18, 2026**
**Place: Bhubaneswar**